ପ୍ରଚଣ୍ଡ ମାର୍ତ୍ତଣ୍ଡ ତାପ ତ
ମାନ କୃଷକ ଦଳ।
ବନଯାକ ହୋଇଥାନ୍ତି ଯେ
ବଲ ମହିରେ ଠଳ॥
ଏମାନଙ୍କ ଶ୍ରମ ଗୁଣଲେ
ମନ ହୁଏ ବ୍ୟାକୁଳ।
ଏମାନଙ୍କ ପରେ ପୁଣି ଯେ
ବୃଷ୍ଟି ହୁଏ ମଙ୍ଗଳ।
ଜମିଦାରେ ଏହାଙ୍କୁ ମାଡ
ଧରଖଜଣା ପାଇଁ।
ଅପରେ କେତେକ ଏହାଙ୍କୁ
ନାନା ଅବସ୍ଥା ଦେଇ॥
ସ୍ଥୂଲ ବାଳକେ ଏହାଙ୍କୁ
ଚଷା ଚଷା ବୋଲିଣ।
ବାଟର ବାଟୋଇ ଉତ୍ପାଦ
ପରିହାସ କରଣ॥
ଗାଳିଟ ଦଅନ୍ତି ଏହାଙ୍କୁ
କର୍ଣ୍ଣେ ନ ଶୁଣ ଭାଇ।
ଶୁଣି ଶୁଣି ମୋର କର୍ଣ୍ଣରେ
ଦୁଃଖ ଯେ ଉପୁଜଇ॥
ଯାହାଙ୍କ ନିମନ୍ତେ ଖାଦନ
ଅମ୍ଭେମାନେ ପାଉଚୁଁ।
ଉପକାରିଜନ ଅମୃତ
ଉଲୁ ଗାଳ ଦେଉଚୁଁ॥
ଯୁଗର ଧରମ ଏହିଭ
ଦେଖ ଦେଖ ସୁଜନେ।
ଫଳରେ ଏପର କୁମାଭ
ଘୃଷ୍ଟ କେଉଁଦନେ॥

ଶ୍ରୀ ଉ——
କେନ୍ଦ୍ରାପଡ଼ା

# ବିଜ୍ଞାପନ।

The post of Revenue Moharir of this office is vaccant. Salary Rs. 20 rising to Rs. 30 by bienniel increment of 1 Rupee.

The following qualifications are necessary for the post.

Fair knowledge of English as well as Uriya.

Good knowledge of accounts.

Do. of surveying.

One who has successfully passed the final Examination of the Surveying school and has had practical experience in surveying and possesses a fair knowledge of English will be preferred. Applications should be sent to me by the 25th. instant.

Banki Tehsil Office 2-10-1886. — Balaram Bose, Sub Dy. Collector.

## ବିଜ୍ଞାପନ।

ଏ ଜିଲ୍ଲାର ଚମଡ଼ା କାରବାର ନିମନ୍ତେ ଲାଇସେନ୍ସ ଆଗାମୀ ନବମ୍ବର ମାସ ପ୍ରଥମ ସପ୍ତାହରେ ଦିଆଯିବ ଯେଉଁମାନେ ଲାଇସେନ୍ସ ନେଇ ଏ ଜିଲ୍ଲାରେ ଚମଡ଼ା କାରବାର କରିବାକୁ ଇଚ୍ଛା ରଖିଥିବେ ସେମାନେ ଆଗାମୀ ଅକ୍ଟୋବର ମାସ ତା ୩୧ ରିଖ ପୂର୍ବରୁ ଅମ୍ଭନିକଟକୁ ଦରଖାସ୍ତ ପଠାଇବେ।

କା ବଡ଼ାମ୍ବା ୭।୧୦।୮୬ — Madan Mohun Patnaik· Manager

# ବାଲିକାଗଜ।

ଉଲଲ୍ଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ତ୍ତବଲ୍ଲଭ କର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୬ | ପଣି | ବାଦାମି ଇମାଇ | ଦ ୧୬ ଟ ୵୫୶ |
| ୧୭ | ପଣି | ,, | ,, ଟ ୵। |
| ୧୨ | ପଣି | ,, | ,, ଟ ୧୶ |

ବେପାରିମାନେ ଅର୍ଥାତ ଯେଉଁମାନେ ଏକଥରେ ଉ ୫ ମ ବା ଅଧିକ କ୍ରୟ କରିବେ ଆହୁରି ସୁଲଭ ମୂଲ୍ୟରେ ପାଇ ପାରିବେ। ମୂଲ୍ୟ ନଗଦ।

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରିବଜାର ବସା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ଚଦରକୋଣା ଓ ବଲାତି ଓ ରେସମୀଓଗେର ଲୁଗା ଓ ଷ୍ଟେସନରୀ ଓ କଲିକତା ଇମାଖି ସଉଦାଗର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି। ତଦ୍ଭିନ୍ନ ଆଉ କେତେକ ଫେନସି ଜିନିସାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ। ଏତଦ୍ଭିନ୍ନ ଅମ୍ଭେମାନେ ଦଲେଗ ଗାଡ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ। କେହି ଖରିଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ। ଯଦି ଉକ୍ତ ଗାଡ଼ିମାନ ବିକ୍ରୟ ହେବା ପୂର୍ବ ଆପଣା ମଫସଲ ସକାଶେ ଭଡ଼ା ଚାହାନ୍ତି ତେବେ ଏକ ରାତକୁ ପ୍ରତି ବଣ୍ଟା ଟ୦୵୬ ହିସାବରେ ଭଡ଼ା ଦେଲେ ପାଇ ପାରିବେ। ମାତ୍ର ତାହାର କ୍ଷତି ଖଯ୍ୟାଲତର ଭାର ତାଙ୍କ ଉପରେ ଥିବ। କ୍ଷତି ହେଲେ ଗାଡ଼ିର ପୂରା ମୂଲ୍ୟ ତାଙ୍କୁ ଦେବାକୁ ହେବ।

## ଇଫସିଲ।

| | |
|---|---|
| କଲମ ରେଖଣ! କ ଡ ହିଁ ରେ ରୂବ ଦେଲେ ଗ୍ଲେ। | କାଚ ଛିଲସ ଯାନ ଓ ବଡ଼ ରଙ୍ଗିନ ଓ ସାଦା |
| ବଟେରିଖାଡ଼ | ବଗଗ ବେହେଲ |
| କପେସିନ୍ ତେଲ ଜନବା ରେଜ ସାଦା ଓ ଡୋମ ସହିତ। | ରଜର୍ଷ ବୁଇଫସନ୍ସୁସ |
| | ,, ଏକଫଲ ଛୁସ |
| | ନେଲସନ ଭପୋର ମେ କେଷର ଅଏଲ |
| ଡ୍ରଇଂ ଅର୍ଥାତ ନକସା କରିବା କାଗଜ ପେନ୍ସିଲ ଓ କଲମ। | ମାର୍କିଂ କାଲୀ ଲୁଗାରେ ଚିହ୍ନ ଦେଲେ ଧୋବ ଘରେ ଉଠିବ ନାହିଁ। |
| ପେନ୍ସିଲ କାଟିବା ଯନ୍ତ୍ର। | |
| ନାନା ପ୍ରକାରର ଚିଠି କାଗଜ ଓ ଲଫାପା | ଏ, ଗୋପଙ୍କ ଗାନ୍ଧଟେଲ ଭାମୀଜ ଓ କୁରୁଡା। |
| ଷ୍ଟେସୀ ଡ୍ରାଯ। | ବଗଗ ଅଗ୍ନବେଷ୍ଟ। |
| ଟେବଲ ଛତ। | ଏଜନ ବାରସ। |
| ବଗଗ ସାବୁନ। | ଷ୍ଟିଅନ ପେନ। |
| ଡାକାଇ ସାବାନ ଯହିଁରେ ଲୁଗା ପରିଷ୍କାର ହୁଏ। | ଅଟମେଟିକ ପେନ୍ସିଲ୍ ଅର୍ଥାତ ଏ ପେନ୍ସିଲ୍‌ରେ କେଣ୍ଟି କଟିଙ୍ଗ ପେପ ରକୁ ଉଭାଇ ସେହି ପେନ୍ସିଲ୍ ଲେଖା ଉପରେ ଦେଇ ଚପାଇ ଦେଲେ ତହିଁର ନକଲ ଉଠେ। |
| ଅଟୋଭ ଗ୍ରେନ—ଅର୍ଥାତ ସୁଗନ୍ଧୀ ଦ୍ରବ୍ୟ। | |
| ଅଏଲ ଲ୍ଲଥ। | |
| ଓଆଟର ପ୍ରୁଫ୍ ଛତା। | |
| କପ୍‌ର ଅର୍ଦ୍ଧ। | |
| କ୍ରୋବେଡାଇନ୍। | କଟିଙ୍ଗ ପେପର। |
| ପୋରସ୍ଲେନର କେଷ୍ଟର ନେଜ ଓ ତଉକ ଗୋଭରେ ଘରେ | ଡଗସ୍ପିନ ତେଲରେ ଭଜ କାଉ ଝାଡ଼। |
| ଟ୍ରାନ୍ସିକ କାଚ ଅର୍ଥାତ ଲେଖିବାବେଳେ ଗାଲ ଓ ଶୁଖିଲେ କଳା ହେବ। | ଇକରର ଷ୍ଟୋପର ଅର୍ଥାତ ଚିଠିର ଭଣ୍ଡଲ ବାନ୍ଧିବାର ରବର। |
| ଅଇନା ଚକ୍ରା ୧୨×୧୦ ଇଞ୍ଚ ୧୪×୧୨ ଇଞ୍ଚ | ମନସାସା। |
| ପକେଟବୁକ ଡାଇଗ୍ରାମ ପାଞ୍ଚ ସହିତ ଟ • ୵୬ | ରେଡ ବ୍ଲୁ ପେନ୍ସିଲ୍। |
| ମୋଜା ଓ ମୋଜାବନ୍ଧ | ଗମ ବୋତଲ |
| କଭିମ ଧୂଅ ନଜଗଇଟ | ବନାରସୀ ଶାଢ଼ୀ ଓ ଯୋଡ଼ ଓ ଜର |
| ବଗଗ ସାଟିନ ଛତା | ମରସୁଦାବାଦ ଓ ଶିର ପାଇ ପାଟଯୋଡ଼ ଓ ଶାଢ଼ୀ। |
| କଡି ଓ ପାଇକର ଚୌକ ପିଡା | ଗ୍ରିଷ୍ଟିଂ କାଚ |

ଅର୍ତ୍ତବଲ୍ଲଭ କର କମ୍ପାନୀ

Split by PDF Splitter
Digitized by srujanika@gmail.com

### ଜମିଦାରୀ ବିକ୍ରୟ

ଜମିଦାର ଶ୍ରୀଯୁକ୍ତ ବାବୁ କୃଷ୍ଣମୋହନ ଘୋଷଙ୍କର । ଜି । ବାଲେଶ୍ୱର ଅନ୍ତର୍ଗତ । ପ୍ର । କାଏମା ନ ୧୭୬୩ ତଉଜୀ । ତା । ଚନ୍ଦନପୁର ଓଗେର ଜମିଦାରୀ ବିକ୍ରୟ ହେବ, ଏହା ଓଡିଶାର ପ୍ରଧାନ ବନ୍ଦର ଚାନ୍ଦବାଲିର ଫଳଗ୍ନ ହୁଏ ସେହିଁଠାରୁ କଲିକତା ଜାହାଜମାନ ଯାତାୟାତ କରଇ ଏହାର ସଦରଜମା ଟ ୧୩୬୮ । ଅଣା ଏବଂ ମଫସଲ ଜମା ଟ ୩୦୦୦ ଟା । ଗ୍ରହଣେଚ୍ଛୁକ ଲୋକମାନେ ଆମ୍ଭ ନିକଟରେ ତତ୍ତ୍ୱାନୁସନ୍ଧାନ କଲେ ସମସ୍ତ ବିଷୟ ଜାଣିପାରିବେ ।

୨୦।୮।୮୭ } By order
କାଛବଜାର }
କଟକ } Peary Mohun Bose

---

### ଓଲାଉଠା ରୋଗର ଉତ୍ତମପରୀକ୍ଷିତ ମହୌଷଧ ।

ଏହି ଔଷଧର ସମାନ ଗୁଣାବଲମ୍ବି ଅନ୍ୟ କୌଣସି ଔଷଧ ଲୁଚାପି ଲକ୍ଷିତ ହୁଏ ନାହିଁ । ଏପରି ଓଲାଉଠାରୋଗର ପ୍ରଧାନତମ ଔଷଧ ହୋଇ ନାହିଁ; ଏହି ଔଷଧ ସେଠାରେ ଫଳପ୍ରଦ "କ୍ଲୋରୋଡାଇନ" ଯେଉଁଠାରେ ଫଳପ୍ରଦ ହୋଇ ଅନେକ ସୁଖ୍ୟାତି ଲାଭ କରିଅଛି । କ୍ଲୋରୋଡାଇନ ପରିବର୍ତ୍ତରେ ନ ୧ ମ୍ବର ପିଲ ବା ବଟିକା ବ୍ୟବହାର କରିବାକୁ ହୁଏ ।

କ୍ଲୋରୋଡାଇନ ଯେଉଁ ସ୍ଥଳେ ଫଳପ୍ରଦ ନ ହୁଏ ସେସ୍ଥଳେ ନ ୨ ମ୍ବର ପିଲ ବା ବଟିକା ବ୍ୟବହାର କଲେ ନିଶ୍ଚେ ରୋଗୀ ରୋଗରୁ ମୁକ୍ତ ପାଏ ।

ରୋଗର ମରଣାପନ୍ନ ଅବସ୍ଥାରେ ନ ୩ ମ୍ବର ପିଲବା ବଟିକା ବ୍ୟବହାର କଲେ ରୋଗୀ ଜୀବିତ ଥାଇ ପୁଣି ସଂସାର କାର୍ଯ୍ୟ ନିର୍ବାହ କରଇ ।

ଯଦ୍ୟପି ବାନ୍ତି ବନ୍ଦ ନ ହୁଏ ତେବେ ନ ୪ ପିଲବା ବଟିକା ବ୍ୟବହାରରେ ନିଶ୍ଚୟ ବନ୍ଦ ହୁଏ।

ଅସହ୍ୟ ତୃଷ୍ଣା ନିବାରଣ ସକାଶେ ନ ୫ ମ୍ବର ପିଲ ବା ବଟିକା ବ୍ୟବହାର ମାତ୍ରକେ ନିବାରଣ ହୁଏ ।

ଯଦି ପେଟରେ ଯନ୍ତ୍ରଣା ହୁଏ ବା ପେଟ ଫୁଲଏ ବା ରୋଗୀର ପରିସ୍ରା ନ ହୁଏ ତେବେ ନ ୬ ମ୍ବର ଔଷଧ ବ୍ୟବହାରରେ ସମସ୍ତ ପୀଡ଼ା ଉପଶମ ହୁଏ ।

ଉକ୍ତ ପ୍ରତ୍ୟେକନମ୍ବର ଔଷଧର ମୂଲ୍ୟ ଟ° ୧ ଓ ସମୁଦାୟ ଏକତ୍ରରେ କ୍ରୟ କଲେ ଉତ୍ତମ ବାକ୍ସରେ ବନ୍ଦ କରି ବ୍ୟବସ୍ଥାପତ୍ର ସହ ଟ ୬ । ମୂଲ୍ୟରେ ପ୍ରାପ୍ତ ହେବ ।

ଅଧିକ ବା ଅଳ୍ପଦିନର କଷ୍ଟସାଧ୍ୟ ଜ୍ୱର ଓ ଅନ୍ୟାନ୍ୟ ରୋଗର ବହୁ ପରୀକ୍ଷିତ ଓ ଆଶୁଫଳପ୍ରଦ ଔଷଧ ।

| | |
|---|---|
| କୌଣସି ପ୍ରକାର କଷ୍ଟସାଧ୍ୟ ଜ୍ୱରସକାଶ ବଟି ଟ ୧ । | ଦନ୍ତରୋଗର ଚୂର୍ଣ୍ଣ ଟ ୦ ।/ |
| କାମୁଳିର ଅତି ଆଶ୍ଚର୍ଯ୍ୟ ଔଷଧ ଟ ୧୧ | କର୍ଣ୍ଣରୋଗର (ଉଦ୍‌ଘମନ୍ ନାଶକ) ଟ ୦ ।✓ |
| ବାତାଜୀର୍ଣ୍ଣ ବା ଗ୍ରହଣିରୋଗର ଔଷଧ ଟ ୧ | ଶୀର୍ଣ୍ଣତାର ଔଷଧ ଟ ୦ ୧ |
| ଶିରଃଶୂଳର ଉତ୍ତମ ଔଷଧ ଟ ୦ ୧✓ | „ ଚନ୍ଦ୍ରରସ ଟ ୦ ୧ |
| ଯାବୁର ମଲମ (ଜ୍ୱାଳା କରଇ ନାହିଁ) ଟ ୦ ✓ | „ ମଧୁରସ ଟ ୦ ୧ |
| କଫରୋଗର ବଟି ଟ ୦ ✓ | ବମନରୋଗର ବଟି ଟ ୦ ୧ |
| | ମକରଧ୍ୱଜ ପ୍ରତତୋଳା ଟ ୧୨ |
| | ବହୁକାଳର ପ୍ରହଣି ଔଷଧ ଟ ୧୦ |

### ପ୍ରଶଂସାପତ୍ର ।

ଆପଣଙ୍କ ପ୍ରସ୍ତୁତ ଓଲାଉଠା ରୋଗର ବଟୀକାର ଗୁଣ ଯଥୋଷ୍ଟରୂପେ ପ୍ରଶଂସା କରାଯାଇ ନ ପାରେ । ୬୦ ବତ୍ସର ଅଧିକ ଓ ୭୦ ବର୍ଷର ଅନଧିକ ବୟସ୍କ ଆମ୍ଭର ଜଣେ ପ୍ରତିବାସୀ ଓଲାଉଠା ରୋଗରେ ଏପରି ପୀଡିତ ଥିଲେ ଯେ ତାଙ୍କର ଜୀବନର ଆଶା ସମସ୍ତେ ତ୍ୟାଗ କରିଥିଲେ । ଏହି ସମୟରେ ଆପଣଙ୍କ ଦତ୍ତ ( ନ ୩ ମ୍ବର ) ବଟୀକାଟି ତାହାଙ୍କୁ ଖୁଆଇଲୁଁ । ଅତ୍ୟନ୍ତ ଆହ୍ଲାଦରସହିତ ଜଣାଉଅଛି ଯେ ଉକ୍ତ ବଟୀକା ଦେବାମାତ୍ରକେ ରୋଗୀ ଉପଶମଲାଭ କଲେ ଓ ଅବଶେଷରେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କଲେ ।

କେନ୍ଦ୍ରାପଡ଼ା } Munsi Warish Alli
୩।୯।୮୭ } Head Master.

---

ମହାଶୟ, ଆପଣ ଯେଉଁ ଔଷଧ ପ୍ରେରଣ କରିଥିଲେ ତାହା ବହୁଦିବସସ୍ଥାୟୀ ଜ୍ୱରର ଶାନ୍ତିଦାୟକ ଔଷଧ ଅଟେ । ଦୁଇଦିବସ ମଧ୍ୟରେ ଏହା ଆଶ୍ଚର୍ଯ୍ୟଜନକ ଫଳ ଫଳିଥିବାରୁ ଏହାର ପ୍ରଶଂସା ଅମ୍ଭେ କରୁ ଅଛୁଁ ।

ଆପଣଙ୍କର ବଶମ୍ବଦ
ଭାଗବତ ପ୍ରସାଦ ଦାସ
ରେଭିନ୍ୟୁ ସରିଶ୍ତାଦାର

---

ଅନ୍ୟ ସାର୍ଟିଫିକେଟମାନ ପାଠିକାର ୨୭।୩।୮୭, ୨୦।୩।୮୭, ୧୦।୩।୮୭ ଓ ୨୨।୨।୮୭, ଓ ଫଗ୍ରାରଲର ୧।୧୦।୮୪ ରେ ପ୍ରକାଶ ହୋଇ ଅଛି ଦେଖ ଓ ତାହାଙ୍କଠାରେ ତତ୍ତ୍ୱ କଲେ ଅନେକ ସାର୍ଟିଫିକେଟ ପାଠ କରି ପାରିବ ।

କେନ୍ଦ୍ରାପଡ଼ାସ୍ଥ ବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ କବିରାଜଙ୍କଠାରେ ଉପରୋକ୍ତ ଔଷଧମାନ ପ୍ରାପ୍ତ ହେବ ।

Apply to
LAKSHMINARAIN GUPTA
Kabiraj, Kendrapara.

---

## ମେହରୋଗ ।

୨।୪ ଘଣ୍ଟା ମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣା ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉପାର୍ଜ୍ଜିତ ଗୌରବର କେବଳ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରି ନୁହେ । ଏହି ଔଷଧ ଯଥାବିହିତରେ ଏକପକ୍ଷ ସେବା କଲେ ନୂତନରୋଗ ଏବଂ ତିନ ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ଦୁର୍ବଳରେ ପରିଣତ ନ ହେଲେ ଆଉ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରେ ପ୍ରଚାରିତ ହେବ କଲିକତା ଅଟ୍ଟାଳିକାରେ ନମ୍ବର ଭବନରେ ସି, କେ, ସେନ୍ କମ୍ପାନିଙ୍କଠାରେ ଏବଂ ଦାସ ଦରମାହଟାର ପ୍ରଭିନ୍ସିଆଲ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଦୁଇଟଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍ ।

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର । ଉତ୍କଳଦୀପିକାରେ ବିଜ୍ଞାପନ ଛାପିବାର ନିୟମ ଏହା :—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ି ପ୍ରତି | ଟ ୦✓ |
| ଅଧ ସ୍ତମ୍ଭକୁ | ଟ ୨୮ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୫ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେହେଁ ତାହାର ଦର ଟ ୦ ୧ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମ ଥରର ଅର୍ଦ୍ଧେକ ଓ ତୃତୀୟ ପର୍ଯ୍ୟନ୍ତ ଏହି ଦର ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

---

କଟକ ଉତ୍କଳଦୀପିକା ଯନ୍ତ୍ରାଳୟରେ ଉପାଦକ ଦ୍ୱାରା ମୁଦ୍ରିତ ହୋଇ ତ୍ରୈସାପ୍ତାହିକ ସମାଚାରରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୧ ଶ
ସଂଖ୍ୟା ୪୨ ଶ

ତା ୨୩ ତେ ମାହେ ଅକ୍ଟୋବର ସନ ୧୮୮୬ ଇସ୍ବୀ । ସ୍ମା କାର୍ତ୍ତିକ ଓ ୯ ତ ସନ ୧୨୯୪ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ଅନାଗ୍ରିମ |
|---|---|---|
| ବାର୍ଷିକ | ଟ ୨ ୯ | ଟ ୨୧ |
| ଡାକମାସୁଲ | ଟ ୦ ୩ | ଟ ୦୫ |


ବ୍ରହ୍ମଦେଶର ଅଶାନ୍ତିର କଥା ଲେଖି ୨ ଅମ୍ଭେମାନେ ବିରକ୍ତ ହୋଇ ଗଲୁଁ ତଥାପି ସେଠା ଅଶାନ୍ତି ଶେଷ ପାଇଲା ନାହିଁ । ସାନ୍ଦାଗୀଯୂମାନେ ମାଇନ୍ଦ୍ଠି ଥିବାର ସମ୍ବାଦ ଅସିଅଛି । ଉକ୍ତ ଡାକାଯୂ ୩୦୦ ଲୋକେ ପର୍ବତରୁ ଅବତରଣ କରି ଲୁଟପାଟ ଆରମ୍ଭ କରିଥିଲେ । ଗତର ମାସ ତା ୨ ରଜରେ କ୍ୱିଟଲାପାଳଗର ଲୁଟ ନେଇ ପୋଡ଼ି ଦେଲା ଉତ୍ତାରୁ ଇଂରାଜସେନାଙ୍କ ସହିତ ସେମାନଙ୍କର ଭେଟ ହୋଇଥିଲା । ସାମାନ୍ୟ ଯୁଦ୍ଧ ଉତ୍ତାରୁ ସେମାନେ ପର୍ବତକୁ ଲେଉଟି ଗଲେ ଏବଂ ଇଂରାଜମାନଙ୍କ ମଧ୍ୟରୁ ଜଣେ ହତ ଓ ଜ ୨ ଣ ଆହତ ହେଲେ ମହାଲଯୂର ଉତ୍ତର ପାର୍ଶ୍ୱସ୍ଥ ଶ୍ୟାମନଗର ମଧ୍ୟ ଡକାଏତ ଆକ୍ରମଣ କରି ଲୁଟି ନେଇଅଛନ୍ତି ଏବଂ ସ୍ଥାନେ ୨ ଟାରବାର୍ଟ କାଟି ଦେଇ ଡକାଏତମାନେ ନାନା ଅନର୍ଥ ଉତ୍ପାତ ଅଛନ୍ତି ।

---

ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ଅବଗତ ହେଲୁଁ ଯେ କେନ୍ଦ୍ରାପଡ଼ାବସିଙ୍କ ଶୁଭାଗ୍ୟ ଏତେଦିନେ ଗବର୍ଣ୍ଣମେଣ୍ଟ ସୁବିଚାର କରବାକୁ ସମର୍ଥ ହୋଇ ଅଛନ୍ତି ଏବଂ ସେଠାରେ ପୂର୍ବପ୍ରାୟ ମୁନସଫି କଚେରି ବସିବାର ମଞ୍ଜୁର ହୋଇଅଛି । କଟକ ମୁନସଫି କାର୍ଯ୍ୟ ବିସ୍ତର ବୃଦ୍ଧି ହେବା ଓ ହାଇକୋର୍ଟର ଜଜ ମାନ୍ୟବର ପ୍ରିନସେପ ସାହେବ ଏ ଜିଲ୍ଲାକୁ ଗତବର୍ଷ ଗସ୍ତରେ ଆସି ଆପଣା ମନ୍ତବ୍ୟରେ କେନ୍ଦ୍ରାପଡ଼ାରେ ମୁନସଫି ବସାଇବା ଧାରଣ କଥାନ୍ତ ଅନୁରୋଧ କରିବାରୁ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ତହିଁରେ ସମ୍ମତ ହୋଇ ଭାରତୀୟ ଗବର୍ଣ୍ଣମେଣ୍ଟଙ୍କ ମଞ୍ଜୁରୀ ସକାଶ ପତ୍ର ଲେଖି ଅଛନ୍ତି ଏବଂ ଏଥିମଧ୍ୟରେ କେନ୍ଦ୍ରାପଡ଼ାରେ ମୁନସଫି କଚେରିଘର ଇତ୍ୟାଦି ଠିକ କରିବାର ଆଦେଶ ପଠାଇ ଅଛନ୍ତି । ଏ କଚେରି ଯେତେ ଶୀଘ୍ର ବସିବ ସର୍ବସାଧାରଣଙ୍କର ସେତେ ମଙ୍ଗଳ ହେବ ।

---

କେତେକଦିନ ପୂର୍ବେ ଏଠାର କେତେକ ଗୃହ ଓ ସରକାରୀ କର୍ମଚାରୀ ଡେପୁଟୀପରୀକ୍ଷାର କଟକନଗରରେ ଏକ କେନ୍ଦ୍ର ସ୍ଥାପନ ହେବା ପାଇଁ କମିଶନରସାହେବଙ୍କ ନିକଟରେ ଆବେଦନ କରିଥିଲେ । ଉକ୍ତ ଆବେଦନପତ୍ର ସାହେବ ମହୋଦୟ ଗବର୍ଣ୍ଣମେଣ୍ଟଙ୍କୁ ପଠାଇବାରୁ ସେଠାରୁ ଉତ୍ତର ଆସିଅଛି ଯେ ଏବର୍ଷ କେତେଜଣ ପରୀକ୍ଷା ଦେବାକୁ ଇଚ୍ଛୁକ ଅଛନ୍ତି ଗବର୍ଣ୍ଣମେଣ୍ଟ ଜାଣିବାକୁ ଚାହାନ୍ତି । ଏଥିରୁ ଅନୁମାନ ହେଉଅଛି ଯେ ଅଧିକଲୋକ ପରୀକ୍ଷାର୍ଥୀ ହେଲେ ଗବର୍ଣ୍ଣମେଣ୍ଟ କଟକକୁ ଏକ କେନ୍ଦ୍ର କରିବା ବିହିତ ବିବେଚନା କରି ପାରନ୍ତି ଅତଏବ ଏହି ସୁଯୋଗକୁ ଅବହେଳା ନ କରି ପରୀକ୍ଷାର୍ଥିମାନେ ଆପଣା ନାମସବୁ କମିଶନର ସାହେବଙ୍କପାଖରେ ପ୍ରକାଶ କରନ୍ତୁ । ତାହା ହେଲେ ସେମାନଙ୍କ ଆଶା ପୂର୍ଣ୍ଣ ହେବାର ସୁବିଧା ହୋଇପାରେ । ପରୀକ୍ଷାର ସମସ୍ତ ନିକଟ ରହିବାରୁ କେହି ୨ ଅସୁବିଧା ଜ୍ଞାନ କରିପାରନ୍ତି ମାତ୍ର ବାଟ ଫିଟାଇବା ପାଇଁ ଟିକଏ ଉପକାର କରିବାର ଉଚିତ ।

---

ଖେଟନାଗପୁରର ବାର୍ଷିକବିଜ୍ଞାପନରେ ଲେଖାଅଛି ଯେ ସେଠା ଜମିଦାର ବା ପ୍ରଜାମାନେ ବିଷୟକାର୍ଯ୍ୟରେ ନିତାନ୍ତ ଅମନୋଯୋଗୀ ଏବଂ ସେମାନଙ୍କର ସାଧାରଣ କାର୍ଯ୍ୟରେ ବଡ଼ ଆସ୍ଥା ନାହିଁ । ଖାଜଦାମୀ ଜମିଦାରମାନେ ଋଣରେ ଜଡ଼ିତ ହୋଇ ସରକାରଙ୍କ ସାହାଯ୍ୟ ଲୋଡ଼ି ଅଛନ୍ତି ଏବଂ ସେ ସମସ୍ତ ମହାଲ ରକ୍ଷାନିମିତ୍ତ ଗୋଟିଏ ମହଲୁମା ରଖିବାକୁ ହୋଇଅଛି । କେବଳ ସରେଇକଲାର ରଜା ଓ ଅଉ କେତୋଟି କ୍ଷୁଦ୍ର ଜମିଦାର ଆପଣା ବିଷୟକାର୍ଯ୍ୟରେ ମନୋଯୋଗୀ ଥିବାର ଉଲ୍ଲେଖ ହୋଇଅଛି । ଲେଫଟେନେଣ୍ଟ ଗବର୍ଣ୍ଣର ସାହେବ କହିଅଛନ୍ତି କି ସ୍ଥାନୀୟ ହାକିମମାନେ ଜମିଦାରଙ୍କ ସଙ୍ଗେ ବନ୍ଧୁଭାବରେ ମିଳିମିଶି ସହାନୁଭୂତିପୂର୍ଣ୍ଣ ଉପଦେଶ ସେମାନଙ୍କୁ ଦେଲେ ଅନେକ ମଙ୍ଗଳ ହେବ । ଏକଥାଟି ସତ୍ୟ ମାତ୍ର ସେପରି ହାକିମ ଅଧିକ ଅଛନ୍ତି କି ? ବରଂ ଉପଯୁକ୍ତ ଶାସନ ଅଭାବରେ ହାକିମମାନେ ମନେଚ୍ଛା କାର୍ଯ୍ୟ କରୁଅଛନ୍ତି । ତାହାଙ୍କ ଉପରେ କେହି ଅଛି ବୋଲି ମନେ କରନ୍ତି ନାହିଁ ।

---

Digitized by srujanika@gmail.com

କୁଜଙ୍ଗ କିଲ୍ଲାର ଦଖଲ ଦଣ୍ଡିତ ଫୌଜଦାରୀ-ମୋକଦ୍ଦମା ଚଳିତମାସ ତା ୧୪ ଦିନରେ ବିଚାର ହେବା କଥା ଥିଲା । ମାତ୍ର ଉପା ଜେଲା ଜଜ ଲାଗିଥିବାରୁ ଏକମାସ ମୁଲତବି ହୋଇଅଛି । ଏଥି ମଧ୍ୟରେ ଶୁଣା ଯାଉଅଛି କି ଉପାଦାଦର ବର୍ତ୍ତମାନ ଉଭୟପକ୍ଷଙ୍କ ସନ୍ତୋଷକ୍ରମେ ଧାର୍ଯ୍ୟ ହୋଇ ମାନ୍ୟବର ଲେଫ୍‌ଟେନାଣ୍ଟ ଗବର୍ଣ୍ଣରଙ୍କ ମଞ୍ଜୁରୀ ନିମନ୍ତେ ପଠା ଯାଇଅଛି । ମଞ୍ଜୁରୀ ହେଲେ ଦସ୍ତାବେଜ ଲେଖାହେବ ଓ ମାମଲା ସବୁ ନିସ୍ତାର ପାଇବ । ଉପାର ନିୟମମାନ ଜଣା ପଡି ନାହିଁ ମାତ୍ର ଶୁଣା ଯାଉଅଛି ଯେ ମହାରାଣୀ ରାଜମାତା କେବଳ ଜୀବନ ଥିବା ଏବଂ ଜମିଦାରୀ ଗ୍ରହଣପୂର୍ବକ କେବଳ କୁଜଙ୍ଗ ଓ ସୁଜାମୁଠା ଜମିଦାରୀମାନ କୋର୍ଟ ଅବ ୱାର୍ଡ଼ସଙ୍କ ହସ୍ତରେ ପ୍ରଦାନ କରିବାକୁ ସମ୍ମତା ହୋଇଅଛନ୍ତି । ଏହି ଉପାକଥା ପୂର୍ବରୁ ହୋଇଥିଲେ କେତେ ଅନର୍ଥକ ଖର୍ଚ୍ଚ ଓ କଷ୍ଟରୁ ଉଭୟପକ୍ଷ ରକ୍ଷା ପାଇ ଥାନ୍ତେ । ସରକାରଙ୍କ ଏଡ୍‌ଭୋକେଟ-ପକ୍ଷରୁ ସିନା ଏପରି ଘଟିଲା । ଏଥିପାଇଁ କି କେହି ଦାୟୀ ହେବେ ନାହିଁ ? ।

---

ଯୋବଡ଼ା ପଥରବନ୍ଧ ଭାଙ୍ଗିଯିବା ହେତୁ ନାଳମାନଙ୍କରୁ ପାଣି ଶୁଖିଯିବାରୁ କେନାଲ-ବାଟେ ନୌକା ଯିବା ଆସିବା ଯାତ୍ରୀଙ୍କ ଦୁର-ବସ୍ଥା କହିଲେ ସରିବାର ନୁହଇ । ଜାହାଜକମ୍ପା-ନୀମାନେ ବଜ୍ଞାପନ ଦେଇ ଅଛନ୍ତି କି କଲିକ-ତାରୁ କଟକ ପର୍ଯ୍ୟନ୍ତ ଯାତ୍ରୀ ଯିବା ଆସିବାର ସମସ୍ତ ସୁବିଧା କରି ରଖିଅଛନ୍ତି ଓ ଯାତ୍ରୀମାନେ ସେହି ବିଶ୍ୱାସରେ ପ୍ରବଞ୍ଚିତ ହୋଇ ପଡୁଅଛନ୍ତି । ମାତ୍ର ନାଳରେ ପାଣି ନାହିଁ ଜାହାଜ କେତେ-ବେଳେ କେଉଁ ପର୍ଯ୍ୟନ୍ତ ଆସୁଅଛି ତାହାର ଠିକ ନାହିଁ । ବଳଦ ବାଟ ଉନ୍ଦଳରେ ନାନା କଷ୍ଟରେ ସୁଦ୍ଧା ଶେଷ ହେଉଅଛି । କେହି ଅବା କଟକ ପର୍ଯ୍ୟନ୍ତ ଆସୁ ଅଛନ୍ତି ଓ କେହି ବାଟରୁ ଫେରି ପଳାଉ ଅଛନ୍ତି । ନଦୀବଢ଼ି ଦିନରେ ଏକପ୍ରକାର ଚାଲି ଯାଉଥିଲା । ଏଣିକି ନାଳରେ ପାଣି ହେବାର ଅଳ୍ପ କଥା ନାହିଁ । ସୁତରାଂ ଷ୍ଟିମର କୋମ୍ପାନୀଙ୍କର ଉଚିତ ଯେ ନାଳରେ ଜାହାଜ ଯିବା ଆସିବାର ଏକାବେଳକେ ବନ୍ଦ କରି ଦେଉନ୍ତୁ ତାହା ହେଲେ ଯାତ୍ରୀମାନେ ଆଉ ଧୋକାରେ ନ ପଡି ଆପଣା ଉପାୟ ଦେଖିବେ ।

---

ଅସ୍ମଦାଦିଙ୍କ ଅତ୍ୟନ୍ତ ଦୁଃଖସହିତ ପାଠକମାନଙ୍କୁ ଜଣାଉଅଛୁଁ ଯେ ବଙ୍ଗାଳାର ଜଣେ ପ୍ରଧାନଲୋକ ବାବୁ ରାଜକୃଷ୍ଣ ମୁଖୋପାଧ୍ୟାୟ ଗତମାସ ତା ୧୦ ରିଖ ପୂର୍ବାହ୍ନ ଦଶଘଡ଼ି ସମୟରେ ମହାକାଳୀ ସଂରଣ କରିଅଛନ୍ତି । ଏ ମହୋଦୟ ଇଂରାଜୀଭାଷାରେ ଅତି ଉତ୍ତମ ଥିଲେ ଏମନ୍ତ କି ଅନେକ ପ୍ରଧାନଲୋକେ ଏହାଙ୍କୁ କଲିକତା ଫୋର୍ଡ଼ଫେଲୋଶିପ୍ ପ୍ରଥମଶ୍ରେଣୀୟ ଲୋକର ସମକକ୍ଷ ବୋଲି ନିର୍ଣ୍ଣୟ କରୁଥିଲେ । ଶିକ୍ଷାବିଭାଗରେ ଅନେକକାଳ କାର୍ଯ୍ୟ କରିବାରୁ ଗବର୍ଣ୍ଣମେଣ୍ଟଙ୍କ ବଙ୍ଗଳା ଅନୁବାଦକାର୍ଯ୍ୟରେ ନିଯୁକ୍ତ ହୋଇ ମୃତ୍ୟୁପର୍ଯ୍ୟନ୍ତ ଦକ୍ଷତା ସହିତରେ ଉକ୍ତ କାର୍ଯ୍ୟ ଚଳାଇ ଆସିଲେ । ଇଦାନୀଂ ଏ ମହାଶୟ କଟକକୁ ଆସି ଓ ପଦାର୍ଥବିଦ୍ୟା ଶିକ୍ଷାଦେବା-କାର୍ଯ୍ୟରେ କଲେଜରେ ନିଯୁକ୍ତ ଆସିଥିବାରୁ ୪୦ ଲୋକଙ୍କ ପ୍ରଭୃ ସେ [illegible] ନୁହନ୍ତି । ଅତିରିକ୍ତ ପରିଶ୍ରମ ହେତୁ ଏହାଙ୍କର ବହୁମୂତ୍ର ରୋଗ ହୋଇଥିଲା ଏବଂ ଶେଷକୁ ଏହାର ଦୌର୍ବଲ୍ୟ ଓ ପୃଷ୍ଠବ୍ରଣ ଜାତ ହୋଇ ଉକ୍ତ ସଂସାରରୁ ଏହାଙ୍କୁ ଅନ୍ତରିତ କଲା । ମୃତ୍ୟୁସମୟରେ ଏହାଙ୍କୁ ବ ୪୧ ବର୍ଷ ମାତ୍ର ବୟସ ହୋଇଥିଲା ।

---

ନିଷାଧିଅର ଜାଉବାର ନିବାରଣ ଉଦ୍ଦେଶ୍ୟରେ ଯେଉଁ ନୂତନ ଅଇନ ବଙ୍ଗୀୟ ବ୍ୟବସ୍ଥାପକସଭାରୁ ଧାର୍ଯ୍ୟ ହୋଇଥିଲା ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୂର ତାହାକୁ ଗତମାସ ତା ୧ ରିଖରେ ମଞ୍ଜୁର କରିବାରୁ ସେହି ତାରିଖରେ ଅତିରିକ୍ତ କଲିକତା-ଗେଜେଟରେ ପ୍ରକାଶ ହେଲା ସୁତରାଂ ସେହି ଦିନଠାରୁ ଜାରି ହେଲା । ଦୁର୍ଭାଗ୍ୟକ୍ରମେ ସମ୍ପ୍ରତି କଲିକତାନଗରରେ ଘିଅର କାରବାର ବିଶେଷ । ସେ ସମୟରେ କେହି ଉଦ୍‌ମିଶ୍ରଣିଅ ବିକ୍ରୟ କରିବା ଅପରାଧରେ ଧରା ପଡିବାର ଖବର ଜଣାଯାଇ ନ ଥିବାରୁ ଅନୁମାନ ହେଉଅଛି ବେପାରୀମାନେ ସାବଧାନ ହୋଇ ଅପକୃଷ୍ଟ-ଦ୍ରବ୍ୟ ସବୁ ସହରରେ ନ ବେଚି ମୋଫସଲରେ ଚାଲାଣ କରୁଅଛନ୍ତି । ବର୍ତ୍ତମାନ ମିଉନିସିପାଲ-ଆଇନ ଜାରିଥିବା ସ୍ଥାନମାନଙ୍କରେ ଉକ୍ତ ପ୍ରକାର ଘିଅ ଯେ ବିକ୍ରୟ କରିବ ସେ ଦଣ୍ଡନୀୟ ହେବ ମାତ୍ର ଅନ୍ୟତ୍ରରେ ସେପରି ନିୟମ ନ ଥିବାରୁ ସମ୍ଭବତଃ ମଫସଲବାସୀଙ୍କ ହାଟରେ ସେହିଭଳି ମିଶ୍ରିତ ଦ୍ରବ୍ୟ ଅଣ୍ଟି ସେହିସବୁ ସ୍ଥାନରେ ଚାଲାଣ କରିବାର ଚେଷ୍ଟା କରିବେ । ଅତଏବ ସେ ସବୁ ସ୍ଥାନର ଲୋକଙ୍କୁ ଅଧିକ ସାବଧାନ ହୋଇ ଚଳିବାର ଉଚିତ । ଆଉ ମୋଫସଲର କର୍ତ୍ତାମାନେ ଏପ୍ରକାର ଦ୍ରବ୍ୟ ସହରରୁ ଆମଦାନୀ କରନ୍ତି । ସୁତରାଂ ଅନୁସନ୍ଧାନ ହେଲେ ସହରର ବେପାରୀ ଧରାପଡି ଦଣ୍ଡନୀୟ ହୋଇପାରିବେ ।

ଏ ସମ୍ବନ୍ଧରେ ଅସ୍ମଦାଦିଙ୍କ ବାଲେଶ୍ୱରର ଜଣେ ବଡ ଜମିଦାର ବାବୁ ସନାତନପୃଷ୍ଟି-ପାତ୍ରଙ୍କ ସ୍ୱରଚିତ ଏକ ଛପା ବିଜ୍ଞାପନ ପାଇ-ଅଛୁଁ । ବିଜ୍ଞାପନ ତର୍ଦ୍ଦିଶା ଘିଅର ବ୍ୟବହାର ଯେପରି ବନ୍ଦ ହେବ ତହିଁର ଉପାୟ କରିବା-କାରଣ ସେ ସର୍ବସାଧାରଣଙ୍କୁ ଅନୁରୋଧ କରି-ଅଛନ୍ତି ଏବଂ ଆପଣା ଧର୍ମସଭା ସହାୟରେ ଅପେ ଯତ୍ନ ନେବାର ଉପଦେଶ ଦେଇଅଛନ୍ତି । ସାଧାରଣ ହିତ ଉଦ୍ଦେଶରେ ବିଜ୍ଞାପନମାନ ଛପା କରି ବିତରଣ କରିବା ଅବଶ୍ୟ ପ୍ରଶଂସାର କାର୍ଯ୍ୟ ଅଟଇ ।

---

ଯେତେବେଳେ ଭାରତୀୟଲୋକମାନଙ୍କ ତରଫରୁ ସିଭିଲସର୍ଭିସ୍ ପରୀକ୍ଷାର ପରୀକ୍ଷକ ଥିବା ବୟସ୍ତୁର ଆନ୍ଦୋଳନ କରିବାକୁ ଆରମ୍ଭ କରୁଅଛନ୍ତି ସେତେବେଳେ ପାର୍ଲିଆମେଣ୍ଟରେ ପ୍ରତି-କୂଳ ଆନ୍ଦୋଳନ ଉପସ୍ଥିତ ହେବା କିଛି ବିଚିତ୍ର ଅସମ୍ଭବ ନୁହଇ । ସମ୍ପ୍ରତି ଲଣ୍ଡନ-ନଗରରୁ ଆସିଥିବା ଗତମାସ ତା ୧୧ ରିଖର ତାରସମ୍ବାଦରୁ ପ୍ରକାଶ ଯେ ଉକ୍ତ ସ୍ଥାନର ଟାଇମସ୍ ପତ୍ରିକା ସିଭିଲସର୍ଭିସ ପରୀକ୍ଷାରେ ଭାର-ତୀୟମାନଙ୍କୁ ସୁବିଧା କରିଦିବା କଥାରେ ଏକା-ବେଳକେ ନାରାଜ ବୋଲି ବ୍ୟକ୍ତ କରୁଅଛନ୍ତି ଏବଂ ତାଙ୍କର ମତ ଯେ ଭାରତବର୍ଷ ଦେଶୀୟ ମହାନୁଭାବୀ ଶାସିତ ନ ହୋଇ ଇଂରାଜୀମାନ-ଙ୍କଦ୍ୱାରେ ଏବଂ ଇଂରାଜୀ ଧାରାନଙ୍କଦ୍ୱାରା ଶାସିତ ହେବା ଉଚିତ । ଏ ଉଦ୍ଦେଶ୍ୟ ଭେଦ କରିବା କଠିନ ଅଟଇ । ଇଂଲଣ୍ଡୀୟ ଅନେକ ଲୋକେ ସାତସମୁଦ୍ର ତେରନଦୀ ପାର ହୋଇ ଭାରତରେ ସୁଦ୍ଧା ଉକ୍ତ ପରୀକ୍ଷାରେ ଦେଇ ହୋଇ ଉତ୍ତୀର୍ଣ୍ଣ ହେବାର ଦେଖି ଗବର୍ଣ୍ଣମେଣ୍ଟ ବୟସର ସଂଖ୍ୟା କମ ଏବଂ ସଙ୍ଗତ ଜଣା କଲେ ଦେଲେ ଯେ ଭାରତୀୟଯୁବକ ଉକ୍ତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା କଷ୍ଟ ହୋଇ ଉଠିଲା ଏବଂ ନାନାପ୍ରକାର ଆନ୍ଦୋଳନ ଉଠିବାରୁ ବର୍ତ୍ତମାନ ଏଠା-

Split by PDF Splitter

Digitized by srujanika@gmail.com

ଗବର୍ଣ୍ଣମେଣ୍ଟ ବୟସର ସୀମା ବଢ଼ାଇ ଦେବାର ବ୍ୟବସ୍ଥା କରୂ ନ ହେବ ବୋଲି ଚେଷ୍ଟା କରୁଅଛନ୍ତି । ଏହା ଲେଖ ଲୁଚଇବା ପର ଅଥବା ଯାହା ହେଉ ଉଦ୍ଦେଶ୍ୟ ସାଧୁ ଓ ମହତ୍ ଥିବାରୁ ଆମ୍ଭେମାନେ କଅଣ୍ଠିତ ଆନନ୍ଦ ହୋଇଅଛୁଁ । ପୁଣି ଉଚ୍ଚଶିକ୍ଷାର ମାହାତ୍ମ୍ୟଯୋଗେ ଏଦେଶୀୟ ଯୋଗ୍ୟଲୋକମାନେ ଶାସନକାର୍ଯ୍ୟରେ ଇଂରାଜଙ୍କ ସମକକ୍ଷ ଓ ସ୍ଥାନେ ସେମାନଙ୍କଠାରୁ ଅଧିକ ଦକ୍ଷତା ଦେଖାଉ ଥିବାରୁ ବିଲାତରେ ହିନ୍ଦୁ ପରୀକ୍ଷାର ଆଉ ବିଶେଷ ପ୍ରୟୋଜନ ନ ଥିବାର ଆମ୍ଭମାନଙ୍କର ଧାରଣା ହୋଇ ଆସୁଥିଲା । ଏମନ୍ତ ସମୟରେ ଭାରତର ପ୍ରଧାନ ସମ୍ବାଦପତ୍ର ଏବଂ ଇଂରାଜଙ୍କ ମୁଖପାତ୍ର ଟାଇମସ୍ ପତ୍ରିକାରେ ଏରୂପ ଘୋଷଣା କଥା ପ୍ରକାଶିତ ହେବା ବଡ଼ ଶୁଭଲକ୍ଷଣ ସମ୍ଭବ ନୁହଇ । ତେବେ ଶ୍ରୀମତୀ ମହାରାଣୀ ଓ ଭାରତେଶ୍ୱରୀଙ୍କ " ଭାରତବାସିଙ୍କ ନିମନ୍ତେ ଭାରତଶାସନ " ସାଧୁବାକ୍ୟର କେତେ ଦୂର ବିପରୀତାଚରଣ ହୋଇ ପାରେ ଦେଖିବା ନିମନ୍ତେ ଆମ୍ଭମାନଙ୍କୁ କାର୍ଯ୍ୟତଃ ଅପେକ୍ଷା କରିବାକୁ ହେଲା ।

---

## ବାମନଘାଟିର ବନ୍ଦୋବସ୍ତ ।

ସମ୍ପ୍ରତି ମୟୂରଭଞ୍ଜ ଷ୍ଟେଟର ମ୍ୟାନେଜର ଶ୍ରୀଯୁକ୍ତ ଓଡ଼ାଲି ସାହେବ ବାମନଘାଟୀ ପରିଦର୍ଶନ କରିବାକୁ ଆସିଥିଲେ । ଏହି ସବ୍‌ଡିଭିଜନର ବନ୍ଦୋବସ୍ତ କାର୍ଯ୍ୟ ଆରମ୍ଭ ହେବ ତାହା ଇତି ପୂର୍ବରେ ଜଣାଇଅଛୁଁ । ସର୍ଦ୍ଦାର ଏବଂ ପ୍ରଧାନମାନଙ୍କ ଆଗାମୀ ବନ୍ଦୋବସ୍ତ ସମ୍ବନ୍ଧରେ ସମସ୍ତ କଥା ବୁଝାଇ ଦେବାହିଁ ମ୍ୟାନେଜର ସାହେବଙ୍କର ଉଦ୍ଦେଶ୍ୟ ସେ ଆସି ଶ୍ରୀରାମଚନ୍ଦ୍ରପୁର ସେଟେଲମେଣ୍ଟ ଅଫିସରେ ଥିଲେ ସର୍ଦ୍ଦାର ପ୍ରଧାନ ଏବଂ ପ୍ରଜାମାନଙ୍କ ଦ୍ୱାରା ଏହି ନିର୍ଜନ ସ୍ଥାନଟି କେତେକ ଦିନ ସହର ପ୍ରାୟ ହୋଇଥିଲା ।

ମ୍ୟାନେଜର ସାହେବ କହୁଅଛନ୍ତି ଯେ ଏ ଦେଶରେ ବେଠିଆ ହଳର ନିୟମ ଉଠିଲ ହେବ । ସରକାରୀ ଘର ଓ ସଡ଼କବାଟ, ଠିକାଦାରମାନଙ୍କ ଦ୍ୱାରା ପ୍ରସ୍ତୁତ ଏବଂ ମରାମତି ହେବ, ଏଥିରେ ପ୍ରଜାମାନେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇଅଛନ୍ତି ।

ଏଦେଶରେ କମାର, କୁମ୍ଭାର, ତନ୍ତି, ଧୋବା ଏବଂ ମାଳୀ ପ୍ରଭୃତି ବ୍ୟବସାଦାରମାନଙ୍କୁ ପାଞ୍ଚଅଣାଠାରୁ ଦେଢ଼ଟଙ୍କା ପର୍ଯ୍ୟନ୍ତ ଯେ " ପଟେକ୍ସ " କର ଦେବାକୁ ହେଉଥିଲା ତାହା ଉଠିଗଲା ।

କୁସୁମବନ୍ଧରେ ଲା ( ଲାକ୍ଷା ) ପାଇଁ ପ୍ରତି ଗଛରେ ଟ । ଅଣାଠାରୁ ଟ ୫ ଅଣା ପର୍ଯ୍ୟନ୍ତ ଯେ ମାସୁଲ ଦେବାକୁ ହେଉଥିଲା ତାହା ମ୍ୟାନେଜର ସାହେବ ପ୍ରଜାମାନଙ୍କୁ ପାଞ୍ଚବର୍ଷର ନିମିତ୍ତ ଭୋଗ କରିବାକୁ ଆଦେଶ ଦେଇଅଛନ୍ତି ।

ସମ୍ପ୍ରତି ସବ୍‌ଡିଭିଜନର ମ୍ୟାନେଜର ଶ୍ରୀଯୁକ୍ତ ଶେଠରାୟ ହାଟ ଇଜାରା କରିଥିଲେ କିନ୍ତୁ ମ୍ୟାନେଜର ସାହେବ ତାହା ରହିତ କରିଅଛନ୍ତି, ପ୍ରତ୍ୟେକ ହାଟରେ ଯେ କୌଣସି ଦ୍ରବ୍ୟ ବିକ୍ରୟ ହେଉ କେହି ସେଥିରେ କୌଣସି ପ୍ରକାର ମାସୁଲ ବସାଇ ପାରିବେ ନାହିଁ ।

ପୂର୍ବରେ ବାମନଘାଟିରେ ଅନେକ ମଦର ଭାଟି ଥିଲା । ସାତଶତ ଗ୍ରାମ ମଧ୍ୟରେ ପ୍ରାୟ ଦୁଇଶତ ଭାଟି ହେବ । ମାତ୍ର ମ୍ୟାନେଜର ସାହେବ ଏହି ଭାଟିମାନଙ୍କ ମଧ୍ୟରୁ ୪୦ଟି ଭାଟି ରଖି ଆଉ ସବୁ ଉଠାଇ ଦେଇଅଛନ୍ତି, ଏଥିରେ ସର୍ଦ୍ଦାର, ପ୍ରଧାନମାନେ ଊର୍ଦ୍ଧ୍ୱହସ୍ତରେ ମ୍ୟାନେଜର ସାହେବଙ୍କୁ ଆଶୀର୍ବାଦ କରୁଅଛନ୍ତି କାରଣ ଭାଟିର ସଂଖ୍ୟା ବୃଦ୍ଧି ସଙ୍ଗେ ମଦୁଆଙ୍କ ସଂଖ୍ୟା ଅନେକ ବଢ଼ିଯାଇଥିଲା । ଅଧିକ ମ୍ୟାନେଜର ସାହେବ କହୁଅଛନ୍ତି କି ଯେ ଆଉ ତିନିବର୍ଷ ବାଦ ପୁନର୍ବାର ବନ୍ଦୋବସ୍ତରେ ଭାଟିର ସଂଖ୍ୟା ଆହୁରି ଊଣା କରିବେ । ପ୍ରଜାମାନଙ୍କୁ ମଦୁଆ କରି ରାଜକୋଷ ପୂର୍ଣ୍ଣ କରିବାକୁ ସେ ପାପକାର୍ଯ୍ୟ ମନେ କରନ୍ତି । ପୂର୍ବରେ ଶୁଣ୍ଡିମାନେ ହାଟରେ ବୁଲି ମଦ ବିକ୍ରୟ କରୁଥିଲେ ବର୍ତ୍ତମାନ ତାହା ହୋଇ ପାରିବ ନାହିଁ ।

ସ୍ୱର୍ଗୀୟ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜ ତାହାଙ୍କର କନିଷ୍ଠ ଭ୍ରାତା ଶେଠରାୟ ବାବୁଙ୍କୁ ଟ ୫୦୦୦ ଙ୍କରେ ବାକେ ମାହାଲ ବନ୍ଦୋବସ୍ତ କରି ଦେଇଥିଲେ । ଶୁଣା ଯାଉଅଛି ଯେ ଏ ପର୍ଯ୍ୟନ୍ତ ଶେଠରାୟ ବାବୁ ରାଜକୋଷରେ କେବଳମାତ୍ର ଟ ୩୦୦୦ ଙ୍କା ଦେଇଅଛନ୍ତି, ବାକୀ ଟ ୨୨୦୦୦ ମଧ୍ୟରେ ଇତି ପୂର୍ବରେ ଶ୍ରୀଯୁକ୍ତ ମେଟକାଫ ସାହେବ ୧୨୦୦୦ ଙ୍କା ମିଛ ବୋଲି ଲେଖିଅଛନ୍ତି । ସମ୍ପ୍ରତି ଯେ ଟ ୧୦୦୦୦ ଙ୍କା ବାକୀ ଅଛି ତାହା ମଧ୍ୟ ମିହାରେ ଲେଖିବାକୁ ହେବ । ଯେ ହେତୁ କ ଶେଠରାୟ ବାବୁ ମ୍ୟାନେଜରଙ୍କ ପଦ ପାଇଁ ମୋକଦ୍ଦମା କରି ଅନେକ ଖର୍ଚ୍ଚାନ୍ତ ହୋଇଅଛନ୍ତି ।

ସେ ଯାହା ହେଉ ଗତ ପଞ୍ଚବର୍ଷରେ ବାମନଘାଟୀ ବାକେ ମାହାଲରୁ ରାଜକୋଷରେ ଟ ୫୦୦୦ ଙ୍କା ମାତ୍ର ଜମା ହୋଇଅଛି, ଏଣୁ କରି ମ୍ୟାନେଜର ସାହେବ ଯେରୂପ ବନ୍ଦୋବସ୍ତ କରିଅଛନ୍ତି ସେଥି ମଧ୍ୟରୁ ଅବକାରୀ ମାହାଲରେ ଟ ୩୫୦୦ ଙ୍କା ଏବଂ ସୋନାପେଠ ଲୋହାପେଠ ବାଂଶକର, ଜାଳକାଠ ପ୍ରଭୃତିରୁ ସମ୍ଭବତଃ ଟ ୮୦୦ ଙ୍କା ଏବଂ ଶୁଳ୍କ ଆଦି ସଲାମୀ ଟ ୭୦୦ ଙ୍କା ମୋଟ ଟ ୫୦୦୦ ଙ୍କା ଉସୁଲ ହେବ, ସମ୍ପ୍ରତି ପ୍ରଜାମାନେ ମାଣ ପ୍ରତି ପ୍ରାୟ ଟ ।୵ ଲେଖାଏଁ ଖଜଣା ଦେଉଅଛନ୍ତି କିନ୍ତୁ ଭବିଷ୍ୟତରେ ହାରାହାରି ଟ ୦।୵ ରୁ ଟ ୦।।୵ ଲେଖାଏଁ ଦେବାକୁ ହେବ ।

ଶାରଧ ଅବ୍ବଲ ଜମିରେ ଟ ୧ ଙ୍କା, ଦୋୟମ ଜମିରେ ଟ ୦।୵, ଏବଂ ସୋୟମ ଜମିରେ ଟ ୦।୵ ଓ ପାଳ, ଗୋଡ଼, ଡାହି ପ୍ରଭୃତି ଜମିର ମାଣରେ ଟ ୦। ଅଣା ହିସାବରେ ଖଜଣା ଦେବାକୁ ହେବ । ଏତେ ଶସ୍ତା ଦରରେ ବନ୍ଦୋବସ୍ତ ହେବ ବୋଲି ପ୍ରଜାମାନେ ପ୍ରତ୍ୟାଶା କରି ନ ଥିଲେ ବିଶେଷତଃ ୧୦୦ ହାତ ଲମ୍ବା ଏବଂ ୧୦୦ ହାତ ଚଉଡ଼ା ହେଲେ ଏକମାଣ ହେବ ବୋଲି ବାମନଘାଟୀ ଲୋକଙ୍କର ସଂସ୍କାର ଥିଲା, କିନ୍ତୁ କମିଶନର ସାହେବ ହୁକୁମ ଦେଇ ଅଛନ୍ତି ଯେ ଓଡ଼ିଆ ହାତଦସ୍ତୀ ଅର୍ଥାତ୍ ହା ୧୧୩ ତ ଲମ୍ବା ଓ ହା ୧୧୩ ତ ଚଉଡ଼ା ହେଲେ ଏକମାଣ ଜମି ହେବ । ଘରବାଡ଼ିର ଖଜଣା ଦେବାକୁ ହେବ ନାହିଁ ।

ଅମୀନମାନଙ୍କର ଦରମାହା ବା ଖୋରାକି ପ୍ରଜାମାନଙ୍କୁ ଦେବାକୁ ହେବ ନାହିଁ ।

ବାମନଘାଟିର ପ୍ରଧାନମାନେ ତହସିଲ ଖର୍ଚ୍ଚା ଶତକଡ଼ା ଟ ୨୦ ଙ୍କା ହିସାବରେ ପାଇବେ । ସର୍ଦ୍ଦାରମାନଙ୍କ ହସ୍ତରେ ପୁଲିସର କ୍ଷମତା ରହିବ । ଏଠାରେ ଜ ୧୭ ଣ ସର୍ଦ୍ଦାର ଅଛନ୍ତି ତନ୍ମଧ୍ୟରୁ ଦୁଇଜଣ କୋହ୍ଲ, ଦୁଇଜଣ ଭୂମିଜ ବାକୀ ସମସ୍ତେ ସାନ୍ତାଳ । ଏହିରୂପେ ବନ୍ଦୋବସ୍ତରେ ସମସ୍ତେ ସନ୍ତୁଷ୍ଟ ଅଛନ୍ତି । କାରଣ କନଷ୍ଟାବଲ ପୁଲିସକ୍ଷମତା ପାଇ ଏହି ଆଦିମ ଜାତିଙ୍କ ଦେଶରେ ବଡ଼ ଅତ୍ୟାଚାର କରନ୍ତି ।

---

Split by PDF Splitter



### ପ୍ରାପ୍ତ ।

ଅସ୍ମମାନଙ୍କ ବ୍ୟବହାରାସ୍ତ ଭୋଜନପାତ୍ର ମଧ୍ୟରେ ମୁଗୁନି ପଥରର ବାସନ ଅତି ପ୍ରଶସ୍ତ ଅଟେ । ଧାତୁମୟ ଭୋଜନପାତ୍ରରେ ଦୁଗ୍ଧ ଦଧି ଓ ଖଟା ପ୍ରଭୃତି ଦ୍ରବ୍ୟ ବ୍ୟବହାର କଲେ ରସାୟନିକ କାର୍ଯ୍ୟଦ୍ୱାରା ତାହାର ଗୁଣ ପରିବର୍ତ୍ତିତ ହୋଇ ଖାଦ୍ୟୋପଯୋଗୀ ହୁଏ ନାହିଁ, ପଥରବାସନରେ ଯେ କୌଣସି ଦ୍ରବ୍ୟ ବ୍ୟବହାର କଲେ ତାହାର ଗୁଣ ପରିବର୍ତ୍ତିତ ହୁଏ ନାହିଁ । ସୁତରାଂ ସ୍ୱାସ୍ଥ୍ୟ ପ୍ରତି କୌଣସି ଅନିଷ୍ଟ ହୁଏ ନାହିଁ, ସେଥିପାଇଁ ହିନ୍ଦୁମାନେ ପଥରବାସନକୁ ପବିତ୍ର ବାସନ ମଧ୍ୟରେ ଗଣନା କରି ଦେବାଳୟରେ ବ୍ୟବହାର କରନ୍ତି । ନୀଚଜାତି ଲୋକର ପଥରବାସନରେ ହିନ୍ଦୁଜାତି ଓ ହିନ୍ଦୁଜାତି ଲୋକର ପଥରବାସନରେ ନୀଚଜାତିର ଲୋକ ଅନ୍ନାହାର ପାନାଦି କରନ୍ତି । ତାହା ସମାଜରେ ଦୂଷଣୀୟ ହୁଏ ନାହିଁ ।

ଏହି ବାସନର ନିର୍ମାଣ ଓ ବ୍ୟବସାୟ ବିବରଣ ଜାଣିବାରେ ଅନେକଙ୍କର ଅଗ୍ରହ ଥିବାରୁ ପାରେ ସେଥିପାଇଁ ଇହାର ବିଶେଷ ବିବରଣ ନିମ୍ନରେ ଲିପିବଦ୍ଧ କଲୁଁ ।

ଓଡ଼ିଶାସ୍ଥ ନୀଳଗିରିପାହାଡ଼ର ଅଙ୍କରମାନଙ୍କରୁ ଏହି ପଥର ଆମଦାନି ହୁଏ, ଅନ୍ୟ କୌଣସିଠାରେ ପ୍ରାପ୍ତ ଏବେ ମିଳେ ନାହିଁ, ପାହାଡ଼ ଶିଖରର କେତେକ ନିର୍ଦ୍ଦିଷ୍ଟ ସମତଳ ଭୂମି ( ଅଧିତ୍ୟକା ) କୁ, ପାହାଡ଼ର ନିକଟବର୍ତ୍ତୀ (ନୀଳଗିରିର ଦକ୍ଷିଣ ସ୍ଥଳ ଓ ସୋରୋ ଥାନାର ଉତ୍ତରପଶ୍ଚିମାଞ୍ଚଳ ଜନପଦ ନିବାସୀ ) ଲୋକମାନେ ଖଣି ଖୋଳି ପଥର ବାହାର କରନ୍ତି । ଯେଉଁ ଯେଉଁ ସ୍ଥାନରୁ ପଥର ବାହାରେ ତାହାକୁ ଅଡ଼ଙ୍ଗ କହି, ଯେଉଁମାନେ ପଥର କାଟନ୍ତି ସେମାନଙ୍କୁ ପଥୁରିଆ ବୋଲାଯାଏ । ପଥୁରିଆମାନଙ୍କ ଉପରେ ସରଦାର ଅଛନ୍ତି । ସରଦାରମାନେ ଶହ ପାଞ୍ଚ ଜଣ ଲେଖାଏ ପଥୁରିଆ ନେଇ ଅଡ଼ଙ୍ଗ ଉପରେ ଘର ବାନ୍ଧି ରହନ୍ତି ଓ ସେମାନଙ୍କ ସହିତରେ ଅଡ଼ଙ୍ଗ ମଧ୍ୟରୁ ବର୍ଗ ହା ୨୦।୨୫ ହାତ ପରିମିତ ସ୍ଥାନ ଖନନ କରନ୍ତି । ପ୍ରଥମେ ବାଲିମାଟି ହା ୨୦।୨୫ ହାତ ପଡ଼େ, ତାହାପରେ ଅଠାଳ ଓ ଆଉ ଦୁଇ ତିନ ପ୍ରକାର ମାଟି ହା ୧୫—୨୦ ହାତ ପଡ଼ିଲାରୁ "ବଡ଼ା" ନାମକ ଏକ ପ୍ରକାର ଅକର୍ମଣ୍ୟ ପଥର ହା ୩।୫ ହାତ ପଡ଼େ । ଏହି ବଡ଼ା ଗୋଟାଏ ସ୍ଥଳ ହା ୧୦।୧୫ ପର୍ଯ୍ୟନ୍ତ ହୋଇ ପାରେ । ପଥୁରିଆମାନେ ପାହାଡ଼ରୁ କାଠ କାଟି ଆଣି ବଡ଼ା ଉପରେ ରଖି ଦହନ କରି ଜଳ ଢାଳନ୍ତି ଗରମ ସମୟରେ ଜଳ ଦେଲେ ଯୋଗାକର୍ଷଣ ଶକ୍ତିର ହ୍ରାସତା ଯୋଗୁଁ ପଥର ଫାଟିଯାଏ ତାହାକୁ ସାବଳଦ୍ୱାରା ଖଣ୍ଡ ଖଣ୍ଡ କରି ବାହାର କରନ୍ତି ବଡ଼ା ଶେଷ ହେଲେ ତାହା ନିମ୍ନରେ କଙ୍କର ହା ୩।୭ ହାତ ପଡ଼େ ଏହି ନିମ୍ନରେ "ଙ୍କୁଲିଆ" (ଚିକଣ ଓ ଖଡ଼ପଡ଼) ଦେଖାଯାଏ, "ଙ୍କୁଲିଆ" ହା ୨୦।୩୦ ହାତ ଖୋଳିଲେ ମୁଗୁନିପଥର ବାହାର ହୁଏ । କୌଣସି କୌଣସିଠାରେ କଙ୍କର ଓ ବଡ଼ା ପଡ଼େ ନାହିଁ । ଏହି ପ୍ରକାରେ ହା ୭୦।୭୦ ହାତ ଗଭୀର କଲେ ମୁଗୁନି ପଥର ଦେଖାଯାଏ, ଏହି ଗର୍ତ୍ତର ଉପର ଚଉଡ଼ା ଅପେକ୍ଷା ନିମ୍ନର ଚଉଡ଼ା ବେଶୀ ହୁଏ ନାହିଁ ନୁହେ, ଏହିପରି ପ୍ରତ୍ୟେକ ଅଡ଼ଙ୍ଗରେ ଜ ୧୦।୫୦ ଣ ସରଦାର ପ୍ରତ୍ୟେକ ନିର୍ଦ୍ଦିଷ୍ଟ ସ୍ଥାନରେ ପଥର ବାହାର କରିବା ପର୍ଯ୍ୟନ୍ତ ଖନନ କରନ୍ତି । ସମସ୍ତ ଖଣିଆମାନେ ମାଘ ମାସ ଶେଷରେ ଖଣେଇ ଯାଆନ୍ତି, ଖଣିର ଖନନ କାର୍ଯ୍ୟ ଶେଷ କରି ପଥର ବାହାର କରିବାକୁ ବୈଶାଖ ମାସ ୧୦ଦିନ ଲାଗେ । ଏହି ଖନନ କାର୍ଯ୍ୟ ପଥୁରିଆମାନେ ନିଜେ ଓ ମଜୁରଦ୍ୱାରା କରନ୍ତି, ମଜୁରପ୍ରତ୍ୟହର ଖର୍ଚ୍ଚ ଯେ ଟ ୧୦।୧୫ ଙ୍କା ହୁଏ ତାହା ସରଦାର ଦିଅନ୍ତି ।—ପ୍ରତ୍ୟେକ ସରଦାରଙ୍କର ଅଧିକୃତ ସ୍ଥାନକୁ ଖଣି ବୋଲାଯାଏ, ସୁତରାଂ ଅଡ଼ଙ୍ଗର ସରଦାରମାନଙ୍କ ସଂଖ୍ୟା ଅନୁସାରେ ଖଣିର ସଂଖ୍ୟା ହୁଏ ଓ ସରଦାରମାନଙ୍କ ନାମାନୁସାରେ ଖଣିର ନାମ ଦିଆଯାଏ, ପ୍ରତ୍ୟେକ ଅଡଙ୍ଗର ସରଦାରମାନଙ୍କ ଖଣି ଦୋସମାଜି ରେ ବାଡ଼ା ( ମାଟିବନ୍ଧ ) ହା୩୦।୪୦ ହାତ ଗଭୀର ପର୍ଯ୍ୟନ୍ତ ରହେ ନାହିଁ । ଅଡ଼ଙ୍ଗର ସମସ୍ତ ଖଣିର ଖନନ କାର୍ଯ୍ୟ ଶେଷ ହେଲେ ଅଡ଼ଙ୍ଗଟି କ୍ଷୁଦ୍ର ପୁଷ୍କରିଣ୍ୟାକାର ଧାରଣ କରେ ହା୩।୪୦ ହାତ ଗଭୀର ନିମ୍ନରେ ଅବଶ୍ୟକମତେ ବାଡ଼ା ରଖାଯାଏ । ଅନେକ ଖଣିରେ ଜଳ ଥାଏ ବା ବୃଷ୍ଟି ହେଲେ ଜଳ ଜମା ହୁଏ । କିନ୍ତୁ ଜଳ ଅଟକାଦ୍ୱାରା ସମସ୍ତ ପଥୁରିଆମାନେ ବାହି ଶେଷ କରନ୍ତି ।

କ୍ରମଶଃ

## ସାପ୍ତାହିକ ସଂବାଦ ।

ଶ୍ରୀଯୁତ ଟେବନିଷ୍ଟ ସାହେବ କାଲି ସକାଳେ ଏଠାରୁ ପ୍ରସ୍ଥାନ କରିବେ ଅଟକଠାରେ ନୂତନ କଲେକ୍ଟର ଶ୍ରୀଯୁତ ବୋଲ୍ଟନ ସାହେବଙ୍କୁ ଚାର୍ଜ ଦେବେ ଓ ସେ ଆସନ୍ତା ସୋମବାର ଦିନ ଏଠାରେ ପ୍ରବେଶ ହେବେ ।

ଏଠା କଲେକ୍ଟର କଚେରି ତା ୧୪ ରଖ ଗୁରୁବାରଦିବସ ଓ କମିଶନର କଚେରି ତା ୧୮ ରଖ ସୋମବାରଦିବସ ଖୋଲିଅଛି ।

ଅସ୍ମେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଉଁ ଯେ ଏ ନଗରେ ଦଶବାରବର୍ଷ ପୂର୍ବେ ଡାକ୍ତର ଗାହେବ ନାମରେ ଯେଉଁ ଡେପୁଟୀମାଜିଷ୍ଟ୍ରେଟ ଥିଲେ ଏବଂ ଏଣିକି କଲିକତାରେ ଥାଇ ରେଜିଷ୍ଟର ମହକୁମାର ଇନ୍‌ସ୍ପେକ୍ଟର କାର୍ଯ୍ୟ କରୁଥିଲେ ତାହାଙ୍କର ମୃତ୍ୟୁ ହୋଇଅଛି ।

### କଲିକତାଗେଜେଟ ।

ସତ୍ତଜାତମାହାଲର ଅଟିଷ୍ଟଣ୍ଟସୁପରିଣ୍ଟେଣ୍ଡେଣ୍ଟ ବାବୁ ନନ୍ଦକିଶୋର ଦାସ ଅନୁପସ୍ଥିତରେ କଲେକ୍ଟର ସନନ୍ଦ ପ୍ରାପ୍ତ ହେଲେ ।

ଏଠା କଲେକ୍ଟର ମିଃ ଜ ଏମ୍ ଵଣ୍ଡ ଛୁଟିକାଳରେ ଅବା ସ୍ଥାନୀୟ ପର୍ଯ୍ୟନ୍ତ ଗୟାର କଲେକ୍ଟର ମିଃ ସି ଟବନିଷ୍ଟବୋଲଟନ ସାହେବ ବଳୟର ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ ନିଯୁକ୍ତ ହେଲେ ।

ବର୍ତ୍ତମାନର ଡେଃ ମାଜିଷ୍ଟ୍ରେ ଡେଃ କଲେକ୍ଟର ବାବୁ ଅନ୍ନଦାପ୍ରସାଦ ଘୋଷ ବର୍ଦ୍ଧମାନବିଭାଗର କମିଶନରଙ୍କ ପରସୋନେଲ ଆସିଷ୍ଟେଣ୍ଟ କାର୍ଯ୍ୟରେ ନିଯୁକ୍ତ ହେଲେ ।

---

ଶୁଣାଯାଏ ମହାଭାରତର ଇଂରେଜୀଅନୁବାଦ କାର୍ଯ୍ୟ ନିମିତ୍ତ କଲିକତାର ବାବୁ ପ୍ରତାପଚନ୍ଦ୍ର ରାୟଙ୍କୁ ଜୟପୁର ମହାରାଜା ଅଉ ଟ ୫୦୦ ଙ୍କା ସାହାଯ୍ୟ ପ୍ରଦାନ କରିଅଛନ୍ତି ।—ଉତ୍ତମ ।

ଆସାମ ଗୋଲାଘାଟଠାରେ ଗତମାସ ତା ୪ ରଖ ସକାଳ ସ ୮ ଘ ସମୟରେ ଭୂମିକମ୍ପ ହୋଇ ଯାଇଥିବାର ସମ୍ବାଦ ମିଳଇ । ଏହା ୧୦ ସେକଣ୍ଡ କାଳ ସ୍ଥାୟୀ ହୋଇଥିଲା ।

କଥିତ ହୁଏ ଯେ ଫ୍ରାନ୍ସ ଅଲ ଗ୍ରିଡ଼ା ଦୁର୍ଗର ମୂଳଦାନଙ୍କୁ ଇଂରେଜମାନେ ମିସରଦେଶ ଶୀଘ୍ର ତ୍ୟାଗ କରିବା ବିଷୟ ଦାବି କରିବା କାରଣ ବାରମ୍ବାର ଅନୁରୋଧ କରୁଅଛନ୍ତି ଓ ନାନାପ୍ରକାର ବଡ଼ଯନ୍ତ୍ରରେ ପ୍ରବୃତ୍ତ ହୋଇଅଛନ୍ତି । ମଧ୍ୟ ଇତାଲି ଓ ଫ୍ରାନ୍ସ ମଧ୍ୟରେ ବଡ଼ ସନ୍ଧିବାର ସୂତ୍ରପାତ ହୋଇଅଛି ଏବଂ ବାଲକାନସ୍ଥାନରେ ଅଦ୍ୟାପି ଶାନ୍ତି ସ୍ଥାପିତ ହୋଇ ନାହିଁ । ଏଥିରୁ ସମ୍ଭବ ଯେ ଯୁରୋପରେ ଯୁଦ୍ଧ ଲାଗିବାର ଆଉ ଅଧିକ ଦିନ ବିଳମ୍ବ ନାହିଁ ।

ବୋମ୍ବାଇର ଜଣେ ଧନୀ ବଣିକ ଡିଲ୍ସବନଦାସ ସନ୍ତୁକର ଓଳନ୍ଦାଜମାନଙ୍କ ନିମିତ୍ତ ଗୋଟିଏ ପୃଥକ୍ ମହଲ ନିର୍ମାଣ କରିବା ନିମିତ୍ତ ଟ ୧୦୦୦୦ ଙ୍କା ଗ୍ରାଣ୍ଟେ ମେଡ଼ିକଲ କଲେଜର ଅଧକ୍ଷଙ୍କୁ ଅର୍ପଣ କରିଅଛନ୍ତି । ଏ ଦାନ ଅତି ପ୍ରଶସ୍ତ ଅଟଇ ।

ରେଙ୍ଗୁନନଗରରୁ ଆସିଥିବା ଗତମାସ ତା ୧୦ ରଖର ତାରସମ୍ବାଦରୁ ପ୍ରକାଶ ଯେ ବର୍ମାରେ ସ୍ୱାଧୀନ ଓ ଉପନିବେଶ ଯେଉଁ ଦୁର୍ଭିକ୍ଷ ପ୍ରବର୍ତ୍ତିତ ହୋଇଅଛି ତାହା ସେଠାରେ ଚଳିବାର ନିମିତ୍ତ ରହିବା ଅବସ୍ଥାରେ ଆସାମୀ ବର୍ଷକୁ ଗୋଟିଏ ଇଲାକା ଏବଂ ଉପନିବେଶ ନିମିତ୍ତ ସ୍ଥିର ସ୍ଥାପିତ ହେବାର ସ୍ଥିର ହୋଇଅଛି ।

### ଜଗତସିଂହପୁର ସମ୍ବାଦ ।

ଶ୍ରୀଶ୍ରୀ ଲକ୍ଷ୍ମୀ ଠାକୁରାଣୀ ଗୋଟିଏ ଷୋଳସାହିର ପ୍ରତିଷ୍ଠା କରିଥିବା ବିଷୟ ଗତସପ୍ତାହରେ ପାଠକମାନଙ୍କୁ ଜଣାଇଥିଲୁଁ, ପୁନର୍ବାର ସେ ଗୋଟିଏ ବାଟକାକୁ ସୁନ୍ଦର ରୂପେ ପ୍ରସ୍ତୁତ କରିଅଛି । ମୁସଲମାନ ହାତରେ ମାଡ଼ଖାଇ

Digitized by srujanika@gmail.com

ବାଉଳାଟି ନାଟରୁଣ୍ଟା ହୋଇଅଛି ; ତାହାର ତତ୍ତ୍ୱାବଧାରକ ପୋଲିସରେ ସମ୍ବାଦ ଦେଇଅଛି । ଆମ୍ଭେମାନେ ଅଉ ବାର-ମ୍ବାର ଲେଖିବାର ପ୍ରୟୋଜନ ନାହିଁ । ବଙ୍ଗୀୟ କର୍ମଚାରୀ-ମାନେ ଅନୁଗ୍ରହ କରି ଦୃଷ୍ଟିପାତ କରିବେ ।

ରଘୁନାଥପୁରର ଏକମହାଜନ ଜଣେ ତେଲୀକ କେତେକ ଟଙ୍କା ଋଣ ଦେଇଥିଲା । ଟଙ୍କା ଆଦାୟ ହେବାର ଲକ୍ଷଣ ଦେଖି, ସେ ଖାତକ ନିକଟକୁ ଗୋଟିଏ ମେହେନ୍ତରକୁ ପିଆଦା ସ୍ୱରୂପ ପଠାଇ ତାକୁ ବେଇଜତ କରାଇଲା । ଏହି କାରଣରୁ ତେଲିର ଜ୍ଞାତିବର୍ଗ ତାହାକୁ ଏକଘରିଆ କରିଅଛନ୍ତି । ଏରୂପ ଘଟନା ଅତ୍ୟନ୍ତ ଶୋଚନୀୟ ଅଟେ । ଏଥିର ପ୍ରତୀକାର ହେବା ଅତ୍ୟନ୍ତ ଆବଶ୍ୟକ ।

ମୋଫସଲରେ କୁମାରପୂର୍ଣ୍ଣିମା ଦିନ ଅନେକ ଘର ଗତା-ଯାତ କରନ୍ତି ଏହି ହେତୁରୁ ନଦୀଘାଟର ମାଝିମାନଙ୍କୁ ପୌଷ-ମାସ ପଡ଼ିଯାଏ । କେହି ୫୦/ ସ୍ଥଳରେ ୫୦୵ ନେଇସୁଦ୍ଧା ନାନାପ୍ରକାର ଅତ୍ୟାଚାର କରନ୍ତି । ରଘୁନାଥପୁର ନିକଟବର୍ତ୍ତୀ ମହାନଦୀ ଘାଟିଆ ଲୋକମାନଙ୍କ ଦ୍ୱାରା ନାନାପ୍ରକାର ଅସଦ୍-ବ୍ୟବହାର କରିଥିଲା । ସେ ଉପଯୁକ୍ତ ମାସୁଲ ନେଇସୁଦ୍ଧା ନଉକା ଉପରୁ କେତେଗୁଡ଼ିଏ ଘର ଫୋପାଡ଼ି ଦେଇଥିଲା ଏବଂ ନଜେ ତହିଁର କିୟଦଂଶ ଅପହାର କରିଥିଲା । ଏହି ଘଟନା କେତେଗୁଡ଼ିଏ ଭଦ୍ରଲୋକଙ୍କ ସମ୍ମୁଖରେ ଘଟିଥିଲା । ଦୁଇ ପଇସା ଦେଇ ନୀଚଲୋକଠାରୁ ଅପମାନ ଏବଂ କଷ୍ଟ ପାଇବା ସାମାନ୍ୟ ଦୁଃଖର ବିଷୟ ନୁହେ । ଏହା ନିବାରଣର କି କୌଣସି ଉପାୟ ନାହିଁ ?

ଗୃହାଙ୍ଗ ନିକଟବର୍ତ୍ତୀ ନାଳରେ କେତେକଲୋକ ବୁଡ଼ିଯା-ଇଥିବାର ଗତ ସପ୍ତାହରେ ପାଠକମାନଙ୍କୁ ଜଣାଇଅଛୁଁ । ମୃତ୍ୟୁର ପରଦିବସ ସନ୍ଧ୍ୟାବେଳେ ପୋଲିସସବ୍‌ଇନ-ସ୍ପେକ୍ଟର ତଦନ୍ତ କରି କେବଳ ଗୋଟିଏ ଶବ ପ୍ରାପ୍ତ ହେଲେ । ଅନ୍ୟ କାହାର ସନ୍ଧାନ ପାଇଲେ ନାହିଁ ।

ରଘୁନାଥପୁର ନାଳଘାଟରେ ସାଙ୍କୋଚ୍ଛିର ନ ଥିବାରୁ ପଥିକ ଏବଂ ଗ୍ରାମବାସିମାନଙ୍କ ଗତାୟାତ ପକ୍ଷରେ ବଡ଼ ଅସୁବିଧା ଘଟିଅଛି । କର୍ତ୍ତୃପକ୍ଷୀୟମାନେ ଶୀଘ୍ର ଏହି ଅଭାବ ଦୂରୀକରଣାର୍ଥେ ତତ୍ପର ହେବେ ।

ବାବୁ ବ୍ରଜକୁମାର ରାୟ ଏବଂ ରାଜକୁମାର ରାୟ, ମାଧପୁର ପ୍ରାଇମେରିବିଦ୍ୟାଳୟକୁ ୫ ୨୯ ପ୍ରଦାନ କରିଅଛନ୍ତି । ଏହା ସାମାନ୍ୟ ସାମାନ୍ୟ ବିଷୟ ହେଲେସୁଦ୍ଧା ବାବୁଦ୍ୱୟଙ୍କ ମନ ଶିକ୍ଷାକାର୍ଯ୍ୟ ଆଡ଼କୁ ଥିବା ଅତ୍ୟନ୍ତ ସୁଖର ବିଷୟ ।

## ଯାଜପୁର ସମ୍ବାଦ ।

ଏବର୍ଷ ଦୁର୍ଗୋତ୍ସବପର୍ବ ଏସ୍ଥାନରେ ଉତ୍ତମରେ ନିର୍ବାହ ହୋଇଯାଇଛି । ସପ୍ତମୀଠାରୁ ନବମୀ ପର୍ଯ୍ୟନ୍ତ ବୃଷ୍ଟି ବନ୍ଦ ଥିବାରେ ଯାତ୍ରିଙ୍କ ପକ୍ଷରେ ବିଶେଷ ସୁବିଧା ହୋଇଥିଲା । ବିସ୍ମୟ-ଠାକୁରାଣୀଙ୍କ ରଥ କି ୨ କ ମାତ୍ର ଚଳିଥିଲା । କେତେକ-ଗୋଟି ଡଳ ଭଗ୍ନ ହୋଇଯିବାରୁ ନବମୀଦିନ ରଥ ଚଳନା ନ ହେବାରେ ଦର୍ଶକମାନେ ହତାଶ ହୋଇଥିଲେ । ବିଜୟା-ଦଶମୀ ଦିନ ରାତ୍ରରେ ବହୁପରିମାଣ ଜଳବୃଷ୍ଟି ହେବାରୁ ଦେବୀପ୍ରତିମାମାନଙ୍କ ଜଳଯାତ୍ରୀ ହେବା ସମୟେ ବିଶେଷ ସମାରୋହ ହୋଇପାରି ନ ଥିଲା ।

ଏବର୍ଷ ଯେପରି ବୃଷ୍ଟି ହୋଇଅଛି ତଦ୍ୱାରା ଫସଲ ଅବସ୍ଥା ବିଶେଷ ଉତ୍ତମ ହୋଇଅଛି କେବଳ ଉଚ୍ଚ ଫସଲପ୍ରାୟ ବନ୍ଦ ଅନିଷ୍ଟ ହୋଇଥିବାର ଶୁଣାଯାଏ ।

ବର୍ତ୍ତମାନ ଏ ଅଞ୍ଚଳରେ ଜ୍ୱରରୋଗର ବିଶେଷ ପ୍ରାଦୁର୍ଭାବ ହୋଇଅଛି

ମହାମାନ୍ୟ ଶ୍ରୀଯୁକ୍ତ ଶ୍ରୀ କମିଶ୍ନର ସାହେବ ଗତ-କାଲି ଅପରାହ୍ନ ଗୃହକୁ ଯିବା ସମୟେ ଏ ନଗରରେ ପ୍ରବେଶ ହୋଇ ରାତ୍ର ଆଠ ବାଜିବା ପର୍ଯ୍ୟନ୍ତ ସବ୍‌ଡିଭିଜନ ଟ୍ରେଜରୀ ଓ ରିଜିଷ୍ଟ୍ରୀ ଓ ଜେଲଖାନା ପ୍ରଭୃତି ତଦନ୍ତ କରି ରାତ୍ରି ନଅ-ବାଜିବା ସମୟେ ସାହେବ ମହୋଦୟ ନୌକାରୋହଣ କରି ଗୃହବାଲି ଅଭିମୁଖେ ଏ ସ୍ଥାନରୁ ପ୍ରସ୍ଥାନ କଲେ ।

## ମୟୂରଭଞ୍ଜର ସମ୍ବାଦ ।

ବଙ୍ଗଳାଗଭର୍ଣ୍ଣମେଣ୍ଟଙ୍କର ଦଲିଲ ଦେଖି ରାଉତରାୟ ବାବୁ ବାରିପଦା ଫେରିଯାଇ ଅଛନ୍ତି । ଶୁଣାଯାଉଅଛି ଯେ ଲେଟରାୟ ବାବୁ ଦୁଷ୍ଟମର୍ଦ୍ଦିର ତଦାନ୍ତ ଏବେ ବୁଝି ପାଉଅଛନ୍ତି ସେ ବାରିପଦାକୁ ଯାଇ ମ୍ୟାନେଜର ସାହେବଙ୍କ ସହିତ ଏକ-ଯୋଗରେ ନାବାଳକ ଭ୍ରାତୃଷ୍ପୁତ୍ରର ସମ୍ପତ୍ତି ରକ୍ଷା କରିବାକୁ ଯତ୍ନବାନ୍ ହେବେ । ସ୍ୱର୍ଗୀୟ ମହାରାଜା କୃଷ୍ଣଚନ୍ଦ୍ରଭଞ୍ଜଙ୍କର ମୃତ୍ୟୁଉପର କେହି କହୁଥିଲେ ଯେ "କଂସସାଗ ପ୍ରଜା ଅନ୍ନ-ର ଜମିଦାରୀ" କେହି ବା କହୁଥିଲେ "ନସ୍ୟାଳୀୟାନ ଗାୟର ସମ୍ପତ୍ତି ।" ଯଦି ଲେଟରାୟ ବାବୁ ମ୍ୟାନେଜର ସହିତ ଏକମତ ହୋଇ କାର୍ଯ୍ୟ କରନ୍ତି ତେବେ କେହି ନାବାଳଗ ସମ୍ପତ୍ତିରେ ହସ୍ତକ୍ଷେପ କରିପାରିବେ ନାହିଁ ।

ମ୍ୟାନେଜର ସାହେବ ବାମନଘାଟି ଡିସ୍‌ପେନସରୀ ( Dispensary ) ପରିଦର୍ଶନ କରି ଅତ୍ୟନ୍ତ ସନ୍ତୁଷ୍ଟ ହୋଇ ଅଛନ୍ତି । ସେ ଏଠାକାର ଏକ୍‌ଟିଂ କମ୍ପାଉଣ୍ଡର ( Compounder ) ଙ୍କୁ ବାବୁ ଗୋପାଳଲାଲ ଗୁପ୍ତଙ୍କୁ ବାରିପଦା ହାସ୍‌ପାତାଳର କମ୍ପାଉଣ୍ଡରପଦରେ ସ୍ଥାୟୀରୂପେ ନିଯୁକ୍ତ କଲେ ।

## ରଘୁପୁରସମ୍ବାଦ ।

ଗତ ସେପ୍ଟେମ୍ବରମାସ ତା ୨୬ ରିଖଠାରୁ ଆଜପର୍ଯ୍ୟନ୍ତ ଏ-ଅଞ୍ଚଳରେ ଅତି ପ୍ରଚୁରବୃଷ୍ଟି ପତନ ହୋଇଅଛି ଯେମନ୍ତ କି ଏଥିପୂର୍ବେ ବ ୧୦ ବର୍ଷରେ ଦେଖା ନ ଥିଲା ଏହାଦ୍ୱାରା ଅନେକ ଗୃହର କାନ୍ଥ ନଷ୍ଟ ଏବଂ ଲୋକଙ୍କର ନାନା କଷ୍ଟ ହୋଇଅଛି ଧାନଫସଲ ସକାଶେ ଆଉ ବୃଷ୍ଟି ନ ହେଲେ ସୁଦ୍ଧା ଅବଶ୍ୟକ ହେବ ନାହିଁ ।

ଶ୍ରୀ ରାଜା ସାହେବ ଅକଲୁ ମା ୪ ସପ୍ତାହ ପୀଡ଼ିତହୋଇ ଇତିମଧ୍ୟରେ ଆରୋଗ୍ୟଲାଭ କରିଥିଲେ ପୁନଶ୍ଚ ପୂର୍ବୋକ୍ତ ବେମାରିଦ୍ୱାରା ପୀଡ଼ିତ ହୋଇଅଛନ୍ତି ଯେହେତୁ ଦେଓ୍ୟାନ-ମହୋଦୟ ଦଶହରା ଅବକାଶରେ ଗୃହକୁ ଯାଇଥିବାରେ ନାହିଁ ଭଜନୀୟ ରାଜାମାନଙ୍କ ମଧ୍ୟରୁ ଏପରି ଧର୍ମଜ୍ଞ ଓ ଉଦା-ରପ୍ରକୃତି ରାଜାଙ୍କ ଦୃଶ୍ୟ ଅତି ବିରଳ ଜଗଦୀଶ୍ୱର ରାଜା-ମହୋଦୟଙ୍କୁ ଆରୋଗ୍ୟଲାଭ କରାଇବୁ ଏହିକ ପ୍ରାର୍ଥନା ।

ଏବିଷ୍ଟାର ଦେଓ୍ୟାନ ମହୋଦୟଙ୍କ ଯତ୍ନ ଓ ପରିଶ୍ରମଦ୍ୱାରା ଯେଉଁ ବନ୍ଧମାନ ପ୍ରସ୍ତୁତ କରା ହୋଇଅଛି ସେବନ୍ଧମାନ ଏପରି ଶକ୍ତ ହୋଇଅଛି ଯେ ଏତେହୁର ବର୍ଷାରେ ସୁଦ୍ଧା ଟିକିଏମାତ୍ର ଭାଙ୍ଗିଯାଇ ନାହିଁ ତାହାମଧ୍ୟରୁ ଗୌରାଙ୍ଗପୁର ବନ୍ଧ ସର୍ବପ୍ରଧାନ ଅଟେ ଏବଂ ତଦୁର୍ଦ୍ଧ୍ୱସ୍ଥିତରେ ଯେ ଜଳ ସଂଗୃହୀତ ହୋଇଅଛି ସେ ଜଳ ଦର୍ଶକବୃନ୍ଦଙ୍କର ନୟନରଞ୍ଜନ କରାଉଅଛି ତାହା-ମଧ୍ୟରୁ ଏକଗୋଟିନାଳ ଗଡ଼ତଳେ ଖୋଳାହୋଇ ଯାଇଅଛି ସେ ନାଳରେ ସମସ୍ତ ଗଡ଼ନିବାସୀ ଅବଗାହନ କରୁ ଅଛନ୍ତି ଏଠାରେ ପୁଷ୍କରିଣୀ ଜଳ ଛଡ଼ା ନଦୀଜଳ କିଛି ନ ଥିଲା କିନ୍ତୁ ଦେଓ୍ୟାନ ବାବୁଙ୍କ ଯତ୍ନ ଓ ପରିଶ୍ରମରୁ ଏସମସ୍ତ ସୁବିଧାହୋଇ ଅଛି ।

ଗଡ଼ଠାରୁ ଯାଇଥିବା ମୁନ୍ଦାଖଣ୍ଡାପର୍ଯ୍ୟନ୍ତ ସଡ଼କର କାର୍ଯ୍ୟ ପ୍ରାୟ ଶେଷହେଲାଣି ମଧ୍ୟ ୨ ରେ ମାଟିକାର୍ଯ୍ୟର କିଛି ବାକି ଅଛି ଏହାଦ୍ୱାରା ବାଣିଜ୍ୟର ସୁବିଧା ଅତିଶୟ ହୋଇ ଅଛି ।

ଏବିଷ୍ଟାର କଚେରୀ ଦଶହରା ଉପଲକ୍ଷରେ ଏକ-ମାସ ବନ୍ଦ ହୋଇଅଛି ଏବଂ ପିଛିଲା କାର୍ଯ୍ୟ ବାକି ନାହିଁ ।

ଏବିଷ୍ଟାର ଦଶହରା ପର୍ବ ଅତି ଆଡ଼ମ୍ବରସହକାରେ ସମ୍ପୂର୍ଣ୍ଣ ହୋଇଅଛି ।

ଗତବର୍ଷ ଫସଲ ନଷ୍ଟ ସମ୍ପ୍ରତି ଲୋକମାନଙ୍କୁ ବାଧୁଅଛି ନୂତନଫସଲ ଅମଳ ନ ହେବା ପର୍ଯ୍ୟନ୍ତ ଏପରି ବାଧା ହେବ । ଅନ୍ନାଭାବରୁ ଇତରଲୋକେ ଜଙ୍ଗଲମଧ୍ୟରୁ ଟୁଙ୍ଗା କଡ଼ବା-ପ୍ରଭୃତି ଖୋଳିବା ଏବଂ ଶଡ଼ପଗଛ ଶାଁସ କାଟି ଖାଇବାଦ୍ୱାରା ପ୍ରାଣରକ୍ଷା କରୁଅଛନ୍ତି ସମ୍ପ୍ରତି ରକ୍ଷିତ ଜଙ୍ଗଲ ମଧ୍ୟରୁ ସମସ୍ତଙ୍କୁ ଟୁଙ୍ଗା ଓ କଡ଼ବା ସକାଶ ଛଡ଼ିଦିଆ ଯାଇଥିବାରୁ ବିଶେଷ ଉପକାର ହୋଇଅଛି ଏବଂ ଲୋକେ ଦେଓ୍ୟାନ ବାବୁଙ୍କୁ ବିଶେଷ ଧନ୍ୟବାଦ ଦେଉଅଛନ୍ତି ।

## ପତ୍ରପ୍ରେରକଙ୍କ ପ୍ରତି ।

**କେହି ଜଣେ ଦର୍ଶକ—ଲେଖକଙ୍କ ସ୍ୱାକ୍ଷର ଓ ପରିଚୟ ନ ଥିବାରୁ ପ୍ରକାଶ ହେଲା ନାହିଁ ।**

**ସତ୍ୟ ବକସିବଜାର ନିବାସୀ—ନଗରର ସବୁ ବଜାର ଓ ଗଳିରେ ମିଉନିସିପଲ ଆଲୁଅ ଦିଆ ଯାଇଥିବା ସ୍ଥଳେ ବକସିବଜାରରେ ତାହା ଦିଆଯାଇ ନ ଥିବାରୁ ଦୁଃଖ କରୁଅଛନ୍ତି । କିନ୍ତୁ ବାସ୍ତବରେ ସମସ୍ତ ବଜାର ଓ ଗଳିରେ ଆଲୁଅ ଦିଆ ଯାଇ ନାହିଁ । ତଥାଚ ମିଉନିସି-ପାଲିଟିରେ ଦରଖାସ୍ତ କରିବା ଉଚିତ**

**ଗୋଲକଧନ୍ଦା—ଆଗାମୀ ପତ୍ରିକାରେ ।**

## ପ୍ରେରିତପତ୍ର ।

**ପ୍ରେରିତପତ୍ରର ମତାମତ ନିମନ୍ତେ ଆମ୍ଭେ-ମାନେ ଦାୟୀ ନୋହୁ ।**

ଶ୍ରୀଳ ଶ୍ରୀଯୁକ୍ତ ଉତ୍କଳଦୀପିକାସମ୍ପାଦକ ମହାଶୟ-

ସମୀପେଷୁ

ମହାଶୟ !

ଅଧଃ ଲିଖିତ କତିପୟ ପଂକ୍ତିକୁ ଆପଣଙ୍କ ସୁବିଖ୍ୟାତ ପତ୍ରିକାରେ ସ୍ଥାନଦାନ କଲେ ଚିରୋପକୃତ ଲାଭ କରିବୁଁ ।

ଜି: ସମ୍ବଲପୁର ଟି: ଚନ୍ଦ୍ରପୁର କ୍ଲାବରା-ଅନ୍ତର୍ଗତ ମୌ: ମୁଦ୍ରାଯୋଡ ଗ୍ରାମସ୍ଥିତ ଏକ ପାହାଡ଼ରୁ ୩୬ ଫୁଟ, ୧୬ ଫୁଟ ଲମ୍ବ ଥିବା ଦୁଇଗୋଟା ପାଷାଣ ତା ୧୦-୧୦-୧୮୮୬ ରି: ଦିନ ଉକ୍ତ ପର୍ବତରୁ ଅଧଃପତିତ ହୋଇଅଛି; ଏବଂ ଏହି ଇଲାକା ଅନ୍ତର୍ଗତ ଅଡ୍ଡାର ନାମକ ପାହାଡ଼ର ଶିଖରଦେଶ ବିଦୀର୍ଣ୍ଣ ହୋଇ ୩ ଏକର ସ୍ଥାନ ଫାଟି:ଲଗାମି ହୋଇଅଛି; କି-କାରଣରୁ ଏପରି ଭୟଙ୍କର ବିଷୟ ଘଟନା ହେଲା, ଏହି ବିଷୟ ହୃଦୟକୁ ଦୁରନ୍ତ ଚିନ୍ତା-ଜ୍ୱାଳାରେ ନିମଗ୍ନ କଲା ଅତଏବ ସବିନୟ

Split by PDF Splitter

Digitized by srujanika@gmail.com

ପ୍ରାର୍ଥନା ଯେ; ସର୍ବଶାସ୍ତ୍ରଦର୍ଶୀ ପାଠକ ମହାଶୟମାନେ ସତ୍ୟପ୍ରଦଶ ବୃତ୍ତାନ୍ତଟିରେ ଭ୍ରମ ଅଛି ତାକୁ ବିଦୂରିତ କରି ବାଧିତ କରିବାହେବେ ଇତି।

୧୪।୧୦।୮୬ } ଦାମୋଦର ଦାଶ।
ଜିଃ ସମ୍ବଲପୁର } ହେଃ ମାଷ୍ଟର କୁଚିଣ୍ଡା

---

ମହାଶୟ !

ଅଧଃପ୍ରକଟିତ କେତେକ ପଂକ୍ତିକୁ ଆପଣଙ୍କ ଜଗଦ୍ବନ୍ଧୁ ଉତ୍କଳଦୀପିକାରେ ସ୍ଥାନଦାନ ପୁରଃସର ସର୍ବତ୍ର ପ୍ରଚାର କଲେ ଉପକୃତ ହେବୁଁ।

ବରଗଡ଼ରେ ହୋଇଥିବା ଗଣେଶ—
ଯାତ୍ରା ବର୍ଣ୍ଣନ।

ପ୍ରଥମ ଖଣ୍ଡ। ଶ୍ରବଣଭୂଷଣ।

ଜୟ ଜୟ ବିଘ୍ନରାଜ ଲମ୍ବୋଦର। ବିଘ୍ନ ବିନାଶନ ଦେବ ଗଉରୀନନ୍ଦନ।୧। ଅଯୋନି-ସମ୍ଭବ ଯେ ଦକ୍ଷିଣଦିଗପାଳ। ସର୍ବଦା ସିନ୍ଦୂର-ବିନ୍ଦୁ ଶୋଭିତ କପାଳ।୨। ଶିବଙ୍କ ନନ୍ଦନ ସ୍ଥୂଳ ମୂଷିକବାହନ। ଅମ୍ବିକା ଉତ୍ସଙ୍ଗରେ ସଦା ଖେଳ ହୁଏ ମନ।୩। ରକ୍ତପଦ୍ମମାଳା ଭକ୍ତବତ୍ସଳ। ବକ୍ରତୁଣ୍ଡ ଗର୍ବିଗର୍ବମର୍ଦ୍ଦନ।୪। ଭୁମର ଅଙ୍କରେ ମୂର୍ଖେ ହୁଅନ୍ତି ପଣ୍ଡିତ। ଦୁଃଖୀର ପ୍ରାର୍ଥନା ଯେତେ କର ପୂର୍ଣ୍ଣ।୫। ତବ ଗୁଣବର କଥ କହିବ ବର୍ଣ୍ଣିନ। ଯେତେ ସବ୍ୟସ୍ତରେ ଫଳ ଦେବ ନସ୍ତ୍ରନ।୬। ସମ୍ବଲପୁର ଜିଲ୍ଲାର ଦକ୍ଷିଣଭାଗରେ। ନାମ ଅଟଇ ଯା ବରଗଡ଼ ଯେ ନଗର।୭। ଏ ନଗର ବିଦ୍ୟାଗାର ଯେ ପ୍ରସିଦ୍ଧତର। ଅଧିଅଧୀଶ ଶ୍ରୀ ମାଧବଚନ୍ଦ୍ରଙ୍କର।୮। ବିଦ୍ୟାବନ୍ତ ଯଶୋବନ୍ତ ମଧ୍ୟରେ ଅଗ୍ରଣୀ। ଜମିଦାରୀ ମଧ୍ୟରେ ଏ ପ୍ରଦେଶ ଗଣି।୯। ଯେଉଁ କଥିବେଟି ଏହି ଶ୍ରୀଦ୍ରବମାସରେ। କଲେକ ଗଣେଶ ଯାତ୍ରା ଜୟଜଉତ୍ସବରେ।

---

ଦ୍ୱିତୀୟ ଖଣ୍ଡ। ରାଗ ଦେଶାକ୍ଷ।

ଶୁଣିମା ସୁଜନ ଜନ, କରଣ ନିଶ୍ଚୟ ମନ, ପ୍ରବେଶ ଭାଦ୍ରବ ମାସ ହେଲା ଜଗତରେ। କ୍ରମେ କୃଷ୍ଣପକ୍ଷ ଗଲା, ଶୁକ୍ଳପକ୍ଷ ଆସି ହେଲା ଗଣେଶ-ଚତୁର୍ଥୀ ବୁଧବାରରେ ମିଳିଲେ। ଉତ୍କଳ ସକଳ ନେମର। ଗଣେଶ ଯାହା ତୁଷ୍ଟ କଲେ ତତ୍ପର ! ପାରିଷଦଙ୍କ ପ୍ରଥାରେ, ଦେବସ୍ଥାନ ଚତ୍ୱରରେ, ଲଗାଇ ଉଦର୍ଦ୍ଧେ ବସ୍ତ୍ର ଚାନ୍ଦୋଇ। ନାନାବ କାଗଜମାନ, ପୁତଳି ବୁନ୍ଦେଲି ଦେଲେ, ମଧ୍ୟରେ ମଧ୍ୟରେ ଯାସୀ ଫୁଲ ଖଞ୍ଜାଇ। ବହୁମୂଲ୍ୟ ଚାଉଁଳ ନିର୍ମିତ। ଦର୍ଶନ ମନମାନଙ୍କୁ ବଢ଼ାଇଲା ବଡ଼। ।୨। କୁସୁମକୁଞ୍ଜ ଅଣି, ନିର୍ମଳଧାର କାଞ୍ଚନ, ଚନ୍ଦ୍ରକଳେ ଅଦ୍ଭୁତ ପ୍ରତ୍ୟୂଷ କାଳରେ। ପୂଜାରମ୍ଭ ଏ ହସ୍ତରୁ, ଉତ୍କଳ ସ୍ଥାନଭିତରୁ, ବହୁ ଲୋକଙ୍କୁ କରି ଶରୀ ଦୂତରେ। କୃପାଗୁଣ ଗାଇଲେ କରଇ। ସୁସଜ୍ଜିତ ବାଦ୍ୟାଦ୍ୟର ବାଦ୍ୟ ବଜାଇ।୩। ଶଙ୍ଖ ମନ୍ତ୍ର କହିଲ, ଘଣ୍ଟି ଘଣ୍ଟା ବଜାଇ, ତାଳ ମୃଦଙ୍ଗ ସହିତେ ଢୋଲ ନିଶାଣ। ପରେ ପ୍ରାମସ୍ତୋତ୍ରଭକ୍ତର ହେଲ ଅଣସ୍ପୃଶି, ପୂଜା ଶେଷ ହୋଏ ଅତ ଭକ୍ତି କରି ମନ। ସମାଦରେ ସର୍ବେ ପ୍ରସାଦ। ପାଇଁ ଗୃହେ ଗଲେ ଅନ୍ୟ ଲକ୍ଷଣ ହୁଦ।୪। ପୂଜାମାତ୍ର ଶେଷ ହେଲା, ଯାହାର ବସ୍ତୁ ହୋଇଲା, କାରଣ ଏ ସ୍ତ୍ରୀ ମର ମରକ ବେମାସ୍ତ। ତେଣୁ କେହି ନ ଥିବନ୍ତି, ଭଜନ ଗୁରୁ ଏମଛ, ରକ୍ଷିଲେ ପୌର୍ଣ୍ଣିମୀ ପର୍ଯ୍ୟନ୍ତ ମୂର୍ତ୍ତି ସ୍ଥାନ କରି। ସେଗାବମ କେବାଗମନ। ତେଣୁ ଚତୁର୍ଦ୍ଦଶୀ ଦିନେ କଲେ ଉଦ୍ୟମ।୫। ଦଶ-ହେଷ ଦବାକର, ଅସ୍ତାଚଳଶିଖର ଅଣସ୍ପୃଶ୍ୟ ଥିଲେ ଦକ୍ଷିଣପ୍ରାନ୍ତ ମଣ୍ଡଳ। କବୁଛନ୍ତି ଦେଇ ମନ, ବହୁଦୂର ଅପୂରନ, ସଙ୍ଗେ ଯେତେ ଅଧୀନସ୍ଥ ଶିକ୍ଷକଗଣ। କର୍ଣ୍ଣିକେ ଅସଂଖ୍ୟ ମୁଖରେ। ଯାହା ନିର୍ବାହିତ ହେଲା ସେହି ଦିନରେ।୬। ଯୋଡ଼ ରମ୍ଭା ବୃକ୍ଷମାନ, ମାନବ ସୁଖବର୍ଦ୍ଧନ, କଇବାଲୁ ନ ପ୍ରସୂନ ଦେଲେ ତହିଁରେ। ଶୃଙ୍ଖଳାବଦ୍ଧେ ଶୃଙ୍ଖଳା, ବଡ଼ରେ ଭଲେ ମଣ୍ଡଳା ତ ଉତ୍ସବତୋରଣ ଉତ୍ପାଦରେ। ଭଲରେ ବଚନ ସ୍ମରଣ। ଛଅ ଘରେ ନିଷ୍ଠ ଧରି ଦଶେ ଯୋଡ଼େଇ।୭। ପାଞ୍ଚ ଦନ୍ତୁଡ଼ିର ସଂଖ୍ୟା, କର ନ କହିବ ଲେଖା, ସାଥୀ ରାହିଁଲେ ତୋରଣରେ ଲଦ୍ଦିଲା। ଦଂସାବେଷ୍ଟିତ କେ ଠାରେ ଉପବିଷ୍ଟ ସିଂହାସରେ ଗଜ ମନୁଷ୍ୟ ଉପରେ ସବିଶେଷିତ। ଦେଖିଲେ କଉଚ ସୁଷମା। କନ-ମନରେ ଉଦୟ ହୁଏ ଉପମା।୮। ମସ୍ତ-ପରେ ତ ଅକାଶ, ଅଶେଷ ହେଲା ପ୍ରକାଶ, ତାରକାବଳୀ ସଙ୍ଗରେ ଚନ୍ଦ୍ର ସଧୀରେ। ଅପରା-ହ୍ନକାଳ ଭାଣି, କଲା ଯମୁନାରେ ପୁଣି, ସଦସ୍ତ୍ର-ବଦାରେ ଦଳାସ୍ପଦେ ଶରଣ। ହୋଇ ସପ ଉତ୍ସବ ଅଶେଷ। କୁସୁମ ଦର୍ଶନ ଯହେ ଭନ କଳାଶେ।୯। କୁହିନ ଅତ୍ରମାନେଶ, ଉତ୍-ପାଦେଶ ସନ୍ନିବେଶ, ଅନ୍ୟକ୍ଷେତ୍ରେ ନର୍ତ୍ତକ ନର୍ତ୍ତକୀ ଅପାର। ତାହିଁ ହୁଏ ସୁମଙ୍ଗଳା, କେଉଁଠାରେ କୃଷ୍ଣଲୀଳା, ସଂକୀର୍ତ୍ତନ ପାଳକ ହେଲା ଅପାର। ବର୍ଦ୍ଧମାନ ସଂଖ୍ୟା କେ କରେ। ଦେଖିବା ଲୋକ ଉଧାଙ୍କୁ କରିଡ଼େରେ।୧୦।

---

ତୃତୀୟ ଖଣ୍ଡ। ରାଗ ରଙ୍ଗଦୋଇଲା।

ଏମନ୍ତେ ଉତ୍ସବ ହୁଏ ଆରମ୍ଭ। ଦର୍ଶକ ଲୋକଙ୍କ ଟେ ନ ହୁଏ ଦମ୍ଭ। କେତେ ଅଗ୍ରେ-ଭଲେ ଧାମନ୍ତି ଗରେ। ପ୍ରବେଶ ହୁଅନ୍ତି ନୃତ୍ୟ-ଯାତାରେ ସେ। କେହି ନାଶି ମଣ୍ଡାରେ ଯେ। ଗୁହେ ବାଳକ ଭାଗ କରି ଥାନ୍ତି ପୁରୁଷ ଝିଅଙ୍କ ପଥରେ।୧। ସମୀପ ଗ୍ରାମକୁ ଆସନ୍ତି ଜନ। ଶୁଣିଥିଲା ଯଥା ଯେତେ ଦୂରର। ଯାହାଜନଗର ସୀମାରେ ସ୍ଥାନ ନାହିଁ। ପବନ ଅସିବାଭୁ ବାଟ ନାହିଁ ସେ। ମତ୍ତ ପଡ଼ନ୍ତି ସକଳେ ଯେ। ପୁଲିସ ସହାୟ ଥିବାରୁ ତାହାଙ୍କୁ ଅଭାନ୍ତ କଷ୍ଟ ହେଲେ।୨। ଏମନ୍ତେ ଉତ୍ସବ ହୁଅଇ ଭଣ୍ଡ। ପ୍ରଫୁଲ୍ଲ ହୁଅନ୍ତି ନରଙ୍କ ମନ। ତତ୍କାଳ ସ୍ୱର୍ଗେ ଚନ୍ଦ୍ରୋଦୟ। କୁଳଜେ ଲୋକଙ୍କ କଷ୍ଟ ହୁଏ ସେ। ଅତଏବ ଦର୍ଶନେ ଯେ। କଉଳକ୍ରଦେବ କନର୍ଜିକୁ ଦେଖିଲେ ଅଦ୍ଭୁତ ଗୁଣର ବହନ ଯେ।୩। ନଟ୍ଟକର ବାଳବ୍ୟୂହ ଭଣେ। ସ୍ୱରଅଟ୍ଟେ ପୁଣି କନ୍ୟର ଜଣେ। ତହିଁରେ ଅଲଙ୍କାର ନାନାବିଧ ଦୁର୍ଗା ଶିବମୂର୍ତ୍ତି ଯେତେ ଅପୂର୍ବ ସେ। ନାନା ଭକ୍ତିଶ୍ରୀ ଭୂଷଣ ଯେ। ବାଦ୍ୟଡ଼ମ୍ବରରେ କବୁଶିତ ହୋଇ ଦେଖାଯାଏ ପ୍ରଭୃତି।୪। ଧେନୁକା ବଜାଇବ କଂସାସୁର। ସର୍ବମଙ୍ଗଳା ଧରି ମୂର୍ତ୍ତିମାନ। ଅସନ୍ତି ବସ୍ତ୍ରୀ ଉଠ ମହୋତ୍ସବେ, ଦେଖିଣ ଲୋକେ ଥାନନ୍ତି ପ୍ରଶଂସେ ସେ। କାମ୍ୟବାନ୍ଧ ଅମ୍ଭେ ପୁଣ। ବସ୍ତ୍ରେ ବେଶ ଧରି ତର୍କା କରୁଥାଇଁ ମଣ୍ଡଳୀ ମଧ୍ୟେ ପଶିଣ।୫। କ୍ରମରେ ଯାମିନୀ ହୋଇଲା ଶେଷ। ଧୀରେ ନଭ ଅସେ ପ୍ରତ୍ୟୂଷ। ଦଇବବଶେ ଉତ୍ସବ ଗଢ଼ର। ମନର ଉଲ୍ଲାସ କରେ ଅଧୀର ସେ। ଉତ୍ସବ ହେଲେ ବାସ୍ତସେ ଯେ। ସ୍ୱପ୍ନ ହେଲେ ଧୀରେ କାଗ୍ରତ କାରେ ପଳାଇ ନଭ ଅହାସେ ଯେ।୬। କରୁଛେ ତାରକାପନ୍ତି ଉଲ୍ଲକ, ଭାନୁଙ୍କ ଅନେଷ୍ଟ ପାପ ମଳିନ। ବିବେକ ବହଣଦ ଦେବଗଣ ଏକ। ଗଣେଶ ଅପେକ୍ଷା। ବାଦ୍ୟନାଦ ସେ। ବାଜବେ କହେ ସେବକ ଯେ। ପ୍ରଭାତରେ ପାଳମଣିଙ୍କ ପ୍ରଭବ ପ୍ରକାଶେ ଅବନ୍ତି କହି।୭।

---

ଚତୁର୍ଥ ଖଣ୍ଡ। ରାଗ କଲ୍ୟାଣ ଅହାରୀ।

ଶୁଣିମା ସୁଜନ, ହୋଇଣ ସୁଜନ, ଉତ୍ସା-

Split by PDF Splitter
Digitized by srujanika@gmail.com

Split by PDF Splitter



କାଳ ହୋଇବାର । ଦେଖି ସୁମନ ସୁମନରେ ଅଧିକ ଭ୍ରମଣେ ଉତ୍ସୁକ ନଗର । ପୂଜନେ । ଶୁଦ୍ଧ ଇଏ ପରସ୍ପରକେ । ଦେବମୂର୍ତ୍ତିପ୍ରଭ ଧାଡଧାଡ଼ିକର ଚଳାନ୍ତି ଦକ୍ଷିଣାର୍ଦ୍ଧ ମୁଖେ । ୧ । ଅଙ୍ଗରେ ଚନ୍ଦନ, ପିନ୍ଧନ୍ତା ବସନ, ସ୍ନାନ ତପସ୍ୱିନୀବୃନ୍ଦ । ସିନ୍ଦୂର ତିଳକ ଭଙ୍ଗୀପରେ ଶୋଭ ଛୁଅଇ ମନରେ ଏ ଖ୍ୟାତି । ପୂଜିଲେ । ଶିଷ୍ୟବୃନ୍ଦଙ୍କ ସଙ୍ଗରେ । ସକଳ ସ୍ତୋତ୍ର ପଢନ୍ତି ମାଉଣ ଯିବାରୁ ସେ ଗୁଞ୍ଜଅଇ । ୨ । ନିଜକଳେବର, ଦେଖି ଇନ୍ଦ୍ରାକର, ଶଙ୍ଖଶବ୍ଦା ସମ୍ବରେ । ଦୁମ୍ଫ ଘାବନ, ଲୋକଙ୍କୁ ଉଦୟ, ବର୍ଣ୍ଣି କରିବାର ଛନ୍ଦରେ । ପୂଜନେ । ନନ୍ଦୀଭୃଙ୍ଗିଙ୍କୁ ଆଦେଶ । ଅନ୍ତର ଭୂତବେତାଳ ଋଷିମାନଙ୍କୁ କର ସନ୍ନିବେଶ । ୩ । ଗମନକାଳରେ ସ୍ୱଭାବ ହାରିରେ, ଗୃହବାସୀ ଏ ପକ୍ଷନ୍ତି । ଦେବ ବଳାହକ, ଏ ଶୁଦ୍ଧ ଶିକ୍ଷକ, ଯେମନ୍ତେ ମଙ୍ଗଳେ ରହନ୍ତି । ସକଳେ କରୁଛନ୍ତି ଏହି ପ୍ରାର୍ଥନା । ଦଇଗତ ନରନାରୀ ବାଳବୃଦ୍ଧ ମୁଗ୍ଧ ହୁଏ ଏହି ଭବନା । ୪ । ପୁରବାସିନୀ କାମିନୀଗଣମେଳ ଦେଖନ୍ତି ଅତ୍ୟନ୍ତ ହରଷେ । ଚରଣେ ଅଳତା, ଭୂଷଣେ ଭୂଷିତା, ଦେହେ ଅଙ୍ଗରାଗ ସୁବାସେ । ବସନ । କେହୁ ମୁକୁତା କରସ୍ଥି । ଜାନ୍ଧବାଘାତ, ଅବକାଶ ନ ପାଇ ପ୍ରାଙ୍ଗଣେ ଉଭାହେଲ ଆସି । ୫ । ପ୍ରାସାଦପରେ, ସଖୀରେ ସମାବରେ, ଯାଇଣ କଲେ ଅବେଦନ । ଗବାକ୍ଷ ରନ୍ଧ୍ରରେ ଲୋକଙ୍କ ଗହଳ ଦେଖି କେଲନ୍ତି ଧନ୍ୟଜୀବନ । ବଧୂଟି । ସବାଙ୍ଗେ ଦେଇଥିଲେ ଅଣ୍ଠି । ମନ ପୂର୍ତ୍ତିକର ଏମାନ ଦେଖିଣ ପାପ ନଶନ୍ତା ଆଗେ ସଖି । ୬ । ଏତେ ମନୋହର, ଦେଖନ୍ତେ ଚତୁର, ଉଦ୍‌ଦୀପ୍ତହୁଅଇ ଜାଣ । ଉତ୍ସବ ଦର୍ଶନରେ ଉତ୍ସୁକମନ, ହୋଇଣ ଦେବେ ଅବତୀର୍ଣ୍ଣ । ଯେଣଣ । ନବ ଅଙ୍ଗନା ସଙ୍ଗତରେ । ସୁ ଧବଳ ଗୃହମାନ ନିର୍ମଇ ବହୁଛନ୍ତି ବାଦ୍ୟାନ୍ତରେ । ୭ । ଏରୂପରେ ନୃତ୍ୟ, ଯେତେ ଛଅଜାତ, ବର୍ତ୍ତିଲେ ହେବ ଅଶେଷ । ମୃଷର କ ଉହିଁ ଗଳନ ହେବର୍ଘ, ବର୍ତ୍ତିବ ବା ଶେଷ ଲେଖ । ଜନରେ । ନଗର ଭ୍ରମଣ ସାରଣ । ଦକ୍ଷପାର୍ଶ୍ୱ ଦନମଣିଙ୍କ ଚରଣ ଅବନ୍ଦ୍ୟ ସମସ୍ତେ ଜାଣିଣ । ୮ । ନଗର ଇଚ୍ଛରେ, ପଶିଣ ସହଚେ, ଦେବମୂର୍ତ୍ତି ପ୍ରସ୍ତଭରେ, ଜୟ । ନାରାୟଣ ନାମ ମୁଖରେ କୀର୍ତ୍ତନ, ସବାଦ ସମ୍ବରଣ ସାର । ଗୃହରେ । ପ୍ରବେଶ ଦର୍ଶ ବଶାଦରେ । ଗଣେଶ ପାଦତଳେ ପଡ଼ି ଭୂମିର ବଡ଼ଗାଳ କାନ୍ଦ ସଦ୍ୟରେ । ୯ ।

ଇତ୍ୟାଦି

ଶ୍ରୀ ଭଗବାନ ନନ୍ଦଶର୍ମଣ ଦ୍ୱିତୀୟ ପଣ୍ଡିତ ଟାଉନ ସ୍କୁଲ ବରଗଡ଼ । ଜି । ସମ୍ବଲପୁର ।

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ବାଳକୃଷ୍ଣ ଚୌଧୁରୀ | କଟକ | ଅଗ୍ରିମ | ଟ ୪ |
| ବାବୁ ରଘୁନାଥ ମିଶ୍ର | ଭେଡ଼ା | " | ଟ ୩ |
| ରାଜା କଣ୍ଟେକେଉଁଝର | | ବାକିଆ | ଟ ୬ |
| ବାବୁ ଗୋସ୍ୱାମୀ ରଘୁନାଥପୁର କୋଠପଡା | | " | ଟ ୧୦ |
| ରାଜା କଣ୍ଟେ ସୁକନ୍ଦା | | " | ଟ ୬ |
| ରେଭରେଣ୍ଡ ଯେ ବକଲ ସାହେବ | କଟକ | ଅଗ୍ରିମ | ଟ ୪ |
| ବାବୁ ଦାଶରଥି ସାମନ୍ତସିଂହାର ଡାକ୍ତର | | " | ଟ ୪୩ |
| ଏମ୍ ଡି ରବର୍ଟ ସାହେବ | କଟକ | ବାକିଆ | ଟ ୬ |
| ବାବୁ କୃଷ୍ଣଚନ୍ଦ୍ର ବସୁ | ଅଲଡ | " | ଟ ୭ |
| କଟକ କଲେକ୍ଟର ସାହେବ | | ଅଗ୍ରିମ | ଟ ୪ |
| ପଣ୍ଡିତ ବିଶ୍ୱନାଥ ପଞ୍ଚାନନ ତାଲଚେର | | ବାକିଆ | ଟ ୬ |
| ବାବୁ ମକୁନ୍ଦ ଗଜନାସୁକସିଂହ | " | " | ଟ ୬ |
| " ମୁରାରି ଦେହୁରୀ | " | " | ଟ ୬ |
| " ନାରାୟଣଚନ୍ଦ୍ର ଶେଠ | " | ଅଗ୍ରିମ | ଟ ୨ |
| " ବୈଷ୍ଣବଚରଣ କାନୁଙ୍ଗୋ ହରିହରପୁର | | " | ଟ ୨ |
| " କୃପାସିନ୍ଧୁ ମହାନ୍ତି | ପୁରୀ | ବାକିଆ | ଟ ୧୦ |
| " ଅଭୟଚରଣ ଘୋଷ ଅନୁଗୁଳ | | ଅଗ୍ରିମ | ଟ ୩ |


# ବିଜ୍ଞାପନ ।

ଏ ଷ୍ଟେଟର ଚମଡ଼ା କାରବାର ଇଜାରା ଲାଇସେନ୍ସ ଆଗାମୀ ନବେମ୍ବର ମାସ ପ୍ରଥମ ସପ୍ତାହରେ ଦିଆଯିବ ଯେଉଁମାନେ ଲାଇସେନ୍ସ ନେଇ ଏ ଷ୍ଟେଟରେ ଚମଡ଼ା କାରବାର କରିବାକୁ ଇଚ୍ଛା ରଖୁଥିବେ ସେମାନେ ଆଗାମୀ ଅକ୍ଟୋବର ମାସ ତା ୩୧ ରିଖ ପୂର୍ବରୁ ଆମ୍ଭନିକଟକୁ ଦରଖାସ୍ତ ପଠାଇବେ ।

ତା ବଡାମ୍ବା ୨୭।୯।୮୭ — Madan Mohun Patnaik. Manager

## ଓଲାଉଠା ରୋଗର ଉତ୍ତମପରୀକ୍ଷିତ ମହୌଷଧି ।

ଏହି ଔଷଧର ସମାନ ଗୁଣାବଲମ୍ବି ଅନ୍ୟ କୌଣସି ଔଷଧ କୁତ୍ରାପି ଲକ୍ଷିତ ହୁଏ ନାହିଁ । ଏପରି ଓଲାଉଠାରୋଗର ପ୍ରଧାନତମ ଔଷଧ ହୋଇ ନାହିଁ; ଏହି ଔଷଧ ସେଠାରେ ଫଳପ୍ରଦ "କ୍ଲୋରୋଡାଇନ" ଯେଉଁଠାରେ ଫଳପ୍ରଦ ହୋଇ ଅନେକ ମୃତ୍ୟୁମୁଖ ଲାଭ କରିଅଛନ୍ତି । କ୍ଲୋରୋଡାଇନ ପରିବର୍ତ୍ତରେ ନ ୧ ନମ୍ବର ପିଲ ବା ବଟିକା ବ୍ୟବହାର କରିବାକୁ ହୁଏ ।

କ୍ଲୋରୋଡାଇନ ଯେଉଁ ସ୍ଥଳେ ଫଳପ୍ରଦ ନ ହୁଏ ସେସ୍ଥଳେ ନ ୨ ନମ୍ବର ପିଲ ବା ବଟିକା ବ୍ୟବହାର କଲେ ନିଶ୍ଚେ ରୋଗୀ ରୋଗରୁ ମୁକ୍ତ ପାଏ ।

ରୋଗିର ମରଣାପନ୍ନ ଅବସ୍ଥାରେ ନଂ ୩ ନମ୍ବର ପିଲ ବା ବଟିକା ବ୍ୟବହାର କଲେ ରୋଗୀ ବଞ୍ଚିଥାଇ ପୁନଃ ସଂସାର କାର୍ଯ୍ୟ ନିର୍ବାହ କରଇ ।

ଯଦ୍ୟପି ବାନ୍ତି ବନ୍ଦ ନ ହୁଏ ତେବେ ନଂ ୪ ପିଲ ବା ବଟିକା ବ୍ୟବହାରରେ ନିଶ୍ଚୟ ବନ୍ଦ ହୁଏ ।

ଅସହ୍ୟ ତୃଷ୍ଣା ନିବାରଣ ସକାଶେ ନଂ ୫ ନମ୍ବର ପିଲ ବା ବଟିକା ବ୍ୟବହାର ମାତ୍ରେକେ ନିବାରଣ ହୁଏ ।

ଯଦି ପେଟରେ ଯନ୍ତ୍ରଣା ହୁଏ ବା ପେଟ ଫୁଲେ ବା ରୋଗିର ପରିସ୍ରା ନ ହୁଏ ତେବେ ନ ୬ ନମ୍ବର ଔଷଧ ବ୍ୟବହାରରେ ସମସ୍ତ ପୀଡ଼ା ଉପଶମ ହୁଏ ।

ଉକ୍ତ ପ୍ରତ୍ୟେକ ନମ୍ବର ଔଷଧର ମୂଲ୍ୟ ଟ ୧ ଓ ସମୁଦାୟ ଏକତ୍ରରେ କ୍ରୟ କଲେ ଉତ୍ତମ ବାକ୍ସରେ ବନ୍ଦ କରି ବ୍ୟବସ୍ଥାପତ୍ର ସହ ଟ ୬ । ମୂଲ୍ୟରେ ପ୍ରାପ୍ତ ହେବ ।

ଅଧିକ ବା ଅଳ୍ପଦିନର କଷ୍ଟସାଧ୍ୟ ଜ୍ୱର ଓ ଅନ୍ୟାନ୍ୟ ରୋଗର ବହୁ ପରୀକ୍ଷିତ ଓ ଆଶୁଫଳପ୍ରଦ ଔଷଧ ।

| | |
|---|---|
| କୌଣସି ପ୍ରକାର କଷ୍ଟସାଧ୍ୟ ଜ୍ୱରନାଶକ ବଟି ଟ ୧ । | ଦନ୍ତରୋଗର ଚୂର୍ଣ୍ଣ ଟ ୦ ।୵ |
| ବାୟୁଶୂଳର ଅତି ଅବ୍ୟର୍ଥ ଔଷଧ ଟ ୧୯ | କର୍ପୂରାସବ (ଉଦରାମୟ ନାଶକ) ଟ ୦ ।୵ |
| ବାତକାର୍ଶ ବା ଗ୍ରହଣୀରୋଗର ଔଷଧ ଟ ୧ | ଜୀର୍ଣ୍ଣକାରକ ଔଷଧ ଟ ୦ ୵ |
| ଶିରଶୂଳର ଉତ୍ତମ ଔଷଧ ଟ ୦ ।୵ | " ଉକ୍ତରସ ଟ ୦ ୵ |
| ଯାବୁର ମଲମ (ଜ୍ୱାଳା କରଇ ନାହିଁ) ଟ ୦ ।୵ | " ମଧୁରସ ଟ ୦ ୵ |
| କଫରୋଗର ବଟି ଟ ୦ ।୵ | କମ୍ପଜ୍ୱରରୋଗର ବଟି ଟ ୦ ୵ |
| | ମକରଧ୍ୱଜ ପ୍ରତିତୋଳା ଟ ୧୬ |
| | ବହୁକାଳର ଗ୍ରହଣୀ ଔଷଧ ଟ ୧୦ |

### ପ୍ରଶଂସାପତ୍ର ।

ଆପଣଙ୍କ ପ୍ରସ୍ତୁତ ଓଲାଉଠା ରୋଗର ବଟିକାର ଗୁଣ ଯଥୋଚିତରୂପେ ପ୍ରଶଂସା କରାଯାଇ ନ ପାରେ । ୬୦ ବର୍ଷର ଅଧିକ ଓ ୭୦ ବର୍ଷର ଅନଧିକ ବୟସ୍କ ଆମ୍ଭର ଜଣେ ପ୍ରତିବାସୀ ଓଲାଉଠା ରୋଗରେ ଏପରି ପୀଡିତ ଥିଲେ କି ତାଙ୍କର ଜୀବନର ଆଶା ସମସ୍ତେ ତ୍ୟାଗ କରିଥିଲେ । ଏହି ସମୟରେ ଆପଣଙ୍କ ଦତ୍ତ (ନ ୩ ନମ୍ବର) ବଟିକାଟି ତାହାଙ୍କୁ ଖୁଆଇଲୁଁ । ଅତ୍ୟନ୍ତ ଆହ୍ଲାଦର ସହିତ ଜଣାଉଅଛୁ କି ଉକ୍ତ


Digitized by srujanika@gmail.com

Split by PDF Splitter



ବର୍ତ୍ତିକା ଦେବାମାତ୍ରେ ରୋଗୀ ଉପଶମଲାଭ କଲେ ଓ ଅବଶେଷରେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କଲେ ।

କେନ୍ଦ୍ରାପଡ଼ା ୩୦।୫।୮୭ } Munsi Warish Alli Head Master.

---

ମହାଶୟ ! ଆପଣ ଯେଉଁ ଔଷଧ ପ୍ରେରଣ କରିଥିଲେ ତାହା ବହୁଦିବସସ୍ଥାୟୀ ଜ୍ୱରର ଶାନ୍ତିଦାୟକ ଔଷଧ ଅଟେ । ଦୁଇ ଦିବସ ମଧ୍ୟରେ ଏହା ଆଶ୍ଚର୍ଯ୍ୟଜନକ ଫଳ ଫଳିଥିବାରୁ ଏହାର ପ୍ରଶଂସା ଆମ୍ଭେ କରୁ ଅଛୁଁ ।

ଆପଣଙ୍କର ବଶମ୍ବଦ
ଭାଗବତ ପ୍ରସାଦ ଦାସ
ରେଜଷ୍ଟ୍ରାର କଟକଣୀ

---

ଅନ୍ୟ ସାର୍ଟିଫିକେଟମାନ ସାପ୍ତାହିକ ୭।୩।୮୭, ୨୦।୩।୮୭, ୧୦।୪।୮୭ ଓ ୨୭।୬।୮୭, ଓ ସମ୍ବାଦର ୩।୪।୮୪ ରେ ପ୍ରକାଶ ହୋଇ ଅଛି ଦେଖ ଓ କବିରାଜଙ୍କଠାରେ କହୁ କଲେ ଅନେକ ସାର୍ଟିଫିକେଟ ପାଠ କରି ପାରିବ ।

କେନ୍ଦ୍ରାପଡ଼ାସ୍ଥ ବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ କବିରାଜଙ୍କଠାରେ ଉପରୋକ୍ତ ଔଷଧମାନ ପ୍ରାପ୍ତ ହେବ ।

Apply to
LAKSHMINARAIN GUPTA
Kabiraj, Kendrapara.

---

# ମେହରୋଗ ।

ସାମ୍ପ୍ରତ ସପ୍ତାହମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣା ନିବୃତ୍ତି ହେବ । ଦୁରନ୍ତ ପ୍ରମେହ ବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉକାର୍ଦ୍ଧ ଶୋ-ଣିକରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାରୀତିରେ ଏକସପ୍ତାହ ସେ-ବା କଲେ ମୂତ୍ରକଷ୍ଟରୋଗ ଏବଂ ତିନି ଚାରି ସପ୍ତା-ହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେ-ବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚି-ନ୍ତ କହୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ଦଗ୍ଧକାରିରେ ପରିଣତ ନ ହେଲେ ଆଉ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବିଳମ୍ବରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅହେରୀଟୋଲା ୧୩୩ ନମ୍ବର ଭବନରେ କେ, ସି, ସିଂହ କମ୍ପାନିଙ୍କଠାରେ ଏବଂ କଟକ

ଦରଘା ବଜାର ପ୍ରିଣ୍ଟିଙ୍ଗ କମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକ ଶିଶି ୧ ଟଙ୍କା । ପ୍ୟାକିଂ ଓ ଡାକମାସୁଲ ପୃଥକ୍ ।

---

# ବାଲି କାଗଜ ।

ନିମ୍ନଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବଇଁ ନିକଟେ ବାବୁ ଅର୍ଦ୍ଧେନ୍ଦୁ କର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା —

| | | | |
|---|---|---|---|
| ୧୭ | ପଣି | ନାବାଳି କାଗଜ | ପ୍ର ୧୮ ଟ ୨୦ |
| ୧୭ | ପଣି | " | " ଟ ୬। |
| ୧୨ | ପଣି | " | " ଟ ୧୦ |

ବେପାରୀମାନେ ଅର୍ଥାତ୍ ଯେଉଁମାନେ ଏକ-ଥରେ ୧୦ ମ ବା ଅଧିକ କ୍ରୟ କରିବେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

---

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚଦରକୋଣା ଓ ଚଦରା ଓ ରେଶମୀଓ ରେଶ ଲୁଗା ଓ ସ୍ପ୍ରୋକଷ ଓ କମ୍ବଳ ଇତ୍ୟାଦି ସଉଦାର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉଦ୍ଭିନ୍ନ ଆଉ କେତେକ ଫେନସି ଜିନିଷର ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେ-ଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ-ପାରିବେ । ଏହଡ଼ା ଆମ୍ଭେମାନେ ସ୍କୁଲର ଛାତ୍ର ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖି-ଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କ ବିକ୍ରୟ କରାଯିବ । ଯଦି ଉକ୍ତ ଛାତ୍ରମାନ ବିକ୍ରୟ ହେବା ଏବଂ ଅପଣା ମଫସଲ ସକାଶେ ବଡ଼ା ସ୍ୱହାସ୍ତ୍ରି ହେବେ ଏକ ସହସ୍ର ଯେ ବଗ ଟଙ୍କା ୫୬ ହିସାବରେ ଲଭା ଦେଲେ ପାଇ ପାରିବେ ! ମାଷ୍ଟ ତାହାର ଶତ ଖର୍ଚ୍ଚନବଲ କରି ଛାତ୍ର ଉପରେ ଥିବ । ଶତ ବେଲେ ଛାତ୍ରର ପଦ୍ମ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

## ଫର୍ଦ୍ଦ ।

| | |
|---|---|
| କଦର ରେଶଣୀ ନ ଚା-ହାଁ ଲେ ଜ୍ୟାକ ଟେଲେ ସ୍କେଲ । | କାଠ ଜିତର ଗାର ଓ କତ ରଙ୍ଗର ଓ ସାଦା ଓରେଞ୍ଜ କେଡେଲ |
| ବଲେକିଶାଡ଼ | ଉକର୍ଷ ଲୁଇଫଲବୁସ |
| ବଲେସୀ କେଲ ନଳକା ଲେଳ ସାଦା ଓ କୋମ ଭଳ । | " ଏକଫର ଭୁସ |
| | କେଲସନ ଉପୋଲ ନେ ଲେଖକ ଅଙ୍କ |

ଚୁଙ୍ଗ ଅର୍ଥାତ୍ ନଳଗା ଜଳକା କାଗଜ ପେନ୍-ସିଲ ଓ କଲମ ।
ପେନ୍ସିଲ କାଟିବା ଛୁରୀ ।
କାଳୀ ପ୍ରକାରର ଦୋ-କାନର ଓ ଲଫାପା
ଷ୍ଟେମ୍ପ ପ୍ଲାଡ ।
ଟିକଣ ଛଳ ।
ଚଉଗା ଷାକୁଳ ।
ତାକାଳି ସାବାନ ଛାଙ୍କ ରେ ଲୁଗା ପରିଷ୍କାର ହୁଏ ।
ଟଟୋଚ ଲେକ—ଅର୍ଥାତ୍ ସୁଗନ୍ଧି ଦ୍ରବ୍ୟ ।
ଚଣିଲ ଚୁଲ ।
ଓଡ଼ିକୋଲନ ଗୃହ ହଉ ।
ବର୍ଡ଼ ଭ ଅଙ୍କ ।
କ୍ଲୋରୋଡାଇନ୍ ।
ପୋଲସ୍କୁପର କେଷ୍ଟର ମେଳ ଓ ତଳକ ମୋ-ଲରେ ସରେ
ଟ୍ରେଗ୍ରାମ କାଚ ଲର୍ଥାତ୍ ଲେଶିକାଦେଲେ ଘର ଓ ଶୁଖିଲେ କଳା ହେବ ।
ଅଲଳା ଚଲା
୧୨ × ୧୦ ଇଞ୍ଚ
୧୫ × ୧୨ ଇଞ୍ଚ
ପକେଟବୁକ ପଂସାରା ପାତ୍ତି ସହିତ ଟ ୦ ।୬
ମୋଜା ଓ ମୋଜାବନ ଉଲନ ଧୂଅ ଜନଙ୍ଗାଟ
ଦରଘା ସାଟିନ କଳା ଜଟି ଓ ପାଇଡନ ଗୌଞ୍ଜ ଫିତା
ମାର୍ବଲ କାଟି ଲୁସାରେ ଚଣ୍ଡ ଟେବଲ ଗୋଳ ରଙ୍ଗ ଟଡନ ହେବ ଜାହି ।
ଏ, ରୋଗର ଗନ୍ଧଟିଡ ଭାମିଳ ଓ କୁରୁଡ ।
କୃଷ୍ଣ ଅଞ୍ଜନେଷ୍ଟ ।
ଏକନ ବାଇସ ।
ସୁଅନ ପେନ ।
ଅଟୋମେଟିକ ପେନ୍‌ସିଲ ଅର୍ଥାତ୍ ଏ ପେନ୍‌ସିଲ୍‌ରେ ଲେଡ୍ ଭରିଲେ ସେତ୍ ଲଗାଇ ପେନ୍‌ସିଲ୍ ଲେଖି ନ ପରେ ଚେଡ କାଟିଲେ ଚହିଁ ର ଲେ ଲେଡ୍ ଆସିବ ।
କପିଙ୍ଗ ପେପର ।
ଲୁଗିଜ କେଲରେ ଜଡ କାଇ ଛାଡ ।
ଉକଲର ଫୋଟର ଅର୍ଥାତ୍ ଫଟୋ ବସିବା ଭାବାର ଜକଲ ।
ମନବାସୀ ।
ରେଲ ଭୁ ପେନ୍‌ହୋଲ୍ !
ଇମ ଟୋପଲ
ବନାରସୀ ଶାଢ଼ୀ ଓ ଜୋଡ଼ ଓ କପଡ଼
ମକ୍ସୁଦାବାଦ ଓ ଟିଉ ପାଟ ପାଟସୋଡ଼ ଓ ଶାଢ଼ୀ ।
ଟ୍ରିକ୍ସ ବାକ୍ସ

ଅର୍ଦ୍ଧେନ୍ଦୁ କର କମ୍ପାନୀ

---

ଉତ୍କଳଦୀପିକାରେ ବିଜ୍ଞାପନ ପ୍ରକାଶର ନିୟମ । ପ୍ରଥମ ଥର ଛାପିବା ପାଇଁ ଧାଡ଼ି ପ୍ରତି —

ପ୍ରଥମଥର ସକାଶେ

| | |
|---|---|
| ଆଠ ପଦ | ଟ ୦/ |
| ଅର୍ଦ୍ଧ ପୃଷ୍ଠା | ଟ ୨୧ |
| ପୂର୍ଣ୍ଣ ଏକ ପୃଷ୍ଠା | ଟ ୫ |

ସାତ ଦୈନିକ ବିଜ୍ଞାପନ ଲେଖେ ଜୁନ୍ ହେଲେକ ଚବିଶ ଟଙ୍କା ୦ ।୦ ରୁ ଉଣା ହେବ ନାହିଁ ।
ଦ୍ୱିତୀୟ ଓ ତୃତୀୟଥର ସକାଶେ ଅର୍ଦ୍ଧେକ ଦରରେ ପ୍ରକାଶ ହେବ ।
ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।
ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

---

ଶ୍ରୀ ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର ଉତ୍କଳ ପ୍ରିଣ୍ଟିଂକମ୍ପାନିଙ୍କ ଛାପାଖାନାରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।


| | | | | |
|---|---|---|---|---|
| ଭା ୨୧ ଶ | ତା ୩୦ ଏଣ ମାହେ ଅକ୍ଟୋବର ସନ ୧୮୮୬ ମସିହା । ମୁ । କାର୍ତ୍ତିକ ଦ ୧୬ ଜ ସନ ୧୨୯୪ ସାଲ ଶନିବାର | ମୂଲ୍ୟ | ଅଗ୍ରିମ | ପଶ୍ଚାତ୍ |
| | | ବାର୍ଷିକ | ଟ ୨ ୧ | ଟ ୨॥ |
| ସଂ ୪୩ ସଂଖ୍ୟା | | ଡାକମାସୁଲ | ଟ ୦ ।୵ | ଟ ୧ |


## ବାମଣ୍ଡା ।

### ବିଜ୍ଞାପନ ।

ବାମଣ୍ଡା ରାଜ୍ୟାନ୍ତର୍ଗତ କୁଚିଣ୍ଡା ପ୍ରଗଣା ଏହିବର୍ଷ ଆସନ୍ତା ମାର୍ଗଶୀରପୂର୍ଣ୍ଣିମାଠାରୁ ଜରିପ ଆରମ୍ଭ ହେବ, ଅତଏବ ଜ ୧୦ ଣ ଆମିନର ଆବଶ୍ୟକ ଅଛି କିନ୍ତୁ ଏହି ଆମିନମାନଙ୍କୁ ଠିକା କାର୍ଯ୍ୟ କରିବାକୁ ହେବ । କୁଠିଅଙ୍କମେ ଫି ମାଣକୁ ଏକଅଣା ଟ୦/ ଲେଖାଏ ମେହନତ ଦିଆଯିବ ଏ ସିବାଏ ଖୋରାକ ଦିଆଯିବ ଏହି ମୂଲ୍ୟରେ ଜରିବ ଉହିଁରଅଠାରୁ ରକବାପର୍ଯ୍ୟନ୍ତ କାଗଜ ଦିଆଯିବ । ଯେଉଁଠାରେ ସବାଗ୍ରସ୍ତ ଜରିବ ହେବ ସେଠାରେ ନାଲିଏବ ଜଙ୍ଗଲର ମାଣପ୍ରତି ଟ୦।୬ ଦୁଇପଇସା ଲେଖାଏ ଦିଆଯିବ ଯେଉଁମାନଙ୍କର ଆସିବାର ଇଚ୍ଛା ହୁଏ ସେମାନେ ଏହି କାର୍ତ୍ତିକପୂର୍ଣ୍ଣିମାସୁଦ୍ଧା ଆପଣା ହସ୍ତାକ୍ଷର ଅର୍ଜି ଓ କାର୍ଯ୍ୟ କରିଥିବା ସାର୍ଟିଫିକଟର ନକଲ ପଠାଇବେ ଅର୍ଜିରେ ହୁକୁମ ପାଇଲେ ଆସିବେ ଇତି । ୧୮।୧୦।୮୬ ।

ଶ୍ରୀ ଚକ୍ରଧର ଦାସ
ତହସିଲଦାର । ବ ।
ବାମଣ୍ଡା ।

### ନୂଆକଥା ।

ଗତସପ୍ତାହ ୯ମ ସଂଖ୍ୟା ଶିକ୍ଷାବନ୍ଧୁରେ ପ୍ରକାଶିତ ହୋଇଅଛି ଯେ ସେଠାର ଭୂତପୂର୍ବ ମହାରାଜା ସାହାଙ୍କ ବ୍ରାହ୍ମଧର୍ମ ଗ୍ରହଣ କରିଥିବାରୁ, ଶିକ୍ଷାବନ୍ଧୁ କହୁଅଛନ୍ତି ଯେ ଏପରି ଘଟଣା ଆଧୁନିକ ଭାରତବର୍ଷରେ ନିତାନ୍ତ ବିରଳ ।

ଜଣେ ହିନ୍ଦୁରାଜା ବ୍ରାହ୍ମଧର୍ମ ଗ୍ରହଣ କରିବାରୁ ଯେବେ ଘଟଣା ହେଲେ ତେବେ ଯେଉଁ ହିନ୍ଦୁରାଜାମାନେ ଖ୍ରୀଷ୍ଟ କିମ୍ବା ମହମ୍ମଦଧର୍ମ ଗ୍ରହଣ କରୁଅଛନ୍ତି ସେମାନେ କେଉଁରୂପେ ହେବେ ?

ସମ୍ଭବତଃ ହିନ୍ଦୁମାନଙ୍କର ଆଉ ଦୁଇଗୋଟି ରୂପ ( ବ୍ରହ୍ମର୍ଷି ଓ ଦେବର୍ଷି ) ଅଛନ୍ତି ଶିକ୍ଷାବନ୍ଧୁ କି କହିବେ ତାହା ଶିକ୍ଷାବନ୍ଧୁରେ ଶୁଣିବାକୁ ବାସନା ରହିଲା ଇତି ।

ଶ୍ରୀ—

## ଉତ୍କଳଦୀପିକା ॥

ତାଂ ୨ର ଅକ୍ଟୁବର ସନ ୮୮୬

ଆମ୍ଭମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ବ୍ରହ୍ମାର ପ୍ରଧାନସେନାପତି ସର ହେନରୀ ମାକ୍‌ଫର୍ସନ ସାହେବ ପ୍ରୋମ ନଗରଠାରେ ଐରାବତୀ ଜାହାଜରେ ପ୍ରାଣ ତ୍ୟାଗ କରିଅଛନ୍ତି ଜ୍ୱରରୋଗ ଏହାଙ୍କ ମୃତ୍ୟୁର କାରଣ ଅଟଇ । ବ୍ରହ୍ମାର ଜ୍ୱର ବଡ଼ ବିଷମ ଅଟଇ । ରୋଗ ଧରିବାର ଏକସପ୍ତାହରେ ଏହାଙ୍କର ମୃତ୍ୟୁ ହେଲା । ବ୍ରହ୍ମଦେଶରେ ଇଂରାଜଙ୍କର କେତେ ସର୍ବନାଶ ହେବ କିଛି ବୁଝାଯାଉ ନାହିଁ । ଏଥର ଭାରତବର୍ଷର ପ୍ରଧାନ ସେନାପତି ସର ଫ୍ରେଡରିକ ରବର୍ଟ ବାହାଦୁର ଆପଣା ଦଳବଳ ନେଇ ବ୍ରହ୍ମଯାତ୍ରା କରିବେ ବୋଲି ସମ୍ବାଦ ଆସିଅଛି ।

—

ଓଡ଼ିଶାର ଗତବର୍ଷର ସାଧାରଣବିଜ୍ଞାପନୀସମ୍ବନ୍ଧରେ ମାନ୍ୟବର ଲେଫ୍ଟେନାଣ୍ଟସାହେବଙ୍କ ମନ୍ତବ୍ୟ ବାହାରିଅଛି । ଆମ୍ଭେମାନେ ତହିଁର ସଂକ୍ଷେପ ବିବରଣ ଆଗାମୀ ସପ୍ତାହରେ ପାଠକମାନଙ୍କୁ ଜଣାଇବୁଁ । କିନ୍ତୁ ଏହି ମନ୍ତବ୍ୟରେ ଓଡ଼ିଶାର ଭାବି ମଙ୍ଗଳାମଙ୍ଗଳ ବିଶେଷରୂପେ ନିର୍ଭର କରୁଥିବା ଦୁଇ ପ୍ରଧାନ ବିଷୟ ଅର୍ଥାତ ରେଲୱାଏ ଏବଂ ନାଲକାର୍ଯ୍ୟର କୌଣସି ଉଲ୍ଲେଖ ନ ଦେଖି ବଡ଼ ଆଶ୍ଚର୍ଯ୍ୟ ହୋଇଅଛୁଁ । ରେଲୱାଏ ନ ହେଲେ ଓଡ଼ିଶାର ଉନ୍ନତି ସୁଦୂର ପରାହତ ଗବର୍ଣ୍ଣମେଣ୍ଟ ଏହା ସ୍ୱୀକାର କରିଥିବା ପ୍ରତ୍ୟକ୍ଷେ ଉକ୍ତପ୍ରସ୍ତାବ କେତେଦୂର ଅଗ୍ରସର ହେଲା ତହିଁର କିଛି ସମ୍ବାଦ ସର୍ବସାଧାରଣଙ୍କୁ ଦିଆଯାଇ ନାହିଁ ଏବଂ ନାଲସମ୍ପତ୍ତି ବଢ଼ିବାରେ କି ଫଳ ହେଲା ତହିଁର ମଧ୍ୟ କିଛି ଉଲ୍ଲେଖ ନାହିଁ । ଏତେଣ ଆମ୍ଭେମାନେ ଏହି ବିଜ୍ଞାପନୀକୁ ଅସମ୍ପୂର୍ଣ୍ଣ ଜ୍ଞାନ କରିବାକୁ ବାଧ୍ୟ ହେଲୁଁ ।

—

ପୂର୍ବେ ଆଳ୍ପଦିକା ଏ ପ୍ରଦେଶରେ ଅନେକଥର ବାହାରିବାର ଦେଖା ଯାଉଥିଲା ।

Digitized by srujanika@gmail.com

ବର୍ତ୍ତମାନକୁ ସେତେ ଦେଖା ଯାଉ ନ ଥିଲେ ହେଁ ଏକାଲବଳେ ରହିତ ହୋଇ ନାହିଁ । ବରଂ ଏକାଳରେ ଡାକ ଏବଂ ସମ୍ବାଦପତ୍ର-ଯୋଗେ ନାନା ବିଷୟ ପ୍ରଚରିତ ହେବାର ଅଧିକ ସୁଯୋଗ ପାଇଁଥିବାରୁ ଅଙ୍କାପତ୍ରିକା-ପ୍ରକାଶକମାନେ ଛଡ଼ି ଫଳଭୋଗୀ ହେବା କୌଶଳ ଲଗାଇବାରୁ ଆରମ୍ଭ କରଅଛନ୍ତି । ପାଠକମାନଙ୍କ କୌତୁକ ନିମନ୍ତେ ଜଣେ ପତ୍ରପ୍ରେରକଙ୍କ ଅନୁରୋଧମତେ ଉଲ୍ଲିଖିତ ଅଙ୍କାପତ୍ରିକା ପ୍ରକାଶ କଲୁଁ । ଏଥିରେ ପତ୍ରିକା-ପ୍ରକାଶକଙ୍କ ଅଭିଷ୍ଟ ସିଦ୍ଧ ହେଲା ମାତ୍ର ଆମ୍ଭେମାନେ ବିଜ୍ଞାପନଖର୍ଚ୍ଚରୁ ବଞ୍ଚିତ ହେଲୁଁ । ଅଙ୍କାପତ୍ରିକାଟି ଏହିରୂପ ଅଟଇ ଯଥା—

ଶ୍ରୀଯୁକ୍ତ ଅଭୟମ ଗୋସ୍ୱାମୀ ନାମରେ ଏକ ସାଧୁ ମଣିକର୍ଣ୍ଣିକା ଘାଟରେ ତପସ୍ୟା କରୁଥିଲେ । ଏକଦିନ ସନ୍ଧ୍ୟା ସମୟରେ ଆକାଶବାଣୀରେ ତାହାଙ୍କୁ ଆଦେଶ ହେଲା କି ତୁମ୍ଭେ ତାରକେଶ୍ୱର ନିକଟସ୍ଥ ମୁକୁନ୍ଦଘୋଷର ଅସ୍ଥି ଆଣିବ ତେବେ ତୁମ୍ଭ ତପସ୍ୟା ସିଦ୍ଧ ହେବ । ସେ କହିଲେ ପ୍ରଭୋ ? ମୁଁ ସ୍ୱୟଂ ନିରାଶ୍ରୟ, କପରି ଏହି ସାହସ କାର୍ଯ୍ୟରେ ପ୍ରବୃତ୍ତ ହେବି । ଏଥିରେ ଆକାଶବାଣୀ କହିଲେ ଯେ କେହି ଲୋକ ତାରକେଶ୍ୱରରୁ ଅସ୍ଥି ଆଣିବା ଏ ବିଷୟ ସମସ୍ତ ବ୍ରହ୍ମାଣ୍ଡ ମଧ୍ୟରେ ପ୍ରକାଶ କରି ଏକ୍କ ଅନେକ ପତ୍ରଦ୍ୱାରା ଅବଗତ କରାଇଲେ ତାହାର ମଙ୍ଗଳ ହେବ କିନ୍ତୁ ଏ ସମ୍ବାଦ ପ୍ରାପ୍ତ ହୋଇ ଯେ କେହି ଲୋକ ସମ୍ବାଦପତ୍ର ବା ଚିଠିଦ୍ୱାରା ପ୍ରକାଶ ନ କରିବ ତେବେ ସେ ବଂଶଧ୍ୱଂସ ହେବ ଏବଂ ତାହାର ଶୂଳରୋଗ ଶ୍ୱାସକାଶ ଓଳଉଠା ରୋଗ ଆଦିରେ ଆକ୍ରମଣ ହେବ । ଏକଥା ନିଶ୍ଚୟ ସତ୍ୟ ସତ୍ୟ ସତ୍ୟ ।

---

ଛୋଟନାଗପୁରର ଗତ ବାର୍ଷିକବିବରଣୀ ଉପରେ ମାନ୍ୟବର ଲେଫ୍ଟେନାଣ୍ଟ ଗବର୍ଣ୍ଣର ଯେଉଁ ମନ୍ତବ୍ୟ ବାକ୍ୟ କହିଅଛନ୍ତି ତହିଁରୁ ଜଣାଯାଏ ଯେ ଉକ୍ତ ରାଜ୍ୟରେ ଅନେକପ୍ରକାର ଦ୍ରବ୍ୟ ଉତ୍ପନ୍ନ ହୁଅଇ । ପୂର୍ବେ ସେଠା ଲୋକମାନେ ବିସ୍ତର ତସର ଲୁଗା ବୁଣୁଥିଲେ । ସମ୍ପ୍ରତି ତସର ସୂତା ବହୁପରିମାଣରେ ବିଲାତକୁ ରପ୍ତାନି ହେବାରୁ ତହିଁର ମୂଲ୍ୟ ବୃଦ୍ଧି ହୋଇଅଛି ଏବଂ ତସର ଲୁଗା ବୁଣା କମିଯାଇ ଅଛି କିନ୍ତୁ ତାହାନ୍ତି ମାନଭୂମର ତନ୍ତିମାନେ ତସର ଲୁଗା ଖଣ୍ଡଦେଇ ସୂତାଲୁଗା ବୁଣି ଅଛନ୍ତି ଏବଂ ବିଲାତି ଲୁଗା ଶସ୍ତା ପଡ଼ୁ ନାହିଁ ବୋଲି ଲୋକେ ଦେଶୀୟ ଲୁଗାକୁ ଅଧିକ ଆଦର କରୁ ଅଛନ୍ତି ଓ ଉକ୍ତ ତନ୍ତିମାନଙ୍କର ବ୍ୟବସାୟ ଚଳୁଅଛି । ହଜାରିବାଗ ଏବଂ ଲୋହାରଡଗାରେ ଲାକ୍ଷର ନୂତନ ଗୋଦାମ ହୋଇଅଛି ମାତ୍ର କାଟତି ଭଲ ନ ଥିବାରୁ ମୂଲ୍ୟ ଊଣା ହୋଇଅଛି । ହଜାରିବାଗ ଓ ଲୋହାରଡଗାରେ ଲୁହାଖେତ ଅଛି ଓ ତହିଁର ଉତ୍ପନ୍ନ ପୂର୍ବାପେକ୍ଷା ବୃଦ୍ଧି ହୋଇଅଛି । ମାନଭୂମରେ ଗତବର୍ଷ ମ ୪୬-ହଜାର ମହଣ ଉତ୍ପନ୍ନ ହୋଇଥିଲା ଏବର୍ଷ ମ ୮୫ ହଜାର ହୋଇଅଛି । ହଜାରିବାଗ ଓ ମାନଭୂମରେ ପଥରକୋଇଲା ପ୍ରାୟ ୩୦ ଲକ୍ଷ ଟନ ( ପ୍ରାୟ ୮ କୋଟି ମହଣ ) ବାହାରି ଅଛି । ହଜାରିବାଗରେ ଅଭ୍ରର ଖଣି ଅଛି । ସେ ସମସ୍ତ ଖଣିରୁ ଏବର୍ଷ ୧୬୦ ମହଣ ଅଭ୍ର ବାହାରିଥିଲା ଏବଂ କରଗଣ୍ଡ ନାମକ ସ୍ଥାନରେ ଗୋଟିଏ ତମ୍ବାର ଖଣି ବାହାରି ଅଛି ଏବଂ ତହିଁର କାର୍ଯ୍ୟ ଫଳପ୍ରଦ ହୋଇଅଛି । ଏସବୁ ଛଡ଼ା ଗୁଗୁଳ ଓ ତୈଳଜଦ୍ରବ୍ୟର କାରବାର ଯାହା ଅଛି ତାହା ଅନ୍ୟ ଜିଲ୍ଲା ତୁଳନାରେ ସାମାନ୍ୟ ନୁହଇ । ଏହିବର୍ଷ ଅନେକ ଗୁଗୁଳ ବିଦେଶକୁ ରପ୍ତାନି ହୋଇଥିଲା । ତସରର କାରବାର ଏତେ ବୃଦ୍ଧି ହୋଇଅଛି ଯେ କଣ୍ଟ୍ରିତବର୍ଷର ଅନ୍ୟୂନ ଦେଢ଼ଲକ୍ଷ କାହାଣ ତସରକୁଆ ମହାଜନମାନେ ଖରିଦ କରିଥିଲେ । ଦୁଃଖର ବିଷୟ ଯେ ଯେଉଁ ଦେଶର କାରବାର ଏତେ ଅଧିକ ଓ ଯେଉଁଠାରେ ଏତେ ପ୍ରକାର ମୂଲ୍ୟବାନ ଦ୍ରବ୍ୟ ଉତ୍ପନ୍ନ ହେଉଅଛି ସେଠାରେ ରେଲବାଟ କରିବାର ପ୍ରସ୍ତାବ କାର୍ଯ୍ୟରେ ପରିଣତ ହୋଇ ନାହିଁ କିମ୍ବା ସେ ବାଟ କେବେ ପ୍ରସ୍ତୁତ ହେବ ତହିଁର ନିଶ୍ଚିତ ସ୍ଥିରତା ନାହିଁ । କେବଳ ରେଲବାଟ-ସମ୍ପର୍କରେ ଏତିକ କଥା ଲେଖାଅଛି ଯେ ବଙ୍ଗଳା ନାଗପୁର ରେଲବାଟ ନିର୍ମାଣ କାର୍ଯ୍ୟ ବନ୍ଦ ହେବାରୁ ତହିଁରେ ମୂଲ କରୁଥିବା ୧୩୦୦୦ ମଜୁରିଆ ମଜୁରି ବିନା ଘୋର କଷ୍ଟ ଭୋଗ କଲେ ।

---

ବିହାରଅଞ୍ଚଳର ସ୍କୁଲଇନ୍ସପେକ୍ଟର ଏହି ମର୍ମରେ ବିଜ୍ଞାପନ ଦେଇଅଛନ୍ତି । ଯେଉଁମାନେ କାହାରିଠାରେ ଅବା ଶିକ୍ଷକ ସ୍ୱରୂପ ଏଣ୍ଟ୍ରେନ୍ସ ଅବା ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷାର ପ୍ରାର୍ଥୀ ହେବାକୁ ଚାହାନ୍ତି ସେମାନେ ତାହାଙ୍କ ନିକଟକୁ ନଭେମ୍ବର ମାସ ତା ୩୧ ରିଖ ପୂର୍ବରୁ ଦରଖାସ୍ତ ପ୍ରେରଣ କରିବେ ଓ ପ୍ରତ୍ୟେକ ଦରଖାସ୍ତ ସହିତ ଦରଖାସ୍ତକାରୀର ପଠିତ-ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସ୍ୱାକ୍ଷରିତ ଏକ ସାର୍ଟିଫିକେଟ ଥିବ । ଉକ୍ତ ସାର୍ଟିଫିକେଟରେ ସେ କେଉଁ ଶ୍ରେଣୀରେ ପାଠ କରୁଥିଲେ ଓ ତାଙ୍କ ଉପରେ ସ୍କୁଲର ପାଉଣା ସମୁଦାୟ ପରିଶୋଧ ହୋଇଅଛି । ଏ ସବୁ ଲେଖା ହୋଇଥିବ ଓ ଶିକ୍ଷକଙ୍କ ପକ୍ଷରେ ତାଙ୍କୁ ଏପରି ଗୋଟିଏ ସାର୍ଟିଫିକେଟ ଦାଖଲ କରିବାକୁ ହେବ ଯାହାଦ୍ୱାରା ବୁଝାଯିବ ଯେ ସେ କେବଳ ପରୀକ୍ଷାର ପ୍ରାର୍ଥୀ ହେବାପାଇଁ ଅବୈତନିକ ବା ବୈତନିକ ଶିକ୍ଷକ-ପଦରେ ଅଳ୍ପକାଳ ନିମନ୍ତେ ନିଯୁକ୍ତ ନ ହୋଇ ବାସ୍ତବିକ ଶିକ୍ଷକତାପଦରେ ନିଯୁକ୍ତ ହୋଇଅଛନ୍ତି ଓ ଯେଉଁମାନଙ୍କର ଦରଖାସ୍ତ ଗ୍ରାହ୍ୟ ହେବ ସେମାନେ ଶିକ୍ଷକ ହୁଅନ୍ତୁ ଅବା ଛାତ୍ର ହୁଅନ୍ତୁ ନିକଟସ୍ଥ ଜିଲ୍ଲାସ୍କୁଲରେ ପରୀକ୍ଷା ଦେବେ ଓ ଉକ୍ତ ସ୍କୁଲର ହେଡ଼ମାଷ୍ଟରଙ୍କୁ ଟ ୨ କା ଫିସ ଦେବେ ଯଦ୍ୟପି ସେମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ତେବେ ରେଜିଷ୍ଟ୍ରରଙ୍କ ନିକଟକୁ ସେମାନଙ୍କ ପ୍ରେରିତ ଦରଖାସ୍ତ ପଠାଯିବ—ଏ ନୂତନ ଅଣ୍ଡ ନିୟମ ଅଟେ ଓ କେବଳ ବିହାର ପ୍ରଦେଶର ବିଦ୍ୟାଳୟ ସମ୍ବନ୍ଧରେ । ଅନ୍ୟାନ୍ୟ ପ୍ରଦେଶରେ ଏହି ନିୟମ ପ୍ରବର୍ତ୍ତିତ ହେଲେ ଉତ୍ତମ ହେବ । କାରଣ ଅନେକ ଶତ ବାସ୍ତବିକ ଉପଯୁକ୍ତ ନୁହନ୍ତି ଅଥଚ ବାହାର ଶତ ଅଳ୍ପଦିନ ନିମନ୍ତେ ଶିକ୍ଷକ ହୋଇ ପରୀକ୍ଷା ଦିଅନ୍ତି ଓ ଫଳ ପାଇ ବହାଲ ଉପରେ ନିର୍ଭର କରନ୍ତି ସେମାନଙ୍କ ମଧ୍ୟରୁ କେହି ଉତ୍ତୀର୍ଣ୍ଣ ହୁଅନ୍ତି କେବୁ ସେମାନଙ୍କ ପିଲା କଅଣ ତାହା ମା ଗଙ୍ଗା ଜାଣନ୍ତି ତେବେ ଆମ୍ଭମାନଙ୍କର ଏତିକି ବକ୍ତବ୍ୟ ଯଦ୍ୟପି ପ୍ରବେଶିକା ପରୀକ୍ଷା ଦେବା ପୂର୍ବରେ ଅନ୍ୟ ଏକ ପରୀକ୍ଷା ଦେବାକୁ ପଡ଼ିବ ତେବେ ଶିକ୍ଷକ କିମ୍ବା ଅନ୍ୟ କୌଣସି ବିଦ୍ୟାଳୟରେ ଛମାସରୁ ନ୍ୟୂନ ପଢ଼ି ନ ଥିବ ଏପରି ନିୟମ ରଖିବାର କୌଣସି ପ୍ରୟୋଜନ ଦିଶୁ ନାହିଁ । ଅନେକ ଗରିବ ଛାତ୍ର ଉତ୍ତମ ଶିକ୍ଷା ଲାଭ କରିବା ଆଶାରେ ବିଦ୍ୟାଳୟରେ ଭରତି ହୋଇଥିଲେ ମଧ୍ୟ ଅର୍ଥାଭାବରୁ ଅଧିକକାଳ ପଢ଼ି ପାରନ୍ତି ନାହିଁ ଓ ମଧ୍ୟ ବିଜ୍ଞବର କାର୍ଯ୍ୟ ସମ୍ବନ୍ଧ କପାଳରେ ଘଟନା ହୁଏଇ ନାହିଁ । ଏପରି ଛାତ୍ରର ସଂଖ୍ୟା କଲେଜମାନଙ୍କରେ

Digitized by srujanika@gmail.com

Split by PDF Splitter



ବିଶେଷ ଦେଖାଯାଏ । ଅତଏବ ଅମ୍ଭେମାନେ ଭରସା କରୁଁ କି କେଉଁଣସି ଛାତ୍ର ଥରେ ପ୍ରବେଶିକା ଅଥବା ତହିଁରୁ ଉଚ୍ଚ ପରୀକ୍ଷାମାନ ଦେଇ ଉତ୍ତୀର୍ଣ୍ଣ ହୋଇ ନ ପାରିଲେ ତାହା ପ୍ରତି ଶିକ୍ଷକତା କାର୍ଯ୍ୟ କରିବା ଅବା ଛମାସ ସ୍କୁଲ ବା କଲେଜରେ ପଢ଼ିବାର ନିୟମ ପ୍ରତ୍ୟାହାର କଲେ ଅତି ଉତ୍ତମ ହେବ ।

———

## ମୁସଲମାନମାନଙ୍କର ସରକାରୀ ଚାକିରୀପାଇବା ।

ସରକାରୀ କର୍ମରେ ମୁସଲମାନମାନଙ୍କ ନିଯୋଗ ବିଷୟରେ ଗବର୍ଣ୍ମେଣ୍ଟ ଅଫ୍ ଇଣ୍ଡିଆ ସ୍ଥାନୀୟ ଗବର୍ଣ୍ମେଣ୍ଟମାନଙ୍କୁ ଅନୁରୋଧ କରିଥିବାରୁ ବଙ୍ଗଳା ଗବର୍ଣ୍ମେଣ୍ଟ ଆପଣା ଅଧୀନସ୍ଥ ମହକୁମାମାନଙ୍କରେ କେଉଁଠାରେ କେତେ ମୁସଲମାନ କର୍ମ କରୁଅଛନ୍ତି ତହିଁର ଏକ ତାଲିକା ତଲବ କରିଥିଲେ । ସେ ତାଲିକା ସମସ୍ତ ମହକୁମାରୁ ଶୁଦ୍ଧରୂପ ଆସି ନ ଥିଲେ ହେଁ ମାନ୍ୟବର ଲେପ୍ଟେନାଣ୍ଟ ସାହେବ ସମସ୍ତ ସମ୍ବାଦ ପାଇଅଛନ୍ତି ତହିଁରୁ ସ୍ପଷ୍ଟ ଦିଶେ ଯେ ମୁସଲମାନମାନେ ଉପଯୁକ୍ତ ପରିମାଣରେ ସରକାରୀ କର୍ମ ପାଇ ପାରୁ ନାହାନ୍ତି ଉଦାହରଣସ୍ଥଳେ ଲେଖାହୋଇ ଅଛି ଯେ ଚବିଶପ୍ରଗଣାର ରେବିନ୍ୟୁ ମହକୁମାରେ ଜ ୨୯୫ ଣ ଅମଲା ମଧ୍ୟରେ କେବଳ ଜ ୬ ଣ ମୁସଲମାନ ଅଛନ୍ତି ଏବଂ ଯଶୋର ଜିଲ୍ଲା ଅଦାଲତ ଅଧୀନରେ ଥିବା ଜ ୧୧୦ ଣ ହିନ୍ଦୁ ଅମଲା ମଧ୍ୟରେ କେବଳ ଜ ୯ ଣ ମୁସଲମାନ ଅଛନ୍ତି । କଲିକତାର ବଡ଼୨ ସଦର ମହକୁମାର ଉପରିଙ୍କ ମଧ୍ୟରେ ଜଣେ ହେଁ ମୁସଲମାନ ନାହିଁ । ଏପ୍ରକାର ପ୍ରଭେଦର ପ୍ରଧାନ କାରଣ ମୁସଲମାନମାନେ ସ୍ୱୟଂ ଅଟନ୍ତି ବୋଲି ଲେପ୍ଟେନାଣ୍ଟ ସାହେବଙ୍କର ଧାରଣାହୋଇ ଅଛି ସେମାନେ ପାରସି ଓ ଆରବୀଭାଷା ପଢ଼ନ୍ତି ଯାହା ସରକାରୀ ମହକୁମାମାନଙ୍କରେ ପ୍ରଚଳିତ ନାହିଁ ଓ କେହି୨ ଇଂରାଜୀ ପଢ଼ିଲେ ହେଁ ତହିଁ ସଙ୍ଗେ ପାରସୀ ଇତ୍ୟାଦି ପଢ଼ିବାରୁ ଭଲ ଇଂରାଜୀ ଶିଖିପାରନ୍ତି ନାହିଁ । ସନ ୧୮୮୫ ସାଲ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟର ଉଚ୍ଚ ପରୀକ୍ଷାରେ ଶତକଡ଼ା ଦୁଇଜଣରୁ ଅଧିକ ମୁସଲମାନ ଉତ୍ତୀର୍ଣ୍ଣ ହୋଇଥିଲେ କିନ୍ତୁ ୧୮୮୬ ସାଲରେ ବି, ଏ, ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରଙ୍କ ମଧ୍ୟରେ ଶତକଡ଼ା ଜଣରୁ ଅଧିକ ୯ଟ ବି, ଏଲରେ ଜ ୯ ଣ-ଜଣରୁ ଅଧିକ ହୋଇଅଛି । ନିମ୍ନ ପରୀକ୍ଷାରେ ମଧ୍ୟ ଏହିପରି ବୃଦ୍ଧି ହୋଇ ଥିବ । ଅତଏବ ଏଣିକି ସରକାରୀ କାର୍ଯ୍ୟ ନିମନ୍ତେ ଉପଯୁକ୍ତ ମୁସଲମାନ ପ୍ରାର୍ଥୀ ଅଧିକ ପାଇବେ ସନ୍ଦେହ ନାହିଁ ଏବଂ ଲେପ୍ଟେନାଣ୍ଟ ସାହେବ ଆପଣା ଅଧୀନସ୍ଥ ମହକୁମମାନଙ୍କର ସରଦାର ହାକିମମାନଙ୍କୁ ଅନୁରୋଧ କରୁଅଛନ୍ତି କି ମୁସଲମାନ ପ୍ରାର୍ଥୀମାନଙ୍କୁ ଉପଯୁକ୍ତ ଦେଖିଲେ କର୍ମରେ ନିଯୋଗ କରିବା ଏବଂ ନିଯୋଗ ଉତ୍ତାରୁ ସେମାନେ ଯେପରି କଚେରୀରେ ନିର୍ବାହ ହୋଇ ପାରିବେ ତହିଁପ୍ରତି ଦୃଷ୍ଟିରଖିବାପକ୍ଷରେ ଯତ୍ନବାନ୍ ହେବେ । କେହି୨ ପ୍ରସ୍ତାବ କରିଥିଲେ କି ମୁସଲମାନ ଉମେଦବାରଙ୍କପ୍ରତି ବ ୨୫ ବର୍ଷ ବୟସର ନିୟମ ବଢ଼ାଇ ଦେଲେ ଭଲ ହେବ ମାତ୍ର ଲେପ୍ଟେନାଣ୍ଟ ତହିଁରେ ସମ୍ମତ ହୋଇ ନାହାନ୍ତି କାରଣ ପେନ୍‌ସନ ଦେବା ଦୃଷ୍ଟିରେ ଉକ୍ତ ବୟସର ପରିମାଣ ସ୍ଥିର ହୋଇଅଛି । ଅନ୍ୟାନ୍ୟ କେତେକ ପ୍ରସ୍ତାବ ହୋଇଥିଲା ମାତ୍ର ଗବର୍ଣ୍ମେଣ୍ଟ ସେ ସବୁ ଅନାବଶ୍ୟକ ବିବେଚନା କରି ଯେଉଁମାନଙ୍କ ହାତରେ ଅମଲା ମୁକରର କରିବାର ଅଧିକାର ଅଛି ସେମାନଙ୍କୁ ବୁଝାଇ ଦେଇଅଛନ୍ତି କି ଯେଉଁ କଚେରୀରେ ଆଦୌ ମୁସଲମାନ ଅମଲା ନ ଥିବ ସେଠାରେ ମୁସଲମାନ ଉମେଦବାରଙ୍କୁ କାର୍ଯ୍ୟ ଦେବା ବିଷୟରେ ବିଶେଷ ଯତ୍ନ କରିବେ ମାତ୍ର ଯୋଗ୍ୟତାପ୍ରତି ସର୍ବଦା ଦୃଷ୍ଟି ରଖିବାକୁ ହେବ ଯେମନ୍ତ କି ଅଯୋଗ୍ୟ କର୍ମଚାରୀ ଭରତି କରି ସରକାରୀକାର୍ଯ୍ୟର ବିଶୃଙ୍ଖଳା ହେବ ନାହିଁ ।

———

## ଖୋରଧାର ଜଙ୍ଗଲମାସୁଲ ।

ଖୋରଧାଜଙ୍ଗଲରୁ କାଠ ଓ ଅନ୍ୟାନ୍ୟ ବନୋତ୍ପନ୍ନ ଦ୍ରବ୍ୟ ଆଣିବାନିମିତ୍ତ ଗବର୍ଣ୍ମେଣ୍ଟ ଯେଉଁ ମାସୁଲ ଧାର୍ଯ୍ୟ କରିଅଛନ୍ତି ତହିଁର ତାଲିକା ନିମ୍ନେ ପ୍ରକାଶିତ ହେଲା । ଯଥା;—

| | |
|---|---|
| ୧ । ଆଇନର ୨୯ [ କ ] ଧାରାନୁସାରେ ରକ୍ଷିତ ପ୍ରତ୍ୟେକ ବୃକ୍ଷର | ଟ ୧୦ |
| କିମ୍ବା ତହିଁର କାଠ ଫୀ କ୍ୟୁବିକ ଫୁଟକୁ | ଟ ० । |
| ୨ । ଅନ୍ୟାନ୍ୟ ବୃକ୍ଷ ଫୀ ବୃକ୍ଷକୁ | ଟ ୫ |
| କି ତହିଁର କାଠ ଫୀ କ୍ୟୁବିକ ଫୁଟକୁ | ଟ ० ⁄ |
| ୩ । ରକ୍ଷିତ ବୃକ୍ଷର ମରି ବା ପଡ଼ିଯାଇଥିବା କାଠ ଫୀ କ୍ୟୁବିକ ଫୁଟକୁ | ଟ ० ⁄ |
| ୪ । ଅନ୍ୟାନ୍ୟ ବୃକ୍ଷର | ଟ ० / ୭ |
| ୫ । ଫାଇନେନ୍‌ସରେ ଲିଖିତ ପ୍ରକାର ଜାଳେଣି କାଠ ଫୀ ବୋଝାଇ ଗାଡ଼ିକୁ | ଟ ० ।/ |
| କିମ୍ବା ଫୀ ବୋଝକୁ | ଟ ० ୭ |
| ୬ । ହୋଇସ ଫୀ ବୋଝାଇ ଗାଡ଼ିକୁ | ଟ ୨ |
| କିମ୍ବା ଫୀ ମହଣକୁ | ଟ ० । |
| ୭ । ଗୋଟ ବାଉଁଶ ଫୀ ବୋଝାଇ ଗାଡ଼ିକୁ | ଟ ० ⁄ |
| କିମ୍ବା ବତା ଫୀ ବୋଝାଇ ଗାଡ଼ିକୁ | ଟ ० ।/ |
| ୮ । ବେତ ଫୀ ବୋଝାଇ ଗାଡ଼ିକୁ | ଟ ୨ |
| ୯ । ଅଳୁ ଫୀ ବୋଝାଇ ଗାଡ଼ିକୁ | ଟ ୨ |
| ୧୦ । ଅସ୍ଥି ଛେଲ ଫୀ ବୋଝାଇ ଗାଡ଼ିକୁ | ଟ ୩ |
| ୧୧ । କମଳାଗୁଣ୍ଡିଚୂର୍ଣ୍ଣ ଫୀ ବୋଝାଇ ଗାଡ଼ିକୁ | ଟ ୫ |
| ୧୨ । କୋଚିଲାମଞ୍ଜି, ହରିଡ଼ା, ବାହାଡ଼ା ଓ କରଞ୍ଜଫଳ ଫୀ ବୋଝାଇ ଗାଡ଼ିକୁ | ଟ ० ୪ |
| ୧୩ । ଅନ୍ୟ ପ୍ରକାର ଯେଉଁ ଫଳ ନିର୍ଦ୍ଦିଷ୍ଟ ହୋଇ ନାହିଁ ତହିଁର ମୂଲ୍ୟାନୁସାରେ ଶତକଡ଼ା | ଟ ୧୦ |
| ୧୪ । ପଥର, ମାକଡ ପଥର ରଗଡ଼ାପଥର, ବାଲିଆପଥର ସଫେଦପଥର ପ୍ରଭୃତି ଫୀ ୧୦୦ କ୍ୟୁବିକ ଫୁଟକୁ | ଟ ० ୪ |
| ୧୫ । ଗେଙ୍ଗୁଟି ଫୀ ୧୦୦ କ୍ୟୁବିକ ଫୁଟକୁ | ଟ ୧ |
| ୧୬ । ଚକିଶାମାଟି ସଫା ଓ ନାଲିରଙ୍ଗ ଫୀ ୧୦୦ କ୍ୟୁବିକ ଫୁଟକୁ | ଟ ୧ |
| ୧୭ । ଫୀଗୋଟା ମହିଷ ଓ ଛେଳିଚରେଇ ମାସକୁ | ଟ ० ⁄ |
| ୧୮ । ଫୀ ଗୋଟା ବଳଦ, ଗାଈ, ଟଟ୍ଟୁ ଓ ଗଧ ଚରେଇ ମାସକୁ | ଟ ० ⁄ |
| ୧୯ । ଫୀ ଗୋଟା ଭେଡ଼ି ଚରେଇ ମାସକୁ | ଟ ० / |
| ୨୦ । ୧ ଠାରୁ ୧୭ ଦଫା ବାବତ ଦର ଲାଇସେନ୍‌ସ ସାମ କରିବାପିସ ସାମ କରିବାରେ ଅସଲ ମିଆଦର ଚତୁର୍ଥାଂଶରୁ ଅଧିକ ହେବ ନାହିଁ, ଅସଲ ଦର ଉପରେ ଶତକଡ଼ା | ଟ ୨୫ |

ଏହି ତାଲିକାରୁ ପାଠକମାନେ ବୁଝିପାରିବେ ଯେ ବନୋତ୍ପନ୍ନ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ହେବାର କାରଣ ସ୍ୱୟଂ ଗବର୍ଣ୍ମେଣ୍ଟ ଅଟନ୍ତି । ଖୋରଧାର ଜାଳେଣି କାଠ ପୂର୍ବେ ଏହି ନଗରରେ ଏକ ଶଗଡ଼ ବୋଝେଇ ଟ ० ।/ ଦରରେ ବିକ୍ରୟ ହେଉଥିଲା । ବର୍ତ୍ତମାନ ସରକାର ଶଗଡ଼କୁ ସେହି ଛଅଣା ମାସୁଲ ବସାଇଲେ ଏଣିକି ଶଗଡ଼ଭଡ଼ା କାଟିବା ମୂଲ ଏବଂ ବେପାରୀର ଲାଭ ଅଛି । ସୁତରାଂ ଶଗଡ଼ ପ୍ରତି ଏକଟଙ୍କାରୁ ଊଣା ଦରରେ ଏଠାରେ ବିକ୍ରୟ ହୋଇ ନ ପାରେ । ସରକାରଙ୍କ ଏହି ନିରେଖ ଦେଖି ପାର୍ଶ୍ୱବର୍ତ୍ତୀ ଜମିଦାରମାନେ ଆପଣା୨ ଜଙ୍ଗଲଜାତ ଦ୍ରବ୍ୟଉପରେ ସେହିପରି ମାସୁଲ ବସାଇ ଅଛନ୍ତି । ଏହିପରି ଗୋରୁଆଦି ପଶୁ ଚରାଇବାର ମାସୁଲ ଯାହା ନିର୍ଦ୍ଦିଷ୍ଟ ହୋଇଅଛି ତାହା କଟକଠାରୁ ଊଣା ନୁହଇ । ଏତେମାସୁଲ ଦେଇ ମୋଫସଲବାସିଙ୍କର ନିର୍ବାହ ହେବା କଠିନ । କେବଳ ଖୋରଧାବାସିଙ୍କ ପ୍ରତି ଏତିକି ଭଲ ହୋଇଅଛି କି ସେମାନେ ଆପଣା୨ ଘରଖର୍ଚ୍ଚ ନିମନ୍ତେ ( ବିକ୍ରୟ ନିମନ୍ତେ ନୁହେ ) ଯେତେ ଜାଳେଣି କାଠ ଝାଟି ବଣ, ଖଣ୍ଡି-କାଠ ଓ ଚଗ ଘାସ ବାଉଁଶ ବୁଜିବା କଣ୍ଟା

Digitized by srujanika@gmail.com

ତେଲ ଓ ବାଉଁଶ ନେବେ ନାହିଁ ସରକାରେ ଉପରଲିଖିତ ଦରରେ ମାସୁଲ ନ ଦେଇ ଘର ପିଛା ବର୍ଷକେ ୫ ୦ । ଲେଖାଏଁ ଦେଲେ ସେସବୁ ଦ୍ରବ୍ୟ ନେବା ଏବଂ ଆପଣା ପଶୁ ଚରାଇବାର ଅନୁମତି ପାଇବେ । କେ ବନ-ବିଭାଗୀୟ କର୍ମଚାରୀଙ୍କ ଅନୁମୋଦିତ ଓ ନିରୂପିତ ସ୍ଥାନ ଛଡ଼ା ଅନ୍ୟ କୌଣସି ସ୍ଥାନରେ ମହିଷ ବା ଛେଳି ଚରାଇ ପାରିବେ ନାହିଁ ଘରପିଛା ବାର୍ଷିକ ସୁନିଅଣା ଦର ବହୁଲୋକମାନଙ୍କ ପକ୍ଷରେ ବାଧକ ନୁହଇ । ମାତ୍ର ବଣ୍ଡି ଦୁଃଖିଙ୍କ ପକ୍ଷରେ କଷ୍ଟକର । ଏପରି ଯାହାର ମନୁଷ୍ୟଙ୍କ ନାହିଁ ଆପଣା ପ୍ରୟୋଜନୀୟ ବନୋତ୍ପନ୍ନ ଦ୍ରବ୍ୟ ଅନ୍ୟ ଲୋକଠାରୁ କିଣିବା ବିନା କୌଣସି ମତେ ଅଟେ ସଂଗ୍ରହ କରି ନ ପାରେ ସେପରି ବ୍ୟକ୍ତିଙ୍କ କ୍ଷତି ହେବା କାରଣ ଯେଉଁମାନେ ଉକ୍ତ ଦ୍ରବ୍ୟମାନ ଆଣିବେ ସେମାନେ ନିରୂପିତ ଅନୁସାରେ ମାସୁଲ ଦେବେ କି ବାର୍ଷିକ ସୁନି-ଅଣା ଦେଉଥିବା ଖେଉଠିଆ ବାସୀ ତାହାଙ୍କ ବିକ୍ରୟ କରିବା କାରଣ ବିନା ମାସୁଲରେ ଉକ୍ତ ଦ୍ରବ୍ୟମାନ ଆଣିପାରିବେ ତାହାକୁ ସ୍ପଷ୍ଟ ଜଣା-ଯାଉ ନାହିଁ । ଏ ବିଷୟଟି ସ୍ପଷ୍ଟ କରି ନିୟମରେ ଲେଖିବାର ଉଚିତ ଥିଲା ।—

---

## ପବ୍ଲିକ ସର୍ଭିସ୍ କମିଶନ ।

ସରକାରୀ ଚାକିରି ପଦମାନଙ୍କରେ ଦେଶୀୟ ଲୋକଙ୍କୁ ଭରତି କରିବା ସମ୍ବନ୍ଧରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଏବଂ ବିଲାତର ସେକ୍ରେଟେରୀ ଅଫ-ଷ୍ଟେଟ ସଙ୍ଗେ ବହୁତ ଚିଠିପତ୍ର ଲେଖାଲେଖି ହେବାରୁ ଏହି ବିଷୟର ଆମୂଳ ସମସ୍ତ ବୃତ୍ତାନ୍ତ ଅନୁସନ୍ଧାନ କରିବା କାରଣ ଗୋଟିଏ କମିଶନ ବା ସମିତି ବସାଇବାର ପ୍ରସ୍ତାବ ଇଣ୍ଡିଆ ଗବର୍ଣ୍ଣମେଣ୍ଟ କରିବାରୁ ବିଲାତର ସେକ୍ରେଟେରୀ ତାହା ମଞ୍ଜୁର କରି ଅଛନ୍ତି ଏବଂ ତଦନୁସାରେ ମହାମାନ୍ୟ ଗବର୍ଣ୍ଣର ଜେନରଲ ବାହାଦୁର ଏହି କମିଶନ ନିଯୋଗ ଓ ତହିଁର କାର୍ଯ୍ୟ ସମ୍ପର୍କରେ ଏକ ନିର୍ଦ୍ଧାରଣ ଲିପିବଦ୍ଧ କରି ଅଛନ୍ତି ଏବଂ ତାହା ଇଣ୍ଡିଆ ଗେଜେଟରେ ପ୍ରକାଶିତ ହୋଇଅଛି । ଏହି କମିଶନ ବା ସମିତିର ସଭାସଂଖ୍ୟା ସଭାପତି ସହିତ ଜ ୧୫ ଣ ହେବ । ସଭାପତି ପଦରେ ପଞ୍ଜାବର ଲେଫ୍ଟେନାଣ୍ଟ ଗବର୍ଣ୍ଣର ସର ଚାର୍ଲସ ଏଚିସନ ବାହାଦୁର ବରଣ ହୋଇ ଅଛନ୍ତି । ଅପର ଜ ୧୪ ଣ ସଭ୍ୟଙ୍କ ମଧ୍ୟରୁ ମାନ୍ଦ୍ରାଜ କମ୍ପାନି ହାଉସ୍ ଫର୍ମ ଏବଂ ବଙ୍ଗଳା ଏବଂ ଯୁକ୍ତପ୍ରଦେଶୀୟ ଗବର୍ଣ୍ଣମେଣ୍ଟଙ୍କ ମନୋନୀତ ଜ ୧୨ ଣ ଉପଯୁକ୍ତ ସରକାରୀ କର୍ମଚାରୀଙ୍କ ମଧ୍ୟରୁ ଗବର୍ଣ୍ଣର ଜେନରଲ ଜ ୪ ଣ ବାଛି ନେବେ ଏବଂ ଏହିପରି ଯୁକ୍ତପ୍ରଦେଶରୁ ଦେଶୀୟ ଏବଂ ଫିରିଙ୍ଗିମାନଙ୍କ ପ୍ରତିନିଧି ସ୍ୱରୂପ ଏକ ୨ ଜଣ ସଭ୍ୟ ବଛାଯାଇ ଅବଶିଷ୍ଟ ସଭ୍ୟମାନଙ୍କୁ ସ୍ୱୟଂ ଗବର୍ଣ୍ଣର ଜେନରଲ ଆପଣା ବିବେଚନାନୁସାରେ ନିଯୁକ୍ତ କରିବେ । ଏପରି ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ପ୍ରତିନିଧିସ୍ୱରୂପ ଏବଂ ଆଇନ ଓ ଅନ୍ୟ ବିଭାଗରେ ବିଶେଷ ଅଭିଜ୍ଞତା ଲାଭକରିଥିବା ବ୍ୟକ୍ତିପତି ଏକ ଜଣ ଉକ୍ତ କମିଶନରେ ନିଯୁକ୍ତ ହେବେ । ଏହି ସମିତିର ସେକ୍ରେଟେରୀ ପଦ ଭାରତବର୍ଷୀୟ ନାମକ ଇଣ୍ଡିଆ ଗବର୍ଣ୍ଣମେଣ୍ଟର ଜଣେ ଅଣ୍ଡର-ସେକ୍ରେଟେରୀଙ୍କି ଦିଆଯିବ ।

ସମିତିର କାର୍ଯ୍ୟସମ୍ପର୍କରେ ନିର୍ଦ୍ଧାରଣରେ ଲେଖାଅଛି ଯେ ଚଳିତ ଓ ଅଚଳିତ ଓ ସାଧାରଣ ଓ ବିଶେଷ ସମସ୍ତ ମକଦ୍ଦମାରେ ଦେଶୀୟ ଲୋକମାନେ କି ପରିମାଣ ଏବଂ କି ନିୟମରେ ପ୍ରବେଶ କରି ପାରିବେ ଏବଂ ଏ ବିଷୟ ସ୍ଥିର-କରିବା ପାଇଁ ଯେସବୁ ଅନୁସନ୍ଧାନ ଆବଶ୍ୟକ ସମିତି ତାହା କରିବେ । ଗବର୍ଣ୍ଣମେଣ୍ଟ ପୂର୍ବରୁ କେବଳ ଅନୁସନ୍ଧାନ କରି ଅଛନ୍ତି ଯେ କାଗଜପତ୍ର ସବୁ ସମିତିକି ଦିଆଯିବ ଏବଂ ସାଧାରଣ ରୂପେ ସରକାରୀ କାର୍ଯ୍ୟରେ ଦେଶୀୟ ଲୋକଙ୍କ ନିଯୋଗ ବିଷୟେ ସମିତିର କାର୍ଯ୍ୟ ହେଉଥିବାରୁ ପ୍ରଥମ ସେମାନେ କେବଳ ଚଳିତ କର୍ମଚାରୀ ଏବଂ କାର୍ଯ୍ୟ ଓ ସେମାନଙ୍କ ବିଭାଗୀୟ ଅଚଳିତ କର୍ମଚାରୀଙ୍କ ପ୍ରସଙ୍ଗ ତୋଳିବେ ନାହିଁ ପରେ ଅନ୍ୟ ବିଷୟର ପ୍ରସଙ୍ଗ ହୋଇ ପାରେ । ଉଚିତ ଦେ [illegible]ଶୀୟ ଲୋକଙ୍କୁ ଦେବା ପାଇଁ ଯେଉଁ ଆଇନ ପ୍ରଚଳିତ ଅଛି ସେହି ଆଇନ ପ୍ରତି ଅଥବା ଉକ୍ତ ଆଇନ ଅନୁସାରେ ହୋଇଥିବା ଉଦ୍ଦେଶ୍ୟପ୍ରତି ଦେଶୀୟ ଲୋକଙ୍କର ଅସନ୍ତୋଷ ଜାତ ହୋଇଅଛି କି ଏ ବିଷୟ ଉତ୍ତମ ପ୍ରମାଣ ଗ୍ରହଣ ପୂର୍ବକ ସ୍ଥିର କରିବେ ଏବଂ ଯଦ୍ୟପି ଅତିନ୍ୟାୟ ଅସନ୍ତୋଷ ଥିବାର ପ୍ରକାଶ ପାଇବ ତେବେ ତହିଁର କାରଣ ଉତ୍ତମରୂପେ ଅନୁସନ୍ଧାନ କରିବାକୁ ହେବ । ଦେଶୀୟ ଲୋକଙ୍କ ଇଣ୍ଡିଆ ସିଭିଲସର୍ଭିସରେ ପରୀକ୍ଷା ଦେବାର ଉଚିତ କି ନା ସମିତି ଏବଂ ଅଳ୍ପ ଉତ୍ତମରୂପେ ବିଚାର କରି ନିରୂପିତ ବିଷୟରେ ରିପୋର୍ଟ କରିବେ । ଯଥା—ଇଂଲଣ୍ଡବର୍ଷ ମଧ୍ୟରେ ପ୍ରତିଯୋଗିତାଦ୍ୱାରା ଯୋଗ୍ୟ ଲୋକ ବାଛି ନେବାରେ କିଛି ଲାଭ ବା ଅଲାଭ ଅଛି ? କି ନିୟମରେ ପ୍ରତିଯୋଗିତା ହେବ ? ଦେଶୀୟ ଲୋକଙ୍କ ମନରୁ କେଉଁଥି କେମନ୍ତ ହେବନ୍ତ ? ଏବଂ ଯେଉଁ ଦେଶୀୟ ଲୋକମାନେ ଚଳିତ ପଦ ନିମନ୍ତେ ଏଠାରେ ମନୋନୀତ ହେବେ ସେମାନଙ୍କୁ ଶିକ୍ଷାନବିଶ ସ୍ୱରୂପ କିଛିକାଳ ବିଲାତରେ ରହିବା ଆବଶ୍ୟକ ଅଛି କି ନା ? । ନିର୍ଦ୍ଧାରଣରୁ ଜଣାଯାଏ ଯେ ଏହି ସମିତି ଅନୁସନ୍ଧାନ କାର୍ଯ୍ୟ ଶେଷକରି ଯେଉଁ ରିପୋର୍ଟ ଦେବେ ତାହା ବିଲାତର ପାର୍ଲିୟାମେଣ୍ଟରେ ଅବଧାନ ହେବାରୁ ଯେଉଁ ସଭ୍ୟ କମିଶନ ଏକପ୍ରକାର ସ୍ଥିର ହୋଇଅଛି ସେହି ସଭାରେ କାର୍ଯ୍ୟ ବିଷୟର ଏକଅଙ୍ଗ ହେବ ଏବଂ ସେଠାର ବିଚାର ଶେଷ ହେଲାରୁ ପାର୍ଲିୟାମେଣ୍ଟରେ ଆଇନର ପାଣ୍ଡୁଲିପି ଉପସ୍ଥିତ ହେବ କାରଣ କି ପାର୍ଲିୟାମେଣ୍ଟର ଆଇନ ବିନା ଏ ସ୍ୱରୂପର ବିଷୟର ଶେଷ ମୀମାଂସା ହୋଇ ନ ପାରେ । ଏଥିରୁ ପାର୍ଲିଆମେଣ୍ଟର ସଭ୍ୟ ବିଷୟ ମନେ କଲେ ଏହି ସମିତିର କାର୍ଯ୍ୟଦ୍ୱାରା ଆମ୍ଭେମାନେ ତତ୍କାଳ ଫଳ ପାଇବୁଁ ଏମନ୍ତ ଭରସା ହେଉ ନାହିଁ । ପାର୍ଲିମେଣ୍ଟ ସ୍ୱୟଂ ଇଚ୍ଛାର ତହିଁରୁ କୌଣସି ଫଳ ପାଇବା ସମ୍ଭାବନା ନାହିଁ । ଭାରତବର୍ଷ ସମ୍ପର୍କରେ କେତେଥର ସଭା ବସି କାର୍ଯ୍ୟକ୍ଷେପ ହେବା ପୂର୍ବରୁ ସବୁ ବିଫଳ ହୋଇଗଲା ଏବଂ କେତେଥର ସଭା ବସିବାର କଥା ହେଲା ମାତ୍ର କାର୍ଯ୍ୟରେ କିଛି ହେଲା ନାହିଁ । ଏସବୁ କଥା ସ୍ମରଣ କଲେ ଏହି ସଭାମଧ୍ୟ ସେହିରୂପ ହେବାରେ ବାଧା କି ? ପୁଣି ଦେଶୀୟ ଲୋକଙ୍କ ନିଯୋଗ ବିଷୟରେ ଏତେ କଷ୍ଟର ପ୍ରୟୋଜନ କି ଅଛି ଆମ୍ଭେମାନେ ବୁଝି ପାରୁ ନାହୁଁ । ଶ୍ରୀମତୀ ଭିକ୍ଟୋରିଆଙ୍କ ଘୋଷଣା ମତେ ଦେଶୀୟ ଲୋକମାନେ ଯୋଗ୍ୟତାନୁସାରେ ସବୁ କାର୍ଯ୍ୟ ପାଇବାର ଅଧିକାରୀ ଏବଂ ଯୋଗ୍ୟତା ନିର୍ଣ୍ଣୟ କରିବାର ଯେ ସମସ୍ତ ନିୟମ ହୋଇଅଛି ତହିଁରେ ଦେଶୀୟ ଲୋକଙ୍କର ଆପତ୍ତି ନାହିଁ । ସେମାନେ କେବଳ ଏତିକି ମାଗୁଅଛନ୍ତି ଯେ ପରୀକ୍ଷା ଦେବାର ବୟସର ସୀମା ବ ୧୯ ବର୍ଷ ସ୍ଥାନେ ବ ୨୧ ବର୍ଷ ହେଉ ଏବଂ ପରୀକ୍ଷାଟି ଏକ ସମୟରେ ବିଲାତ ଏବଂ ଭାରତବର୍ଷରେ ଗୃହୀତ ହେଉ । ଏହି ପ୍ରାର୍ଥନାମାନ ସଙ୍ଗତ କି ଅସଙ୍ଗତ

Split by PDF Splitter

Digitized by srujanika@gmail.com

ଏଣିକି ଇଶ୍ୱର ଦେଲେ ସବୁକଥା ଛପାଯିବ ଏଥିର ଅଡ଼ମ୍ବରର କିଛି ଦରକାର ନାହିଁ।

---

# ସାପ୍ତାହିକ ସଂବାଦ।

ଦୀପାବଳୀ ଅମାବାସ୍ୟା ଏ ନଗରରେ ଉତ୍ତମରୂପେ ନିର୍ବାହ ହୋଇଅଛି। ସେଦିନ ବର୍ଷା ଓ ତୋଫାନ ହେବ ବୋଲି ବଡ଼ ଡର ଥିଲା ତାହା ନ ହେବାରୁ ଲୋକମାନଙ୍କର ଆମୋଦରେ କିଛି ବାଧା ହୋଇ ନାହିଁ। ନୂଆସଡ଼କର ରୋଷନାଇ ଅନ୍ୟାପେକ୍ଷା ଭଲ ହୋଇଥିଲା।

ଅମାବାସ୍ୟା ବାଦିଦିନ ଅର୍ଥାତ୍ ଗତ ବୁଧବାର ଦୁଇପ୍ରହର ଦିନଠାରୁ ସନ୍ଧ୍ୟାପର୍ଯ୍ୟନ୍ତ ଏବଂ ଶୁକ୍ରବାର ଅପରାହ୍ନକାଳରେ ଏଠାରେ ଭଲ ବର୍ଷା ହୋଇଅଛି। ଶେଷଦିନ ବର୍ଷାସଙ୍ଗେ ପବନ ଟିକିଏ ଝାଞ୍ଜି ଥିଲା।

ଅସ୍ମାନଙ୍କ ନୂତନ କଲେକ୍ଟର ବୋଲଟନ ସାହେବ ଗତ ସୋମବାର ଏଠାରେ ପହୁଞ୍ଚି ଗତ ବୁଧବାରଠାରୁ କଚେରୀ କରୁଅଛନ୍ତି।

ଶ୍ରୀଯୁକ୍ତ କମିଶନର ସାହେବ ଗତ କାଲି କଲିକତାରୁ ଫେରି ଆସି ଅଛନ୍ତି।

ବାଲେଶ୍ୱରର ପୌଷ ଏକସପ୍ତାହ ସ୍କୁଲ ଆସନ୍ତା ତା ୭ ରିଖଠାରୁ ଆରମ୍ଭ ହେବ।

## କଲିକତା ଗେଜେଟ।

ଫରେଷ୍ଟବିଭାଗର ସବ୍ ଅସିଷ୍ଟାଣ୍ଟ କନସରଭେଟର ମି, ଇ ଇ, ବ୍ୟାଲି ସାହେବ ଖୋରଧାରୁ ସୁନ୍ଦରବନବିଭାଗକୁ ସ୍ଥାନାନ୍ତରିତ ହେଲେ ଓ ତାଙ୍କ କାର୍ଯ୍ୟ ଡେପୁଟି କନସରଭେଟର ମି, ଏଚ, ଏଚ, ଡେଭିସ ସାହେବ ଅନ୍ୟାଜ୍ଞା ପର୍ଯ୍ୟନ୍ତ ଚଳାଇବେ।

କନାଲସ ଡିଟକ୍ସଟ ରେଲୱେ ସର୍ଭେବିଭାଗର ଇଞ୍ଜିନିୟର ମି, ସି ଡବ୍ ଅନ୍ ତିନିମାସର ଛୁଟି ପ୍ରାପ୍ତ ହୋଇଅଛନ୍ତି।

ମି, ସାଇଣ୍ଡ ସାହେବ ଓଡ଼ିଶାବିଭାଗରେ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର କାର୍ଯ୍ୟରେ ପୁନଶ୍ଚ ନିଯୁକ୍ତ ହୋଇଅଛନ୍ତି।

ବ୍ରାହ୍ମଣୀ ବୈତରଣୀ ଡିଭିଜନ ଏକ୍ଜିକ୍ୟୁଟିଭ ଇଞ୍ଜିନିୟର ମି, ଟି, ବଟ୍ଲର ସାହେବ ତିନିମାସର ଛୁଟି ପ୍ରାପ୍ତ ହୋଇଅଛନ୍ତି।

ବାଲେଶ୍ୱରବିଭାଗର ଅସିଷ୍ଟାଣ୍ଟ ଇଞ୍ଜିନିୟର ପିଲେଗେ ସାହେବ ବାଇକମାସ୍ତର ଅଂଶର ଦ୍ୱିତୀୟ ଅଧ୍ୟାୟ ପ୍ର ୧୦ ନମ୍ବରରେ ଉଚ୍ଚ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି।

---

ଲଣ୍ଡନନଗରରୁ ଆସିଥିବା ଡିସେମ୍ବର ତା ୧୬ ରିଖର ତାରବାର୍ତ୍ତାରୁ ପ୍ରକାଶ ଯେ ଇଂଲଣ୍ଡ ଅଞ୍ଚଳରେ ଭୟାନକ ତୋଫାନ ହୋଇ ଯାଇଅଛି। ଦେଶର ଅଧିକାଂଶ ଜଳମଗ୍ନ ଓ ଉପକୂଳମାନଙ୍କରେ ଅନେକ ଜାହାଜ ଓ ଲୋକ ନଷ୍ଟ ହୋଇଥିବାର କଥିତ ହୁଏ।

ମାନ୍ଦ୍ରାଜର ନୂତନ ଗବର୍ଣ୍ଣର ମାନ୍ୟବର ବର୍କ ମହୋଦୟ ଆଗାମୀ ନବେମ୍ବର ମାସ ତା ୫ ରିଖରେ ମାନ୍ଦ୍ରାଜଠାରେ ପହଞ୍ଚିବାର ସ୍ଥିର ହୋଇଅଛି। ସେହିଦିନ ସେଠା ବର୍ତ୍ତମାନ ଗବର୍ଣ୍ଣର ଗ୍ରାଣ୍ଟ ଡଫ୍ ମହୋଦୟ କାରଭ ଛାଡ଼ି ଇଂଲଣ୍ଡାଭିମୁଖେ ଯାତ୍ରା କରିବେ।

ଆଗାମୀ ନବେମ୍ବର ମାସ ତା ୫ ରିଖରେ ଅସ୍ମାନଙ୍କର ବଡ଼ଲାଟ ବାହାଦୁର ଲକ୍ଷ୍ନୌଠାରେ ପ୍ରବେଶ ହୋଇ ଏକ ଦରବାର କରିବାର ସ୍ଥିର ହୋଇଥିବାର ସମ୍ବାଦ ମିଳଇ।

ଷ୍ଟେଟସ୍‌ମ୍ୟାନରୁ ଅବଗତ ହେଲୁଁ ଯେ କଲିକତା ଶିବପୁରର ବାବୁ ଚନ୍ଦ୍ରକୁମାର ବାନାର୍ଜ୍ଜୀ ଗରିବ କଙ୍ଗାଳମାନଙ୍କୁ ଖ ୧୦୦୦୦ ଖଣ୍ଡ ବସ୍ତ୍ର ଦାନ କରିଅଛନ୍ତି ମଧ୍ୟ ଗୋଟିଏ ଇଂରାଜୀ ସ୍କୁଲ ଓ ଡାକ୍ତରଖାନା ଟାଉନହଲ ନିମିତ୍ତ ଟ ୧୦୦୦ଙ୍କା ଲେଖାଏ ଟ ୨୦୦୦ ଙ୍କା ଦାନ କରିଅଛନ୍ତି। ଧନୀଲୋକମାନଙ୍କର ଧନ ଏହିରୂପରେ ବ୍ୟୟିତ ହେବା କର୍ତ୍ତବ୍ୟ ଅନ୍ୟଥା ଧନର ଅପବ୍ୟବହାର ହୁଅଇ।

ଆଉ ଏକବର୍ଷ ନିମିତ୍ତ ବ୍ରହ୍ମଦେଶ ଇନ୍‌କମ୍ ଟାକ୍ସ ଦାୟରୁ ମୁକ୍ତ ହୋଇଅଛି। ରାଜ୍ୟଯାକରେ ଯେଉଁପ ଅଶାନ୍ତି ବିରାଜିତ ଗବର୍ଣ୍ଣମେଣ୍ଟ କେଉଁ ସାହସରେ ସେଠାରୁ ଇନ୍‌କମ୍ ଟାକ୍ସ ଆଦାୟ କରିବାକୁ ମନ ବଳାଇବେ?

କଲିକତାର ପ୍ରଧାନ ମେଜିଷ୍ଟ୍ରେଟଙ୍କ ଅଦାଲତରେ ଜଣେ ମୁସଲମାନ ଏହି ମର୍ମରେ ଦରଖାସ୍ତ କରିଥିଲା କି ସେ ଭାରତରେ ଜନ୍ମଗ୍ରହଣ କରିଥିଲେହେଁ ପ୍ରାୟ ବ ୧୫ ବର୍ଷ ବିଲାତରେ ଯାପନ କରିଅଛି ଏବଂ ସେ ବିଲାତରେ ଥିବା ସମୟରେ ରୁମର ବାଦଶାହଠାରୁ ଅନେକ ଟଙ୍କା ପ୍ରାପ୍ତ ହୋଇଥିଲା ଯେ ସେ ଟଙ୍କାକୁ ସେ ଭାରତେଶ୍ୱରୀଙ୍କି କର୍ଜ୍ଜ ଦେଇଥିଲା ମାତ୍ର ଏପର୍ଯ୍ୟନ୍ତ ଆଉ ସେ ଟଙ୍କା ଆଦାୟ କରି ପାରିଲା ନାହିଁ ଏବଂ ଉକ୍ତ ଟଙ୍କା ଆଣିବା ଆଶାରେ ସେ ବଙ୍ଗାଳ ବେଙ୍କଗୃହକୁ ଯାଇଥିଲା ମାତ୍ର ସେଠାରୁ ତାହାକୁ ତଡ଼ି ଦେବାରୁ ସେ ନ୍ୟାୟବିଚାରର ପ୍ରାର୍ଥନା କରୁଅଛି। ମେଜିଷ୍ଟର ପ୍ରଶଂସିତ ଏରୂପ ଉଦ୍ଭଟ ଦରଖାସ୍ତ ଶ୍ରବଣ କରି ନ୍ୟାୟବିଚାର ପୂର୍ବରୁ ଦରଖାସ୍ତକାରୀ ପାଗଳ କି ନା ତହିଁର ଅନୁସନ୍ଧାନ କରିବା କାରଣ ପୁଲିସପ୍ରତି ଆଦେଶ କରିଅଛନ୍ତି।

ହିନ୍ଦୁ ପେଟ୍ରିଅଟରୁ ଅବଗତ ହେଲୁଁ ସେ ମିଥ୍ୟାସିକ୍ତ ଦସ୍ତଖତ ଦେବା ଅପରାଧରେ କଲିକତାର କେତେକ ଦେଶୀ ଦୋକାନୀ ପ୍ରତି ଟ ୮୦୦ ଙ୍କା ଲେଖାଏଁ ଅର୍ଥଦଣ୍ଡରେ ଦଣ୍ଡିତ ହୋଇଅଛନ୍ତି ଏବଂ ଅନ୍ୟ କେତେକ ଦୋକାନୀଙ୍କ ନାମରେ ମୋକଦ୍ଦମା ଦାଏର ଅଛି।

କାଲ ଏବଂ ମୂକମାନଙ୍କ ନିମନ୍ତେ ଗୋଟିଏ ସ୍କୁଲ ବସାଇବା କାରଣ ବମ୍ବାଇର ଜଣେ ଧନ ସମ୍ଭ୍ରାନ୍ତ ଲୋକ ବାଲସୁମରି ନିଜ ଘର ଗବର୍ଣ୍ଣମେଣ୍ଟଙ୍କ ହସ୍ତରେ ଟ ୪୦୦୦୦ ଙ୍କା ଅର୍ପଣ କରିବାକୁ ପ୍ରସ୍ତୁତ ହୋଇଅଛନ୍ତି। ଏହାଙ୍କ ଅଳ୍ପ କାଲ ଏବଂ ମୂକ ଥିଲେ ସେହି ହେତୁରୁ ଏହାଙ୍କର କାଲ ଏବଂ ମୂକ ଲୋକଙ୍କପ୍ରତି ବିଶେଷ ସହାନୁଭୂତି ଅଛି। ଯାହା ହେଉ ଜନ୍ମଭାଇଙ୍କର ଏଦାନ ଅତିପ୍ରଶଂସ୍ୟ ଅଟଇ।

ହିନ୍ଦୁ ପେଟ୍ରିଅଟରୁ ଅବଗତ ହେଲୁଁ ଯେ ମହାରାଜା ଦଲୀପସିଂହ ବର୍ତ୍ତମାନ ପାରିସଠାରେ ଅଛନ୍ତି। ସେ ଇଂରାଜମାନଙ୍କ ସହିତ ମିଶିବାକୁ ନିତାନ୍ତ ଅନିଚ୍ଛୁକ ଏବଂ ଏକାନ୍ତରେ ବାସ କରୁଥିବାର କାରଣ କେହି ପଚାରିଲେ ତାଙ୍କର ଓ ତାଙ୍କ ପରିବାରର ଜୀବନ ବୃତ୍ତାନ୍ତ ଲେଖିବାରେ ବ୍ୟସ୍ତ ଥିବାର ସେ ବ୍ୟକ୍ତ କରୁଅଛନ୍ତି।

ପୁନାଠାରେ ରୋମ୍ୟାଲ ଗବର୍ଣ୍ଣରବାହାଦୁରଙ୍କ ପତ୍ନୀ ଲେଡ଼ି ରେ ମହୋଦୟା କେତେକ ସମ୍ଭ୍ରାନ୍ତ ସ୍ତ୍ରୀଲୋକଙ୍କୁ ଏକାନ୍ତ ର ଶ୍ରୀମତୀ ଭାରତେଶ୍ୱରୀଙ୍କ ତୃତୀୟ ପୁତ୍ର କି ଯେ ବର୍ତ୍ତମାନ ଭାରତବର୍ଷକୁ ଆସିଅଛନ୍ତି ତାଙ୍କପତ୍ନୀ ଡଚେସ ଅଫ୍ କନଟଙ୍କ ସହିତ ସାକ୍ଷାତ କରିବା କାରଣ ନିମନ୍ତ୍ରଣ କରିଥିବାର ସମ୍ବାଦ ମିଳଇ। କେତେକ ଇଂରାଜ ମହିଳା ମଧ୍ୟ ଏ ସମୟରେ ନିମନ୍ତ୍ରିତ ହୋଇଥିଲେ। ପର୍ଦ୍ଦା ସ୍ତ୍ରୀଲୋକଙ୍କର ବଦ୍ଧମଳ ଆଚରଣ ଓ ବସ୍ତ୍ର ଗହଣ ପରେ ଇଂରାଜ ରମଣୀମାନେ ମୋହିତ ହୋଇ ଯାଇଥିବାର କଥିତ ହୁଏ।

ଭାରତେଶ୍ୱରୀଙ୍କ ପୁତ୍ରବଧୂ ସମସ୍ତଙ୍କ ସଙ୍ଗେ ଅସ୍ପୃଶ୍ୟ ନିର୍ବିରୋଧେ ଷରେ ମିଳି ମିଶି କଥାବାର୍ତ୍ତା କରିଥିଲେ।—ଏକାର୍ଯ୍ୟ ଅତି ସୁଦୃଶ୍ୟମଙ୍ଗଳ ଅଟଇ।

ବ୍ରହ୍ମସେନାପତି ଜେନେରେଲ ମାକଫର୍ସନ ସାହେବ ଜ୍ୱରରୋଗରେ ଆକ୍ରାନ୍ତ ହୋଇ ଚଳିତମାସ ତା ୨୦ ରିଖରେ ମାନବଲୀଳା ସମ୍ବରଣ କରିଥିବାର ସମ୍ବାଦ ମିଳଇ। ଏଯୋଗୁଁ ସର ଫ୍ରେଡରିକ ରବର୍ଟସ ଓ ମେଜର ହାମିଲଟନ ସାହେବମାନେ ବ୍ରହ୍ମଦେଶକୁ ଗମନ କରିଅଛନ୍ତି।

ବ୍ରହ୍ମରାଜ୍ୟର ଅବସ୍ଥା ପୂର୍ବପ୍ରାୟ ଅଶାନ୍ତିଜନକ ଅଟଇ। ବଦ୍ରୋଷ୍ଠମାନ ଚଳିତମାସ ତା ୧୬।୧୭ ରିଖରେ ନିଙ୍ଗିଅନ ଓ ସିମ୍ବୁରେ ନଗର ଆକ୍ରମଣ କରିଥିଲେ ମାତ୍ର ସ୍ଥିର ହୋଇ ରହି ନ ପାରି ଲେଉଟି ଯାଇଅଛନ୍ତି। ସ୍ଥାନେ ୨ ନାନାପ୍ରକାର ଡକାଏତୀ ଓ ହତ୍ୟାକାଣ୍ଡ ସଂଘଟିତ ହେଉଥିବାର ସମ୍ବାଦ ମିଳଇ।

ଚନ୍ଦନନଗରର ପ୍ରଜାବନ୍ଧୁ ଓ ସୀତାର ନାମକ ସମ୍ବାଦପତ୍ରମାନେ ଯେଉଁ ଯୁଆଖେଳ ଓ ପାରିତୋଷିକ ବିତରଣର ପନ୍ଥା ବାହାର କରି ଏଥିମଧ୍ୟରେ କିଛି ଆୟ କରି ନେଲେ ଏଣିକି ଆଉ ତାହା ହେବ ନାହିଁ। ଉକ୍ତ ନଗରର ଲର୍ଡ଼ ମେୟର ଏଥିର ଘୋଷଣା ଦେଇଅଛନ୍ତି। ଫରାସିଙ୍କ ଗବର୍ଣ୍ଣମେଣ୍ଟରେ ଯୁଆଖେଳ ନିଷେଧ ନ ଥିଲା ବୋଲି ଭୁଲ ଜଣାଥିବ ହୋଇଗଲା ମାତ୍ର ଇଂରାଜ ଗବର୍ଣ୍ଣମେଣ୍ଟ ସମ୍ପୂର୍ଣ୍ଣରୂପେ ତହିଁର ବିରୋଧୀ ଅଟନ୍ତି।

ମହାମାନ୍ୟ ଗବର୍ଣ୍ଣରଜେନେରଲଙ୍କ ସଭାର ପ୍ରତ୍ୟେକ ସଭ୍ୟ ବିଲାତରୁ ନିଯୁକ୍ତ ହୋଇ ଆସିବାବେଳେ ପ୍ରାୟ ଆଠହଜାର ଟଙ୍କା ଲେଖାଏଁ ବାଟଖର୍ଚ୍ଚ ପାଇବାର ନିୟମ ଅଛି। ଏହିବ୍ୟୟ ଉଠାଇଦେବା କାରଣ ଧନପର୍ଯ୍ୟାୟ କମିଟି ପ୍ରସ୍ତାବ କରିଅଛନ୍ତି। ସମସ୍ତ ଉଚ୍ଚ କର୍ମଚାରୀଙ୍କର କେବଳ ଜାହାଜ ଭଡ଼ା ଛଡ଼ା ଆଉ ସମସ୍ତ ବାଟ ଖର୍ଚ୍ଚ ଉଠାଇ ଦେବାର ଉଚିତ।

---

## ପ୍ରେରିତପତ୍ର।

**ପ୍ରେରିତପତ୍ରର ମତାମତ ନିମନ୍ତେ ଅସ୍ମେମାନେ ଦାୟୀ ନୋହୁଁ।**

---

ଶ୍ରୀଯୁକ୍ତ ଉତ୍କଳଦୀପିକାସମ୍ପାଦକ ମହାଶୟଙ୍କ ମାନ୍ୟବରେଷୁ

ମହାଶୟ!

ନିମ୍ନଲିଖିତ କେତେକ ପଂକ୍ତିକୁ ପତ୍ରିକାରେ ସ୍ଥାନ ଦାନ କଲେ ଉପକୃତ ହେବ।

ଏ ସହରର ମୃତ୍ତିକାପୁତ୍ତଳିକା ନିର୍ମାଣ କରିବାରେ ଭାଗୀରଥୀ ଦାସଙ୍କର ଅତି ନିପୁଣତା ଅବଲୋକନ କରି ତାଙ୍କର ପ୍ରଶଂସା ନ କରି କ୍ଷାନ୍ତ ହୋଇ ନ ପାରିଲୁଁ। ଅଳ୍ପ କାଗଜ ଯେଉଁ ପିତୁଳା ଆଜ ଦିନରେ କରିପାରେ ସେ, ଏକଦିନରେ ତାହା ନିର୍ମାଣ କରିପାରନ୍ତି। ପିତୁଳା ଲୋକଙ୍କ ସଙ୍ଗେ ସଙ୍ଗେ ନିର୍ମାଣ କରି ଦେଇ ଉତ୍ସାହପୂର୍ବକ ଚିତ୍ର କରି ଗ୍ରାହକଙ୍କୁ ଦେବାର ଦେଖା ଯାଇଅଛି। ଦଶହରା ସମୟରେ ଦୁର୍ଗା ମଡ଼ ବନାଇ କଲିକତାରେ ଆସନ୍ତ ଲଗି ପ୍ରତିମାକୁ ମସ୍ତକ ବା ଅନ୍ୟ କୌଣସି ଅଙ୍ଗ

Split by PDF Splitter



ଛାଙ୍ଗିଗଲେ ଚତୁଷ୍ପାଠୀ ଅଧ୍ୟାପକ ପଣ୍ଡିତଲସହ-ଭାରେ ଏପରି ନଗରର ଉତ୍ସବଅନ୍ତ ଯେ ଛାଙ୍ଗିଯିବାର ଚିହ୍ନ ସ୍ପଷ୍ଟ ଦେଖା ଯାଏ ନାହିଁ । ହେଡ଼ଲଷ୍ଟଙ୍କ ଶୁଭାଗମନକାଳୀନ୍ କମିଶ୍ନର-ସାହେବଙ୍କ ହତାଫାଟକରେ ଯେଉଁ ସୁଦୃଶ୍ୟ ପ୍ରତିମା ପ୍ରସ୍ତୁତ କରି ଦର୍ଶକଙ୍କ ମନୋହରଣ କରିଥିଲେ ତାହା କାହାର ଅବଗତ ନାହିଁ ତାଙ୍କର ଶ୍ରୀଚନ୍ଦନଶଙ୍କ ଉଲ୍ଲିଖ ଏବର୍ଷ ଉଦୋଦ-ହଥାଉ ଦୁର୍ଗାମେଢ଼ରେ ଲକ୍ଷ୍ମୀ ସରସ୍ୱତୀ ମହିଷା-ସୁର ଗଣେଶ ଓ କାର୍ତ୍ତିକେୟ ପ୍ରତିମା ତନ୍ନିର୍ମ୍ମାଣ-ଭଙ୍ଗୀରେ ପ୍ରସ୍ତୁତ କରିଥିଲେ ମାତ୍ର କାର୍ଯ୍ୟରେ ସେ ଅଦ୍ଭୁତତ୍ୱ ବୋଧଲେ ଅତ୍ୟୁକ୍ତି ହେବ ନାହିଁ । ସେ ଯେପରି ନିପୁଣଶିଳ୍ପୀ, ଓ ଯେପ୍ରେ ସ୍ୱକପ-ଲକ୍ଷ୍ମୀ ଯଦି ଅଲକ୍ଷ୍ୟ ପରିଭାଗ କରିପାରନ୍ତି ତେବେ ସେ ଅଳ୍ପ ଦିନେ ଅର୍ଜ୍ଜନ କରି ସାଧାରଣର ପ୍ରତିଷ୍ଠାଭାଜନ ହୁଅନ୍ତେ ସନ୍ଦେହ ନାହିଁ । ହରଷା କରୁଁ ଏହି ପ୍ରଶଂସାବାଦରେ ସେ ନିଜର ଏହି ଦୋଷ ପରିହାରବିଷୟରେ ଯତ୍ନ ହେବେ ଇତି ।

୨୭।୧୦।୮୬ ଇଃ

ଶ୍ରୀ——

---

ଶରଦ୍‌ବର୍ଣ୍ଣନ ।

(ନିର୍ମ୍ମଳ ଚନ୍ଦ୍ରମଣ୍ଡଳ ସରବେ ହଂସ ସଙ୍ଗରେ)

ବରଷା ଅନ୍ତରେ ହେଲା ଶରଦ ପ୍ରବେଶ,
ଜଗତ ପ୍ରକାଶ କଲା ଦେଖି ପୂର୍ଣ୍ଣ ହାସ,
ଇନ୍ଦ୍ରୁ ବାରିଦସକଳ,
ଦେଶାନ୍ତରେ ଯିବାପାଇଁ ହୋଇଲେ ଚଞ୍ଚଳ ।୧
ନାହିଁ ତଳ ସ୍ଫୁରଣ, ସ୍ତନିତଗର୍ଜ୍ଜନ,
ମୁଷଳଧାରରେ ନାହିଁ ସଲିଳ ପତନ,
ହୋଇ ସ୍ୱଚ୍ଛନ୍ଦଗମନ;
ଧରିଲେଣି ଶୁଭ୍ରବେଶ ଧବଳବରଣ ।୨।
ନୀଳବର୍ଣ୍ଣଗଗନର ଏକ ଏକ ଭାଗେ
ଖଣ୍ଡେ ଖଣ୍ଡେ ଧୀରେ୨ ଉଠେ ମନ୍ଦଶ୍ୱାସେ ;
କେହି ମନ ଦମ ଭରି
ଚୂର୍ଣ୍ଣ ପଦେ ବୃକ୍ଷପାଏ ଦେଇ ଚିତ୍ତ ହାରି ।୩।
ଉପକୂଳପଥବକ ଦେଖି ଦନ୍ଦକାଥ
ଚଳାଇବା ଆରମ୍ଭିଲେ ସ୍ୱପଥରେ ରଥ
ସପ୍ତରଙ୍ଗରେ ରଞ୍ଜିତ
ପ୍ରଚଣ୍ଡ ପିନାକ ଭଳି ସୁନ୍ଦରେ ପ୍ରୀତ ।୪।
ପଶ୍ଚିମର ଦନ୍ତ୍ର ଗ୍ରୀଷ୍ମକାଳ ଉଗ୍ରମୂର୍ତ୍ତି
ଧରିଛନ୍ତି ନତଶିର ନାଚିଭିନ୍ଦଦାନ୍ତ
ଦେବମାଧୁର୍ଯ୍ୟେ ଭାବର
ପୂର୍ଣ୍ଣ ହୋଇ ଦଶୁଅଛ ହେତେ ମନୋହର ।୫
ରଣରେ ବଳସ୍ତ୍ରୀ ହୋଇ ପ୍ରଫୁଲ୍ଲିତ ମନ,
ଅଳନେ କରନ୍ତି ପୂର୍ଣ୍ଣ ଜଗତ ଅଙ୍ଗନ ;
ତାଙ୍କ ହୃଦୟ ମନ୍ଦିର
ସୌରଭ୍ୟରେ ହସ୍ତ ହୋଇ ପରିହରେ ଦର ।୬
ଶୁଖାଇଲେ ପଥ ଘାଟ; ବହିଲା ପଥିକ,
ବଦେଶ ଗମନେ ହେଲା ବଣିକ ଉତ୍ସୁକ,
ହେଲ ଚତୁରଙ୍ଗବଳ
ଯୁଦ୍ଧଯାତ୍ରା କରିବାକୁ ଚଳନ୍ତେ ଭୂପାଳ ।୭।
ଦାବାନଳେ ପ୍ରପୀଡ଼ିତ ଯେତେକ କାନନ
ବର୍ଷା ପାଇ ଧରିଛନ୍ତି ନୂଆପତ୍ରମାନ;
ତାହା ଝାଉଁଳ ନ ଯାଇ
କମଳ ରବିକୁ ପାଇ ଆନନ୍ଦେ ନାଚଇ ।୮।
ନାନାରଙ୍ଗ ଶସ୍ୟ ପୂର୍ଣ୍ଣକେଦାର ରହିଛି
ଦେଖି ହୃଏ କୃଷକର ମନ ପୁଲକିତ;
ଦୃଢ଼ ପକ୍ୱଶସ୍ୟ ଫଳ
ଅଟରେ ଧରିବ ତାର ବଂଶ ଦୃଢ଼ ବଳ ।୯।
ମନୋହର, ଗଜ, ଶ୍ୟାମ, ଦେଖି ଦୂର୍ବାଦଳ
ପୁଚ୍ଛ ଟେକି ଆନନ୍ଦରେ ନାଚନ୍ତି ଗୋକୁଳ,
ପୁଣି ଷଣ୍ଡବୋଦନ
ମତ୍ତମନେ କରେ ଶୃଙ୍ଗ ମୃତ୍ତିକା ଖନନ ।୧୦।
ଆନନ୍ଦରେ ଧରିଦେବୀ କରି ଅଟ୍ଟହାସ
କାଶପୁଷ୍ପେ ଦନ୍ତପଂକ୍ତି କଲେ ପରକାଶ;
ବାରିଦର ଜକାତନୁ
ଦଶୁଛନ୍ତି ମନୋହର ଔଷଧିପ୍ରାୟ ।୧୧।
ଅନନ୍ତାଶ ପୂର୍ଣ୍ଣ ତାଙ୍କ ନେତ୍ରଦ୍ୱୟ ସିନା
ତୁଷାରରେ ପରିପୂର୍ଣ୍ଣ ଜନମ ମଳିନା,
ଫୁଟି ଉତ୍ପଳମାଳ
ଅଶ୍ୱକାର ଦଶୁଅଛି ଶୀତ କାସାରଜନ ।୧୨।
ବେଗବତୀ ସ୍ରୋତସ୍ୱତୀ ହୋଇ ମନ୍ଦଗତି
କଳ କଳ ରବ ଯାଉଛନ୍ତି ମଥା ଯୋଡ଼ି;
ଯାହା ଅନନ୍ଦକାଳରେ
ମଇଳନ୍ତି ଉତ୍ତମରୁ ତାଙ୍କର ତୁଟରେ ।୧୩।
ଅବା ମିଷ୍ଟାଳାପ କରି ସବୁଲି ସଙ୍ଗରେ
ପନ୍ଥସ୍ଥେ ଯାଉଛନ୍ତି ମନ୍ଥରଗତିରେ;
ଯଥା କ୍ଷିପ୍ରବଦନରେ
ସଖୀ, ହେତ ସଙ୍ଗେ ଜଳ ସ୍ୱାମୀ ଉଦ୍ଦେଶ୍ୟରେ
ପତ୍ନୀ ଆଗମନ ଦେଖି ହୋଇ ହୃଷ୍ଟମନ
ଜଳଧି ଧରିଛନ୍ତି ପ୍ରସାଦ ମୂରତି,
ବନ୍ଧ ହସାଇ ପ୍ରେମରେ
ଉଠୁଅଛି ହେଉଅଛି ବକ୍ଷ ଧୀରେ ଧୀରେ ।୧୫।
ନ ଉଡ଼ନ୍ତି ଧୂଳି, ନାହିଁ ଭ୍ରୁକୁଟିକା ଦାଗ
ଦଶମାଳେ ଦଶୁଛନ୍ତି ଅତ୍ୟନ୍ତ ଉଜ୍ଜ୍ୱଳ;
ଦୂରର ଶଇଳ ସକଳ
ଧରିଛନ୍ତି ମନୋହର ବରଣ ସୁନୀଳ ।୧୬।
କେହି କେହି ଅବା ଶିରେ ଶୁଭ୍ର ଅଭ୍ର ଧରି
ଶୋଭା ପାଉଅଛି ଯଥା ହିମାଳୟଗିରି;
ସୃଷ୍ଟିସଙ୍ଗେ ଗିରିରାଜ
ଆନନ୍ଦ ଦେଖିବାକୁ ମନୁଷ୍ୟସମାଜ ।୧୭।
ଏଥିର ସୁଖଦକାଳେ ଆର୍ଯ୍ୟ ଋଷିଗଣ
ବିଧାନ କରିଛନ୍ତି ପାର୍ବ୍ବଣ ତର୍ପଣ,
ପିତୃଲୋକଙ୍କର ସେବା
ସ୍ୱାର୍ଥକ ହୁଅନ୍ତି ତାଙ୍କ ବଂଶ ରଖିଥିବା ।୧୮।
ଭକ୍ତିଭ ମନରେ ପୁଣ୍ୟ ବ୍ରାହ୍ମଣ ଭିତରେ
ଅତପ ତଣ୍ଡୁଳ, ତିଳ, କୁଶ, ପାଢ଼ୀ ନେଇ,
ଆର୍ଦ୍ରବସ୍ତ୍ର ପରିଧାନ,
ମନ୍ତ୍ର ପଢ଼ି, କରେ ଭକ୍ତେ ଉଦକ ପ୍ରଦାନ ।୧୯
ଅର୍ପଣ କରନ୍ତି ପିଣ୍ଡ ପୁଣି ଆସି ଘରେ;
ପିତୃଙ୍କ ଅଶିଷ ନ ଘେ ବଳସ୍ୱଗବରେ;
ଜପ ଜାହ୍ନବୀ ସେବନ
ତେଣୁ କରେ ଆନନ୍ଦରେ କର୍ତ୍ତବ୍ୟ ପାଳନ ।୨୦
ମହାଷଷ୍ଠୀ ଶେଷ ଦିନ ହିନ୍ଦୁଙ୍କର ଜାତ୍ର
ଏକମନେ ସ୍ତୁତି କଲେ ପୂଜିବା ସକଳ,
ତାଙ୍କ ମହିମା ଅପାର
ଦେବୀଆଗମନେ ତାଙ୍କ ସେବା କଲେ ବସୁଧାର ।୨୧
ନାନାରୂପେ ନାନାଲୋକେ କରନ୍ତି ଅର୍ଚ୍ଚନ,
କେହି ପୂଜେ ଅସି, କେହି ପୂଜଇ ଲେଖନ,
କେହି ପ୍ରତିମା ସ୍ଥାପନ
କେହି ଶକ୍ତି, ଖଡ୍ଗ, କେହି କୁସଡ଼ି ବନ୍ଦନ ।୨୨
ଏପରି ଦେଖିଲ ସ୍ଫୁଟା ଦେବୀ ମହାମାୟୀ
ଭକ୍ତ ସୁତ ହେବେ ଭଣା ନ କରନ୍ତି ଦୟା;
ମାତ୍ର ଭକ୍ତି ଯାର ଯେତେ
ପ୍ରସନ୍ନ ହୁଅନ୍ତି ଦୁର୍ଗା ତାହାଠାରେ ତେତେ ।୨୩
ସନଗ୍ରାମ ପରେ ପରେ ନାନାରୂପ ଧରି
ଭଜେ ବରଛନ୍ତି ଅତି ପବିତ୍ରଭୂମାଗୀ;
ନ ମାନନ୍ତି ଜାତିଭେଦ
ପୂଜା ଦେଇ ସକଳର ବଢ଼ାନ୍ତି ପ୍ରମୋଦ ।୨୪
ଦ୍ୱାରେ ଦ୍ୱାରେ ଉମ୍ବାଦୃଷ କଳସ ସ୍ଥାପନ,
ତୋରଣମାଳ ହୋଇ ଯେ ଅଛି ପ୍ରଲମ୍ବନ;
ଜାଣେ ତହିଁ ଲେଖା ହୋଇ
ଅନୁବୋଲ ଦର୍ଶ ଦେଖେ ସୁନ୍ଦର ଦର୍ପଣ ।୨୫
ବନ୍ଦନ, ଚନ୍ଦନାପୂଷ, ଅଗୁରୁଚନ୍ଦନ,
ସୁଗନ୍ଧରେ ପରିପୂର୍ଣ୍ଣ କରନ୍ତି ପବନ,
ଦୁଗ୍ଧ-ଦଧି-ଦଶାଧିପ,
ବ୍ରାହ୍ମଣଙ୍କ ଚଣ୍ଡୀପାଠ, ପୂରାଏ ମେଦିନୀ ।୨୬
ନୃତ୍ୟ, ଗୀତ ନୈବେଦ୍ୟ ନାନାବିଧମାନ

Digitized by srujanika@gmail.com

Split by PDF Splitter



ଗିରିଜାଙ୍କ ପାଦପଦ୍ମେ ହେଉଛି ଅର୍ପଣ;
ପୁଣ ବୃନ୍ତଗଣ ଭେଜନ
ବଥୟାଏ ନେତ୍ରକୁ ମୁକ୍ତହସ୍ତେ ଧନ ॥ ୨୭ ॥
ନର୍ତ୍ତକ ନର୍ତ୍ତକୀମାନେ ସୀଣାଳଣୀ ସ୍ୱରେ
ଗାଉଛନ୍ତି ସୁଲଳଗୀତ ସୁତାନରେ;
ବାଜେ ନାନାଯନ୍ତ୍ରମାନ;
ହୋଇଅଛି ମର୍ତ୍ତ୍ୟପୁରୀ ଅମରସମାନ ॥ ୨୮ ॥
ଅବାଳ ବନିତା ବୃଦ୍ଧ ପିନ୍ଧି ନବବାସ
ପରସ୍ପରେ ଆଲିଙ୍ଗନ, ମୁଖେ ମିଷ୍ଟଭାଷ,
ନାହି ଶତ୍ରୁ ମିତ୍ର ଭେଦ,
ଦରଦରଣୀଙ୍କ ସେବି ଲଭୁଛନ୍ତି ପ୍ରମୋଦ ॥୨୯॥
ଏହିପରି ଭଳିବଳ ନଗେନ୍ଦ୍ରତନୟା
ପୂଜନ୍ତି, ଚତୁର୍ଥ ଦିନେ କରନ୍ତି ବିଜୟା,
ଶୁକ୍ଳଦଶମୀ ସେ ଦିନ
ଶୁଭଦିନମାନଙ୍କରେ ଅଟଇ ପ୍ରଧାନ ॥ ୩୦ ॥
ଶାରଦୀୟ ଶୁକ୍ଳପକ୍ଷେ ପ୍ରକୃତି ସୁନ୍ଦରୀ
ଧାରଣ କରଇ ରୂପ ଅପୂର୍ବ ମଧୁରୀ,
ହୋଇ ମନ ଲୋଭ ଲେଶ
ବର୍ଣ୍ଣ ନ କରଇ ଅଙ୍ଗ ସୁବିମଳପ୍ରଭା ॥ ୩୧ ॥
ନିରମଳ ଗଗନରେ ସୁବିମଳ ଶଶୀ
ଉଦେ ହୋଇ ବରଷଣ କରେ ସୁଧାରାଶି;
ନାଚେ ଆନନ୍ଦେ ଚକୋର
ଦରିଦ୍ର ପାଇଛି ଯାହେ କୁବେରଭଣ୍ଡାର ॥୩୨॥
ବୃକ୍ଷର ପତ୍ରରେ ପଡି ପ୍ରଚୁର ଶିଶିର
ଶଲପତ୍ର ଅଛି ହେଲେ ହୋଇ ଝରଝର;
ସୁଧାପାନରେ ସ୍ତାବର
ଅଶାନ୍ତି ହେବାରୁ ତାହା କରେକି ଉଦ୍ଗାର? ॥୩୩
ବର୍ଷାବାନ୍ତି ଶଇବାଳ ଅନ୍ତ ସୌଧଶିରେ,
ମନେ ଏହା ହେଉ, ହର ମୂର୍ତ୍ତି ସନ୍ନିକଟରେ,
କେହି ଯତ୍ନସହକାରେ
ପଦ୍ମଫୁଲ ଭଲ୍ଟାଇ ରଖିଲା ଧବଳରେ ॥ ୩୪ ॥
ଜଳମଧ୍ୟ କୁମୁଦିନୀ ପ୍ରେମପ୍ରପୂରିତା
ବାହାରଇ ମନୋରମବେଶରେ ମାନିନୀ,
ଦେବ ସୁଗନ୍ଧେ ପୂରିଛି,
ଧବଳକାନ୍ତିରେ ଦିଗ ଉଜ୍ଜ୍ୱଳ ହେଉଛି ॥ ୩୫ ॥
ଶତପତ୍ରଦଳ ମଧ୍ୟେ ହସଇ କେଶର
ଦେଖାଉଛି ସତି ଖୋଲି ହୃଦୟ ଦୁଆର,
ମନ ସୁନ୍ଦରର ଭାବ
ପ୍ରକାଶ କରଇ କିନ୍ତୁ ମୁଖେ ନାହି ରବ ॥୩୬॥
ପ୍ରଗାଢ଼ପ୍ରେମର ଏହା ଯଥାର୍ଥ ଲକ୍ଷଣ;
ଶଠଲୋକଙ୍କର ମିଠା ବାକ୍ୟ ପ୍ରୟୋଜନ,
ବହୁ ଶ୍ରୁତିପ୍ରିୟ କଥା,
ପ୍ରକାଶ କରନ୍ତି ମନଭାବରୁ ଅନ୍ୟଥା ॥ ୩୭ ॥
ଏ ଅପୂର୍ବ ରଜନୀର ଶୋଭା ମନୋହର
ଲକ୍ଷ୍ମୀ ଉଠଇ ଦେଖି ସୁଖପାରାବାର
ମନ ମୀନ ଭଳି ରଙ୍ଗେ
ଲୀଳା ଖେଳା କରୁ ବୁଲେ ତରଙ୍ଗ ଭରଙ୍ଗେ ॥
କଉଡୁକେ ନାନାରଙ୍ଗେ କୁମାର କୁମାରୀ
କ୍ରୀଡ଼ା ଆରମ୍ଭିଲେ ଦେଖି ନଗ୍ନା ଅଭିସାରୀ,
ଚାନ୍ଦ ପୂର୍ଣ୍ଣିମୀ ଦିନରେ
ଆନନ୍ଦରେ ପୂଜା କଲେ ଶରଦଶେଷରେ
॥ ୩୮ ॥

୧୪।୧୦।୮୬ } ଆପଣଙ୍କର ଏକାନ୍ତ ବଶମ୍ବଦ
କଟକ } ଗୋଲଖଧନ ।

# ବି ଜ୍ଞା ପ ନ ।

## NOTICE.

On Friday the 5th. November 1886 at 10 A. M. will be sold on the premises by public auction to the highest bidders in lots to suit purchasers, the materials of the Road Cess Inspection Bungalow and out offices at Jaepur Ph. Jhunkur on the 25th. mile Taldundah road.

TERMS OF SALE.

10 per cent of highest bid to be paid on the spot. The balance to be paid before any of the materials are removed.

The whole of the materials brought, to be removed within 15 days of date of auction.

(Sd.) G. Toynbee
Chairman Road Cess Committee
Cuttack
22-10-86.

### ଓଲାଉଠା ରୋଗର ଅତ୍ୟୁତ୍କୃଷ୍ଟ ମହୌଷଧି ।

ଏହି ଔଷଧର ସମାନ ଗୁଣାବଳମ୍ବି ଅନ୍ୟ କୌଣସି ଔଷଧ କଦାପି ଲକ୍ଷିତ ହୁଏ ନାହି । ଏପରି ଓଲାଉଠାରୋଗର ପ୍ରଧାନତମ ଔଷଧି ହୋଇ ନାହିଁ; ଏହି ଔଷଧି ସେଠାରେ ଫଳପ୍ରଦ " କ୍ଲୋରୋଡାଇନ " ଯେଉଁଠାରେ ଫଳପ୍ରଦ ହୋଇ ଅନେକ ପ୍ରଖ୍ୟାତି ଲାଭ କରିଅଛି । କ୍ଲୋରୋଡାଇନ ପରିବର୍ତ୍ତରେ ନ ୧ ମ୍ବର ପିଲ ବା ବଟିକା ବ୍ୟବହାର କରିବାକୁ ହୁଏ । କ୍ଲୋରୋଡାଇନ ଯେଉଁ ସ୍ଥଳେ ଫଳପ୍ରଦ ନ ହୁଏ ସେସ୍ଥଳେ ନ ୨ ମ୍ବର ପିଲ ବା ବଟିକା ବ୍ୟବହାର କଲେ ନିଶ୍ଚେ ରୋଗୀ ରୋଗରୁ ମୁକ୍ତ ହୁଏ ।

ରୋଗର ମରଣାପନ୍ନ ଅବସ୍ଥାରେ ନ ୩ ମ୍ବର ପିଲବା ବଟିକା ବ୍ୟବହାର କଲେ ରୋଗୀ ଜୀବିତ ଥାଇ ପୁଣି ସଂସାର କାର୍ଯ୍ୟ ନିର୍ବାହ କରଇ ।

ଯଦ୍ୟପି ବାନ୍ତି ବନ୍ଦ ନ ହୁଏ ତେବେ ନ ୪ ପିଲବା ବଟିକା ବ୍ୟବହାରରେ ନିଶ୍ଚୟ ବନ୍ଦ ହୁଏ ।

ଅସହ୍ୟ ତୃଷ୍ଣା ନିବାରଣ ସକାଶେ ନ ୫ ମ୍ବର ପିଲ ବା ବଟିକା ବ୍ୟବହାର ମାତ୍ରକେ ନିବାରିତ ହୁଏ ।

ଯଦି ପେଟରେ ଯନ୍ତ୍ରଣା ହୁଏ ବା ପେଟ ଫୁଲଇ ବା ରୋଗର ପରିକ୍ଷା ନ ହୁଏ ତେବେ ନ ୬ ମ୍ବର ଔଷଧି ବ୍ୟବହାରରେ ସମସ୍ତ ପୀଡ଼ା ଉପଶମ ହୁଏ ।

ଉକ୍ତ ପ୍ରତ୍ୟେକ ନମ୍ବର ଔଷଧର ମୂଲ୍ୟ ୫୦ ଏ ଓ ସମୁଦାୟ ଏକତ୍ରରେ କ୍ରୟ କଲେ ଉତ୍ତମ ବାକ୍ସରେ ବନ୍ଦ କରି ବ୍ୟବସ୍ଥାପତ୍ର ସହ ଟ ୨। ମୂଲ୍ୟରେ ପ୍ରାପ୍ତ ହେବ ।

ଅଧିକ ବା ଅଳ୍ପଦିନର କମ୍ପସାଧ ଜ୍ୱର ଓ ଅନ୍ୟାନ୍ୟ ରୋଗର ବହୁ ପରୀକ୍ଷିତ ଓ ଆଶୁ ଫଳପ୍ରଦ ଔଷଧି ।

| | |
|---|---|
| କୌଣସି ପ୍ରକାର କମ୍ପସାଧ ଜ୍ୱରମ୍ବକାଶ ବଟି ଟ ୧ । | ଦନ୍ତରୋଗର ଚୂର୍ଣ୍ଣ ଟ ० ⁄ |
| ବାତୁଳର ଅତି ଆଶ୍ଚର୍ଯ୍ୟ ଔଷଧି ଟ ୧୧ | କର୍ପୂରାସବ (ଉଦରାମୟ କାଶ ବ) ଟ ० ।⁄ |
| ବାତାଜୀର୍ଣ୍ଣ ବା ଗ୍ରହଣିରୋଗର ଔଷଧ ଟ ୧ | ଜୀର୍ଣ୍ଣକାରକ ଔଷଧ ଟ ० ୴ |
| ଶିରଃଶୂଳର ଉତ୍ତମ ଔଷଧି ଟ ० ।⁄ | „ ଚନ୍ଦ୍ରରସ ଟ ० ୴ |
| ଯାଦୁର ମଲମ (କ୍ୱାଳା କରଇ ନାହିଁ) ଟ ० ⁄ | „ ମଧୁରସ ଟ ० ୴ |
| ବଫରୋଗର ବଟି ଟ ० ⁄ | ବମନରୋଗର ବଟି ଟ ० ୴ |
| | ମକରଧ୍ୱଜ ପ୍ରତତୋଲା ଟ ୧୬୧ |
| | ବହୁବାଳର ସୁହୃଦି ଔଷଧ ଟ ୧୦୧ |

### ପ୍ରଶଂସାପତ୍ର ।

ଆପଣଙ୍କ ପ୍ରସ୍ତୁତ ଓଲାଉଠା ରୋଗର ବଟୀକାର ଗୁଣ ଯଥେଷ୍ଟରୂପେ ପ୍ରଶଂସା କରିଯାଇ ନ ପାରେ । ୬୦ ବର୍ଷର ଅଧିକ ଓ ୭୦ ବର୍ଷର ଅନ୍ୟୂନ ବୟସ୍କ ଆମ୍ଭର ଜଣେ ପ୍ରତିବାସୀ ଓଲାଉଠା ରୋଗରେ ଏପରି ପୀଡିତ ଥିଲେ କି ତାଙ୍କର ଜୀବନର ଆଶା ସମସ୍ତେ ତ୍ୟାଗ କରି ଥିଲେ । ଏହି ସମୟରେ ଆପଣଙ୍କ ଦତ୍ତ (ନ ୩ ମ୍ବର) ବଟୀକାଟି ତାହାଙ୍କୁ ଖୁଆଇଲି । ଅତ୍ୟନ୍ତ ଆହ୍ଲାଦର ସହିତ ଜଣାଉଅଛି କି ଉକ୍ତ

Digitized by srujanika@gmail.com

Split by PDF Splitter



ବଟିକା ଦେବାମାତ୍ରକେ ରୋଗୀ ଉପଶମଲାଭ କଲେ ଓ ଅବଶେଷରେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କଲେ ।

କେନ୍ଦ୍ରାପଡ଼ା ୩୦।୬।୮୬ } Munsi Warish Alli Head Master.

---

ମହାଶୟ ! ଆପଣ ଯେଉଁ ଔଷଧ ପ୍ରେରଣ କରିଥିଲେ ତାହା ବହୁଦିବସସ୍ଥାୟୀ ଜ୍ୱରର ଶାନ୍ତିଦାୟକ ଔଷଧ ଅଟେ । ଦୁଇ ଦିବସ ମଧ୍ୟରେ ଏହା ଆଶ୍ଚର୍ଯ୍ୟଜନକ ଫଳ ଫଳିଥିବାରୁ ଏହାର ପ୍ରଶଂସା ଅମ୍ଭେ କରୁ ଅଛୁଁ ।

ଆପଣଙ୍କର ବଶମ୍ୱଦ
ଭଗବତ ପ୍ରସାଦ ଦାସ
ରେଜିଷ୍ଟ୍ରୀ କିରାଣୀ

---

ଅନ୍ୟ ସର୍ଟିଫିକେଟମାନ ଦୀପିକାର ୬।୩।୮୬, ୨୦।୩।୮୬, ୧୦।୪।୮୬ ଓ ୨୬।୬।୮୬, ଓ ସମ୍ବାଦବାହିକାର ୩।୪।୮୪ ରେ ପ୍ରକାଶ ହୋଇ ଅଛି ଦେଖ ଓ କବିରାଜଙ୍କଠାରେ ତତ୍ତ୍ୱ କଲେ ଅନେକ ସାର୍ଟିଫିକେଟ ପାଠ କରି ପାରିବ ।

କେନ୍ଦ୍ରାପଡ଼ାସ୍ଥ ବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ କବିରାଜଙ୍କଠାରେ ଉପରୋକ୍ତ ଔଷଧମାନ ପ୍ରାପ୍ତ ହେବ ।

Apply to
LAKSHMINARAIN GUPTA
Kabiraj, Kendrapara.

---

# ମେହରୋଗ ।

୨୪ ଘଣ୍ଟା ମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣା ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ନିଦାରୁଣ ରୋଗଣଯନ୍ତ୍ରଣା କେବଳ ନୁହେ ସାମାନ୍ୟ ଅର୍ଥବ୍ୟୟ ସହକାରେ ଜୀବନର ମାଧୁର୍ଯ୍ୟ ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାରୀତିରେ ଏକସପ୍ତାହ ସେବା କଲେ ନୂତନରୋଗ ଏବଂ ତିନି ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣିଥିବେ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ବହୁରୋଗରେ ପରିଣତ ନ ହେଲେ ଆଉ ଜୀବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ର ନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତିକାକାରରେ ପ୍ରକାଶିତ ହେବ କଲିକତା ଅପରଚିତପୁର ନମ୍ବର ଭବନରେ ଯି, କେ, ବସୁ କମ୍ପାନିଙ୍କଠାରେ ଏବଂ କଟକ

ଦରଘାବଜାର ପ୍ରଣୀତକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରି ହେଉଅଛି । ମୂଲ୍ୟ ଏକଶିଶି ୧।୦ ଟଙ୍କା । ପ୍ୟାକିଂ ଓ ଡାକମାସୁଲ ପୃଥକ୍ ।

---

# ବାଲିକାଗଜ ।

ଉଲ୍ଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧେନ୍ଦୁ କର କମ୍ପାନିଙ୍କ ଦୋକାନରେ ବିକ୍ରି ହେଉ ଅଛି ଯଥା—

| | | | |
|---|---|---|---|
| ୧୬ | ପଣି | କାଗଜ ଦିସ୍ତା | ଦ ୧୪ ଟ ୬୦/୫ |
| ୧୮ | ପଣି | " | " ଟ ୬। |
| ୨୨ | ପଣି | " | " ଟ ୧୦/୫ |

ବେପାରୀମାନେ ଅର୍ଥାତ୍ ଯେଉଁମାନେ ଏକତ୍ରରେ ୫ ଦ ଦିସ୍ତା ଅଧିକ କ୍ରୟ କରିବେ ଅନ୍ୟତର ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

---

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର ବସା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ଚନ୍ଦରକୋଣା ଓ ବଙ୍ଗଳା ଓ ସେରାମପୁରର ଲୁଗା ଓ ଷ୍ଟେସନରୀ ଓ କାଠ ବଙ୍ଗ ଇତ୍ୟାଦି ଯାବତୀୟ ବିକ୍ରି ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍‌ଭିନ୍ନ ଆଉ କେତେକ ଫେନସି ଜିନିଷମାନ ବିକ୍ରି ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଅମ୍ଭେମାନେ ବିଲାତି ଛାତି ବିକ୍ରି ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କ ବିକ୍ରି କରାଯିବ । ଯଦି ଉକ୍ତ ଛାତିମାନ ବିକ୍ରି ହେବା ପୂର୍ବେ ଆପଣା ମଫସଲ ସକାଶେ ବଡ଼ା ଆବଶ୍ୟକ ହେବ ଏକ ସପ୍ତାହ ଆଗ ଟଙ୍କା ୨।୧୬ ହିସାବରେ ବଡ଼ା ଦେଲେ ପାଇ ପାରିବେ ! ମାଲ ତାହାର ଖଡ଼ ଖସ୍କାନଢର ଘର ଖାଙ୍କ ଉପରେ ଥିବ । ଯେଉଁ ବେଳେ ଛାଡ଼ିର ଦସ୍ତ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

## ଫର୍ଦ୍ଦ ।

କଳଲ ପେନସା କ ଡ଼ୁଁ ଲେ ଘନ ଦେଲେ ବଲେ ।
କଲୋଡିଅନ
ବଟେଲ୍ କେଲ ପୁତଳା ସେଜ ଧାଲା ଓ ଭୋଜନ ସହିତ ।

ଖାଇ ବିସ୍କୁଟ ସାବୁ ଓ ଅତ ଅତର ଓ ଗ୍ଲାସ
କେସର ଦେଉଛି
ଲଟରି ସୁଗନ୍ଧଦ୍ରବ୍ୟ
" ଏସେନସ ଶୁଦ୍ଧ
କୋଲନ ଓ ପୋମେଟମ ଏସେନସ ସ୍ୱାସ

ଲ୍ୟାଂ ଅର୍ଥାତ୍ ନକସା କରିବା କାଗଜ ପେନ୍‌ସିଲ ଓ କଲମ ।
ପେନସିଲ କାଟିବା ଯନ୍ତ୍ର ।
ନାନା ପ୍ରକାରର ପଠନ କାଗଜ ଓ ଲଫାଫା
ହେୟାର୍ ବ୍ରସ ।
ଦେଶର ରଙ୍ଗ ।
ଚନ୍ଦନ ସାବୁନ ।
ତାଲାଚି ସାବୁନ ଗଢ଼ିବେ ଲୁଗା ପରିଷ୍କାର କରିବା ।
ଚକୋଲେଟ ମ୍ୟେନ—ଅର୍ଥାତ୍ ସୁଗନ୍ଧି ଦ୍ରବ୍ୟ ।
ଚଉଲ ବ୍ରସ ।
ଓମାନିଙ୍କ ସୁଟ୍ କଲା ।
ବଟିଲ ଅନ ।
କୋଟେଲାଇନ୍ ।
ପୋଷ୍ଟକାର୍ଡ଼ ଚେକ୍ସର ଟେବଲ ଓ ଚଉକି କୋରବର ଯନ୍ତ୍ର
ଟ୍ରଙ୍କ ଖାଉ ଅର୍ଥାତ୍ କେତିଟା ଥିବେ ଘର ଓ ଶୁଖିବେ କଲା ହେବ ।
ଅଳଙ୍କା ଚିତ୍ର
୨୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
ପକେଟବୁକ ଓ ସଂବାଦ ପାଞ୍ଜି ସହିତ ଟ ୦ ୬୦/୫
ମୋଜା ଓ ମୋଜାବନ୍ଧ
ଭିନ୍ନ ଥିଆ କନସାଇଟ
ବନ୍ଦରୀ ସାଳୁ ଝିଗା
କଣ୍ଠ ଓ ପାଉଡର ଗୌର ପିଠା

ମାର୍ବଲ୍ ଗୋଲି ଲୁଗାରେ ଚଢ଼ି ଦେଲେ ଖୋଳ ଘରେ କରଳ ହେବ ନାହିଁ !
ଏ, ସେଲଜ ଲାଇଟର କାଗଜ ଓ ବ୍ରସ୍ ।
କଲମ ଅଳଙ୍କୃତ ।
ଏଇକ ବାଇଟ ।
ସ୍ୱରକ ପେନ ।
ଅଟୋମେଟିକ ପେନ୍‌ସିଲ ଅର୍ଥାତ୍ ଏ ପେନ୍‌ସିଲରେ କେଉଁ କଟିବା ଦେବ ନାହିଁ କେବଳ ପେନ୍‌ସିଲ୍ ଲେଖା ସରେ ତେଲ ଦେଲେ ଚହଁର ନିବ ଲଗେ ।
କଟିଙ୍ଗ ପେପର ।
ରସ୍ଟିକ ଦେଲାଲେ ଖଡ଼ ବାଉ ଛାଡ଼ ।
ଇଣ୍ଡିଆ ରବର ଅର୍ଥାତ୍ ଦାଗରେ କସିଲେ ବାଉ ଲିଭାଇ ଦେବ ।
ଆଲମାରା ।
ରେଡ୍ ବୁ, ପେନ୍‌ସିଲ୍ ।
ରମ କୋଟର
ବନାରସୀ ଶାଢ଼ୀ ଓ ଯୋଡ଼ ଓ ଜରି
ମୁରସିଦାବାଦୀ ଓ ଶିଳ ପାଇ ପାଟଯୋଡ଼ ଓ ଶାଢ଼ୀ ।
ଟ୍ରିଙ୍ଗ ଛାତ

ଅର୍ଦ୍ଧେନ୍ଦୁ କର କମ୍ପାନି

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର । ଉପସ୍ଥିତ କ୍ଷେତ୍ରେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଆଠ ପଂକ୍ତି | ଟ ୦/୫ |
| ଅଷ୍ଟ ଦ୍ୱାଦଶ | ଟ ୬। |
| ତହିଁ ଏକ ଦ୍ୱାଦଶ | ଟ ୦ |

ସାତ ଦୌଣିକି ବିଜ୍ଞାପନ ଯେତେ ଛୋଟ ହେଲେହେଁ ତହିଁର ଦର ଟ ୦୦ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର୍ଶ ଅର୍ଦ୍ଧେକ ଲେଖା ଓ ଚତୁର୍ଥ ଆରମ୍ଭରେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ଅଗ୍ରିମ ଦେବାକୁ ହେବ ।

---

ଏହି ଉତ୍କଳଦୀପିକା ଏହି କଟକ ଉତ୍କଳଦୀପିକା ମୁଦ୍ରିତ ହୋଇ ଲକ୍ଷଣନ୍ଦମେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

REGISTERED NO. 1

377

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୧ । ସଂଖ୍ୟା ୪୪

ତା ୬ ଇଂରାଜୀ ମାସ ନଭେମ୍ବର ୧୮୮୭ ମସିହା । ମ କାର୍ତ୍ତିକ ୨୩ ... ୧୨୯୫ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକାୟା |
| --- | --- | --- |
| ବାର୍ଷିକ | ଟ ୨ ୮ | ଟ ୨।୮ |
| ଡାକମାସୁଲ | ଟ ୦ ।୫ | ଟ ୦।୮ |

ଆଫଗାନ ସୀମା କମିଶନ ଭାରତବର୍ଷକୁ ଫେରି ଆସିଅଛନ୍ତି ଏହି ସପ୍ତାହରେ ପେସଆରଠାରେ ପହୁଞ୍ଚିଲେ । କାର୍ଯ୍ୟ ଯହା ହେଲା ତାହା ପରରୁ ଜଣାଯାଇଅଛି । ଅଧିକାଂଶ ସୀମା ସ୍ଥିରିତ ହୋଇଥିଲେହେଁ ସମସ୍ତ ମୀମାଂସା ପାଇ ନାହିଁ । ତାହା ପତ୍ରଦ୍ୱାରା ସ୍ଥିର ହେବ । କମିଶନ ଫେରି ଆସିବାରୁ ଗୋଟିଏ ଅଙ୍କଲନ ବ୍ୟୟ ରହିତ ହେଲା ଏହାକ ସୁଖର ବିଷୟ ।

———

ମହାମାନ୍ୟ ଗବର୍ଣ୍ଣର ଜେନରଲ ବାହାଦୁର ଗତମାସ ତା ୨୮ ରିଖରେ ସିମଲାଠାରୁ ଯାତ୍ରା କରି ପଞ୍ଜାବ ପ୍ରଦେଶରେ ଭ୍ରମଣ କରୁଅଛନ୍ତି କଥିତ ହୁଅଇ ସେ ଦକ୍ଷିଣଭାରତବର୍ଷର ବଙ୍ଗାଲୋର ପର୍ଯ୍ୟନ୍ତ ଭ୍ରମଣ କରିବେ । କଲିକତାକୁ ଆଗାମୀମାସ ତା ୧୩ ରିଖରେ ବାହୁଡି ଆସିବେ ଏବଂ ସେହି ମାସ ତା ୨୦ ରିଖରେ ସେଠାରେ ଲେଭି ବୈଠକ ହେବାର ବିଜ୍ଞାପନ ମଧ୍ୟ ଏଥିମଧ୍ୟରେ ବାହାରିଅଛି ।

———

ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ସିବିଲ ସରଭିସସମିତିରେ ଶ୍ରୀଯୁକ୍ତ ଗ୍ଲାମସ୍ ସାହେବ ନିଯୁକ୍ତ ହେବାର କଥା ଥିଲା । ବର୍ତ୍ତମାନ ଶୁଣା ଯାଉଅଛି ଯେ ଶ୍ରୀଯୁକ୍ତ ପିକକ ସାହେବ ନିଯୁକ୍ତ ହେବେ । ପିକକ ସାହେବଙ୍କର ମୁଖ୍ୟାତି ଅଛି ମାତ୍ର କଟେନସାହେବ ହୋଇଥିଲେ ଭାରି ଆନନ୍ଦର କଥା ହୋଇଥାନ୍ତା । ଏ ପ୍ରଦେଶର ଦେଶୀୟଲୋକଙ୍କର ପ୍ରକୃତ ସ୍ୱରୂପ ମାନ୍ୟବର ବାବୁ ରମେଶଚନ୍ଦ୍ର ମିତ୍ର ମନୋନୀତ ହୋଇଥିବାର କଥିତ ହୁଅଇ ଏ ମହାଶୟ ସମିତିରେ ସ୍ଥାନ ପାଇଲେ ବଡ ସୁଖର କଥା ହେବ ।

———

କଲିଫୋର୍ଣ୍ଣିଆର ବ୍ୟପାର ଦିନ୨ କଠିନ ହେବାର ଜଣାଯାଏ । ରୁଷିୟା—ପ୍ରକୃତରେ ଜେନରଲ କ୍ଲିବାଣ୍ଡ ଏବଂ ଟୁଙ୍ଗାନ୍ତୁ ପକ୍ଷ କଲିଫୋର୍ଣ୍ଣିଆ ଗବର୍ଣ୍ଣମେଣ୍ଟକୁ ଏହିମର୍ମରେ ଲେଖିଅଛନ୍ତି କି ସେଠାରେ ରୁଷପ୍ରଜାଙ୍କପ୍ରତି ଭାରି ଅତ୍ୟାଚାର ହୋଇଅଛି ଏବଂ ଉତ୍ତମଦିନମଧ୍ୟରେ ଏଥିର ସଦୁତ୍ତର ନ ପାଇଲେ ରୁଷିୟଦୂତବର୍ଗଙ୍କ ସହିତ ସେ ବାହାରି ଯିବେ ଏବଂ ଏହି ଉତ୍ତରୁ ଯାହା ଘଟିବ ସେଥି ନିମିତ୍ତ ରାଜକାର୍ଯ୍ୟନିର୍ବାହକ ସମିତି ଦାୟୀ ହେବେ । ଏହି ପତ୍ରର ଉତ୍ତରରେ କଲିଫୋର୍ଣ୍ଣିଆ ଗବର୍ଣ୍ଣମେଣ୍ଟ କେଉଁ ରୁଷୀୟପ୍ରଜାଙ୍କ ପ୍ରତି ଅତ୍ୟାଚାର ହୋଇଅଛି ସେମାନଙ୍କ ନାମ ଜାଣିବାକୁ ଇଚ୍ଛା କରିଅଛନ୍ତି ।

———

ଏ ନଗରସ୍ଥ ଉତ୍କଳବ୍ରାହ୍ମସମାଜ ପଣ୍ଡିତ ଏବଂ ନଗରସ୍ଥ ଲୋକଙ୍କ ସାହାଯ୍ୟ ନିମିତ୍ତ ଗୋଟିଏ ସ୍ଥାୟୀ ଦାତବ୍ୟଭଣ୍ଡାର ସ୍ଥାପିତ କରି ଅପାତ ଅଳ୍ପପାଣି ବୃଷ୍ଟିରେ ଜଣଣ କୃଷ୍ଣଚେଗିଙ୍କର ଗ୍ରାସାଚ୍ଛାଦନ ଏବଂ ଚିକିତ୍ସାର ଭାର ଗ୍ରହଣ କରିଅଛନ୍ତି । ପାଣି ବୃଦ୍ଧି ହେଲେ ଅଧିକଲୋକଙ୍କୁ ସାହାଯ୍ୟ ଦେବାର ବ୍ୟବସ୍ଥା ହେବ । ଏହି ଭଣ୍ଡାରର କାର୍ଯ୍ୟ ସମାଜରୁ ନିଯୁକ୍ତ ହୋଇଥିବା ଗୋଟିଏ କମିଟିଦ୍ୱାରା ଚାଲୁଅଛି ଏବଂ ତାରୁ ରାଜକୃଷ୍ଣ ନାନ୍ଦର୍ଯ୍ୟା କହିଁ ସଭାପତି ଏବଂ ବାବୁ ମଧୁସୂଦନ ରାଓ ସମ୍ପାଦକ ନିଯୁକ୍ତ ହୋଇଅଛନ୍ତି । ଏମାନଙ୍କ ଛଡା ରାଧାନାଥ ରାୟ, ସିଦ୍ଧେଶ୍ୱର ଘୋଷ, ହେମଚନ୍ଦ୍ର ଘୋଷ, ସଦ୍ଧିଚରଣ ରାୟ, ଲଲିତମୋହନଚକ୍ରବର୍ତ୍ତୀ, ଜଗନ୍ନାଥ ରାଓ, ଭଗବାନଚନ୍ଦ୍ର ଦାସ, ଓ ଯୋଗେଶଚନ୍ଦ୍ର ରାୟ ବାବୁମାନେ ମଧ୍ୟ ଚାନ୍ଦା ସଂଗ୍ରହ କରିବାର ଭାର ପାଇଅଛନ୍ତି । ଏହି ଭଣ୍ଡାରର ତ୍ରୈମାସିକ ହିସାବ ସର୍ବସାଧାରଣଙ୍କ ଜାଣିବା କାରଣ ସ୍ଥାନୀୟପତ୍ରିକାମାନଙ୍କରେ ପ୍ରକାଶ ହେବାର ନିୟମ ହୋଇଅଛି ଏବଂ ଆମ୍ଭେମାନେ ଆନନ୍ଦସହିତ ପ୍ରଥମ ତ୍ରୈମାସିକ ହିସାବ ସ୍ଥାନାନ୍ତରେ ପ୍ରକାଶ କଲୁଁ । ଏପରି ଶୁଭକାର୍ଯ୍ୟରେ ସର୍ବସାଧାରଣ ଯଥାଯୋଗ୍ୟ ସାହାଯ୍ୟ କରିବେ ଆମ୍ଭମାନଙ୍କର ଏହିମାତ୍ର ଅନୁରୋଧ ଅଟଇ ।

———

ସ୍ଥାନାନ୍ତରେ ପ୍ରକାଶିତ ଗୋଟିଏ ବିଜ୍ଞାପନରୁ ପାଠକମାନେ ଦେଖିବେ ଯେ ବାବୁ ଭୋଳାନାଥଦାସ ନାନା ପ୍ରସ୍ତୁତ କାର୍ଯ୍ୟ ଉତ୍ତମରୂପେ ଅବଗତ ହୋଇ ଯେ କେହି ଇଚ୍ଛା କରନ୍ତି ତାହାକୁ ଶିକ୍ଷା ଦେବାକୁ ପ୍ରସ୍ତୁତ ହୋଇଅଛନ୍ତି । ନୀଳର ଚାଷ ଯେ ଭାରତବର୍ଷର ଗୋଟିଏ ଲାଭକର ବାଣିଜ୍ୟ ଏବଂ ଗଡଜାତର ଭୂମି ତହିଁ ନିମିତ୍ତ ବିଶେଷରୂପେ ଉପଯୋଗୀ ଏ ବିଷୟରେ ସନ୍ଦେହ

Digitized by srujanika@gmail.com

Split by PDF Splitter



ନାହିଁ । ମାତ୍ର ଭୋଳାନାଥ ବାବୁ ରଙ୍ଗପୁରରେ ଥାଇ ଯେତେ ଶିକ୍ଷା ଦେବାକୁ ସମ୍ମତ ହେବେ ଏ ବିଷୟରେ ସନ୍ଦେହ ହେଉଅଛି । ଆମ୍ଭମାନଙ୍କ ବିବେଚନାରେ ଯେହ୍ନେ ଗଡଜାତ ରାଜା ଯେବେ ମାଲଗୁଷ୍ଟ କରିବାକୁ ମନ କଲାଇଁ ଭୋଳାନାଥବାବୁଙ୍କୁ କାର୍ଯ୍ୟାଧ୍ୟକ୍ଷ ସ୍ୱରୂପ ଅଣାଇଥାନ୍ତି ତେବେ ବଡ ଭଲ ହେବ । ରାଜାମାନେ ନାନା ଅନର୍ଥକ କାର୍ଯ୍ୟରେ ବହୁତ ଟଙ୍କା ବ୍ୟୟ କରୁଅଛନ୍ତି । ଯହିଁରେ ତାହାଙ୍କ ରାଜ୍ୟର ଉନ୍ନତି ହେବ, ଏପ୍ରଦେଶରେ ଗୋଟିଏ ନୂତନ ବ୍ୟବସାୟର ସୃଷ୍ଟିପାତ ହୋଇ ଚିରସ୍ମରଣୀୟ ଏବଂ ସର୍ବସାଧାରଣଙ୍କ କୃତଜ୍ଞତାର ପାତ୍ର ହେବେ ଅଥଚ ଯାହା ... କରିବେ ତାହା ଲାଭସହିତ ଫେରି ପାଇବେ ତହିଁରେ ଦଶ ପାଞ୍ଚ ହଜାର ଟଙ୍କା ବ୍ୟୟ କରିବାକୁ କି କେହି ପ୍ରବୃତ୍ତ ହେବେ ନାହିଁ ?

---

ବଙ୍ଗପ୍ରଦେଶର ପୋଷ୍ଟମାଷ୍ଟର ଜେନରଲ ବିଜ୍ଞାପନ ଦେଇଅଛନ୍ତି ଯେ ଜେଇମାସ ତା ୨୦ ରଖଠାରୁ ଭାରତବର୍ଷୀୟ ପୋଷ୍ଟେଲନୋଟ ରହିତ ହେଲା । ଗୁଳଦଶେଷରେ ଆଠଅଣୀ ବା ଟଙ୍କାଏ ଡାକଦ୍ୱାରା ପଠାଇବା ପକ୍ଷରେ ଏହି ନୋଟମାନ ସୁବିଧାଜନକ ଥିଲେହେଁ ଏହାଦ୍ୱାରା ଲୋକଙ୍କ ପ୍ରୟୋଜନ ସମ୍ୟକରୂପେ ନିର୍ବାହ ହେଉନାହିଁ ସୁତରାଂ ବିକ୍ରୟ ଅଧିକ ନ ହେବାରୁ ଡାକଘର ଏହି ନୋଟମାନ ଉଠାଇ ଦେଲେ । ମାତ୍ର ଆମ୍ଭମାନଙ୍କ ବିବେଚନାରେ ଏହି ନୋଟ ଉଠାଇଦେବା ସଙ୍ଗେ ଏକଅଣାଠାରୁ ଅଢ଼େଇଟଙ୍କା ପର୍ଯ୍ୟନ୍ତ ମନିଅର୍ଡରର ଖର୍ଚ୍ଚା ଟ ୦ ୵ ସ୍ଥଳେ ଏକଅଣା କରିଦେବାର ଉଚିତ ଥିଲା ତାହା ହେଲେ ପୋଷ୍ଟେଲନୋଟର ଅଭାବ କେହି ଜାଣିପାରନ୍ତେ ନାହିଁ ଏବଂ ମନିଅର୍ଡରର ଆୟ ଅନେକ ଅଧିକ ହୁଅନ୍ତା । ଡାକବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରୁଅଛୁଁ ଯେ ଏଥିର ପ୍ରତିକାର କରନ୍ତୁ ।

---

ସମ୍ବାଦପତ୍ରରେ ପ୍ରକାଶିତ ହୋଇଅଛି ଯେ ମୁଦ୍ରାଯନ୍ତ୍ର ସହିତ କୌଣସି ସମ୍ବନ୍ଧ ରଖିବାକୁ ଗବର୍ଣ୍ଣମେଣ୍ଟ ଭାର ତଭୂର୍ଦ୍ଧ ଜପଟ୍ଟୁକାଦୃଙ୍କୁ ନିଷେଧ କରିବାରୁ ସେ ସେବକସଭାର ସମ୍ପାଦକତା ତ୍ୟାଗ କରିଅଛନ୍ତି ଏବଂ ଇହସଙ୍ଗେ ସହଯୋଗୀ କହୁଅଛନ୍ତି ଯେ ଗବର୍ଣ୍ଣମେଣ୍ଟଙ୍କର ଏହି ବଚନର ଭ୍ରମାତ୍ମକ ଏବଂ ଅଯୁକ୍ତ କମିଶନର ସାହେବ ଅଙ୍ଗଭଙ୍ଗକରେ ବ୍ରାହ୍ମଧର୍ମବନ୍ଧୁଙ୍କର ହିନ୍ଦୁଧର୍ମର ଚ୍ଛେଦ ରଖି ଅନ୍ୟାୟ କରୁଅଛନ୍ତି । ଆମ୍ଭମାନଙ୍କ ବିବେଚନାରେ ଧର୍ମଧର୍ମ ରକ୍ଷା ପ୍ରସଙ୍ଗ କରିବା ଅବୈ ଅନ୍ୟାୟ, କାରଣ ସେ ଧର୍ମସକାଶେ କେହି ଗ୍ରାହ୍ୟ କରୁ ନ ଥିଲା ବ ନାହିଁ । ବାସ୍ତବରେ ଚଭୂର୍ଜିକାରୁଙ୍କ ଯୋଗେ ବ୍ରାହ୍ମଧର୍ମ ଏ ପ୍ରଦେଶରେ ଯେପରି କଳଙ୍କିତ ହେଉଥିଲା କମିସନର ସାହେବ ତାହା ନିବାରଣ କରି ହିନ୍ଦୁ ଧର୍ମର ଉପକାର କରିଅଛନ୍ତି ଏବଂ ତହିଁପାଇଁ ତାଙ୍କୁ ଧନ୍ୟବାଦ ଦେବାର ଉଚିତ । ଅନ୍ୟ ଗବର୍ଣ୍ଣମେଣ୍ଟଙ୍କ କାର୍ଯ୍ୟ ଯେବେ କୌଣସି ପ୍ରକାରରେ ଭ୍ରମସ୍ତକ ବୋଲିଯାଇ ପାରେ ତେବେ ତାହା ଚଭୂର୍ଜିକାରଙ୍କ କଥା ଶୁଣି ଦ୍ୱାରେ ଗ୍ରହଣରୂପ ଅପରାଧ ଭ୍ରଦାବଶାଦ୍ୱାରା ଘଟିଅଛି କରୁବା ତାହାଙ୍କପ୍ରତି ଯେଉଁ ଅଦେଶ ହୋଇଅଛି ତଦ୍ୱାରା ନୂଆ ।

---

ଉତ୍ତର ପଶ୍ଚିମର ପୋଷ୍ଟମାଷ୍ଟର ଜେନରଲ ରାଏ ସାଲିଗ୍ରାମ ବାହାଦୁର ମନିଅର୍ଡରଦ୍ୱାରା ସର୍କାରୀ ଖଜଣା ଦାଖଲ କରିବାର ଯେଉଁ ସୂତ୍ର ବାହାର କରିଥିଲେ ଏବଂ ଯାହା ସେଠାଗବର୍ଣ୍ଣମେଣ୍ଟଙ୍କ ମନୋନୀତ ହେବାରୁ ପରୀକ୍ଷାସ୍ୱରୂପ କେତେକ ଜିଲ୍ଲାରେ ପ୍ରଚଳିତ ହୋଇଥିଲା ତାହା ସେଠାରେ ସଫଳ ହେବାରୁ ଅନ୍ୟାନ୍ୟ ଗବର୍ଣ୍ଣମେଣ୍ଟଙ୍କ ମନ ଆକର୍ଷଣ କରିଅଛି ଏବଂ ତଦନୁସାରେ ବଙ୍ଗପ୍ରଦେଶର ଲେଫ୍ଟେନାଣ୍ଟ ସାହେବ ଗତ ମାସ ତା ୨ ରଖରେ ମନିଅର୍ଡରଦ୍ୱାରା ସରକାରୀ ଖଜଣା ଏବଂ ରୋଡସେସ ଇତ୍ୟାଦି ଖଜଣାଖାନାରେ ଦାଖଲ ହେବା ସମ୍ବନ୍ଧରେ କେତେଗୁଡିଏ ନିୟମ ପ୍ରସ୍ତୁତ କରି ଘୋଷଣା ଦେଇଅଛନ୍ତି ଆସନ୍ତା ନବେମ୍ବର ମାସ ତା ୧ ରଖଠାରୁ ପରୀକ୍ଷାସ୍ୱରୂପ ଉକ୍ତ ନିୟମମାନ ବର୍ଦ୍ଧମାନ ବାଙ୍କୁଡା ବୀରଭୂମ ମେଦିନୀପୁର ହାବଡା ହୁଗୁଲି ଢାକା ଫରିଦପୁର ବାଖରଗଞ୍ଜ ଏବଂ ମଇମନସିଂହରେ ଜାରି ହେବ । ନିୟମମାନ ଏପରି ଭାବରେ ଗଠିତ ହୋଇଅଛି ଯେ ମୋଫସଲର କୌଣସି ବ୍ୟକ୍ତି ଯାହାଙ୍କୁ ଟ ୫୦୦ଙ୍କା ଅଥବା ତହିଁରୁ ଊଣା ସରକାରୀ ଖଜଣା ଅଥବା ପଥକର ନ ପ୍ରଦେଶୀୟକର ଦେଣ ଅଛି ସେ ସଦରଖଜଣାଖାନାକୁ ନ ଆସି ଆପଣାଗ୍ରାମରୁ ଡାକଯୋଗେ ମନିଅର୍ଡରଦ୍ୱାରା ତାହା ପଠାଇ ଦେଲେ ଡାକଘର ସେ ଟଙ୍କା ଖଜଣାଖାନାରେ ଦାଖଲ କରି ତହିଁର ପାଉତି ତାହା ଘରଠାରେ ପହଞ୍ଚାଇ ଦେବେ । ଏଥିରେ ଡାକଘରର ଯେମନ୍ତ ଆୟ ତେମନ୍ତ ଲୋକଙ୍କର ସୁବିଧା ଅନେକ ହେବ ଏବଂ ଆମ୍ଭେମାନେ ଆଶା କରୁଁ ଯେ ଏଥିମଧ୍ୟରେ ଉପରଲିଖିତ ଜିଲ୍ଲାମାନଙ୍କରେ ପରୀକ୍ଷାର ଫଳ ଭଲ ଦେଖି ଗବର୍ଣ୍ଣମେଣ୍ଟ ଆସନ୍ତା ଅପ୍ରେଲମାସ ଇଷ୍ଟବଦା ପୂର୍ବରୁ ଓଡ଼ିଶାରେ ଏହି ନିୟମମାନ ପ୍ରଚଳିତ ହେବାର ଆଜ୍ଞା ଦେବେ ।

---

ଯାଜପୁରର ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯଥା——

"ଏ ନଗରରେ ସ୍ଥାପିତ ଥିବା ଇଂରାଜୀସ୍କୁଲ ହାଇସ୍କୁଲ ସ୍ୱରୂପ ପରିଣତ ହୋଇ ଏଣ୍ଟ୍ରେନ୍ସ କ୍ଲାସ ଖୋଲିବାରେ ଏ ନଗରସ୍ଥ ଗରିବପିଲାମାନଙ୍କର ପଢ଼ିବା ପକ୍ଷେ ସୁବିଧା ହେବାର ଆଶା କରାଯାଇଥିଲା ମାତ୍ର ଦୁଃଖର ବିଷୟ ଯେ ତହିଁର ବିପରୀତ ଫଳ ଦେଖିବାରେ ଆସିଲା ସ୍କୁଲର ଉପାଧି ବୃଦ୍ଧି ସଙ୍ଗେ ସଙ୍ଗେ ପିଲାମାନଙ୍କଠାରୁ ପ୍ରତିମାସ ଆଦାୟ ହେଉଥିବା ସ୍କୁଲର ଫିସ ବିଶେଷରୂପେ ବୃଦ୍ଧି ହେବାରୁ ଅନେକ ଗରିବପିଲା ଏଠା ସ୍କୁଲରେ ପଢ଼ିବାକୁ ଅକ୍ଷମ ହୋଇ ପଢ଼ା ତ୍ୟାଗ କଲେ ଓ କେହି କେହି ମଫସଲସ୍କୁଲରେ ପଢ଼ି ମାଇନରପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସ୍କଲରସିପ ପାଇବା ଆଶା କରି ଏଠା ସ୍କୁଲ ତ୍ୟାଗ କଲେ । ଏପରି ଅନେକ ପିଲା ଯିବାରୁ ବାଳକସଂଖ୍ୟା ପୂର୍ବାପେକ୍ଷା କମି ଯାଇଅଛି ଓ ଉତ୍କର୍ଷ ଅଭାବ ହେଲା ତଥାଚ ଗୋଟିଏ ପୁଅ ପିଲା ପ୍ରବେଶିକା ପରୀକ୍ଷା ଦେବାକୁ ଉପଯୁକ୍ତ ନ ହେବା ବିଶେଷ ଦୁଃଖ ବୋଧ ଏବଂ ମାଷ୍ଟରମାନଙ୍କ ଯୋଗ୍ୟତା ବା ମନୋଯୋଗିତା ପ୍ରତି ସନ୍ଦେହ ଏବଢୁଅଛି" ।

ଏହି ହାଇସ୍କୁଲରେ ବର୍ତ୍ତମାନ ଶିକ୍ଷାବେତନ କେତେ ଧାର୍ଯ୍ୟ ହୋଇଅଛି ପତ୍ରପ୍ରେରକ ଲେଖି ନ ଥିବାରୁ ଆମ୍ଭେମାନେ ସେ ପକ୍ଷରେ କୌଣସି ମତ ଦେବାକୁ ଅକ୍ଷମ ହେଲୁଁ । କେବଳ ଯାହା ଆଜ ଯେବେ ସେଠା ଲୋକଙ୍କ ଅବସ୍ଥାର ଅତିରିକ୍ତ ହୋଇଅଛି ତେବେ ତହିଁର ପ୍ରତିକାର ଆବଶ୍ୟକ । ଆମ୍ଭେମାନେ ଅନୁମାନ କରୁଁ ଯେ ସେଠା ମିଉନିସିପାଲ ଫଣ୍ଡରୁ ଏହି ବିଦ୍ୟାଳୟର ଅଂଶିକ ବ୍ୟୟ ନିର୍ବାହ ହୁଅନ୍ତା ତାହା ହେଲେ ମିଉନିସିପାଲ କମିସନରମାନେ ଏବଂ ସ୍କୁଲକମିଟି

Digitized by srujanika@gmail.com

ଏକ ଯୋଗ ହୋଇ ଯେତେ ବେତନ ଧାର୍ଯ୍ୟ ହେଲେ ଶିକ୍ଷକମାନଙ୍କୁ ଦିଆଯିବ ତାହିଁ ତାହା ସ୍ଥିର କରିବେ ଏବଂ ଯେ ହେତୁରୁ କୌଣସି ଶିକ୍ଷ ପ୍ରବେଶିକା ପରୀକ୍ଷା ଦେଇପାରୁ ନାହାନ୍ତି ତହିଁର କାରଣ ଅନୁସନ୍ଧାନ ପୂର୍ବକ ବହୁତ ପ୍ରତିବିଧାନ କରିବେ।

---

ଅଳ୍ପଦିନମଧ୍ୟରେ ସମ୍ପାଦକର କେତେଗୁଡ଼ିଏ ପରିବର୍ତ୍ତନ ହୋଇଗଲା। ପୂର୍ବେ ସମ୍ପାଦକ ଶନିବାରଦିନ ବାହାରୁଥିଲା ଏଣିକି ବୁଧବାରଦିନ ବାହାରିବାର ନିୟମ ହୋଇଅଛି ଏବଂ ସେବକସଭା ତହିଁର ସ୍ୱତ୍ୱାଧିକାର ତ୍ୟାଗ ଅଥବା ବିକ୍ରୟ କରିବାରୁ ବାବୁ ଶ୍ୟାମସୁନ୍ଦର ପଟ୍ଟନାୟକ ତହିଁର ଅଧିକାରୀ ହୋଇଅଛନ୍ତି। ସେବକସଭା ଏଥିର ସ୍ୱତ୍ୱ ତ୍ୟାଗ କରିବାର ଏହିହେତୁ ପ୍ରଦର୍ଶିତ ହୋଇଅଛି ଯେ ଏକ ସମୟରେ ଏହି ପତ୍ରିକାର କାର୍ଯ୍ୟ ଓ ମତ ସଭାର ଧର୍ମ ଓ ଉଦ୍ଦେଶ୍ୟର ବିରୁଦ୍ଧ ହେଲା। ଆମ୍ଭେମାନେ ଏହିକଥା ପୁନଃ ପୁନଃ କହିବାରୁ ଯେତେ କଟୁବାକ୍ୟ ସହିଅଛୁଁ ତାହା ପାଠକମାନଙ୍କୁ ଅଗୋଚର ନାହିଁ। ଏତେବେଳେ ସମ୍ପାଦକ ସ୍ୱୟଂ ତାହା ସ୍ୱୀକାର କରନ୍ତାରୁ ଯେମନ୍ତ ଆନନ୍ଦିତ ହୋଇଅଛୁଁ ସେବକସଭାରୁ ଏ ପତ୍ରିକା ପୃଥକ୍ ହେବାଦ୍ୱାରା ଏ ପ୍ରଦେଶୀୟ ବ୍ରାହ୍ମଧର୍ମାବଲମ୍ବିଙ୍କର ଗୋଟିଏ କଳଙ୍କ ଧୌତ ହେବାର ଦେଖି ତଦପେକ୍ଷା ଅଧିକ ଆନନ୍ଦିତ ହୋଇଅଛୁଁ। ସେବକ ସଭା ଦୁଇମାସ ପୂର୍ବେ ସମ୍ପାଦକର ସ୍ୱତ୍ୱାଧିକାର ଏଡ଼େ ଦୃଢ଼ରୂପେ ଦାବି କରୁଥିବାସ୍ଥଳେ ଏତେଶୀଘ୍ର ତାହା ତ୍ୟାଗ କରିବା ଅସାଧାରଣ ଜ୍ଞାନ ହୋଇପାରେ ମାତ୍ର ପ୍ରକୃତଅବସ୍ଥା ଯେଉଁମାନେ ଜାଣନ୍ତି ସେମାନଙ୍କୁ ବହୁତ ଅଦ୍ଭୁତ ଜଣା ଯିବ ନାହିଁ। ସମ୍ପାଦକ ବାବୁ ଚତୁର୍ଭୁଜ ପଟ୍ଟନାୟକଙ୍କ ସୃଷ୍ଟି। ସେ ସେବକସଭାର ନାମରେ ତାହା ଚଳାଉ ଥିଲେ। ସେଠାରୁ ସହାନୁଭୂତି ନ ପାଇବାରୁ ଆପଣାର ଜ୍ୟେଷ୍ଠସହୋଦର ବାବୁ ଶ୍ୟାମସୁନ୍ଦର ପଟ୍ଟନାୟକଙ୍କ ନାମ କରି ଦେଇଅଛନ୍ତି। ଫଳତଃ କିଏ ନ ଜାଣେ ଯେ ସମ୍ପାଦକ ଛପାଇବାର ସୁବିଧା ନିମିତ୍ତ ବାବୁ ଚତୁର୍ଭୁଜ ପଟ୍ଟନାୟକ ବାମଣ୍ଡାର ରାଜାଙ୍କୁ ପୁନଃ ପୁନଃ ପ୍ରାର୍ଥନା କରି ସ୍ୱତନ୍ତ୍ର ନାମକ ମୁଦ୍ରାଯନ୍ତ୍ର ଓ ତତ୍ସମ୍ପର୍କୀୟ ଦ୍ରବ୍ୟାଦିର ମୂଲ୍ୟ କରା କଲନ୍ତରରେ ପାଞ୍ଚବର୍ଷରେ ପରିଶୋଧ କରିବା ନିୟମରେ ଋଣଗ୍ରହଣ କରିଅଛନ୍ତି ଏବଂ ସେହି ମୁଦ୍ରାଯନ୍ତ୍ର ତାହାଙ୍କ ଘରେ ସ୍ଥାପିତ ହୋଇଅଛି। ସେବକ ସଭା ଏହି ପତ୍ରିକା ଶ୍ୟାମସୁନ୍ଦର ବାବୁଙ୍କୁ ଦାନ ବା ବିକ୍ରୟ କରିବାର ଉକ୍ତ ପତ୍ରିକା ଭିନ୍ନ ଆଉ କୌଣସି ମୂଳରୁ ଶୁଣା ଯାଇ ନାହିଁ ଏବଂ ଏଡ଼େ ଚଞ୍ଚଳ ଏବଂ ଗୋପନରେ ଏକାର୍ଯ୍ୟ ହେବାର କୌଣସି କାରଣ ମଧ୍ୟ ବୁଝିହେଉ ନାହିଁ। ଏମନ୍ତ ହୋଇପାରେ ଯେ ଚତୁର୍ଭୁଜବାବୁ ଆପଣା ଭାଇଙ୍କ ଗୋଟିଏ ସମ୍ପତ୍ତି କରି ଦେଲେ ବନ୍ଧୁ ସେ କଳ୍ପନା ପ୍ରଥମରୁ ଥିଲେ ସଭାଙ୍କଠାରେ ଭାଇ ସଙ୍କାଶେ ଅନୁରୋଧ କରିବା ଭିନ୍ନ ଆପଣା ସଙ୍କାଶେ କରି ନ ଥାନ୍ତେ। ଏହିସବୁ କାରଣ ଏବଂ ସମ୍ପାଦକଙ୍କ ପୂର୍ବାପର ବ୍ୟବହାର ବିବେଚନାରେ ଆମ୍ଭମାନଙ୍କର ଦୃଢ଼ବିଶ୍ୱାସ ହେଉଅଛି ଯେ ସମ୍ପାଦକ ପୂର୍ବେ ଯାହାଦ୍ୱାରା ଯେପରି ଚାଲୁଥିଲା ବର୍ତ୍ତମାନ ସେହିପରି ଚାଲୁଅଛି କେବଳ ନାମମାତ୍ର କେତେଗୁଡ଼ିଏ ପରିବର୍ତ୍ତନର ଘୋଷଣା ଦିଆଯାଇ ଦାଣ୍ଡଲୋକଙ୍କୁ ଭୁଲାଇବାର ଚେଷ୍ଟା ହୋଇଅଛି।

---

## ଓଡ଼ିଶାର ସାଧାରଣ ବାର୍ଷିକ ବିଜ୍ଞାପନୀ।

ଗତବର୍ଷ ଅର୍ଥାତ୍ ସନ ୧୮୮୬।୮୭ ସାଲ ବାବତ ଏହି ବିଜ୍ଞାପନୀ ସମ୍ପର୍କରେ ମାନ୍ୟବର ଲେଫ୍ଟନାଣ୍ଟ ଗବର୍ଣ୍ଣର ଯେଉଁ ମନ୍ତବ୍ୟ ପ୍ରକାଶ କରିଅଛନ୍ତି ତହିଁରୁ ନିମ୍ନଲିଖିତ କଥାମାନ ସଙ୍କଳିତ ହେଲା।

ନାନା ଆବଶ୍ୟକୀୟ କାର୍ଯ୍ୟରେ ବ୍ୟସ୍ତ ଥିବାରୁ କମିଶ୍ନର ସାହେବ ଗଡ଼ଯାଇ ଜମା ଜିଲ୍ଲାମାନ ଭ୍ରମଣ କରିପାରି ନାହାନ୍ତି। ଜିଲ୍ଲା-କଲେକ୍ଟରଙ୍କ ମଧ୍ୟରେ କର ସାହେବ ଦ ୧୫୩ ଦିନ ଓ ପୋର୍ଡ ସାହେବ ଦ ୧୨୫ ଦିନ ଗସ୍ତରେ ଥିଲେ। ଷ୍ଟାଣ୍ଡ ସାହେବ କେବଳ ଦ ୪୧ ଦିନ ଗସ୍ତ କରିଥିଲେ ଏବଂ ଏଥିରେ ଯେଉଁ କୈଫିୟତ ସେ ଦେଇଅଛନ୍ତି ତାହା ଅସନ୍ତୋଷଜନକ ଅଟଇ।

ବର୍ଷା ଭଲ ନ ପାଇବାରୁ କୌଣସି ଜିଲ୍ଲାରେ ପୂର୍ଣ୍ଣ ଫସଲ ହୋଇ ନାହିଁ। ଅଠପଣଠାରୁ ଦଶପଣପର୍ଯ୍ୟନ୍ତ ହୋଇଥିଲା। ପୁଣି ତୋଫାନଦ୍ୱାରା ଅନେକ ଫସଲ ନଷ୍ଟ ହେଲା। ଫସଲ ଛଡ଼ା ତୋଫାନଦ୍ୱାରା ଦଶହଜାର ପାଳିତ ପଶୁ ଓ ପାଞ୍ଚହଜାର ମନୁଷ୍ୟ ନଷ୍ଟହେଲେ। ବାତ୍ୟାପୀଡ଼ିତ ଲୋକଙ୍କ ସାହାଯ୍ୟ ପକ୍ଷରେ ଯଥୋଚିତ ଉପାୟମାନ ଅବଲମ୍ବିତ ହୋଇଥିଲା। ବାଲେଶ୍ୱରର କଲେକ୍ଟର ଲେଖିଅଛନ୍ତି ଯେ ତାହାଙ୍କର ଜିଲ୍ଲାରେ ତୋଫାନଦ୍ୱାରା କଷ୍ଟ ହୋଇ ନାହିଁ। ଏବଂ ସେଠାରେ ସର୍ବାପେକ୍ଷା ଭଲ ଫସଲ ହୋଇଥିଲା।

ଓଲାଉଠାପ୍ରଭୃତି ପୀଡ଼ାର ପ୍ରାଦୁର୍ଭାବ ବହୁ ଅଧିକ ଥିଲା। ଦେଶୀୟ ସ୍ତ୍ରୀଲୋକଙ୍କ ଚିକିତ୍ସା ନିମିତ୍ତ ଗୋଟିଏ ଚିକିତ୍ସାଳୟ ସ୍ଥାପନ କରିବାକୁ ବାବୁ ବୈଦ୍ୟନାଥ ପଣ୍ଡିତ ସଙ୍କଳ୍ପ କରିଥିବାରୁ ତାହାଙ୍କର ବିଶେଷ ପ୍ରଶଂସା ହୋଇଅଛି। ପୁରୀରେ ଉତ୍ତମ ପାନୀୟଜଳ ଯୋଗାଇବାର ପ୍ରସ୍ତାବ ଗବର୍ଣ୍ଣମେଣ୍ଟଙ୍କ ବିବେଚନାଧୀନରେ ଅଛି। ବାଲେଶ୍ୱରଜିଲ୍ଲାର ସ୍ୱାସ୍ଥ୍ୟ ଅପେକ୍ଷାକୃତ ଭଲ ଥିଲା।

ଲୋକଙ୍କ ସାଂସାରିକ ଅବସ୍ଥା ସମ୍ପର୍କରେ କଟକ ଓ ବାଲେଶ୍ୱରର ଅବସ୍ଥା ବିପରୀତ ଦେଖାଯାଏ। କମିଶ୍ନର ସାହେବଙ୍କ ମତରେ କଟକର ଲୋକମାନେ ଗତବର୍ଷଠାରୁ ମନ୍ଦ-ଅବସ୍ଥାରେ ଥିଲେ ମାତ୍ର ବାଲେଶ୍ୱରର କଲେକ୍ଟର ଲେଖିଅଛନ୍ତି ଯେ ସେଠା ଲୋକମାନେ ପ୍ରଚୁର ଫସଲଲାଭ ଏବଂ ଉଚ୍ଚମୂଲ୍ୟରେ ତାହା ବିକ୍ରୟକରି ବଡ଼ସୁଖରେ ଅଛନ୍ତି। ପୁରୀର ଅବସ୍ଥାରେ ବହୁତ ପରିବର୍ତ୍ତନ ଦେଖାଯାଉ ନାହିଁ।

କାରଖାନା ମଧ୍ୟରେ ଏକମାତ୍ର ଲବଣର ଉତ୍କର୍ଷ ହୋଇଅଛି କଟକ ଓ ବାଲେଶ୍ୱରରେ ଲବଣ ବିକ୍ରୀ ଉଣା କେବଳ ପୁରୀରେ ଅଧିକ ହୋଇଥିଲା। ଓଡ଼ିଶାର ଲବଣମହଲମାନ ମାନ୍ଦ୍ରାଜପ୍ରଦେଶର ଅଧୀନ ହୋଇଅଛି।

ଖଣିଜ ଦ୍ରବ୍ୟମଧ୍ୟରେ ତାଳଚେର ଓ ଅନୁଗୁଳରେ ପଥରକୋଇଲା ଓ ଲୁହା ମିଳିବାର କଥିତ ହୁଅଇ ମାତ୍ର ରେଲବାଟ ହେବାପର୍ଯ୍ୟନ୍ତ ସବୁର କାରବାର ହେବାର ଆଶା ନାହିଁ।

ଓଡ଼ିଶା ବନ୍ଦରମାନଙ୍କର ମୋଟ ବାଣିଜ୍ୟ ଟ ୧,୮୦,୫୪,୩୧୫୯ ଙ୍କା। ଯଥା ବାଲେଶ୍ୱର ଟ ୧,୪୪,୮୨୨୭୨୯ ଙ୍କା, କଟକ ବନ୍ଦର ଟ ୩୧୫୭୪୨୩୯ ଙ୍କା ଓ ପୁରୀ ଟ ୩୭୫୭୩୦୯ ଙ୍କା। ଏଥିରୁ ବାଲେଶ୍ୱରର ଭାଗ ଅତ୍ୟନ୍ତ ଅଧିକ ହୋଇ ଅଛି ମାତ୍ର କଟକର ଅଧିକାଂଶ ବାଣିଜ୍ୟ ବାଲେଶ୍ୱର ଏଙ୍ଗା ଚାନ୍ଦବାଲିବାଟେ ଯିବାଆସିବା କରୁଥିବାରୁ ତହିଁରେ କଟକର ଭାଗ ଅନେକ ଅଛି।

ଶୋଭାଧାରେ ପରୀକ୍ଷାସ୍ୱରୂପ ନାନଙ୍କ

Split by PDF Splitter



[illegible]

ରଙ୍ଗପୁର ସମ୍ବାଦ ଇନ୍ଦ୍ରିଜ [illegible]

[illegible]

## ସାପ୍ତାହିକ ସଂବାଦ ।

[illegible]

Digitized by srujanika@gmail.com

ହସ୍ତାରକରୁ ଅବଗତହେଲୁଁ ଯେ ରେବେନ୍ସ କଲେଜର ସାହିତ୍ୟାଧ୍ୟାପକ ବାବୁ ହେମଚନ୍ଦ୍ର ବସୁ ଏମ, ଏ, ଆପଣା କର୍ମରେ ଇସ୍ତଫା ଦେଇ ଓକାଲତି କରିବା କାରଣ ପ୍ରସ୍ତୁତ ହେଉଅଛନ୍ତି । ହେମବାବୁ ଅଳ୍ପଦିନ ମଧ୍ୟରେ ଏଠାରେ ଲୋକପ୍ରିୟ ହୋଇଥିଲେ ।

ହସ୍ତାରକ ଘୋଷଣା ଦେଉଅଛନ୍ତି ଯେ ସୁତଲସଦ୍ମର ଅଧିକାରୀ ଏବଂ କାର୍ଯ୍ୟାଧ୍ୟକ୍ଷ ବାବୁ ଶ୍ୟାମସୁନ୍ଦର ପଟ୍ଟନାୟକ ଉତ୍କଳବର୍ତ୍ତିକ ଅବଶିଷ୍ଟ କାଲନେମି ବୀର ହିତୈଷୀ ପତ୍ରିକାର ଧ୍ୟାନ-ସମ୍ପାଦକଙ୍କ ପଦ ଗ୍ରହଣ କଲେ । ଏ ଇସ୍ତାହାର କାହାଦ୍ୱାରା ହେଲା ପ୍ରକାଶ କରିବାର ଉଚିତ ଥିଲା । ବାବୁ ସ୍ୱୟଂ କରି-ଥିଲେ ବଡ ରହସ୍ୟଜନକ ଅଟଇ ।

ଏଥିମଧ୍ୟରେ ଭଦ୍ରକମଣ୍ଡଳରେ ବର୍ଷା ହେବାରୁ ମହାନଦୀ ବଢି ବଢିଥିଲା ଓ ନଇରେ ବଳେ ପାଣି ହେବାରୁ କଟକୋଦ୍ଧୃତ ପର୍ଯ୍ୟନ୍ତ ଗମନାଗମନ ହୋଇ ଅଛିଥିଲା । ମହାନଦୀର ଅ, କେ ଏହି ସପ୍ତାହ ଉତ୍ପନ୍ନ ହେବାର ଶଙ୍କା ଅଛି ।

ଆମ୍ଭମାନଙ୍କ ଲେଫଟେଣ୍ଟ ସାହେବ ଆସନ୍ତା ମଙ୍ଗଳବାର ଦାର୍ଜିଲିଂରୁ କଲିକତାକୁ ଯାତ୍ରା କରିବେ ।

## ଉତ୍କଳ ଶିକ୍ଷା ।

ବାଲେଶ୍ୱରଜିଲାର ଅଭିଷ୍ଟା ଉଚ୍ଚିନପ୍ରଦ ମିଃ ଏଚ୍ ପେ-ଲବେ ହିନ୍ଦୁସ୍ଥାନ ଭାଷାର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ଓଡ଼ିଶା ଡିଭିଜନର ଜେଲ ସୁପରିଣ୍ଟେଣ୍ଡେଣ୍ଟ ମିଃ ଏଚ୍ ପି ବାଣ୍ଡ ସାହେବ ସନ ୧୮୮୭ ମସିହା ଅକ୍ଟୋବର ମାସ ତା ୧ ରିଖରୁ ଦ୍ୱିତୀୟ ଶ୍ରେଣୀରୁ ପ୍ରଥମ ଶ୍ରେଣୀର ଉନ୍ନତି-ପ୍ରାପ୍ତ ହୋଇଅଛନ୍ତି ।

ବ୍ରାହ୍ମଣୀ ଟେବାରଣୀର ଉପରେ ଅଭିଷ୍ଟା ଉଚ୍ଚିନପ୍ରଦ ମିଃ ଏ ଇ ସିଙ୍ଗ ହିନ୍ଦୁସ୍ଥାନ ଭାଷା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଅଛନ୍ତି ।

ଢେଙ୍କାନାଳ ଟ୍ରେଣିର ଉନ୍ନତ କଲେକ୍ଟର ମିଃ ଜ ଏ ଛ ସ ଓ, ଜେ, ଦପ୍ତରକୁ ପ୍ରେରିତ ହୋଇଅଛନ୍ତି ।

---

କାଳଡଗ ସ୍ୱର୍ଣ୍ଣ ଅଞ୍ଚଳରେ ଯେ ଓ ଏକାପ ଉପଦ୍ରବ ହୋଇ ଗ୍ରାମ ଗୃହବନ ଦେଇ ପ୍ରଭ ଏବଂ ଟି ହୋଇ କରି ଘୋର ହତ କରୁଅଛି । ଉକ୍ତ ସହନ ଏହି ଗ୍ରାମର ଚତୁଃପାର୍ଶ୍ୱ ର ଥିବା ଗ୍ରାମମାନଙ୍କରେ ମଧ୍ୟ ଦେଖା ଯାଇଥିବାରୁ ନିବାସୀମାନେ ବ୍ୟସ୍ତ ହୋଇଅଛନ୍ତି । ହତ୍ୟାକାରୀ ବାଘଙ୍କୁ ଉପଯୁକ୍ତ ପୁରସ୍କାର ମିଳିବ ଏଥିରେ ଶିକାରୀମାନେ ଉଦ୍‌ଯୋଗ କରନ୍ତୁ ।

ବ୍ରହ୍ମଦେଶରୁ ଜ ୧୮୮ ଡ଼ାକାଏତ ଦଣ୍ଡ ପାଇ କଲିକତା ଅଲିପୁର ଜେଲକୁ ଆସିଅଛନ୍ତି ।

ବଙ୍ଗଳାର 'ପ୍ରଦର୍ଶନ' ପ୍ରାୟ ୭୫ ଲକ୍ଷ ଲୋକ ଦେଖି-ଅଛନ୍ତି ।

ଏକ ଉଦ୍ର ମହିଳା ବ୍ରିଟିଶ ଡାଉନ ପତ୍ନୀ ସଙ୍ଗେ ଦେଖା କରିବାକୁ ଆସିଲେ । ସମ୍ରାଟ ପତ୍ନୀଙ୍କର 'ଫେସନ ଜେକେଟ' ବସ୍ତ୍ର ଲୁଗା ସେ ମହିଳାର ଠିକ ସେହିରୂପ ଜେକେଟ ଥିବାର ଦେଖି ଭୂଷଣ ଜେକେଟ ଅନ୍ୟ ଲୋକ ଥାଇଣ କରି କି ଦେଖି ରାଣୀ ମନେ ମନେ ଖୁବ ଦୁଃଖିତ ହେଲେ । ସେହି ଭଦ୍ର ମହିଳା କିନ୍ତୁ ଉ ମନର ଭାବ ବୁଝି ନ ପାରି । ସେହି ଲୋକ ହୋଇ ବଡ଼ଲୋକ ସଙ୍ଗେ ସମାନ ହେବାର ସେହି ସେହ ପ୍ରକାଶ କରୁଥିଲା । ତାର ଏହି କଥା ଶୁଣି ରାଣୀ ମନରୁ ସେହି ଭାବ ଦୂର କରିଦେଲେ ଓ "ଆସେ ଏ ମନରୁ ସେହି ଭାବ ଦୂର କରିଦେଲ ଓ ଠିକ ଏ ଅସଲ ଅନୁକରଣରେ ମନସ୍ତାପରେ ଏହିପରି ଠିକ ଏ ପୋଷାକ ପିନ୍ଧିଥାନ୍ତି ।
ସୁ ସ,

ଲୁଣ୍ଡରଧରର ନୂତନ ମହାରାଜା ମାଧୋ ସିଂହଙ୍କ ଶାସନ କ ସମ୍ବନ୍ଧୀୟ ଉତ୍ସବ ଗତ ଅକ୍ଟୋବର ମାସ ତା ୧୮-ରିଖରେ ହୋଇ ଯାଇଥିବାର ସମ୍ବାଦ ମିଳଇ । ଉତ୍ସବରେ କାର୍ଯ୍ୟ ସଥା ନିୟମରେ ଅତି ସମାରୋହ ସହିତ ସମ୍ପନ୍ନ ହୋଇଅଛି ।

ମୁଙ୍ଗେରଠାରେ ଗତ ଅକ୍ଟୋବର ମାସ ତା ୨୨ ରିଖ ପ୍ରାତଃ-କାଳ ଗୃହଘଣ୍ଟା ମି ୪୫ ମିନଟ ସମୟରେ ସାମାନ୍ୟ ଭୂମିକମ୍ପ ଅନୁଭୂତ ହୋଇଥିବାର ସମ୍ବାଦ ମିଳଇ । ଏହି ଭୂମିକମ୍ପ ହେବା ପୂର୍ବ ଓ ପରେ ଭୂଗର୍ଭ ହେବାର ଶୁଣା ହୋଇଥି-ବାର କଥିତ ହୁଏଇ ।

ଗତ ନଭେମ୍ବର ତା ୨ ଓ ୩ ରିଖରେ ଅମେରିକା-ଠାରେ ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଥିବାର ସମ୍ବାଦ ମିଳଇ । କେତେକ ଲୋକ ଏଥିରେ ହତ ଆହତ ହୋଇଅଛନ୍ତି ।

ଘଟୋରଠାରେ ଗତ ଅକ୍ଟୋବର ମାସ ତା ୨୦ ରିଖ ପ୍ରାତଃକାଳ ପାଞ୍ଚଘଣ୍ଟା ସମୟରେ ସାମାନ୍ୟପ୍ରକାର ଭୂମିକମ୍ପ ଅନୁଭୂତ ହୋଇଥିଲା । ଏହା ପ୍ରାୟ ୪୦ ସେକେଣ୍ଡକାଳ ବର୍ତ୍ତମାନ ଥିଲା । ଏହି ସମୟରେ ସିମଳାଠାରେ ମଧ୍ୟ ଭୂମିକମ୍ପ ପ୍ରତ୍ୟକ୍ଷ ହୋଇଥିଲା ।

ମିଶରଦେଶ ନେଇ ଫ୍ରାନ୍ସ ଓ ଇଂଲଣ୍ଡ ମଧ୍ୟରେ ଗୋଲ-ଯୋଗ ଆରମ୍ଭ ହେବାର ସୂଚନା ସମ୍ବାଦପତ୍ରମାନଙ୍କରୁ ପ୍ରକାଶ ପାଉଅଛି । ଫ୍ରାନ୍ସର ମନସ୍ଥ ଯେ ଇଂଲଣ୍ଡ ମିଶର-ଦେଶରେ ଅଧିକ ଅଧିକାଳ ନ ରହି ଏକାବେଳକେ ଉକ୍ତ ଦେଶ ତ୍ୟାଗ କରି ଆସୁ । ଫ୍ରାନ୍ସ ସମ୍ବାଦପତ୍ର ସବୁ ଇଂଲଣ୍ଡର ବପକ୍ଷ ଭାବ ଧାରଣ କରିଥିବାର ଜଣାଯାଉଅଛି ।

ଇଙ୍ଗଲଣ୍ଡରୁ ଆସିଥିବା ଏକ ତାରସମ୍ବାଦରୁ ପ୍ରକାଶ ଯେ ମାନ୍ଦ୍ରାଜ ଥାନା ଲାଗିଦୂରଦେଶ ସଙ୍ଗେ ଇଂରେଜ ମାନ କର ଲୋକଙ୍କ ଆପଣଃ ଅଧୀନସ୍ଥ କରିବା କାରଣ ଚେଷ୍ଟା କରୁଅଛନ୍ତି । ଏ ଉପାୟ ମନ୍ଦ ନୁହେଁ ମଧ୍ୟ ଏହି ଉପାୟରେ ଇଂରେଜ ନେଇ କଥା ନୁହେଁ ।

ବ୍ରହ୍ମଦେଶର ଟେଲିଗ୍ରାଫ ଅଗ୍ରଭାଗ ଅଟଇ ରେଙ୍ଗୁନଠାରୁ ଆସିଥିବା ଗତ ଅକ୍ଟୋବର ମାସ ତା ୨୮ ରିଖ ତାରସମ୍ବାଦରୁ ପ୍ରକାଶ ଯେ କରିସ୍ତନ ନିକଟରେ ଡେକ୍ଷ୍ଟି-ମାନଙ୍କ ଦଳ କ୍ରମଶଃ ବର୍ଦ୍ଧିତ ହେଉଅଛି । ଏମାନେ ମାନେ ଠାରୁ ଯେଉଁ ଗାଁ କୁ ଯାଉଥିଲେ ତାହା ଉଜାଡ଼ କରି ଲୁଟି ନେଇ ସେଥିସଙ୍ଗେ ଥିବା ପ୍ରଜାଗଣଙ୍କୁ ଗୋଟିକଠିଁ ହତ କରୁଅଛନ୍ତି ମୋଗୋକ ସ୍ଥାନରୁ ଡାକ୍ତର ଶିକାଏତ ମିଳ ପେଡ଼ିପକାଇ ଅଛନ୍ତି ଏବଂ ଶ୍ରୀମତୀ ଲୋକଙ୍କ କର୍ତ୍ତୃକ ହତ ଓ ଆହତ ହୋଇଅଛନ୍ତି । ଜମ୍ବୁ ନିକଟରେ ବୋମ୍ବେ ନାନା ଗ୍ରା-କ ଭ ୱିଗାନମାନ କି ଥିଲା ଏହା ତାହାର ଦଳ ବଳ ଦଳ ବଢ଼ି ଦେଉଅଛି ।

ଗତ ଅକ୍ଟୋବର ମାସ ତା ୨୨ ରିଖ ହିସାବ ୮।୪୫ ମିନଟ ସମୟରେ ଘଟୋରଠାରେ ଭୂମିକମ୍ପ ଅନୁଭୂତ ହୋଇଥିଲା । ଏଥିର ଗତି ଉତ୍ତର ପଶ୍ଚିମଆଡ଼ ଥିବାର ଜଣା ଯାଇଥିଲା । ଏଠାରେ ସବୁ ଭୂମିକମ୍ପ ହେବାର କାରଣ କି ?

ବଙ୍ଗଳର ଲୁଥେରାନ ମିଶନର ଗତ ପରୀକ୍ଷାରେ ବାବୁ ନୃସିଂହ ମୁଖୋପାଧ୍ୟାୟ ଏମ, ଏ ସର୍ବୋଚ୍ଚସ୍ଥାନ ପାଇଅଛନ୍ତି ତାହାଙ୍କସଙ୍ଗୀ ଇଂରେଜ ଓ ସ୍କଟ ଛାତ୍ରମାନେ କେହିତାହାଙ୍କ ସମାନ ହୋଇପାରିନାହାନ୍ତି । ପରୀକ୍ଷାର ମୋଟ ଅଙ୍କ ୨୫୦୦ ମଧ୍ୟରୁ ସେ ୧୫୩୭ ଅଙ୍କ ଲଭ କରିଛନ୍ତି । ଏଦେଶୀୟ ଜଣେ ଛାତ୍ର ମନରେ ଏ ଯ ପଦ ଦେଖାଇବାର ବଡ଼ଗୌରବ ସାର କଥାମୁ ଅଟଇ । ଏହି କାର୍ଯ୍ୟରେ ପ୍ରବେଶ କରି ଏହିପରି ଫଳ ଦେଖାଇଲେ ଅଧିକ ସୁଖର ବିଷୟ ହେବ ।

ପଶୁମାନଙ୍କ ପ୍ରତି ନିଷ୍ଠୁରତା ନିବାରଣର ସନ ୧୮୬୯ ମସି-ହାର ଆ ୧ ଇନ ଓ ନିଷ୍ଠୁରତା ବ୍ୟବହାର କରିବା ଦୋଷିଲୋକମାନଙ୍କୁ ପୋଲିସ ବିନା ଓାରେଣ୍ଟରେ ଗ୍ରେପ୍ତାର କରିବାର ସନ ୧୮୬୯ ମସିହାର ଅ ୩ ଇନ ବଙ୍ଗ ସହରରେ ପ୍ରଚଳିତ ହେବାର ପ୍ରସ୍ତାବ ଲେଫ୍ଟନାଣ୍ଟ ଗୱର୍ଣ୍ଣର ସାହେବ ମଞ୍ଜୁର ପ୍ରଦାନ କରିଅଛନ୍ତି । ଏହି ଆଇନମାନ ଡିସେମ୍ବର ମାସ ତା ୧ ରିଖରୁ ପ୍ରଚଳିତ ହେବ ବୋଲି ବଙ୍ଗଳା ଗେଜେଟରେ ବିଜ୍ଞାପିତ ହୋଇଅଛି ।

---

## ପ୍ରେରିତ ପତ୍ର ।

### ପ୍ରେରିତପତ୍ରର ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଗତ ସପ୍ତାହସ୍ଥାରକରେ ନିମ୍ନସ୍ଥ ପ୍ରାର୍ଥନାରେ ଲେଖାଅଛି ଯଥା—"ଲୋକଙ୍କର ହସ୍ତାରକ ସହିତରେ ସମସ୍ତ ସମ୍ପର୍କ ପରିତ୍ୟାଗ କରିବାରୁ ବାବୁ ଶ୍ୟାମସୁନ୍ଦର ପଟ୍ଟନାୟକ ଚହିଲ ହସ୍ତ ନ୍ୟସ୍ତ କରିନେଲେ । ଶ୍ରୀ ମଧୁସୂଦନବାବୁ ବାଲେଶ୍ୱର ସ୍ଥାୟୀ କରିବା ନିମନ୍ତେ ବାମଣ୍ଡ ଘଟେ ସୁତଲଦେବଙ୍କ ସାହାଯ୍ୟରେ 'ସୁତଲପତ୍ର' ନାମରେ ଗୋଟିଏ ନବ ସ୍ଥାପନ କରିଅଛନ୍ତି । ଆଶା କରିଯାଏ ସେଥିରେ ହସ୍ତାରକ ଛାପିବୁଳେ ଚଳିବ ।

ନିୟମାବଳୀ ।

ସୁତଲଦେବ ଉତ୍କଳର କର ନାମନାମରେ "ସେବାରେ ନିଯୁକ୍ତ ରହିବେ । ସେ ନୂତନ ସେବକସଙ୍ଘର ଉଦ୍ଦେଶ୍ୟ ଅନୁସରଣ କରି ଚାଲିବେ ।

ନାସ୍ତିକତା ଅଧାର୍ମିକତା ସଜଦ୍ରୋହସତର ଗୌରବ ଦ୍ୱାରା ବା ପଦ୍ଧତି ସୁତଲଯନ୍ତ୍ରରେ ମୁଦ୍ରିତ ହେବ ନାହିଁ ।

ସୁତଲଦେବ ଜିହ୍ୱାରେ ଚନ୍ଦ୍ର ନିଷ୍କାର ସୃଷ୍ଟି କରି ରାମ ଘୃଣା କରି ନବେଧାନର ଶ୍ରୀହରିଙ୍କ ପଦାରବିନ୍ଦରେ ଉତ୍ସର୍ଗ କରି ଅଦ୍ୟ ସନ ୧୨୯୫ ସାଲ ଅଶ୍ୱିନୀ ଦିନ ରବିବାର ଦିବସଠାରୁ ଉତ୍କଳରେ ଜ୍ଞାନ ଓ ଧର୍ମ ବିତରଣରେ ପ୍ରବୃତ୍ତହେଲେ ।

ଏଥିରୁ ଦେବତାରି, ଅନୁମାନଙ୍କ ପରି ମନୁଷ୍ୟ ନାଶରେ ବୁଝିବାର ବଡ଼ କଷ୍ଟକର ! ସେବକସଙ୍ଘର ହସ୍ତାରକ ସହିତ ସମସ୍ତ ସମ୍ପର୍କ ଛାଡ଼ିଦେଲ କିନ୍ତୁ ସୁତଲ ଜାବର ଉତ୍କଳୀୟ ଭାଗ୍ୟ ସ୍ଥାପିତ ହେଲା ଯେ ଯହିଁ ତହିଁ ଅଙ୍ଗ ଶାର ଉଦ୍ଦେଶ୍ୟ ଅନୁସାରେ ଚାଲିଲ ନୋ-ବେ ସମସ୍ତ ସମ୍ପର୍କ ଛାଡ଼ିଦେଲ କିପରି ? ଶୋ-ଧିହୁଏ ଅନ୍ତରରେ ବେଶ ସମ୍ପର୍କ ରହିଲା !!

ସୁତଲଦେବ ଉତ୍କଳର ନାନାଦ୍ୟମାନଙ୍କ ସେବାରେ ନିଯୁକ୍ତ ରହିବେ । କିନ୍ତୁ ସ୍ୱାମିକ୍ରି ନେଇ ବହୁପଲ ବସ୍ତୁ ଯାଉଅଛି ଯେ ଶତ୍ରୁତା-ରରେ ଛାପା ଯାଉଛି । ତେବେ ପନ୍ଥା କେଉ କାର୍ଯ୍ୟ କରିବାର କଥା ହେବେ ତ, ଏସ ନିୟମର ଉଦ୍ଦେଶ୍ୟ କ ହେଲ ବୁଝାଯାଉ

କାହିଁ । ଉତ୍କଳ ଶ୍ରଦ୍ଧା ଅନ୍ୟଲୋକ ସ୍ୱୀକାର କରି ଗ୍ରାହକ ହୋଇ ପାରିବେ ନାହିଁ ସତ । ତା ଏ ଗୋଷ୍ଠୀଏ ମଜବୁଗା କଥା !!

ଅଶ୍ଳୀଳ ବା ରାଜବିଦ୍ରୋହସୂଚକ ଉକ୍ତିର ଛପାହେବା ପୁସ୍ତକ ବା ପତ୍ରାଦି ପ୍ରାପ୍ତ ଅନୁସାରେ ଦଣ୍ଡନୀୟ । କିନ୍ତୁ ଦିନ ପୂର୍ବେ ଏହା ସମ୍ପାଦକରେ ନୁହେ, ଧର୍ମର ପକ୍ଷ ସେବକରେ ଯେପରି ଅଶ୍ଳୀଳ ଶବ୍ଦମାନ ବାହାର ଥିଲା ଅଉ କୌଣସି ଯନ୍ତ୍ର ଉତହିଁରୁ ଅଧିକ ପ୍ରକାଶ ହୋଇ ନାହିଁ ନା ହେବ ନାହିଁ । ତେବେ ଏପରି ଲେଖିବାର ତାତ୍ପର୍ଯ୍ୟ କଣ ? ବୋଧ ହୁଏ ହେବ-ମତରେ ଅପଣାର ପବିତ୍ରତା ଦେଖାଇବାର ଯୁକ୍ତି !

ଏ ମସ୍ତକର ପଣ୍ଡୁକାଯୁକ୍ତ ଜଣେ ପକ୍କା ହିନ୍ଦୁ ତାଙ୍କର ଉଲବୁରେ, କଣ୍ଠମାଳାରେ, ନାମକୀର୍ତ୍ତନରେ ପ୍ରାପ୍ତ ଉନ୍ନତର ବଶଙ୍କୀ ହେବ ହିନ୍ଦୁଧର୍ମର ଶ୍ରୀହରିଙ୍କ ଦଖଲୀ ସ୍ୱଭୂ ରହିଅଛୁ । ସେ ଯେ ଅପଣାର ଅଧିକାର ନୀତି ସ୍ୱଭୂ କାଗଜରୁ ଏବଂ ସ୍ଥାପିତ ଶବ୍ଦରୁ ବଡ ଶ୍ରୀହରିଙ୍କି ବେଦଖଲ କରି ନବଧାନ ଶ୍ରୀହରିଙ୍କ ପଦାରବିନ୍ଦରେ ଉତ୍ସର୍ପଣ କଲେ ଏହା ଅତି ଉଚିତ କଥା । ସ୍ପଷ୍ଟ ଅନୁମାନ ହୁଏ ଶ୍ୟାମସୁନ୍ଦର ବାବୁ ବ୍ରାହ୍ମ ହୋଇଗଲେ । ଏହା ହୋଇଥିଲେ ବଡ଼ ସୁଖର ବିଷୟ, କାରଣ ତନ୍ତ୍ରୀଙ୍କ ବାବୁ ଜଣେ ହିନ୍ଦୁ ବ୍ରାହ୍ମ ଥିଲେ ଏବଂ ତାଙ୍କ ବଡ଼ଭାଇ ଖ୍ୟାକାଲୁ ମଧ୍ୟ ବ୍ରାହ୍ମ ହୋଇ ଗୋଟିଏ ପ୍ରେସର ଅଧିକାରୀ ହେଲେ ଏଥିରେ ଉତ୍କଳର ଅନେକ ଶୁଭଙ୍କର ଅଶାଦ୍ୱାର ଏକାବେଳକେ ଫିଟିଗଲା ।

ଗୋଟିଏ କଥା ରହିଗଲା । ଶୁଣିଲୁଁ ସୁଜନସନ୍ତ ଅପଣାର କର୍ମଗୃହ ନ ହେବା ହେତୁ କୌଣସି ପ୍ରେସର କର୍ମଚାରୀମାନଙ୍କୁ ଫୁସୁଲାଇ ଗୁପ୍ତରେ ଅଣି ଅପଣାର କାର୍ଯ୍ୟ କରାଉଥିବାରୁ ସେଠା ଅଧ୍ୟକ୍ଷ ଲାଞ୍ଛିତ ହେଲେ କେତେକଜଣଙ୍କୁ କଉମାଳା କରି ଲଣଲୁ କର୍ମଚ୍ୟୁତ କରୁଅଛନ୍ତି । ଏହାହିଁ ବ୍ରାହ୍ମଧର୍ମ ଉଦାହରଣ ! ଏହାହିଁ ସେବ କଷ୍ଟର ଉଦ୍ଦେଶ୍ୟ !!!

ଯାହା ହେଉ ସମ୍ପାଦକସ୍ଥାନରେ ଉତ୍କଳ ଅନ୍ଧକାର ହୋଇ ଯାଅନ୍ତା, ଏପରି ଖଣ୍ଡେ କାଗଜ ଗାହକ ରହିବା ନିମିତ୍ତ କାମଣ୍ଡାଧିପତି ସୁଡ଼ଙ୍ଗହେବ ଯେ ଗୋଟିଏ ଶାଖାଶାଖା ସ୍ଥାପିତ କରାଇ ଦେଲେ ଏଥିରୁ ଗୌରବର ବିଷୟ ଅଧିକ ଅଉ କ ହୋଇ ପାରେ ? ଏ କାର୍ଯ୍ୟଟି ମହାରାଜାଙ୍କ ଯଥାସମ୍ଭବ ଚୂଡ଼ାରେ ଶୋଭିତର ହେଲା !!

୩।୧୨।୮୬ } ବଶମ୍ବଦ
କଟକ } ଶ୍ରୀ —

———

ମହାଶୟ !

ଅପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାରେ ନିମ୍ନଲିଖିତ ବିଷୟଟି ସାନୁଗ୍ରହପୂର୍ବକ ସ୍ଥାନପ୍ରଦାନ କରି ବାଧିତ କରଇବା ହେବେ ।

ଜଗନ୍ନାଥଙ୍କ ବସ୍ତିର ଆଜା ଅନ୍ତର୍ଗତ ତେଲିଙ୍ଗି ବଜାର ନାମକ ସ୍ଥାନରେ ଜଣେ ଠକ କେତେକ ଦିନ ଉଦ୍ଦେଶଧାରୀ ବୈଷ୍ଣବଙ୍କୁ ସଙ୍ଗେ ଘେନି ଭଗବତ ଶାସ୍ତ୍ରଭୁଲେ ଅସି ନାନାପ୍ରକାର ବିଦ୍ୟା ଦେଖାଇ, ନିକଟସ୍ଥ ଭଦ୍ରଲୋକଙ୍କଠାରୁ ଲୁଣ୍ଠ କରିବା ମାନସରେ ଟଙ୍କା ନେଇ ମସ୍ତକମାନମାନଙ୍କ ଶାଳଗ୍ରାମ ନ୍ୟାୟ ଏବଂ ରାଜାଖ ବନାଇଁ; ନିକଟରେ ସେହି ଟଙ୍କାରେ ଅଳଙ୍କାର ପ୍ରସ୍ତୁତ ହେବ ପ୍ରତିମୂର୍ତ୍ତିମାନ ସ୍ଥାପିତ କରିଥିଲା । ପରିଶେଷରେ ଅପଣାର ସ୍ୱୀକୃ ଅଣି ସେ ସମସ୍ତ ଦ୍ରବ୍ୟ ଘେନି ପଳାଇଲା । ବର୍ତ୍ତମାନ ପୁନଶ୍ଚ ସେହି ଠକ ଅସି ଉକ୍ତ ଶିଖ ସ୍ଥାନରେ ପ୍ରବେଶ ହୋଇଅଛି ମନେ ୨ ପ୍ରସ୍ତାବ କରୁଅଛି "ଅଳକମୁଖୀ ସମ୍ପ୍ରା" ବସାଇବେ ବୋଲି, କିନ୍ତୁ ଅଉ ଭଦ୍ରଲୋକମାନେ ତାଙ୍କୁ ଟଙ୍କା ଦେବାକୁ ଦାଣ୍ଡସେଣ୍ ।

ଏହା ପଞ୍ଚଶରେ ତାହାଙ୍କର ଜଣେ ଚର ନଟେଜ ଧରିର ଅସି ଅମ୍ବଗଛ ଓ କଣ୍ଟାବୁଦାର୍ଥରେ ବସି ଠକ ମହାପ୍ରଭୁଙ୍କ ସହିତ କଥାବାର୍ତ୍ତା କରନ୍ତି, ଏହା ସମସ୍ତ ଭଦ୍ରଲୋକମାନଙ୍କ ଦୃଷ୍ଟିଗୋଚର କରେ । ବୋଧହୁଏ ଏହାଙ୍କର ନଜର କମିଶନ ଅଛୁ କାରଣ ପୂର୍ବେ ଲୁଣ୍ଠ ସମୟରେ ଦଳବଳ ଯୋଗ ଓ ଡବର ପାଇଥିଲେ । ଇତି ତା ୨୩।୧୨।୮୬

Your truly
S. C. S.

———

ମହାଶୟ !

ନିମ୍ନଲିଖିତ ପ୍ରଶ୍ନ ଦୁଇଗୋଟି ଅପଣଙ୍କ ସୁବିଖ୍ୟାତ ପତ୍ରିକାରେ ପ୍ରକାଶିତ କରିଲେ ବାଧିତ କରିବେ ।

ପ୍ରଥମ; କୌଣସି ପୁରୁଷର ପତ୍ନୀର ଅନୁଜାଭଗ୍ନୀକୁ ସେହି ପୁରୁଷର ପିତା ବିବାହ କରିପାରେ କି ନା; ଯଦି କରିପାରେ ତେବେ ଶାସ୍ତ୍ର ସମ୍ମତ କନ୍ୟା ଭଗିନୀର ସହିତ କ୍ଷେତ୍ରସ୍ଥା ଭଗିନୀ ରୂପେ ବ୍ୟବହାର କରିବ ?

ଦ୍ୱିତୀୟ: ଜାତିଚ୍ଛେଦାନଙ୍କାରିଣୀ ଧାତ୍ରୀ ମାତା ଏବଂ ଶୈଶବାବସ୍ଥାରେ ସ୍ତନ୍ୟଦାନାଦିଦ୍ୱାରା ପ୍ରତିପାଳନକାରିଣୀ ପାଳକ ମାତା ଏହି ଦୁଇଙ୍କର ମଧ୍ୟେ ଅଧିକ ମାନ୍ୟା କିଏ ହେବ; ଏବଂ ଉଭୟମାତା ଯଦି ମାତୃଜାତୀୟ ହେବେ ତେବେ ବ୍ରାହ୍ମଣ ଅନ୍ନ ଶ୍ରେଷ୍ଠ୍ୟାଦିକାରି ଏ ଉଭୟଙ୍କୁ ପ୍ରଣାମ କରିପାରିବେ କି ନା ।

ତୃତୀୟ; ବିମାତାର ଭଗିନୀକୁ ବିବାହ କରିଯାଇ ପାରେ କି ନା ? ଯଦି କରିପାରି ପାରେ ତେବେ ବିମାତୃସମ୍ବନ୍ଧ ଏବଂ ଶାଳୀସମ୍ବନ୍ଧ; ଏହି ଉଭୟ ମଧ୍ୟେ କେଉଁ ସମ୍ବନ୍ଧ ପ୍ରବଳ ହେବ ।

ଏଥିଦ୍ୱାରା ସୁ ଉଦ୍ଧର ସୁବୋଧପଣ୍ଡିତମାନଙ୍କୁ ବିନୟ ସହିତ ପ୍ରାର୍ଥନା ଏହି ଯେ; ସେମାନେ ଏହାର ଉତ୍ତର କାଗଜରେ ପ୍ରକାଶ କରିବେ; ବିଶେଷତ ଆପ କରି ଉତ୍କଳଧର୍ମସ୍ଥାପନଧିସମାଜ ଏହି ସଂଶୟ ଦୂର କରିପାରିବେ ।

୨୩।୧୨।୮୬ } ଶ୍ରୀ ମଧୁସୂଦନ
ପୁରୀ } ଶ୍ରୀ ବନମାଳୀ ମହାପାତ୍ର ଶର୍ମା
} ଶ୍ରୀ ପୁରୁଷୋତ୍ତମମଣ୍ଡଳ ସମାଜ-
} ସମ୍ପାଦକ

———

ମହାଶୟ !

ଶରଦଲକ୍ଷ୍ମୀ କି ଶୁଭରେ
ଅସେ ଭୂମିମଣ୍ଡଳେ ।
ଉଦୟ ଲଭିଲ ଅନନ୍ତ
କାଳବଶେ ଉତ୍କଳେ । ୧ ।
କମଳଜଳରେ କମଳ
ବିକଶିତ ହୋଇଣ ।
ମତ୍ତ ମଧୁପ ମାନସ
କରିଦେଲା ହରଣ । ୨ ।
ହଂସ ଚଞ୍ଚଳ ମାନସ
ପରିଶେଷ ହରଷେ ।
ନାନା ବଧୂ ସହିତ
ମନ ରମିଲେ ରସେ । ୩ ।
ଶାଳବନ୍ଧାବ ଦ୍ରୁତ
ହେଲା ହଂସ ଧ୍ୱନିରେ ।
ଚେଣ୍ଡ଼ି ପିଚ୍ଛ ଭୂତ ଦଳ କ
ଚୁଆମଣି ମନରେ । ୪ ।
ସପ୍ତଛଦବନ ସୁଗନ୍ଧ
ଘେନ ବହୁଛି ବାଇ ।
କେତାରେ ଜଳମ ସୁଗନ୍ଧ
କେତେ ବଳ ପଦଶ । ୫ ।

ଜନମ ଗୋପଣୀ ଗୋପୀକା
ଗାନ କଲେ ସୁସ୍ୱରେ।
ଶସ୍ୟ ଗ୍ରାସ ଶିତ ହରିଣଗଣ।
ରହି ନ ହେଲେ। ୬।
ଆକାଶରେ ମାଳା ଧରଣ।
ଶୁକଗଣ ଉଡ଼ିଲେ।
ମାଠଗାପଙ୍କରେ ବନ୍ଧୁଙ୍କ
ପୁଷ୍ପ ଶୋକ ଏଡ଼ିଲେ। ୭।
ଏହିକାଳେ ଦେଖା ଅମ୍ବିକା
ଅମ୍ଭଙ୍କ ନାମକୁ।
ପଢିଲେ ଭାଷିକେ ଦେବଣ
ବନ ଧୂପଧୂପକୁ। ୮।
ନାଗକେଳ ତାଳ ଗୁବାକ
ପଲ୍ଲବକୁ ହୋଇଲେ।
ପଶ୍ଚିମପଥରୁ ଜନତା।
କ୍ରମେ ଉନ୍ନତ ହେଲେ। ୯।
ଯାହାଙ୍କ କୌଶଳେ ଏସବୁ
ହେଉଅଛି ପ୍ରକାଶ।
ତାହାଙ୍କୁ ସ୍ମରଣ କର ହେ
ଭାଇ ସମଜଗ୍ୟାସ। ୧୦।

୨୪।୧୦।୮୬ } ଶ୍ରୀମତ୍ୟେ ହପାଲତ
ପୁରୀ } ଶ୍ରୀ ——

---

ଉତ୍କଳ ବ୍ରାହ୍ମସମାଜର ଦାତବ୍ୟବିଭାଗର ଆୟ-ବ୍ୟୟ। ଜୁଲାଇ ତା ୨୫ ରିଖ ଠାରୁ ସେପ୍ଟେମ୍ବର ଶେଷପର୍ଯ୍ୟନ୍ତ।

ଆୟ

ଏକକାଳୀନ ଦାନ।

| | |
|---|---|
| ବାବୁ ସ୍ୱଧାନାଥ ରାୟ ... ... | ଟ ୩୧ |
| A friend | ଟ ୧ |
| „ ଗୋପାଳ ପଣ୍ଡା ... ... | ଟ ୧୧ |
| „ ଲଳିତମୋହନ ଚକ୍ରବର୍ତ୍ତୀ | ଟ ୧୧ |
| „ ରାମପ୍ରସନ୍ନ ମୁଖୋପାଧ୍ୟାୟ | ଟ ୧୧ |
| „ ଅଭୟାଚରଣ ଚଟ୍ଟୋପାଧ୍ୟାୟ | ଟ ୧୧ |
| „ ସୀତାନାଥ ରାୟ ନଗଦ ... | ଟ ୧୧ |
| ଓ ପୁସ୍ତକଦ୍ୱାରା ... ... | ଟ ୩୧ |
| „ ଶ୍ୟାମାଚରଣ ସରକାର ... | ଟ ୧ |
| Two brothers | ଟ ୩ |
| A friend | ଟ ୧ |
| ବାବୁ ଜଗନ୍ନାଥପଣ୍ଡାଙ୍କ ସଂଗୃହୀତ | ଟ ୪ ।୬ |
| „ ଯୋଗେନ୍ଦ୍ରନାଥରାୟଙ୍କ ସଂଗୃହୀତ | ଟ ୪।/ |
| ସ୍ୱତନ୍ତ୍ରଭାବର ଦାନ ... | ଟ ୨୫ |
| ବାବୁ ଫକୀରମୋହନ ସେନାପତି | ଟ ୨୧ |
| „ ସାଧୁଚରଣ ରାୟପ୍ରଭୃତି ... | ଟ ୮୧ |
| „ ନନ୍ଦପ୍ରସାଦ ନନ୍ଦ ... | ଟ ୦୫ |
| „ ଦିବାକର ନାୟକ ... | ଟ ୦୫ |
| „ ହରେକୃଷ୍ଣ ସାମନ୍ତ ... ... | ଟ ୦୫ |
| „ ଜୟକୃଷ୍ଣ ନନ୍ଦ ... ... | ଟ ୦।୵ |
| A friend | ଟ ୦। |
| R. K. S. | ଟ ୦।୵ |
| A. K. Ray Esquire | ଟ ୦୫ |
| ବାବୁ ସଦାଶିବ ପ୍ରହରାଜ ... ... | ଟ । |
| A well wisher | ଟ ୦୫ |
| କ୍ଷୁଦ୍ରଦାନ ସଂଗ୍ରହ ... ... | ଟ ୧୫।୵ |
| ବାବୁ ଭଗବାନଚନ୍ଦ୍ର ସିଂହ ସଂଗୃହୀତ | ଟ ୩/୪ |
| ଜଣେ ମିତ୍ର ଗୁଡ଼ଲ ଓ ଡାଲି ... | ଟ ୫/ |
| ମୋଟ ... ... .. | ଟ ୪୯।୧୦ |

ବ୍ୟୟ।

| | |
|---|---|
| ଗୁଡ଼ଲ ... ... ... | ଟ ୬।୵୯ |
| ଡାଲି ... ... ... | ଟ ୧୫।୵୪ |
| କାଠ ... ... ... | ଟ ୨ ୫।୵୯ |
| ତରକାରି ... ... ... | ଟ ୧ ।୵୩ |
| ଲୁଣ ଓ ତେଲ .. .. | ଟ ୧।୵ ୯ |
| ମସଲା ... ... .. | ଟ ୦ ।୵୩ |
| ଔଷଧ ... ... ... | ଟ ୦୫ |
| ବାଜେ ... ... ... | ଟ ୦ ।/୩ |
| ମୋଟ | ଟ ୧୪୫।୵୪ |
| ଆୟ ... ... | ଟ ୪୯ ।୧୦ |
| ବ୍ୟୟ ... ... | ଟ ୧୪୫।୵୪ |
| ବାକି .. ... | ଟ ୩୪ ।/୬ |

ଶ୍ରୀ ମଧୁସୂଦନ ରାଓ
ସମ୍ପାଦକ

---

# ବିଜ୍ଞାପନ।

ନୀଳଗୃହ ଉପର ଲାଭଜନକ ତାହା ଅନେକ ଦେଶଲୋକ ଅବଗତ ନୁହନ୍ତି। ଉତ୍ତର ବଙ୍ଗ ନୀଳଗୃହଦ୍ୱାରା ଉପର ଧନଶାଳୀ ହୋଇଅଛି ଦେଖିଲେ ଅବାକ୍ ହେବାକୁ ହୁଏ। ଏହି କୃଷିପ୍ରସାଦରୁ ସାମାନ୍ୟ କୃଷକମାନେ ଦାଗ ବାନ୍ଧୁଅଛନ୍ତି।

ପ୍ରାୟ ଦେଢ଼ବରଷ ହେଲା ବିଶେଷ ମନୋଯୋଗ ସହିତ ଦେଖି ଓ ଆଲୋଚନାକରି ଏ କୃଷିର ଅବସ୍ଥା ଓ ନୀଳ ପ୍ରସ୍ତୁତ କରିବାର ତାବତ୍ ପ୍ରକ୍ରିୟା ଅବଗତ ହୋଇଅଛୁଁ। ଓଡ଼ିଶାଭୂମି ଏ କୃଷିପକ୍ଷରେ ବିଶେଷ ଉପଯୋଗୀ ହେବ। ଅତଏବ ଏତଦ୍ଦ୍ୱାରା ରାଜା, ଜମିଦାର, ଧନୀ ଓ ଉତ୍ସାହୀ ଦେଶହିତୈଷୀ ମହୋଦୟଗଣଙ୍କୁ ଜଣାଉଁଅଛୁଁ ଯେ କେହି ନୀଳକୃଷିର ମର୍ମ ଅବଗତ ହେବାକୁ ଇଚ୍ଛା କରନ୍ତି ନିମ୍ନସ୍ୱାକ୍ଷରକାରୀଠାରୁ ପତ୍ର ଲେଖିଲେ ସମସ୍ତ ଜାଣି ପାରିବେ ଇତି।

ରଙ୍ଗପୁର }
୧୬।୧୦।୮୬ }

Bhola Nath Das
Rungpur

---

## NOTICE

Is hereby given that 4 apprentices are required for the Collectorate and Magistracy of this district. Applicants are required to send up their applications and testimonials to this office on or before the 20th instant. None need apply who has not passed the Calcutta University Entrance Examination and who does not write a good hand both in English and Oria.

H. SAVAGE,
*Offg. Collector*
Pooree.

---

## NOTICE.

On Friday the 5th. November 1886 at 10 A. M. will be sold on the premises by public auction to the highest bidders in lots to suit purchasers, the materials of the Road Cess Inspection Bungalow and out offices at Jaepur Ph. Jhunkur on the 28th. mile Taldundah road.

### TERMS OF SALE.

10 per cent of highest bid to be paid on the spot. The balance to be paid before any of the materials are removed.

The whole of the materials brought, to be removed within 15 days of date of auction.

(Sd.) G. Toynbee
Chairman Road Cess Committee
Cuttack
22-10-86.

---

### ADVERTISEMENT.

Wanted a second Master for the Higher Class English school at Bhudrak on Rs. 40 per month. None need apply who has not passed the Univer-

Digitized by srujanika@gmail.com

sity F. A. Examination and is not competent to teach Mathematics in the Entrance Class. The selected candidate shall have to execute an agreement that he will stay in the school at least up to the end of the current session. Applications with testimonials will be received by the undersigned up to 20th October 1886.

Bhadrak 30-9-86. — J. E. Davidson, President of the school Committee.

ଢେଙ୍କାନାଳ ପବ୍ଲିକ୍ ଓ୍ୱାର୍କ ବିଭାଗର ନିମ୍ନଲିଖିତ କାର୍ଯ୍ୟସମୂହ ଠିକାରେ ଦିଆଯିବ ଯେଉଁମାନେ ସେ ସମସ୍ତ କାର୍ଯ୍ୟ କରିବାକୁ ଇଚ୍ଛୁକ ସେମାନେ ଯେଉଁ ଦରରେ କାର୍ଯ୍ୟ କରି ପାରିବେ ତାହା ଉଲ୍ଲେଖ କରି ଆଗାମୀ ନବେମ୍ବର ମାସ ତା ୧୫ ରିଖ ମଧ୍ୟରେ ଆମ୍ଭ ନିକଟରେ ମୋହରବନ୍ଦ ଲଫାଫାରେ ଦରଖାସ୍ତ କରିବେ । ଇତି ।

ସଡ଼କର ମାଟିକର୍ମ; ବନ୍ଧର ମାଟିକର୍ମ; ଢେକାକର୍ମ; କୋଠାଘରର କର୍ମ; କଣ୍ଟପଡା ଗାନ୍ଥନି; ସଡ଼କର ମେଟାଲିଙ୍ଗ; ପଥରଗାନ୍ଥନି; ବଙ୍ଗଳା ଶ୍ରେଣୀ ।

୨୫-୧୦-୮୬ ଢେଙ୍କାନାଳ — ଉମେଶଚନ୍ଦ୍ର ବସୁ, ଏକ୍ଜି-ଇଞ୍ଜି

# ମେହରୋଗ ।

ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣା ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉଚିତ ଶୀଘ୍ର ଶୀତଳବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାଗ୍ୟତରେ ଏକସପ୍ତାହ ସେବା କଲେ ନୂତନରୋଗ ଏବଂ ତିନି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ବସ୍ତ୍ରଗିରେ ପରୀକ୍ଷିତ ନ ହେଲେ ଆମ୍ଭ ଶିବ ଜାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବିଲମ୍ବରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅପରଚିତପୋର ନମ୍ବର ଭବନରେ ହିଁ, କେ, ରାୟ କମ୍ପାନିଙ୍କଠାରେ ଏବଂ କଟକ ଦରଘାଟ ବଯାର ପ୍ରସିଦ୍ଧ ଡାକ୍ତରଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ ୧୲ ଟଙ୍କା । ପ୍ୟାକିଙ୍ଗ ଓ ଡାକମାଶୁଲ ପୃଥକ୍ ।

# ବାଲିକାଗଜ ।

ନିମ୍ନଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧେନ୍ଦୁ ଧର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା —

| | | | | |
|---|---|---|---|---|
| ୧୭ | ରିମ | ବାଲିକା କାଗଜ | ଦ ୧୬ | ଟ ୨୲୬ |
| ୧୫ | ରିମ | " | " | ଟ ୨୲ |
| ୧୨ | ରିମ | " | " | ଟ ୧୲୬ |

ବେପାରୀମାନେ ଅର୍ଥାତ ଯେଉଁମାନେ ଏକଥରେ ୧ ୫ ମ ବା ଅଧିକ କିଣି କରିବେ ଅଛି ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦରକୋଣା ଓ କଲିକତା ଓ ଶ୍ରେମ୍ପୋରିଗେର ଲୁଗା ଓ ଷ୍ଟେସନାରୀ ଓ କଳକତା ତାମାଷ ପାଟିଆତର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଆଉ କେତେକ ଫେନ୍ସି ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ଭଲ ଭଲ ଗାଡ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଗାଡ଼ିମାନ ବିକ୍ରୟ ହେବା ନାହିଁ ଆପଣା ମଜଲିସ ସକାଶେ ଭଡ଼ା ଲୋଡ଼ାନ୍ତି ତେବେ ଏକ ରାତ୍ରିକୁ ୫ ଟଙ୍କା ଟ୦୪୬ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ଯତ୍ନ ଷଷ୍ଠମଣ୍ଡଳର ଭାର ତାଙ୍କ ଉପରେ ଥିବ । ଯଦି ହେଲେ ଗାଡ଼ିର ପରି ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ଫଫସିଲ ।

ଭଲ ଭେଷଣ ବ ଦ ୦ ଙ୍କରେ ଲୁଚ ଦେଲେ ଗଲେ ।
ଉଲେଖିତ
କବେଶୀନ୍ ଦେଇ ଡେଷା ଯେଉ ସାଡ଼ା ଓ ଲୋନ ସହୁତ ।
ଜାଡ ଷିଦର ସାଳ ଓ ଷଡ ରଙ୍ଗିନ ଓ ସାଡ଼ା
କଲସ ଦେହେର
ଭଳର୍ଷ ସୁରପସନ୍ଧ
" ଏକପଦ ବ୍ରିକ
କେଭଲନ ଭରୋଲ ନେ କେବଲ ଷଦର
ବୁଟ୍ ଅର୍ଥାତ ଜକଷା କରିବା ଜାଲର ପେନ୍ସିଲ ଓ କଲମ ।
ପେନସିଲ କାଟିବା ଛୁରି ।
ନାନା ପ୍ରକାରର ଟୋ-କାଗଜ ଓ ଲଫାଫା
ହେଡ଼ୀଂ କୁଥ ।
ଟୈଲର ଛୁରି ।
ଲଗାମ ସାକୁଲ ।
ତାଲାଲ ସାବାନ ସହ ଲେ ଲୁଗା ପରିଷ୍କାର ହୁଏ ।
ଫକେଟ ଦ୍ରେଡ—ଅର୍ଥାତ ସୁଗନ୍ଧି ଦ୍ରବ୍ୟ ।
ଫଏଲ କୁଥ ।
ଓଆଟର ପ୍ରୁଫ୍ ଛତା ।
କପୂର ଅଳ ।
କୋବେଲୋନ୍ ।
ପୋଲସ୍କୁନର କେଶର ମେଳ ଓ ଚଉକ ଗୋଲ ଉଲ୍ସ ।
ଟୁଲ୍ସାକ ବାଉ ଅର୍ଥାତ ଲେଖିବାକେ ଲେ ଖଳ ଓ ଶୁଖିଲେ କଳା ହେବ ।
ଅଲକା ଚଷ୍ମା
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
ପକେଟବୁକ ଓ ଦସ୍ତା ପାଇଁ ସହିତ ୫ ୦ ।୪୫
ମୋର୍ଡା ଓ ମୋଡ଼ାକର ଇତ୍ୟାଦି ନଳପଟ ବସ୍ତ ସାଟିନ କଲା କଳି ଓ ପାଇବର କୌଶ ଫିତା
ମଣିବ୍ୟାଗ ଜାତୀ ରୁଡାଲେ ଥରୁ ଦେଲେ ଖୋଲ ସଲେ ଉଠଳ ହେବ ନାହିଁ ।
ଏ, ବେଷଜ ଷ୍ଟେଟ୍ ଲାଗିନ ଓ ବ୍ରୁସ ।
ବଡ଼ଗ ଅସ୍ଵସ୍ଟେଟ ।
ଏକନ କାଉସ ।
ସ୍କଉନ ପେଜ ।
ଅଟୋମେଟିକ ପେନ୍ସିଲ ଅର୍ଥାତ ଏ ପେନ୍ସିଲରେ ଲେଡ଼ ଭଙ୍ଗେ ପେଜ ଭଲ ହୁଇଲ ସେଥି ପେନସିଲ ଲେଖା ନ ଗଲେ ବେଳ ଭରାଇ ବେଳେ ପନ୍ତଙ୍ଗ ନବ ଲ ରହେ ।
କପିଙ୍ଗ ପେପର ।
ଜଲସିନ ଟେବଲରେ କଣ ବାଲ ଛାତ ।
ଜବଳର ସ୍ପୋକ ଅର୍ଥାତ ଖଟୋଲ କଣ୍ଡଲ ଖା ଭଣାଲ ଲବର ।
ମନଘାମା ।
ଲେଡ୍ ଟୁ ପେନ୍ସିଲ୍ !
ଜମ କୋଡଲ
ଇଜାରଶୀ ଗାଡ଼ୀ ଓ ଯୋଡ ଓ ଛଇ
ମନିବ୍ୟାଗ ଓ ଷିର ପାଉ ପାଟଯୋଗ ଓ ଘଡ଼ୀ ।
ଟ୍ରିସିଂ କାଉ

ଅର୍ଦ୍ଧେନ୍ଦୁ ଧର କମ୍ପାନୀ

NOTICE

Wanted an Accountat and Assistant Acconnant, for the office of the Manager on salaries of Rs. 30 and 25 respectively. Candidates must posses a fair knowledge of English and be able to write a good and legible hand. Preference will be given to those, who are well up in accounts. Applications will be received up to the 25th Instant.

Office of the Manager of Dhenkanal 3-11-86. — U. C. Sarkar, Asstt. Manager for Manager.

ଏହି ଉତ୍କଳଦୀପିକା ଏବେ ଆଗେ ଉଦଯୋଗ ହେବ ନୈଂକଣାଙ୍କ ପ୍ରକାଶର ମହୁଚ ଓ ସବେଳ ହେବ

Digitized by srujanika@gmail.com
Split by PDF Splitter

Split by PDF Splitter

GISTERED NO. 1

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭା ୨୨ ଭା | ତା ୧୨ ଇଙ୍ଗ ମାହେ ନବେମ୍ବର ସନ ୧୮୮୭ ମସିହା । ମୁ । କାର୍ତ୍ତିକ ତ ୩୦ ନ ସନ ୧୨୯୪ ସାଲ ଶନିବାର
ସ ୪୬ ସଂଖ୍ୟା

| ମୂଲ୍ୟ | ଅଗ୍ରିମ | ପଶ୍ଚାତ୍ |
|---|---|---|
| ବାର୍ଷିକ | ଟ ୨ ୧ | ଟ ୨।୧ |
| ଡାକମାସୁଲ | ଟ ୦ ୩ | ଟ ୧୧ |


## ବ୍ରାହ୍ମଣ୍ୟ ।

ବିଜ୍ଞାପନ ।

ବ୍ରାହ୍ମମାନେ ହିନ୍ଦୁ କି ନା ।

ଖ୍ରୀଷ୍ଟାନମାନେ ବାଇବଲ୍‌ରେ ଲିଖିତ ସୁସମାଚାର ଓ ଖ୍ରୀଷ୍ଟଙ୍କର ଶିଷ୍ୟ ଓ ଅନୁଚରମାନଙ୍କ ବାକ୍ୟର ସହିତ ସେହି ଧର୍ମଃ ଅର୍ଥାତ୍ ବାଇବଲ ଗ୍ରନ୍ଥୋକ୍ତ ଏବଂ ଅପଣା ଶିଷ୍ୟମାନଙ୍କଦ୍ୱାରା ପ୍ରକାଶିତ ବାକ୍ୟମାନେ ଯେଉଁ କାର୍ଯ୍ୟରେ ବ୍ୟବହୃତ ହୁଅନ୍ତି ତାକୁ ଧର୍ମବୋଲି ଏପରିସ୍ଥଳେ କୌଣସି ଗୋଟିଏ ଶାସ୍ତ୍ର ଆଶ୍ରୟ ନ କଲେ ଧର୍ମ ପ୍ରାପ୍ତି ହୁଏ ନାହିଁ ଅତଏବ ଖ୍ରୀଷ୍ଟିୟମାନେ ବାଇବଲ, ମୁସଲମାନମାନେ କୋରାନ୍, ହିନ୍ଦୁମାନେ ବେଦ ଆଶ୍ରୟକରି ଅପଣା ଧର୍ମର ପରିଚୟ ଦିଅନ୍ତି ।

ଆଧୁନିକ ବ୍ରାହ୍ମମାନେ ହିନ୍ଦୁଧର୍ମରୁ ଏକଅଂଶ ଓ ଖ୍ରୀଷ୍ଟଧର୍ମରୁ ଏକଅଂଶ ନେଇ ଗୋଟିଏ ବ୍ରାହ୍ମଧର୍ମର ପରିଚୟ ଦିଅନ୍ତି ।

ବ୍ରାହ୍ମସମାଜର ବିରଚିତ ବ୍ରାହ୍ମଧର୍ମପୁସ୍ତକ ଆଲୋଚନା କଲେ ପ୍ରତୀତହୁଏ ଯେ ସମ୍ପୂର୍ଣ୍ଣ ହିନ୍ଦୁଶାସ୍ତ୍ରର ବେଦରୁ ଗୃହୀତ ଶ୍ଳୋକର କଳ୍ପନାଇ ଅଛି ; କିନ୍ତୁ ସେହି ବେଦଗୃହୀତ ଶ୍ଳୋକର ଅର୍ଥ ଏପରି କପଟଭାବରେ କରାଯାଇ ଅଛି ଯେ ତହିଁରେ ଅଜ୍ଞମାନେ ଅନାୟାସରେ ବଞ୍ଚିତ ହୋଇ ପଡିବେ ।

ବ୍ରାହ୍ମଶାସ୍ତ୍ରସମ୍ବନ୍ଧ ଏହି କପଟବ୍ୟବସ୍ଥାମାନ ତାହା କ୍ରମରେ କଥିତ ହେବ ।

ହିନ୍ଦୁଧର୍ମର ପ୍ରଧାନଗ୍ରନ୍ଥ ବେଦ ଏହିବେଦ ଦୁଇଭାଗରେ ବିଭକ୍ତ ଯଥା, ଜ୍ଞାନକାଣ୍ଡ ଓ କର୍ମକାଣ୍ଡ ; ହିନ୍ଦୁମାନେ ଜ୍ଞାନ ଓ କର୍ମ ଉଭୟକାଣ୍ଡଦ୍ୱାରା ହିନ୍ଦୁତ୍ୱର ପରିଚୟ ଦେଉଅଛନ୍ତି ; ହିନ୍ଦୁସମାଜର ସଂନ୍ୟାସିମାନେ ଶେଷରେ କର୍ମକାଣ୍ଡ ତ୍ୟାଗକରି ଜ୍ଞାନକାଣ୍ଡକୁ ଅବଲମ୍ବନ କରନ୍ତି ; ତହିଁରେ ଗୃହୀ ହିନ୍ଦୁମାନଙ୍କର କୌଣସି ସମ୍ବନ୍ଧ ନ ଥାଏ ସୁତରାଂ ସେମାନେ ଗୃହଧର୍ମ ଓ ଯଜ୍ଞୋପବୀତାଦି ତ୍ୟାଗ କରନ୍ତି ।

ଅପର ଯେଉଁ ହିନ୍ଦୁମାନେ ଗୃହରେ ଥାଇ ବ୍ରହ୍ମଜ୍ଞାନୀ ହୁଅନ୍ତି ସେମାନେ ଜ୍ଞାନକାଣ୍ଡ ଓ କର୍ମକାଣ୍ଡ ଉଭୟକୁ ଆଶ୍ରୟ କରନ୍ତି ଯଥା; ଜନକରାଜା ଓ ଯାଜ୍ଞବଲ୍କ୍ୟ ପ୍ରଭୃତି ।

ଆଧୁନିକ ବ୍ରାହ୍ମମାନେ ବେଦର କେଉଁ ଶ୍ରେଣୀଭୁକ୍ତ ? ଯେବେ ସନ୍ନ୍ୟାସିଶ୍ରେଣୀ ଭୁକ୍ତ ତେବେ ସନ୍ନ୍ୟାସିଧର୍ମ କାହିଁ ? ଯେବେ ଅପର ଜନକରାଜାଦିଶ୍ରେଣୀଭୁକ୍ତ ତେବେ କ୍ରିୟା କାହିଁ ? ଏପରି ସ୍ଥଳେ ବ୍ରାହ୍ମମାନେ ଯେ ହିନ୍ଦୁ, ତାହା କଦାଚ ସମ୍ଭବ ନୁହେ । ହିନ୍ଦୁମାନଙ୍କର ଅଦିଶାସ୍ତ୍ର ଋଗ୍ବେଦ, ସେହି ଋଗ୍ବେଦର ଭାଷାକର୍ତ୍ତା ରମେଶଚନ୍ଦ୍ର ଦତ୍ତ; ଏ ମହାଶୟ ଜାତିଭେଦ ନ ଥିବାର ତାହା ପ୍ରକାର ଲୁଟିକାର୍ଥ ପ୍ରକାଶ କରୁଅଛନ୍ତି ଏହି ଲୁଟିକାର୍ଥକୁ ନେଇ ବ୍ରାହ୍ମମାନେ କହନ୍ତି କି ଆମ୍ଭେ ଯଜ୍ଞୋପବୀତ ତ୍ୟାଗ କରୁଅଛୁଁ ଜାତିଭେଦ ସ୍ୱୀକାର କରୁଁ ନାହିଁ ଏବଂ ତଥାପି ଜାତିଭେଦର ପକ୍ଷ ସମର୍ଥନ କରୁଁ ତଥାପି ଆମ୍ଭଙ୍କୁ କିଏ ହିନ୍ଦୁ ନ ବୋଲିବ ? ।

ଏଥିରେ ଜଣାଯାଇ ପାରେ ଯେ ରମେଶବାବୁ ଯେପରି ଋଗ୍ବେଦର ତାତ୍ପର୍ଯ୍ୟ ନ ଜାଣି କମତିକୁ ଆଶ୍ରୟ କରି ଗୋଟିଏ ଲୁଟିକାର୍ଥ କରିଅଛନ୍ତି; ସେହିପରି ବ୍ରାହ୍ମମାନେ ହିନ୍ଦୁଧର୍ମର ତାତ୍ପର୍ଯ୍ୟ ନ ଜାଣି ବ୍ରାହ୍ମଧର୍ମକୁ ହିନ୍ଦୁଧର୍ମର କଳଙ୍କରୂପରେ ପରିଚୟ ଦିଅନ୍ତି ।

କ୍ରମଶଃ ।

ଶ୍ରୀ ———— ଚାମଣ୍ଡା

---

### ଉତ୍କଳଦୀପିକା ॥

ତାଂ ୩ରୁ ନବେମ୍ବର ସନ ୧୮୮୭

---

ଏବର୍ଷ ମେଘର ମନସ୍କାମନା ଅଦ୍ୟ ପୂର୍ଣ୍ଣ ହୋଇ ନାହିଁ । ଦୀପାବଳୀ ଅମାବାସ୍ୟାଉତ୍ତାରୁ ଦୁଇ ଦିନ ମେଘ ପଡିଥାଇ ହୋଇ ଯାଇଥିଲା ପୁଣି ଗତ ସୋମବାରଠାରୁ ମେଘ ବାହାରି ଦୁଇଦିନ ବୃଷ୍ଟି କଲା ଏବଂ ପବନମୁଣ୍ଡା ଟିକିଏ ହୋଇଥିଲା । ରାସପୂର୍ଣ୍ଣିମାକୁ ତୋଫାନ ହେବ ବୋଲି ଅନେକଙ୍କ ମନରେ ଶଙ୍କା ହୋଇଥିଲା ମାତ୍ର ସୁଖର ବିଷୟ ଯେ ସେଦିନ ନିର୍ବିଘ୍ନରେ ଗତ ହେଲା ଏବଂ ଏନଗରର କାଳିଯାତ୍ରା ଉତ୍ତମରୂପେ ନିର୍ବାହ ହେଲା । ଅନ୍ୟାନ୍ୟ ବର୍ଷାପେକ୍ଷା ଏବର୍ଷ ଯାତ୍ରା ବହୁତ ଅଧିକ ଜମିଥିଲା ।

---

Digitized by srujanika@gmail.com

Split by PDF Splitter



ଏକଙ୍ଗ ବାଲୁକସି ପ୍ରଗଣା ସିରଙ୍ଗୋ ଗ୍ରାମନିକଟ ବାରଦ୍ୱାସ୍ଥିୟୀ ବାବାଜିଙ୍କ ମଠରେ ଆଜକୁ ପ୍ରାୟ ଦ ୧୫ ଦିନ ହେବ ଗୃରଜଣ ମନୁଷ୍ୟ ବେଶ ବଦଳାଇ ଅଧିକ ରାତ୍ରରେ ଡକାଇତି କରି ନଗଦ ଟଙ୍କା ଓ ଅନ୍ୟାନ୍ୟ ଦ୍ରବ୍ୟ ଲୁଟିନେଇ ଅଛନ୍ତି। ବାବାଜୀ ମଠରେ ନ ଥିଲେ କେବଳ ତାହାଙ୍କର ଗୋଟିଏ ଶିଷ୍ୟ ଚେଲା ଓ ଜଣେ ପିଲା ଟହଲିଆ ଥିଲା। ପୁଲିସ ତଦାରଖ କରି କିଛି ଠିକ କରି ପାରିଲେ ନାହିଁ। ଏଥିର ବାହୁଲ ବୃତ୍ତାନ୍ତ ଜଣେ ପତ୍ରପ୍ରେରକଙ୍କଠାରୁ ପାଇଅଛୁଁ। ଆଗାମିରେ ପ୍ରକାଶ କରିବାର ଇଚ୍ଛା ରହିଲା।

---

ସନ ୧୮୮୫।୮୬ ସାଲର ଷ୍ଟାମ୍ପରାଜସ୍ୱବିଜ୍ଞାପନୀରୁ ଜଣାଯାଏ ଯେ ଉକ୍ତରାଜସ୍ୱ କ୍ରମାଗତ ବୃଦ୍ଧି ହେଉଅଛି। ସନ ୧୮୮୧।୮୨ ସାଲରେ ଏକକୋଟି ଚୋଉଏଲକ୍ଷ ଟଙ୍କା ବଙ୍ଗଦେଶରେ ଷ୍ଟାମ୍ପ ବିକ୍ରିଦ୍ୱାରା ଆଦାୟହୋଇ ଥିଲା ସନ ୧୮୮୫।୮୬ ସାଲରେ ଏକକୋଟି ବତିଶଲକ୍ଷ ଟଙ୍କା ହୋଇଅଛି। ଏଥିରୁ ଖର୍ଚ୍ଚ ନିଆଯାଇ ନିଟ ଲାଭ ଏକକୋଟି ତିରିଶଲକ୍ଷ ହୋଇଅଛି। ପ୍ରାୟ ସମସ୍ତପ୍ରକାର ଷ୍ଟାମ୍ପକାଗଜରେ ବୃଦ୍ଧି ହୋଇଅଛି ଏବଂ ଏହିମଧ୍ୟରେ ଏକା ନକଲ ଦେବା ଷ୍ଟାମ୍ପ ବିକ୍ରିଦ୍ୱାରା ଟ ୪୬୪୩୨ ଙ୍କା ଆଦାୟ ହୋଇଅଛି। ଷ୍ଟାମ୍ପଆଇନ ଲଘନ ଅପରାଧ ଧରିବାରେ କର୍ମଚାରୀମାନେ ସମଧିକ ଯତ୍ନବାନ୍ ଥିବାର ଦେଖାଯାଏ ଗତବର୍ଷ ୫୯୫ ମୋକଦ୍ଦମାରେ ଜ ୭୦୪ ଣ ଅସାମୀ ବିଚାରାଧୀନରେ ଆସିଥିଲେ ଏବର୍ଷ ୭୭୭ ମୋକଦ୍ଦମାରେ ଜ ୯୬୪ ଣ ଦଣ୍ଡିତ ହୋଇଅଛନ୍ତି ଏବଂ ଅର୍ଥଦଣ୍ଡ ଗତବର୍ଷ ଟ ୫୩୭୨୯ ଙ୍କା ହୋଇଥିବାସ୍ଥଳେ ଏବର୍ଷ ଟ ୭୩୬୧୯ ଙ୍କା ହୋଇଅଛି।

---

ଦେଶୀୟଲୋକଙ୍କୁ ଉଚ୍ଚରାଜକାର୍ଯ୍ୟରେ ନିଯୁକ୍ତ କରିବା କଥା ବିଚାର କରିବା କାରଣ ପବଲିକ୍ ସରଭିସ୍ କମିଶନ ନାମରେ ଯେଉଁ ସମିତି ବସିବାର ଗବର୍ଣ୍ଣମେଣ୍ଟ ସ୍ଥିର କରିଅଛନ୍ତି ତହିଁରେ ନିମ୍ନଲିଖିତ ବ୍ୟକ୍ତିମାନେ ନିଯୁକ୍ତ ହୋଇଅଛନ୍ତି ଯଥା—ସର ଚାର୍ଲସ ଏଚିସନ୍, ସର ସି, ଟର୍ଣ୍ଣର, ସି, ଚଷ୍ଟରେଥ, ରମେଶଚନ୍ଦ୍ର ମିତ୍ର, ଜେ, ରାଇଲଣ୍ଡ, ଏଫ୍, ପିକକ୍, ଏଚ୍ ଷ୍ଟୋକ୍ସ, ଟି ଷ୍ଟିବାର୍ଟ, ଡବଲ୍ୟୁ ହଡସନ୍, ଡବଲ୍ୟୁ ରାଏଲାଣ୍ଡ, ଡି, ଇଭଟ ସାହେବମାନେ, ରାଜା ହରିଦେବପ୍ରସାଦ ସିଂହ, ସଏଦ ଅହମଦ ଖାଁ ବାହାଦୁର, କରେଦାର ଖାଜ ସାବୁଦୀନ, ସର ରମାସ୍ୱାମି ମୁଦଲିୟାର ଓ ପୁନାର ରାଏବାହାଦୁର କୃଷ୍ଣାଜି ଲକ୍ଷ୍ମଣ ନୂଲକାର। ଅଧିକା ସଭ୍ୟ ନିଯୁକ୍ତ କରିବାର ଅଧିକାର ମହାମାନ୍ୟ ଗବର୍ଣ୍ଣର ଜେନରଲ ବାହାଦୁର ଆପଣା ହାତରେ ରଖିଅଛନ୍ତି। ନିଯୁକ୍ତ ହୋଇଥିବା ସଭାପତି ସହିତ ଦ ୧୬ ଣ ସଭ୍ୟଙ୍କ ମଧ୍ୟରେ ଜ ୧୦ ଣ ଇଂରାଜ ଏବଂ ଜ ୬ ଣ ଦେଶୀୟ ଲୋକଅଛନ୍ତି। କାହାର ମତ ପ୍ରବଳ ହେବ କାର୍ଯ୍ୟତଃ ଦେଖାଯିବ।

---

ଗତବର୍ଷ ଆବକାରୀ ବିଜ୍ଞାପନୀରୁ ପ୍ରକାଶ ଯେ ଉକ୍ତ ବର୍ଷ ଆବକାରୀରାଜସ୍ୱ ଅନେକ ଊଣାପଡି ଅଛି। ସନ ୧୮୮୦।୮୧ ସାଲଠାରୁ ସନ ୧୮୮୪।୮୫ ସାଲପର୍ଯ୍ୟନ୍ତ ପ ୫ ବର୍ଷରେ ବାର୍ଷିକ ହାରହାର ଆୟ ଟ ୯୫୯୬୪୬୦୯ ଙ୍କା ଥିଲା ସନ ୧୮୮୪।୮୫ ସାଲରେ ଏକକୋଟି ଅଠଗୃଳିଶହଜାର ଟଙ୍କା ରାଜସ୍ୱଆଦାୟ ହୋଇଥିଲା ମାତ୍ର ସନ ୧୮୮୫।୮୬ ରେ କେବଳ ଟ ୯୫୮୧୫୮୩୯ ଙ୍କା ଆଦାୟ ହେଲା ସୁତରାଂ ପୂର୍ବବର୍ଷାପେକ୍ଷା ସାଢ଼େ ଚାରିଲକ୍ଷ ଏବଂ ପୂର୍ବ ପାଞ୍ଚବର୍ଷର ହାରହାରରୁ ପନ୍ଦରହଜାର ଟଙ୍କା ରାଜସ୍ୱ ଊଣା ପଡିଅଛି। ଆବକାରୀସମିତିର ପ୍ରସ୍ତାବାନୁସାରେ କାର୍ଯ୍ୟପ୍ରଣାଳୀର ପରିବର୍ତ୍ତନ ଏବଂ ବନ୍ୟା ଓ ଖାଦ୍ୟଦ୍ରବ୍ୟର ଦୁର୍ମୂଲ୍ୟଘଟିତ ଲୋକଙ୍କ ଦୁରବସ୍ଥାହେତୁ ଏପରି ଘଟଣା ହୋଇ ଅଛି। ମଦ ତାଡ଼ୀ ଗଞ୍ଜାଇ ଆଫୁ ମାଦକଦ୍ରବ୍ୟର ବିକ୍ରୟ ଊଣା ହୋଇଅଛି। କିନ୍ତୁ ଦେଶିମଦ ଏଥିମଧ୍ୟରେ ପ୍ରଧାନ ଅଟଇ କାରଣ ଏକା ଏଥିରେ ସାଢ଼େ ତିନିଲକ୍ଷ ଟଙ୍କା ଊଣା ପଡିଅଛି। ଅତଏବ ବୋଲିବାକୁ ହେବ ଯେ ଆବକାରୀସମିତିଙ୍କ ଯୋଗେ ମଦବ୍ୟବହାରର ପ୍ରବୃତ୍ତି ଊଣା ହୋଇଅଛି ଏବଂ ଏହା ସୁଖର ବିଷୟ ଅଟଇ।

---

ଅମ୍ଭମାନଙ୍କ ଭୂତପୂର୍ବ ଏବଂ ପ୍ରେସିଡେନ୍ସୀ ବିଭାଗର ବର୍ତ୍ତମାନ କମିଶନର ଶ୍ରୀଯୁକ୍ତ ସ୍ମିଥ ସାହେବ ଯେତେ ନିରପେକ୍ଷ ଓ ନ୍ୟାୟବାନ୍ କର୍ମଦକ୍ଷ ହେଲେହେଁ ସ୍ୱଜାତୀୟଙ୍କ ପ୍ରସଙ୍ଗ ପଡିଗଲେ ଆପଣାକୁ ଠିକ ରଖି ପାରନ୍ତି ନାହିଁ। କଲିକତାର ସମ୍ବାଦପତ୍ରମାନଙ୍କ ସମ୍ପର୍କରେ ସେ ଆପଣାର ଗତ ବାର୍ଷିକବିଜ୍ଞାପନୀରେ ଲେଖିଅଛନ୍ତି କି ଇଉରୋପୀୟଙ୍କ ପ୍ରତି କେଢେବର୍ଷ ହେଲ ଏମାନେ ଯେଉଁ ବିଦ୍ୱେଷଭାବ ଦେଖାଇ ଆସୁ ଅଛନ୍ତି ତାହା ଊଣା ପଡି ନାହିଁ। ଏମାନେ ଇଚ୍ଛାପୂର୍ବକ ଏହି ଭାବ ବୃଦ୍ଧି କରିବାକୁ ଚେଷ୍ଟା କରୁ ଅଛନ୍ତି। କୌଣସି ଇଂରାଜ ଉପରେ କିଛି ଅପରାଧର ଅଭିଯୋଗ ହେଲେ ଦେଶୀୟ ସମ୍ବାଦପତ୍ରଲେଖକମାନେ ତାହାକୁ ସତ୍ୟ ଏବଂ ସାଧାରଣରୂପେ ଇଂରାଜଙ୍କ ଚରିତ୍ରର ଦୋଷ ବୋଲି ଜ୍ଞାନ କରନ୍ତି ଏବଂ ଅନୁସନ୍ଧାନରେ ତାହା ମିଥ୍ୟା ପ୍ରକାଶ ହେଲେ ସୁଦ୍ଧା ଏମାନେ ସତ୍ୟ ବୋଲି କହୁଥାନ୍ତି ଏବଂ ବିଚାରକର୍ତ୍ତାଙ୍କୁ ଦୋଷ ଦଅନ୍ତି। ଏପରି ମନ୍ତବ୍ୟସମ୍ବନ୍ଧରେ ଅମ୍ଭେମାନେ ଏତିକି କହି ପାରୁଁ ଯେ ବଡ଼ଲୋକଙ୍କୁ ଉତ୍ତର ନାହିଁ ନଥିବା ଇଂରାଜୀସମ୍ବାଦପତ୍ରର ଚୂଡ଼ାମଣି ଇଂଲିସମାନ ଦେଶୀୟଲୋକଙ୍କପ୍ରତି କିପ୍ରକାର ମନ୍ତବ୍ୟ ପ୍ରକାଶ କରି ଅଛନ୍ତି ତାହା ସେ ନିତ୍ୟ ନିତ୍ୟ ପଢ଼ିଥିବା ସ୍ଥଳେ ସେ ପକ୍ଷରେ କିଛି ବିବେଚନା କରିବାକୁ ଅକ୍ଷମ ହେବାର କାରଣ କଅଣ?

---

ପୁଷ୍କରସାଗର ଆଇନ ଲଙ୍ଘନକରିବା ଅର୍ଥାତ୍ ପାସ ନ ନେଇ ଯାହି ରଖିବା ଅପରାଧରେ କେତେଲୋକ ଦଣ୍ଡ ପାଇଥିବା ଏବଂ ସେହି ଦଣ୍ଡାଜ୍ଞାବିରୁଦ୍ଧରେ ସେସନ ଅଦାଲତରେ ଅପିଲ କରିଥିବାର ଅମ୍ଭେମାନେ ଏଥିପୂର୍ବେ ପାଠକଙ୍କୁ ଜଣାଇଥିଲୁଁ। ବର୍ତ୍ତମାନ ଉକ୍ତ ଅପିଲମାନ ନିଷ୍ପତ୍ତି ହୋଇଅଛି। ଜଜସାହେବଙ୍କ ବିଚାରେ ଆଇନ ଲଙ୍ଘନକରିବା ଅପରାଧ ସାବ୍ୟସ୍ତ ହେଲା ମାତ୍ର ଜଜସାହେବଙ୍କ ବିଚାରରେ ଅନୁମତିପତ୍ରର ଫିସ ଦାଖଲ କରିଥିବା ପ୍ରତ୍ୟେକେ ପାସ ନ ପାଇବା ଯେମନ୍ତ କଲେକ୍ଟରି ଆମଲଙ୍କ ଦୋଷ ପାସ ପାଇବା ପୂର୍ବରୁ ଯାହି ରଖିବା ତେମନ୍ତ ଆସାମିଙ୍କ ଦୋଷ ଅଟଇ ଅତଏବ ସେ ଅଧିକ ଅର୍ଥଦଣ୍ଡ ପରିବର୍ତ୍ତରେ ସାମାନ୍ୟ ଅର୍ଥଦଣ୍ଡ ବିଧାନ କଲେ ଅର୍ଥାତ୍ ଯାହାଙ୍କ ଉପରେ ମାଜିଷ୍ଟ୍ରେଟ ଏକଶତ ବା ଅଶୀ ଟଙ୍କା ଅର୍ଥଦଣ୍ଡ କରିଥିଲେ ଜଜସାହେବ ତାହାଙ୍କ ଉପରେ କେବଳ ଦଶ ଟଙ୍କା ଅର୍ଥଦଣ୍ଡ କଲେ ଏବଂ ଅବଶିଷ୍ଟ ଟଙ୍କା ଫେରି ଦେବାର ଆଜ୍ଞା ଦେଲେ। ଜଜସାହେବଙ୍କ ବିଚାର ନ୍ୟାଯ୍ୟ ଓ ଦୟାପୂର୍ଣ୍ଣ ଅଟଇ ମାତ୍ର ଅମ୍ଭମାନଙ୍କ ବିବେଚନାରେ ସେହିଠାରେ ସର୍ବକାଶ୍ମନ୍ଦକୁମାର

Digitized by srujanika@gmail.com

ଦୋଷ ହେଲା ସେଠାରେ ଆସାମିମାନଙ୍କୁ ଏକାବେଳକେ ଗୁଳିଦେଇଥିଲେ ଆହୁରି ଭଲ ହୋଇଥାନ୍ତା । ବିଶେଷତଃ ଯାସ ଦେବା ଯାହାଙ୍କ କାର୍ଯ୍ୟ ତାହାଙ୍କ ପ୍ରତି ଏପରିସ୍ଥଳେ ନାଲିସ କରିବା ବଡ଼ ଅଶୋଭାର କଥା ଅଟେ ଆସାମିମାନେ ତାହାନ୍ତ ଆଇନକୁ ଲଙ୍ଘିଥିଲେ ଯାତ୍ରିମାନଙ୍କର ମହାକଷ୍ଟ ହୋଇଥାନ୍ତା ଅଥଚ ତାହାର ଉପକାର ନ ଥିଲା ଓ କର୍ତ୍ତୃପକ୍ଷମାନେ ଯେବେ ଅମଲାଙ୍କ ଦୋଷସ୍ଥଳେ ଆଇନକୁ ଏଡ଼େ କଠୋର ଧରିବେ ତେବେ ଅମଲାମାନେ ସାବଧାନ ହୋଇ ବରଂ ଉତ୍କୋଚ ନେବାକୁ ଉତ୍ସାହିତ ହେବେ । ଅଚ୍ଛା ଯେବେ ସରକାରୀ ନନ୍ଦକୁମାର ଦୋଷରୁ ଆସାମିମାନେ ଦଣ୍ଡ ଭୋଗ କଲେ ତେବେ ଭହର୍ପାଇ ସରକାରଙ୍କ ବିରୁଦ୍ଧରେ ସେମାନେ ଖେସାରତର ଦାବି କରିବାରେ କିଛି ବାଧା ଅଛି କି ?

---

ମଧ୍ୟପ୍ରଦେଶର ଛତିଶଗଡ଼ ବିଭାଗ କି ଯହିଁର ଅନ୍ତର୍ଗତ ରାଏପୁର ସମ୍ବଲପୁର ଓ ବିଲାସପୁର ଜିଲାମାନ ଅଟଇ ଏବଂ ଯହିଁ ମଧ୍ୟରେ ଉକ୍ତ ପ୍ରଦେଶର ଉତ୍ତର ଓ ଉତ୍ତରପଶ୍ଚିମାଞ୍ଚଳର ପୁରୁଷୋତ୍ତମକୁ ଆସିବାର ଯାତ୍ରିମାନଙ୍କର ବାଟ ପଡ଼ିଅଛି ସେଠାରେ ଏବର୍ଷ ଉତ୍ତମ ବର୍ଷା ନ ହେବାରୁ ଅତ୍ୟନ୍ତ ଜଳକଷ୍ଟ ଏବଂ ଖାଦ୍ୟଦ୍ରବ୍ୟାଦି ଦୁର୍ମୂଲ୍ୟର ଶଙ୍କା ହୋଇଅଛି । ଏହି ବାଟରେ ଓଲାଉଠାର ଭୟ ପ୍ରାୟ ହୋଇଥାଏ । ଗତବର୍ଷ ଗ୍ରୀଷ୍ମକାଳରେ ଯାତ୍ରୀ ଓଲାଉଠା ଲାଗିଥିଲା ବର୍ତ୍ତମାନ ଏ ରୋଗ ତେତେ ପ୍ରବଳ ନ ଥିଲେହେଁ ବିଲାସପୁରରେ ଗୁଡ଼ିଏଜଣ ମରି-ପଡ଼ିବାର ସମ୍ବାଦ ଆସିଅଛି ଏବଂ ଯେବେ ଏ ରୋଗ ଅନ୍ୟାନ୍ୟ ସ୍ଥାନରେ ମାଡ଼ି ଯିବ ତେବେ ଜଳ ଓ ଅନ୍ନକଷ୍ଟ ହେତୁ ଏଥିର ବିଷମ ବୃଦ୍ଧି ହେବାର ସମ୍ଭାବନା । ଏଥିପାଇଁ ମଧ୍ୟପ୍ରଦେଶର ପ୍ରଧାନ କମିଶନର ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିଅଛନ୍ତି କି ଯାତ୍ରିମାନଙ୍କୁ ସତର୍କ କରିଦେବେ ଯେ ଛତିଶଗଡ଼ ମଧ୍ୟରେ ରାଜନନ୍ଦ ଗ୍ରାମଠାରୁ ରାଏପୁର ଓ ସମ୍ବଲପୁର ହୋଇ ଯେଉଁ ସଡ଼କ ଯାଇଅଛି ତହିଁରେ ଯାତ୍ରିଙ୍କ ଗମନାଗମନ ମଧ୍ୟପ୍ରଦେଶର ଗବର୍ଣ୍ଣମେଣ୍ଟ ନିଷେଧ କରିଅଛନ୍ତି । ଉକ୍ତ ବାଟରେ କେହି ଯାତ୍ରି ଏବର୍ଷ ଯାତାୟାତ କରି ପାରିବେ ନାହିଁ । ଯେଉଁମାନଙ୍କର ନ ଗଲେ ନ ଚଳେ ସେମାନେ ଅନ୍ୟ ବାଟରେ ବୁଲି ଯିବେ ମାତ୍ର ତହିଁରେ ସୁଦ୍ଧା ବିପଦର ଶଙ୍କା ଅଛି କାରଣ ଜଳକଷ୍ଟ ଓ ଅନ୍ନକଷ୍ଟ ଅନେକ ସ୍ଥାନ ବ୍ୟାପିବାର ଅନୁଭବ ହେଉଅଛି । ଛତିଶଗଡ଼ରେ ଏବର୍ଷ ଭଲ ବୃଷ୍ଟି ନ ହେବାରୁ ମହାନଦୀ ବୃଦ୍ଧି ନ ହେବାରୁ ଆମ୍ଭେମାନେ ଜାଣି ପାରୁଅଛୁଁ, ବର୍ତ୍ତମାନ ଦୁର୍ଭିକ୍ଷ ପଡ଼ିବାର ଲକ୍ଷଣ ଉପସ୍ଥିତ ହେବାର ଶୁଣି ଅତ୍ୟନ୍ତ ଦୁଃଖିତ ହେଲୁଁ । ଛତିଶଗଡ଼ର ଅନେକ ଶସ୍ୟାଦି ଆସି ଏଦେଶକୁ ରକ୍ଷା କରୁଥିଲା । ଏଠାରୁ ଶସ୍ୟାଦି ରପ୍ତାନି ହେବାର ତେତେ ସୁବିଧା ନ ଥିଲେହେଁ ଏବର୍ଷ କିଛି ଯାଇପାରେ ସୁତରାଂ ଏଠାରେ ଧାନ ଚାଉଳ ଏବର୍ଷ ଯେପରି ଶସ୍ତା ହୁଅନ୍ତା ତାହା ହେବ ନାହିଁ ।

---

ଶାସନପଦ୍ଧତି ।

ଭାରତୀୟ ଶାସନପଦ୍ଧତି ଦିନକୁ ଦିନ ଯେପରି ଦୋଷାବହ ହୋଇ ଯାଉଅଛି ସେଥିର ଶୀଘ୍ର କୌଣସି ପ୍ରତିକାର ନ ହେଲେ ଲୋକଙ୍କର ଧନ, ପ୍ରାଣ ଓ ମାନରକ୍ଷା କଠିନ ହୋଇ ଉଠିବ । ଅଳ୍ପଦିନ ତଳେ ରଙ୍ଗପୁରଠାରେ ଯେଉଁ ଭୟାନକ ବ୍ୟାପାର ହୋଇ ଯାଇଅଛି ତାହା ଶୁଣିଲେ କାହାର ଗାତ୍ର ରୋମାଞ୍ଚିତ ନ ହେବ ? କଥିତ ଅଛି ଯେ ସେଠାର ଜଣେ ଧନୀ ଜମିଦାର ବାବୁ ଅନ୍ନଦାପ୍ରସାଦ ସେନଙ୍କୁ ଏକ ଯୁବା ପୁଲିସକର୍ମଚାରୀ ସଟ୍ଲ ଉଅର୍ଥ ସାହେବ ଶିକାର କରିବା ଉପଲକ୍ଷରେ ଘ ୧ ର ହାତୀ ଓ ମାହୁନ୍ତ ପ୍ରାର୍ଥନା କରି ଥିଲେ । ଅନ୍ନଦାବାବୁ ହାତୀ ପଠାଇ ଦେବା କାରଣ ସମ୍ମତ ହୋଇଥିଲେ ମାତ୍ର ଦୈବଯୋଗେ ହାତୀଟି ବେମାର ହେବାରୁ ସେ ଅପଣାର ଅଙ୍ଗୀକାର ରକ୍ଷା କରି ପାରିଲେ ନାହିଁ । ସଟ୍ଲ ଉଅର୍ଥ ସାହେବ ଏଥିରେ ଆପଣାକୁ ନିତାନ୍ତ ଅପମାନିତ ବୋଧକରି ଦ୍ୱେଷପରବଶ ହୋଇ ବାବୁଙ୍କର ଗୋଟିଏ ଘୋଡ଼ା ହରଣକୁ ଗୁଳିକରି ମାରି ପକାଇଲେ । ଉକ୍ତ ହରଣ କେବଳ କାହାର କୌଣସି କ୍ଷତି କରି ନାହିଁ ଏବଂ ସେ ସଦାସର୍ବଦା ଅବଦ୍ଧସ୍ଥାନରେ ରକ୍ଷିତ ହେଉଥିଲା । ହଠାତ୍ ଦିନେ ବାଡ଼ ଲଙ୍ଘି ବାହାରକୁ ଚାଲି ଆସିବାରୁ ସଟ୍ଲ ଉଅର୍ଥ ସାହେବଙ୍କୁ ସୁଯୋଗ ମିଳିଲା ଓ ସେ ଆପଣାର ଅଭୀଷ୍ଟ ଚରିତାର୍ଥ କରି ନେଲେ । ଏଥିନିମିତ୍ତ ସାହେବଙ୍କ ନାମରେ ମୋକଦମା ଆଣିବାର ଇଚ୍ଛାପନ ପ୍ରଭୃତିରେ ସାହେବଙ୍କୁ ଦିଆ ଯିବାରୁ ସେ ଅପଣାର ଅକ୍ରୋଧ ବୁଝିପାରି ତାହାକୁ ଯୋଡ଼ାଇବା ଓ ତହିଁରୁ ରକ୍ଷା ପାଇବା ନିମିତ୍ତ ପ୍ରଥମେ ହିଂସ୍ରକ ଜନ୍ତୁକୁ ଅସତର୍କଭାବରେ ରଖିଥିବା ଅପରାଧରେ ଦେବାନଙ୍କ ନାମରେ ମୋକଦମା ରୁଜୁ କଲେ । ବିଗ୍ରହରେ ଦେବାନ ମୁକ୍ତି ପାଇଲାରୁ ଉକ୍ତ ଜମିଦାରଙ୍କ ଦପ୍ତରର ପ୍ରଧାନ ପର୍ଦାନସିନ ସ୍ତ୍ରୀଲୋକ ନାମରେ ଆଉ ଏକ ମୋକଦମା ଭାରତବର୍ଷୀୟ ଦଣ୍ଡବିଧି ଆଇନର ଦ ୬୮୯ ଧାରା ମତେ ଦାଏର କଲେ । ଜମିଦାର ଅନନ୍ୟୋପାୟ ହୋଇ କଲିକତାରୁ ବାବୁ ମନମୋହନ ଘୋଷ ବାରିଷ୍ଟରଙ୍କୁ ଘେନି ଗଲେ । ବିଗ୍ରହରେ ଆସାମୀ ଖଲାସ ପାଇଲେ ଓ ଯେଉଁ ଲୋକଦ୍ୱାରା ମୋକଦମା ବେନାମୀରୂପରେ ସଟ୍ଲ ଉଅର୍ଥ ସାହେବଙ୍କଦ୍ୱାରା ଆଗତ ହୋଇଥିଲା ସେ ଲୋକନାମରେ ମିଥ୍ୟା ଦଲଫ କରିଥିବା ମର୍ମରେ ମୋକଦମା ଆଗତ ହେବାର ଅନୁମତି ନଥାଗଲା ।

ଯେତେବେଳେ ସଟ୍ଲ ଉଅର୍ଥ ସାହେବ ଏହି ଶେଷୋକ୍ତ ମୋକଦମା ରୁଜୁ କରାଇବାକୁ ଚାହୁଁ ଥିଲେ ତେତେବେଳେ ଡେପୋଟୀ ମେଜେଷ୍ଟର ଏପରି ମୋକଦମା ଘେନିବାକୁ ଅନିଚ୍ଛୁକ ହୋଇଥିଲେ । ତହୁଁ ସାହେବ ସେଠା ସିବିଲିୟାନ ମେଜେଷ୍ଟର ନବେଲେର ସାହେବଙ୍କୁ ଅନୁରୋଧ କରନ୍ତେ ସେ ଉକ୍ତ ମୋକଦମା ଦାଏର କରି ବିଗ୍ରହ କରିବା କାରଣ ଡେପୋଟୀ ମେଜେଷ୍ଟରଙ୍କୁ ଆଦେଶ କଲେ । ସୁତରାଂ ଦାନା ଯିବା ଭୟରେ ଡେପୋଟୀ ମେଜେଷ୍ଟର ମୋକଦମା ଦାଏର କଲେ ମାତ୍ର ଫଳ ଯାହା ହେଲା ତାହା ସେ ପ୍ରଥମରୁ ଅନୁମାନ କରି ନେଇ ଥିଲେ ।

ଉପରୋକ୍ତ ବୃତ୍ତାନ୍ତ ଏବଂ ମୋକଦମାର ସମୁଦାୟ ବିବରଣ ଷ୍ଟେଟସମାନପତ୍ରିକାରେ ପ୍ରକାଶିତ ହୋଇଅଛି । ପାଠକମାନେ ଦେଖିବେ କିନା କାରଣରେ ଶାସନକର୍ତ୍ତାଙ୍କ ଦୋଷରୁ ଜଣେ ସମ୍ଭ୍ରାନ୍ତ ଜମିଦାର ଏତେଦୂର ଅପମାନ ଓ ଦହଗଞ୍ଜରେ ପଡ଼ିଲେ । କଲିକତାରୁ ବାରିଷ୍ଟର ଆଣି ମୋକଦମା ଚଳାଇବାରେ ଅନ୍ନଦାବାବୁଙ୍କ ଟ ୫୦୦୦ ଙ୍କାରୁ ଊଣା ଖର୍ଚ୍ଚ ପଡ଼ି ନାହିଁ । ଡେପୋଟୀ ମେଜେଷ୍ଟରଙ୍କ ସମ୍ମୁଖରେ ମନମୋହନ ବାବୁ ପ୍ରସ୍ତାବ କରିଥିଲେ ଯେ ସଟ୍ଲ ଉଅର୍ଥ ସାହେବ ପ୍ରକାଶ୍ୟଭାବରେ କ୍ଷମାପ୍ରାର୍ଥନା କଲେ ସେ ବଢ଼ାବଢ଼ି କରିବେ ନାହିଁ । ମାତ୍ର ସଟ୍ଲ ଉଅର୍ଥ ସାହେବ ତହିଁରେ ଅସ୍ୱୀ

Split by PDF Splitter



ଭୁକ୍ତ ହେଲେ ଏବଂ ସ୍ୱୟଂ ସାକ୍ଷୀଦେବାକୁ ସୁଦ୍ଧା ସାହାସ ବାନ୍ଧି ପାରିଲେ ନାହିଁ । ସିବିଲ୍‌ସ୍ୱାନ ନାଉଁବେର ସାହେବଙ୍କ କାର୍ଯ୍ୟ ଆହୁରି ନିନ୍ଦନୀୟ ଅଟଇ । ସ୍ୱପୋଷ୍ଟୀ ମେଜେଷ୍ଟ୍ରେଟଙ୍କ ବିଚକ୍ଷଣତା ଯାହା ତାଙ୍କଠାରେ ଦେଖାଗଲା ନାହିଁ ! ଏଥିଜନ୍ୟରୁ ଯେବେ ଭାରତ କେବଳ ଇଂରାଜଶାସନକର୍ତ୍ତାଙ୍କଦ୍ୱାରା ଶାସିତ ହେବାର ପ୍ରସ୍ତାବ ଫଳବାନ୍ ହୁଅଇ ତାହା ହେଲେ ଆମ୍ଭମାନଙ୍କର ଆଉ ଦୁର୍ଦ୍ଦଶାର ସୀମା ରହିବ ନାହିଁ । ପୁଣି ସର୍ବତ୍ର ଜଣାଅଛି ଯେ ବୟସ ଅଧିକ ନ ହେଲେ ବିଚକ୍ଷଣତା ଏବଂ ବହୁଦର୍ଶିତା ଜନ୍ମଇ ନାହିଁ ମାତ୍ର ଭାରତ ଶାସନପକ୍ଷରେ ତାହା ଖଟଇ ନାହିଁ । ସେଠାରେ ଯେମନ୍ତ ଏକଦିଗରେ ପରୀକ୍ଷାରେ ବୟସର ସୀମାନ୍ୟୂନ କରିବାନିମିତ୍ତ ଗବର୍ଣ୍ଣମେଣ୍ଟ ବ୍ୟସ୍ତ ତେମନ୍ତ ଅନ୍ୟସ୍ଥାନରେ ଅଳ୍ପବୟସ୍କ ଲୋକମାନଙ୍କୁ ବଡ଼ ବଡ଼ ଅଧିକାର ଦେବାରୁ କ୍ଷାନ୍ତ ନାହାନ୍ତି । ଏଥିରେ ଭାରତବାସିଏ ଯାହା ଟେଣାଟଣିହୋଇ ମରୁଅଛନ୍ତି ତେଣିକି ଏବଂ ଏହି ନିୟମରେ ଗବର୍ଣ୍ଣମେଣ୍ଟ ଆଉ କେତେଦିନ ଚଳିଲେ ଭାରତଶାସନ ଠିକ ରହିବା ତେଣିକଥାକୁ ଦେଖ ଏକାବେଳକେ ଅନ୍ଧକାର ହୋଇଯିବ । ଆମ୍ଭେମାନେ ପଚାରୁଁ ଗବର୍ଣ୍ଣମେଣ୍ଟ କି ଏଥିର ବିହିତ ବିବେଚନା କରିବେ ନାହିଁ ?

---

( ପୂର୍ବ ପ୍ରକାଶିତ ଉତ୍ତାରୁ )

ପ୍ରସ୍ତ ।

ପଥର ଦେଖା ଗଲେ ପଥୁରିଆ ଟାଙ୍ଗୀ (ଲୁହାଅସ୍ତ୍ର ବିଶେଷ ଆ ୧୫।୧୬ ଇଞ୍ଚ ଲମ୍ବ, ଏହାର ଏକପାଖ ମୋଟ, ଅନ୍ୟ ପାଖ ସରୁ) ମୁଦ୍ଗର (ମୁଗୁର) ଦ୍ୱାରା ପଥର ହାଣନ୍ତି । ଟାଙ୍ଗୀକି ପଥର ଉପରେ ରଖି ମୁଗୁରଦ୍ୱାରା ଆଘାତ କଲେ ରନ୍ଧ୍ର ହୁଏ । ଯେ ଆକାରର ପଥର ବାହାର କରିବେ; ସେହି ଆକାରରେ ଗୃହପାର୍ଶ୍ୱରେ ଗୋଟିଏ ରନ୍ଧ୍ର କରି ସେଥିରେ ଟୋପାଏ ଜଳ ଦେଇ, ଧୂଳ ଦିଅନ୍ତି । ଧୂଳ ଦେଇ ପୁନଶ୍ଚ ଟାଙ୍ଗୀ ମୁଗୁରଦ୍ୱାରା ସେହି ରନ୍ଧ୍ରରେ ଆଘାତ କରନ୍ତି; ଏହିପରି ବାରମ୍ବାର ଆଘାତ କଲେ ପଥର ବାହାର ହୁଏ; ବୈଶାଖ ଜ୍ୟେଷ୍ଠ ଦୁଇମାସ ପଥର କାଟିବାରେ କଟାନ୍ତି । ଏହିପରି ପଥର କାଟିବାରେ ଖଣି ଅଧିକ ଦଶଗଜ ଦାଏ ଗଭୀର ହୋଇଯାଏ । କୌଣସି ଖଣିରେ ପଥର ପୂର୍ବପ୍ରକାର କ୍ରମଶଃ ନ ପଡ଼ି ଗୋଟିଏ ପଡ଼େ । ତାହାର ଆକାର ଘନ ହାତ ୨୫।୨୬ ତ ହୋଇ ପାରେ । ପ୍ରତ୍ୟେକ ଦିନରେ ଯେତେ ପଥର ବାହାର କରନ୍ତି । ଦିନ ଶେଷରେ ତାକୁ ଖଣି ଉପରକୁ ବହି ଆଣନ୍ତି । ଖଣିକି ଗମନାଗମନ କରିବାର ପଥ ବଡ଼ ବିପଦଜନକ ଅଟେ । କୌଣସି ଖଣିରେ ସିଡ଼ିଦ୍ୱାରା ଗମନାଗମନ କରନ୍ତି ।

ଗମନାଗମନର ପଥ ବିପଦଜନକ ହେବାର କାରଣ ଏହି ଯେ ପଥୁରିଆମାନେ ବେଶି ଖର୍ଚ୍ଚ ପଡ଼ିବା ଭୟରେ ଗର୍ତ୍ତ ଉପର ମୁଖ ବେଶି ଚଉଡ଼ା କରନ୍ତି ନାହିଁ ଓ ପଥର କାଟିବା ସମୟରେ ଖଣି ଗୃହପାର୍ଶ୍ୱର ମାଟି ଭିତରକୁ କାଟି ଯାଆନ୍ତି । ସେଥିପାଇଁ ଖଣିର ନିମ୍ନଦେଶ ବେଶି ଚଉଡ଼ା ହୁଏ । ଉପରର ମାଟିବନା ଝସି ପଡ଼ିଲାପରି ଜଣା ଯାଉଥାଏ । ସାମାନ୍ୟ ଆଘାତ ( ବୃଷ୍ଟି ପବନ ) ରେ ଭାଙ୍ଗି ପଡ଼େ; ସେଥିରେ ମଧ୍ୟ କେତେକ ପଥୁରିଆ କାଳକବଳରେ ପତିତ ହୁଅନ୍ତି । କେତେକ ଆଘାତପ୍ରାପ୍ତ ହୁଅନ୍ତି । ଏହିପରି କଷ୍ଟରେ ପ୍ରତ୍ୟେକ ଖଣିରେ ସାନବଡ଼ ଖ ୬୦।୮୦ ଖଣ୍ଡ ପଥର କାଟନ୍ତି ।

ନୀଳଗିରିରାଜାଙ୍କଠାରୁ ଖଣି-ଅଡ଼ଙ୍ଗମାନ ଟ ୪୦୦୦ ବା ଟ ୪୨୦୦ ଙ୍କାରେ କବୁଲିୟତ ଦେଉଥିଲା । ଯେଉଁମାନେ କବୁଲିୟତ କରନ୍ତି ସେମାନଙ୍କୁ ମାହାଲଦାର କହନ୍ତି । ବର୍ତ୍ତମାନ ଅଡ଼ଙ୍ଗମାନଙ୍କର କବୁଲିୟତ ବନ୍ଦ ହୋଇ ରାଜାଙ୍କର ଜଣେ କର୍ମଚାରୀଙ୍କଦ୍ୱାରା ଖଜଣା ଉସୁଲ ହେଉଅଛି । ଏଥିରେ ମଧ୍ୟ ରାଜାଙ୍କର ବହୁ ଅଧିକ ଲାଭ ହେଉଅଛି ।

ପ୍ରତ୍ୟେକ ଖଣିରେ ଯେତେ ପଥର କଟାଯାଏ ସେଥିରୁ ମାହାଲଦାର ବା ଗୃହକର୍ମଚାରୀଙ୍କୁ ରୁସମ ଖ ୨୦ ଖଣ୍ଡ ଓ ସର୍ଦ୍ଦାରଙ୍କୁ ଖ ୨୦ ଖଣ୍ଡ ପଥର ଦିଆଯାଏ । ଅବଶିଷ୍ଟ ପଥୁରିଆମାନେ ଭାଗ କରି ନିଅନ୍ତି । ସବୁ ଖଣିରେ ଜଣେ ଜଣେ ଅନୁପଯୁକ୍ତ ପଥୁରିଆ ଥାଆନ୍ତି । ସେମାନେ ରନ୍ଧନାଦି ଓ ଖଣିଗର୍ତ୍ତରୁ ଉପରକୁ ପଥର ବହିବା କାର୍ଯ୍ୟରେ ନିଯୁକ୍ତ ଥାଆନ୍ତି ସେମାନଙ୍କୁ ଅର୍ଦ୍ଧଭାଗ ଲେଖାଏଁ ଦିଆଯାଏ ।

ପ୍ରତ୍ୟେକ ପଥୁରିଆଙ୍କର ହାରାହାରି ପଥର ସାନବଡ ମୋଟ ଖ ୧୩୦।୪୦ ଖଣ୍ଡ ଭାଗ ହୁଏ । ପ୍ରତ୍ୟେକ ଭାଗର ଖଜଣା ଅଡ଼ଙ୍ଗବିଶେଷରେ ଟ ୬୫ ଅଣାଠାରୁ ଟ ୧୦୫ ଅଣା ପର୍ଯ୍ୟନ୍ତ ହେବାକୁ ହୁଏ ।

ଆଷାଢ଼ମାସରେ ବୃଷ୍ଟି ହୋଇ ଅଡ଼ଙ୍ଗଜଳବନ୍ଧା, ଅକର୍ମଶିଳା ପଥରରେ ପୂର୍ଣ୍ଣ ହୋଇଯାଏ । ଆଉ କାର୍ଯ୍ୟ କରି ହୁଏ ନାହିଁ । ଯେଉଁ ଦଶପଥର କାଟି ନେଇଥାଆନ୍ତି । ପ୍ରତ୍ୟେକ ପଥୁରିଆ ସେହି ପଥରର ବଦଳ (ପାତଳ କରନ୍ତି) ମାତ୍ର ଗୃହକୁ ବହି ନିଅନ୍ତି । ଏହି କାର୍ଯ୍ୟରେ ଆଷାଢ଼ ଶ୍ରାବଣ ଦୁଇମାସ ଅତିବାହିତ ହୁଏ ।

ପ୍ରତ୍ୟେକ ଅଡ଼ଙ୍ଗର

ବିବରଣ ।

୧ ମ । ବାଲ ବା ପାଣିଖଣି ଅଡ଼ଙ୍ଗ ।— ସନ୍ତ୍ରଗଡ଼ଥ ( ବାଟୁଠାରୁ ସନ୍ତ୍ରଗଡ଼ଥ ୨ ମାଇଲ ପଶ୍ଚିମ ଦିଗରେ ) ଠାରୁ ମା ୩½ ଇଲ ଦୂର ହେବ । ଏହି ଖଣିର କାର୍ଯ୍ୟ ପ୍ରାୟ ୩୦ ବର୍ଷ ହେଲା ବନ୍ଦ ହୋଇଅଛି ।

୨ ୟ । ଡାହିଅଡ଼ଙ୍ଗ ।—ସନ୍ତ୍ରଗଡ଼ଥଠାରୁ ମା ୩½ ଇଲ ଦୂର ହେବ । ପ୍ରାୟ ବାର ବର୍ଷ ହେବ ଏ ଅଡ଼ଙ୍ଗର କାର୍ଯ୍ୟ ବନ୍ଦ ହୋଇଅଛି ।

କ୍ରମଶଃ

# ସାପ୍ତାହିକ ସଂବାଦ ।

ଅସ୍ମାନଙ୍କର କମିଶନର ଅତି ଶୀଘ୍ର ଶୀତକାଳର ଭ୍ରମଣରେ ଗମନ କରିବେ । ଦସ୍ୱଶୀନାନେ ଗତ ରବିବାରଦିବସରୁ ମୟୂରଭଞ୍ଜର ବେଲଗଡ଼ିଆ ମୁକାମକୁ ଯାତ୍ରା କଲେଣି ।

ଗତ ସୋମବାରଦିବସରୁ ଡେପୁଟିକଲେକ୍ଟର ଅସିଷ୍ଟେଣ୍ଟ ମାଜିଷ୍ଟ୍ରେଟ ଓ ଜଏଣ୍ଟ ମାଜିଷ୍ଟ୍ରେଟମାନଙ୍କ ପାଣ୍ଡାସଳପରୀକ୍ଷା ଗୃହୀତ ହୋଇଥିଲା । ଏ ପରୀକ୍ଷାରେ ଅସ୍ମମାନଙ୍କ ନୂତନ ଡେପୁଟୀ ବାବୁ ଗଗନଚନ୍ଦ୍ର ନାୟକ ଓ ବାବୁ ମନୋହର ଚକ୍ରବର୍ତ୍ତୀ ଉପସ୍ଥିତ ହୋଇଥିଲେ ।

ଏ ଜିଲ୍ଲା ସାଲେପୁରଥାନା ଏବଂ କୁଆଁପାଳ ପ୍ରଭୃତି ସ୍ଥାନମାନଙ୍କରେ ଓଲଉଠା ବହୁତ ପଶିଅଛି । ମଧ୍ୟ ଏ ନଗର କାଠଯୋଡ଼ି ବାହୁରେ ଦୁଇଏକଜଣଙ୍କୁ ଏ ରୋଗ ଧରିବାର ଦେଖା ଯାଇଅଛି ।

କଲିକତାଗେଜେଟ ।

ଭଦ୍ରକ ସବ୍‌ଡିଭିଜନର ଚାର୍ଜ ସନ ୧୮୮୪ ମସିହାର ବେଙ୍ଗଲ ଅ ୨ ଅନୁସାରୀ କଲେକ୍ଟରଙ୍କ କ୍ଷମତା ପ୍ରାପ୍ତ ହେଲେ ।

ଜଏଣ୍ଟମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଜେ, ଜି, ଗୁପ୍ତ ରାମାଳପୁରର ଏକ୍ଟିଂ ମାଜିଷ୍ଟ୍ରେଟ ଓ କଲେକ୍ଟର କାର୍ଯ୍ୟରୁ ଅବସର ପାଇ ମେଦିନୀପୁର ବଦଳ ହେଲେ ।

ସବ୍ ଡେଃ କଲେକ୍ଟର ବାବୁ ରାମକୃଷ୍ଣ ମୈତ୍ରେୟ କଟକରେ ସ୍ଥାପିତ ହେଲେ ।

ସୋରଥାର ଏକଟିଂ ସବ୍ ଡେଃ କଲେକ୍ଟର ଡେପୁଟି କଲେକ୍ଟର ଓ ଡେପୁଟିମାଜିଷ୍ଟ୍ରେଟଙ୍କ କ୍ଷମତା ପ୍ରାପ୍ତ ହେଲେ ।

ହୁଗଲିର ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଜି ଟଏନବିସନ ହେବ ମିଃ ଜେ, ଏମ, ଡସ୍ତାହେବଙ୍କ ଛୁଟି ସମୟରେ ପ୍ରଥମଶ୍ରେଣୀ ମାଜିଷ୍ଟ୍ରେଟ ଓ କଲେକ୍ଟର କାର୍ଯ୍ୟରେ ଅସ୍ଥାୟୀଭାବରେ ନିଯୁକ୍ତ ହେଲେ ।

Digitized by srujanika@gmail.com

ଅତ୍ୟନ୍ତ ଆନନ୍ଦସହିତ ଅବଗତ ହେଲୁଁ ଯେ ଗତ ଶନିବାର ସନ୍ଧ୍ୟା ଦୁଇପ୍ରହର ସମୟରେ କଣ୍ଟା ବୌଦ ରାଜାଙ୍କର ପ୍ରିୟ- ମହିଷୀଙ୍କ ଗର୍ଭରୁ ଅତିଶୟ ସୁଲକ୍ଷଣ ଜନ୍ମ ଗ୍ରହଣ କଲେ । ଏତଦୁପଲକ୍ଷରେ ରାଜା ବୃଦ୍ଧି ପଣ୍ଡିତଙ୍କୁ ଅନେକ ଧନ ବସ୍ତ୍ରାଦି ବିତରଣ ଏବଂ ନାଚ ତାମାସା ଆତସବାଜି ଇତ୍ୟାଦି ଉତ୍ସବ କାର୍ଯ୍ୟ ଲଗାଇ ଦେଇଥିଲେ । ରାସଯାତ୍ରା ସମୟରେ ଏହି ମଙ୍ଗଳ କାର୍ଯ୍ୟ ପଡ଼ିବାରୁ ଅଧିକ ଜନତା ହୋଇ ଥିଲା ।

ଜଣେ ଉଡ଼ିଆଳିବାସୀ ଘରଚଳ୍ପନରେ ଅସି ପୈତା ଧାରଣ କରୁଛନ୍ତି । ଜଣେ ହିନ୍ଦୁ ତାହାଙ୍କୁ ପୈତା ପରିଧାନ କରାଇ- ଛନ୍ତି । ସେ ପୈତା ଧାରଣ କରି ବ୍ରାହ୍ମଣର ଅଗ୍ରେ ବ୍ୟବହା- ରରେ ଚଳୁଛନ୍ତି ।

ଶୁଣା ଯାଉଅଛି ବ୍ୟୟସଂକ୍ଷେପସମିତ ଆସନ୍ତା ମାସ ତା ୨୦ ଋଖରେ ସମସ୍ତ ରିପୋର୍ଟ ଦାଖଲ କରିବେ । ଯଦି କୌଣସି ବିଷୟରେ ବ୍ୟୟସଂକ୍ଷେପ ଅବଶ୍ୟକ ବିବେଚିତ ହେବ ତେବେ ସେ ବିଷୟ ମାର୍ଚ୍ଚମାସବଜେଟରେ ଉଲ୍ଲେଖ ହେବ ।

ଜଣେ ବ୍ରାହ୍ମଣ ଆପଣାପିତାଙ୍କୁ ବିଷ ପାନ କରାଇବାର ଉଦ୍ୟୋଗ କରୁଥିବାରୁ ଅମେଦନଗରର ଫୌଜ ଜଜ ତାହାଙ୍କୁ ବ ୮ ର୍ଷ କଠିନ ପରିଶ୍ରମ ସହିତ କାରାବାସର ଦଣ୍ଡାଜ୍ଞା କରିଅଛନ୍ତି । ପୁତ୍ରଟି ଗୁଣବାନ୍ !

ସମ୍ବାଦ ଏରୂପ ଯେ ଅକ୍ଷାଦି ଓ ତୋଖାଜାତମାନେ ଅଧିକା ଟାକ୍ସ ଦେଣ ପଡ଼ୁଥିବାହେତୁ କାବୁଲର ଅମୀରଙ୍କ ବିପକ୍ଷରେ ମାତି ଉଠିଅଛନ୍ତି । ଏମାନଙ୍କୁ ଦମନ କରିବା ନିମିତ୍ତ ଅମୀର ଗୁଟିପଲଟନ ସୈନ୍ୟ ଓ ତୋପଅଶ୍ୱ ପଠାଇଅଛନ୍ତି ।

ଅଫଗାନିସ୍ଥାନର ସୀମାନିର୍ଣ୍ଣୟକାରୀ କମିଶନଦଳର କର୍ମଚାରୀ ସର ଉଏଷ୍ଟ ରିଜୱେ ପ୍ରକାଶ୍ୟ ଦରବାରରେ ଲାଟଙ୍କଠାରେ କେ, ସି; ଏସ୍, ଆଇ ଉପାଧି ପ୍ରାପ୍ତ ହୋଇ- ଅଛନ୍ତି ।

ଇଣ୍ଡିଆନଡେଲିନିଉଜ ଲେଖିଅଛନ୍ତି ଯେ ପୃଥିବୀରେ ଯେତେ ଘଣ୍ଟା ଅଛି ସବୁ ଠାରୁ ଏକ ବୃହତ୍ ଘଣ୍ଟା ବମ୍ବେ ନଗରରେ ବସାଇବାର ଉଦ୍ୟୋଗ ଲାଗିଅଛି । ଏଥିର ଉପରିଭାଗ ଅର୍ଥାତ୍ ଯେଉଁସ୍ଥାନରେ କଣ୍ଟା ଓ ଘଣ୍ଟା ଜଣାଯିବାର ଡଣ୍ଡି ଆଏ ତହିଁର ବ୍ୟାସ ଫୁଟ ୨୬ ଟି । କେବଳ ସ୍ଥଳରେ ବୈଦ୍ୟୁ- ତିକ ଆଲୋକ ସନ୍ନିବେଶ ହେବ ଏମନ୍ତ କି ରାତ୍ରରେ ନଗରର ସମସ୍ତ ଅଂଶରୁ ସମୟ ଦେଖା ଯାଇ ପାରିବ । କଥିତ ହୁଏ ସାଧାରଣ ଦୂରବୀକ୍ଷଣଯୋଗେ ମା ୧୬ ଇଲ ଦୂରରୁ ସମୟ ଲୋକେ ଦେଖିପାରିବେ । ବୃହତ୍ ବ୍ୟାପାର !

କଥିତ ହୁଏ ଦସ୍ପୀଠାରେ ଗତ ମୁସଲମାନ ଓ ହିନ୍ଦୁଙ୍କମ- ଧରେ ଯେଉଁ ଗୋଳମାଳ ସଂଘଟିତ ହୋଇଥିଲା କର୍ତ୍ତୃପକ୍ଷ- ମାନେ ତନ୍ନିବାରଣଜନିତ ଉପାୟମାନ ଅବଲମ୍ବନ କରିବାରେ ଅବହେଳା କରିଥିବାରୁ ତାହା ଘଟିଅଛି ଏବଂ ସେଠା ହିନ୍ଦୁମାନେ ଗବର୍ଣ୍ଣମେଣ୍ଟନାମରେ ତିନିଲକ୍ଷ ଟଙ୍କା କ୍ଷେସାରି ଦାବିରେ ମୋକଦ୍ଦମା ଆଣିବା କରିବାର ମନସ୍ଥ କରିଅଛନ୍ତି । ଏହା ଏକ ଅଭିନବ କଥା !

ସମ୍ବାଦ ଏରୂପ ଯେ ମହାରାଜା ଦଲିପସିଂହଙ୍କ ରାଣୀଙ୍କ ନିମିତ୍ତ ଭାରତୀୟ ଗବର୍ଣ୍ଣମେଣ୍ଟ ପେନସନର ବନ୍ଦୋବସ୍ତ କରି- ଅଛନ୍ତି । ମହାରାଜା ସାହା ପାଉଥିଲେ ଓ ବର୍ତ୍ତମାନ ତାଙ୍କ ବନ୍ଦଅଛନ୍ତି ତହିଁରୁ ବାର୍ଷିକ ପାଞ୍ଚ କି ଛ ସହସ୍ର ପାଉଣ୍ଡ ମହାରାଣୀଙ୍କି ଦିଆଯିବ ଏବ ସମ୍ଭବତଃ ତାଙ୍କ ପୁତ୍ରଙ୍କ ଶିକ୍ଷାର ଉଚିତ ବନ୍ଦୋବସ୍ତ ହେବ । କଥିତ ହୁଏ ମହାରାଣୀ ଅତ୍ୟନ୍ତ ସାଧ୍ୱୀସ୍ୱଭାବସମ୍ପନ୍ନା ଏବଂ ପତିବ୍ରତା ଏମନ୍ତ କି ସ୍ୱାମିର କଷ୍ଟଜନକ ଚିନ୍ତାବାକ୍ୟ ତାଙ୍କର ସହ୍ୟ ହୁଏ ନାହିଁ ।

ରଙ୍ଗୁନଠାରୁ ଆସିଥିବା ଗତତ ମାସ ତା ୪ ଋଖର ତାରବାର୍ତ୍ତାରୁ ପ୍ରକାଶ ଯେ ସାନକାଗିୟ ଏକସରଦାରଠାରୁ ଅଧୀନତା ସ୍ୱୀକାରସୂଚକ ଖଣ୍ଡିଏ ପତ୍ର ଆଣି ପାଞ୍ଚଜଣ ସାନକା- ଗୀୟଲୋକ ମିଙ୍ଗିୟାନର କମିଶନରଙ୍କହସ୍ତରେ ସମର୍ପଣ କରିଅ- ଅଛନ୍ତି । କଥିତ ହୁଏ ଏହି ସରଦାର ଅଧୀନରେ ୬୧୦୦୦ ଣ ଲୋକ ଅଛନ୍ତି ।

ବ୍ରହ୍ମଦେଶ ମିଙ୍ଗିନଲ ଆସିଷ୍ଟାଣ୍ଟ କମିଶ୍ନର ଗ୍ଳିସନସାହେବଙ୍କ ଛାଉଣୀରେ ଗତତମାସ ତା ୨ ଋଖ ରାତ୍ରଭାଗରେ ବିଦ୍ରୋ- ହିମାନେ ପ୍ରବେଶ କରି ତାଙ୍କୁ ଓ ତାଙ୍କର ପ୍ରହରୀ କ ୨୦ ଣ ଙ୍କୁ ହତ କରିଅଛନ୍ତି ଏବଂ ସେହିଦିନ ରାତ୍ରରେ ପ୍ରାୟ ୧୦୦ ଲୋକ ମିନହାଲ ନଗର ଆକ୍ରମଣ କରି ଅନେକ ସମ୍ପତ୍ତି ନଷ୍ଟ କରିଅଛନ୍ତି । ବ୍ରହ୍ମଦେଶର ଅଶାନ୍ତିଅଗ୍ନି ନିର୍ବାପିତ ହେବାର ନୁହଇ ।

କେତେକଦିନ ହେବ ଜଗତସିଂହପୁରରେ ଗୋଟିଏ ବାଛୁରି ଜନ୍ମିଅଛି ଯେ ତାହାର ଛଅଗୋଟା ଗୋଡ଼ । ଚାରି- ଗୋଟି ଗୋଡ଼ ଯଥାସ୍ଥାନରେ ଅଛି । ଅତିରିକ୍ତ ଗୋଡ଼ ଦୁଇଟି ମଳଦ୍ୱାର ନିକଟରୁ ବାହାରିଅଛି । ଜନ୍ମହେବା ସମୟରେ ଆଦୌ ମଳଦ୍ୱାର ନ ଥିଲା । ଚତ୍ରସ୍ଥ ଡାକ୍ତରବାବୁ ଜି, ଅଘନାଥଙ୍କ ବହୁପରିଶ୍ରମ ସହ ସେ ଅଭାବ ଦୂର କରି ଅଛନ୍ତି; ଅମ୍ଭେମାନେ ଏଥିନିମିତ୍ତ ତାଙ୍କୁ ଶତ ୨ ଧନ୍ୟବାଦ ଦେଉଅଛୁଁ ।

ରେଲବାଟବଙ୍ଗଳର ଡାଇରେକ୍ଟର ଜେନରଲଙ୍କ ପଦ ଉଠିଯିବାର କଥା ଲାଗିଅଛି । ଏପଦଟି ଉଠିଗଲେ ଗୋଟିଏ ଅନାବଶ୍ୟକ ବ୍ୟୟ ନିବାରିତ ହେବ ।

ଅଗ୍ରାର ମୁନସଫ ରାଜା ବଇକନାଥ ଉଦୋଗଣକଂର ପ୍ରଧାନ ଦଣ୍ଡପତ ଓ ମହାରାଜାଙ୍କ ସଭାର ଜଣେକ ସଭ୍ୟ- ସ୍ୱରୂପ ନିଯୁକ୍ତ ହୋଇଥିବାର ସମ୍ବାଦ ମିଳଇ । ବେତନ ମାସକୁ ଟ ୧୦୦୦ ଙ୍କା । ଏ ନିୟମ ଅତି ଉତ୍ତମ ଅଟଇ ।

କଲିକତା ହାଇକୋର୍ଟର ଜଣେ ଜଜ ମାନ୍ୟବର ଫିଲଡ଼ ସାହେବ ଦସ୍ତରକୁ ଛୁଟୀ ନେଇ ଯାଇଥିଲେ । ସେଠାରୁ ଫେରି ନ ଆସି ଆପଣାକାର୍ଯ୍ୟରେ ଇସ୍ତଫା ଦେଇ ଅଛନ୍ତି । ଏ ସାହେବ ଯେମନ୍ତ ବୁଦ୍ଧିମନ୍ ତେମନ୍ତ ଜବରଦସ୍ତ ଥିଲେ ।

## ମୟୂରଭଞ୍ଜ ସମ୍ବାଦ ।

ମୟୂରଭଞ୍ଜର ଅନ୍ତର୍ଗତ ବାମନଘାଟୀରେ ଅନେକ ଉପଦ୍ର- ବଅ ଉତ୍ପନ୍ନ ହୁଅଇ । ଏହା କଥିତହୁଏ ନମସ୍ତେ ଗୁର- ବାସାଠାରୁ ଓ୍ୱାକର (Walker) ନାମକ ଜଣେ ସାହେବର କ ୮୦।୯୦ଜଣ ଲୋକ ଅସିଥିଲେ । କୁମାର- ଦୁର୍ଗିନାର ହାଟତଳରେ ସେମାନଙ୍କ ମଧ୍ୟରୁ ଗୁରୁ ପାଞ୍ଚଜଣ ମିଳିତ ହୋଇ ଗୋଟିଏ ଧାଙ୍ଗଡ଼ ସ୍ତ୍ରୀକୁ ବଳତ୍କାର କରିବାକୁ ଚେଷ୍ଟା କରନ୍ତେ ମହାଗଣ୍ଡଗୋଳ ଉପସ୍ଥିତ ହୋଇଥିଲା । ଅବଶେଷରେ ଆସାମୀମାନେ ରାତ୍ର ମଧ୍ୟରେ ସିଂହଭୂମକୁ ପଳା- ଇ ଗଲେ । ତସରକୁଅର ମୂଲ୍ୟ କାହାଣକୁ ୫୬୧ ଙ୍କା ହୋଇଅଛି ।

କେନ୍ଦ୍ରାପ୍ରଶାନନାମକ ଜଣେ ଧନାଢ୍ୟବ୍ୟକ୍ତି କ କେନ୍ଦୁଝର ରାଜାଙ୍କ ସିପାହି ଅସି ତାହାଘରେ କେସ୍ୱରଣକୁ ପାଇ ଲୋ- ପ୍ରାଦାର କରିନେଇ ଯାଇଥିଲା । ମୃ ପ୍ରଶଂସିତ ମହାରାଜାଙ୍କ ମୃତ୍ୟୁରେ ଉକ୍ତ ପ୍ରଧାନ ଖଲାସ ପାଇଅଛି । ଉକ୍ତ ପ୍ରଧାନ କୁହେ ଯେ ଅଜକୁ ଛ ସାତବର୍ଷହେଲା ବନ୍ଧୁକ ଗୋଟିକ ବାମନଘାଟୀରେ ନଛି । ଏହା ଅନ୍ୟ ଏକ ବ୍ୟକ୍ତିର ଅଟେ । ନେଶାର ବିପକ୍ଷମାନେ ଯେଉଁଦିନ ଖୋଜ ତଲାସ ହେଲା ତାହାର ପୂର୍ବରାତ୍ରରେ ତାହାର ଘରର ଧାନକୋଠି ମଧ୍ୟରେ ରଖି ଯାଇଥିଲେ । ଅନ୍ୟ ଦିବସ ସିପାହି ଆସି ଉକ୍ତ ଚାରୁଇ- ଲୋକମାନଙ୍କ ଚର୍ଚ୍ଚିତ ଅନୁଯାଇ ଏହାକୁ ଗ୍ରେପ୍ତାର କଲା ।

ଛୋଟରାୟଙ୍କ ମୋକଦ୍ଦମା ଏପର୍ଯ୍ୟନ୍ତ ନିଷ୍ପତ୍ତି ହୋଇ ନାହିଁ । ପ୍ରଥମରେ କୁମାର ବୈକୁଣ୍ଠନାଥ ଦେ ଉଦନଗ୍ରର ରାୟବାହାଦୁର ସାନ୍ନାନଥ ଭାସ ତଦନଗ୍ରର ଆଟର୍ଣ୍ଣିର ଖାମାହ- ରର ବ୍ରକମାନ ସାହେବ ମୋକଦ୍ଦମା ତଦବର କରିଥିଲେ । ବର୍ତ୍ତମାନ ଧୃତନାଥ ରାୟ ବାବୁ ମୋକଦ୍ଦମା କରୁଅଛନ୍ତି । ଧୃତବାବୁ ବଡ଼ ସୁଯୋଗ୍ୟ ଲୋକ । ଅଶ୍ୱାରୋହଣରେ ଉତ୍ତମ ସୁଦକ୍ଷ ଓ ଛୋଟରାୟଙ୍କ ଘନିଷ୍ଠ ବନ୍ଧୁ । ସମ୍ପ୍ରତି ସେ କଲିକତା ଯାତ୍ରା କରିଅଛନ୍ତି ।

ବାମନଘାଟୀର ସେରସ୍ତାଦାର ସଂସ୍ପୃଷ୍ଟ ଓ ସେଠା ନାଜର କଇଶାସ୍ତ ହୋଇଅଛନ୍ତି ସେମାନଙ୍କ କାର୍ଯ୍ୟରେ ବାରିପଦାରୁ ଶ୍ରୀହରି ଦାସ ପେଷ୍କାର ପ୍ରେରିତ ହୋଇଅଛନ୍ତି ।

ମୟୂରଭଞ୍ଜଅଞ୍ଚଳର ଅନେକ ପ୍ରଗଣାର ବନ୍ଦୋବସ୍ତ ଆରମ୍ଭ ହେବ । ଏ କର୍ଯ୍ୟ ସମ୍ଭବତଃ ୩୦୦ ବା ୪୦୦ ଅମିନର ପ୍ରୟୋଜନ ହେବ ।

ଶୁଣାଯାଏ ବାମନଘାଟୀର ନୂତନ ସ୍କୁଲର ମୂଲ୍ୟ ଟଙ୍କାରୁ ଏକମହଣ ଅଠସେର ହୋଇଅଛି ।

---

## ପ୍ରେରିତପତ୍ର ।

**ପ୍ରେରିତପତ୍ରର ମତାମତ ନିମନ୍ତେ ଅମ୍ଭେ- ମାନେ ଦାୟୀ ନୋହୁଁ ।**

---

**ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ**

**ସମୀପେଷୁ**

**ମହାଶୟ ।**

**ଆପଣଙ୍କର ଗତତ ମାସ ତା ୧୨ ଋଖ- ପତ୍ରିକାରେ ଜଣେ ପାଠକ ଲେଖିଅଛନ୍ତି କି; କେତେଦିନ ପୂର୍ବେ ଯେଉଁ ଯାମଲସନ୍ତାନର କୋଷ୍ଠି ବନଷ୍ଟ ବଗୁର ବାହାରିଥିଲା (ଅମ୍ଭେ ଲେଖି ଥିଲୁଁ) ତହିଁରେ ତାହାଙ୍କର ସନ୍ଦେହ ଜନ୍ମିଅଛି । ଅତଏବ ସେ ବିଷୟରେ କୌଣସି ପ୍ରମାଣ ନ ଦେଖିଲେ ତାହାଙ୍କର ସଂଶୟ ଛିନ୍ନ ହେବ ନାହିଁ, ଏତାଦୃଶ ଅନୁରୋଧରେ ଅମ୍ଭେ ବାଧ୍ୟ ହୋଇ ନିମ୍ନରେ ଯେଉଁ ପୌରାଣିକ ପ୍ରମାଣ ଉଦ୍ଧୃତ କଲୁଁ ତାହା ଆପଣ ସ୍ୱୀୟ- ପତ୍ରିକାସ୍ଥ କରି ପାଠକଙ୍କର ସନ୍ଦେହ ଦୂର କରାଇଲେ ଅମ୍ଭେ କୃତକୃତ ହେବୁଁ ।**

**ଶ୍ରୀକୃଷ୍ଣଦ୍ୱୈପାୟନପ୍ରଣୀତ ଶ୍ରୀମଦ୍ଭାଗବତ ତତୀୟସ୍କନ୍ଧର ୧୭ ଦଶଅଧ୍ୟାୟର ୧୮।୧୯।୨୦ ଶ୍ଲୋକମାନ ଦେଖ—**

Split by PDF Splitter



କଶ୍ୟପ ପ୍ରଜାପତିଙ୍କର ସ୍ତ୍ରୀ ଦିତିଦେବୀଙ୍କ ଗର୍ଭରୁ ହିରଣ୍ୟ କଶିପୁ ଓ ହିରଣ୍ୟାକ୍ଷ„ଯାମଳସନ୍ତାନ ଜନ୍ମ ପ୍ରସ୍ତାବରେ ଜ୍ୟେଷ୍ଠ କନିଷ୍ଠ ନିର୍ଣ୍ଣୟ„ ଲେଖାଅଛି । ନିମ୍ନରେ ସେହି ଶ୍ଳୋକମାନ ଲେଖି ଆପଣଙ୍କୁ ଉପହାର ଦେଲୁଁ । ଯଥା—

( କ )

" ପ୍ରଜାପତି ର୍ନାମ ତସ୍ୟୋ ରକାର୍ଷୀଦ୍ୟଃ ପ୍ରାକ୍ ସ୍ୱଦେହାଦ୍ୟମୟୋ ରଜାୟତ । ତଂ ବୈ ହିରଣ୍ୟ କଶିପୁଂ ବିଦୁଃ ପ୍ରଜା ଯଂ ତଂ ହିରଣ୍ୟାକ୍ଷମସୂତ ସାଗ୍ରତଃ ।

( ଖ ) ଚକ୍ରେ ହିରଣ୍ୟକଶପୁ ର୍ଦୋ ଭ୍ୟାଂ ବ୍ରହ୍ମବରେଣତ । ବଶେସ ପାଲାନ୍ ଲୋକାଁ ସ୍ତ୍ରୀ ନ କୁତୋ ମୃତ୍ୟୁ ରଦ୍ଧତଃ ।

( ଗ ) ହିରଣ୍ୟାକ୍ଷୋ ନୁଜସ୍ତସ୍ୟ ପ୍ରି ଯୁଃ ପ୍ରୀତିକୃଦନ୍ୱହଂ । ଗଦାପାଣି ର୍ଦିବଂ ଯାତୋ ଯୁଯୁତ୍ସୁ ର୍ମୃଗୟନ୍‌ରଣଂ „ । ଇତି

କ ଚିହ୍ନିତ ଶ୍ଳୋକର ବ୍ୟାଖ୍ୟା ।

ପ୍ରଜାପତି ମହାଶୟ ଯାମଳସନ୍ତାନମଧ୍ୟରୁ ଯାହାର ପିତୃଶରୀରରୁ ମାତୃଗର୍ଭରେ ପ୍ରଥମେ ଆଧାନ ହୋଇଥିଲା ତାହାକୁ ଜ୍ୟେଷ୍ଠ, ଜ୍ଞାନ କରି ପ୍ରଥମତଃ—

" ହିରଣ୍ୟ କଶିପୁ ନାମ " ପ୍ରଦାନ କଲେ ଏବଂ ଦିତିଦେବୀ ଯାହାକୁ ଅଗ୍ରେ ପ୍ରସବ କରିଥିଲେ ତାହାର ହିରଣ୍ୟାକ୍ଷ, ନାମ ସ୍ଥିର କଲେ । ଏହାପର ପୂର୍ବାପର, ନାମକରଣ ଅନୁସାରେ " ଜ୍ୟେଷ୍ଠ କନିଷ୍ଠ ବ୍ୟବସ୍ଥାକୁ " ତାତ୍କାଳୀନ ପ୍ରଜାମାନେ ମଧ୍ୟ ଅନୁମୋଦନ କରିଥିଲେ । ଇତି—

ପୁନଶ୍ଚ ଏହି ଶ୍ଳୋକର, ବର୍ଣ୍ଣନାପ୍ରତିକବର୍ତ୍ତିକୃତ, ବ୍ୟାଖ୍ୟାରେ ଯାହା ଲେଖାଅଛି ତାହା ମଧ୍ୟ ଉଦ୍ଧୃତ କଲୁଁ ଯଥା—

ଯଦା ବଶେ ଦ ଧାଭୂତଂ ସ୍ୱାଙ୍ଗଂ ପୃଷ୍ଠଂ ପତ୍ରକ୍ଷରତ୍ତି ।

ଦ୍ୱୌ ତଦାଭବତୋ ଗର୍ଭୌ ସୂତବେ‌ଂଟଂକଷର୍ଯଯ୍ୟାତ୍ତି । ଇତି ପିଣ୍ଡପିବେ; ପିତି ନବେଣ ହିରଣ୍ୟକଶିପୁ ର୍ଜ୍ୟେଷ୍ଠଃ; ପିଣ୍ଡା କଣ୍ୟପେନ ତସ୍ୟୈବାଦାବାହିତତ୍ୱାତ୍ତି । ତଥା ମାତୃ କ୍ରମେଣ ହିରଣ୍ୟାକ୍ଷୋ ଜ୍ୟେଷ୍ଠଃ, ମାତ୍ରା ଅଦିତ୍ୟା ତସ୍ୟୈବାଦୌ ପ୍ରସୂତତ୍ୱାତ୍ତି । ଏବ ନ୍ତମ ଦ୍ୱୈବିଧ୍ୟେନ ହ୍ୟୟୋରପି ଜ୍ୟେଷ୍ଠତ୍ୱେ ପିତୁଃ ପ୍ରାଧାନ୍ୟାତ ହିରଣ୍ୟକଶିପୁରେବ ଜ୍ୟେଷ୍ଠତ୍ୱେନ ବ୍ୟାହୃତଃ । ଇତି ।

( ଖ ଓ ଗ, ଚିହ୍ନିତ ପଦ୍ୟର ଅର୍ଥ ସୁସ୍ପଷ୍ଟ ସୁତରାଂ ବ୍ୟାଖ୍ୟା ଲେଖିବାର ପ୍ରୟୋଜନ ନାହିଁ ।

ଉପରଲିଖିତ ପ୍ରମାଣ ଦୃଷ୍ଟିରେ ଆମ୍ଭେ ଯାମଳସନ୍ତାନର ଜ୍ୟେଷ୍ଠ କନିଷ୍ଠ ବିଷୟର, ଏଥିପୂର୍ବେ ପ୍ରକାଶ କରିଥିଲୁଁ ସମ୍ପ୍ରତି ପ୍ରୟୋଜନ ହେବାରୁ ପ୍ରମାଣମାନ ଦର୍ଶାଇଲୁଁ ଭରସା କରୁଁ ଉଲ୍ଲିଖିତ ପ୍ରମାଣ ଦୃଷ୍ଟିରେ ପାଠକମହାଶୟ, ସ୍ୱୀୟ ଅନ୍ତଃକରଣରୁ ସଂଶୟ ଦୂର କରି ସନ୍ତୋଷର ଆଧାର ହେବେ । ପରେ ଲକ୍ଷ୍ମଣ ଶତ୍ରୁଘ୍ନ ଓ ଲବ କୁଶ ଯାମଳଦ୍ୱୟର ଜନ୍ମପ୍ରସ୍ତାବରେ ମହାକବି ବାଲ୍ମୀକିମହର୍ଷି, କପରି ଜ୍ୟେଷ୍ଠ କନିଷ୍ଠ ବିଷୟ ଲେଖିଅଛନ୍ତି ତାହା ଦେଖିବାକୁ ଆଶା ଅଛି; ଆଶା ପୂରଣ ହେଲେ ଉପବୋକ୍ତ କବିଙ୍କ ମତ ସାଧାରଣରେ ପ୍ରକାଶ କରିବାକୁ ମାନସ ରହିଲା । ଅଳମତି ବିସ୍ତରେଣ । ଇତି ।

୨୭।୧୦।୮୬ }<br>
ଖାରନଗର୍ଦ୍ଦେପୁର } ବଶମ୍ୱଦ<br>
ଶ୍ରୀ ଯୋଗୀନ୍ଦ୍ର ମଣି ଶର୍ମ୍ମା ।

———

ମହାଶୟ !

ମାଛଗାଁ ସତ୍ରକର ନିକଟବର୍ତ୍ତୀ ପୁନଙ୍ଗ ଗ୍ରାମକୁ ଗାଡ଼ିଆଦି ଗଡ଼ାଯାଇ ନିମନ୍ତେ କୌଣସି ରାସ୍ତା ନ ଥିବାରୁ ଗ୍ରାମବାସିମାନେ କର୍ତ୍ତୃପକ୍ଷଙ୍କ ନିକଟରେ ଦରଖାସ୍ତ କରିଥିଲେ ତଦନୁସାରେ କର୍ତ୍ତୃପକ୍ଷମାନଙ୍କଦ୍ୱାରା ମାଛଗାଁ ସତ୍ରକର ଏକଖଣ୍ଡି ଶାଖାସଡ଼କ ଗ୍ରାମଯାଏ କରି ଦିଆ ଯାଇଥିଲା । ଉକ୍ତ ଶାଖାସଡ଼କର କେତେକାଂଶ ପ୍ରତିବର୍ଷ ବର୍ଷାଋତୁରେ ଏପରି କଦର୍ଯ୍ୟ ହୁଏ ଯେ ଗ୍ରାମମଧ୍ୟକୁ କୌଣସି କ୍ରମେ ଗାଡ଼ିଆଦି ଯାଇ ନ ପାରେ ବର୍ତ୍ତମାନ କର୍ତ୍ତୃପକ୍ଷମାନଙ୍କ ନିକଟରେ ନିବେଦନ ଏହିକି ଯେ ଯେବେ ଉକ୍ତ ମହୋଦୟଗଣ ଅନୁଗ୍ରହପୂର୍ବକ ସେହି ଶାଖାସଡ଼କ ପ୍ରତି ଶୁଭଦୃଷ୍ଟି ନିକ୍ଷେପ କରନ୍ତି ତେବେ ପୁନଙ୍ଗବାସିମାନେ ସେମାନଙ୍କ ନିକଟରେ ଚିରଋଣୀ ହୋଇ ରହିବେ । ଇତି ।

୫।୧୧।୮୬ }<br>
କଟକ } ଏକାନ୍ତ ବଶମ୍ୱଦ ।<br>
ଶ୍ରୀ ଗୋବିନ୍ଦନାଥ ଗୋସ୍ୱାମୀ । ସା । ପୁନଙ୍ଗ । ପ୍ର । ଉଦୟଗିରିପୁର । ଥା । ପତ୍ରିତପାଭର ୨ୟ ବର୍ଷୀୟ ଶ୍ରେଣୀ ।

———

ମହାଶୟ !

ଗତ ସଂ ୪୩ ସଂଖ୍ୟକ ପତ୍ରିକାରେ ଡଙ୍କନଗର ନଚ୍ଚେର ସମ୍ବନ୍ଧରେ ପ୍ରକାଶିତ ହୋଇଅଛି ଯେ "ଡଙ୍କନଗରର ପ୍ରଜାବନ୍ଧୁ ଓ ଖବର ନାମକ ସମ୍ବାଦପତ୍ରମାନେ ଯେଉଁ ସୁରଭିଗୋଲ ଓ ଗାରଭୋଷିକବିତରଣର ଚନ୍ଦା ବାହାର କରି ଏଥିମଧ୍ୟରେ କିଛି ଅର୍ଥ କରି ନେଲେ ଏଣିକି ଆଉ ତାହା ଦେବ ନାହିଁ" କରି ଏବେ "ପ୍ରଜାବନ୍ଧୁ" ପୂର୍ବରୁ ସ୍ୱରଭିର ବିଜ୍ଞାପନ ବାହାର କରିଥିବାରୁ ଅନେକ ଲୋକେ ସନ୍ଦିହାନ ହୋଇ ଅଛନ୍ତି । ବାସ୍ତବିକ ପ୍ରଜାବନ୍ଧୁଙ୍କ ୨ୟ ବାର ଉପହାର ବିତରଣ ନିମିତ୍ତ ପ୍ରୋଫେସର ସେନ ରଲ ଅନୁମତି ଦେଇ ଅଛନ୍ତି । ପ୍ରାର୍ଥନା କରୁଅଛୁ ଯେ, ଆପଣ ଏହି ପତ୍ରଖଣ୍ଡିକ ସ୍ଥାନଦାନ କରି ସାଧାରଣଙ୍କର ସନ୍ଦେହ ଦୂର କରିବେ ।

" ପ୍ରଜାବନ୍ଧୁ " ଗତବାର " ଦୀପିକା"ରେ ବିଜ୍ଞାପନ ଦେଇ ଓଡ଼ିଶାରୁ ଅନେକ ଗ୍ରାହକ ପାଇଥିଲେ ଏଥିର କାରଣ ପ୍ରଜାବନ୍ଧୁଙ୍କ ମୁଦ୍ରିତ ବିଜ୍ଞାପନ ସମସ୍ତେ ପାଇବା କଷ୍ଟକର ଏବଂ ଅନେକ ଲୋକ ମଧ୍ୟ ବିଶ୍ୱାସ କରୁ ନ ଥିଲେ । ଏଥର "ଦୀପିକା"ରେ ବିଜ୍ଞାପନ ଦେବା ନିମିତ୍ତ ପ୍ରଜାବନ୍ଧୁସମ୍ପାଦକ ବିଶେଷରୂପେଅନୁରୁଦ୍ଧ ହୋଇ ଅଛନ୍ତି ।

ବଶମ୍ୱଦ<br>
ଜଣେ ଏଜେଣ୍ଟ

ଅସନ୍ତା ଦସମ୍ବର ମାସ ଶେଷପର୍ଯ୍ୟନ୍ତ ଅନୁମତି ଦିଆ ହୋଇଅଛି ତହିଁ ଉତ୍ତାରୁ ଆଉ ହେବ ନାହିଁ—ସ ।

———

ମହାଶୟ !

ଅତ୍ୟାଚାର ! ଅତ୍ୟାଚାର !! ଅତ୍ୟାଚାର !!! ମୋଫସଲରେ ସମସ୍ତେ ସରକାରୀକର୍ମଚାରୀମାନେ ଯେପରି ଅତ୍ୟାଚାର କରନ୍ତି ତାହା ଅଧିକାଂଶ ଲୋକେ ଜାଣନ୍ତି । ମୂର୍ଖ, ଅସଭ୍ୟଲୋକପୂର୍ଣ୍ଣସ୍ଥାନମାନଙ୍କରେ ଇଂରାଜୀଶିକ୍ଷିତ ସଭ୍ୟ ବାବୁମାନଙ୍କ "ଫାଇଲନି" ଅତ୍ୟନ୍ତ ପ୍ରବଳ । ସାଧାରଣଲୋକମାନେ ସେମାନଙ୍କ ଚକ୍ଷୁରେ କୀଟପତଙ୍ଗ ଅପେକ୍ଷା ହୀନରୂପରେ ଦୃଷ୍ଟ ହୁଅନ୍ତି । ଯେବେ କେହି ସେମାନଙ୍କ କାର୍ଯ୍ୟଗତପ୍ରତି ଦୃଷ୍ଟି ରଖିବ ତାହା ହେଲେ ପ୍ରତ୍ୟହ ଅଭିନବ ଅତ୍ୟାଚାରମାନ ଦେଖିବ । ମୋଫସଲର ସ୍ୱଳ୍ପ ଲୋକମାନେ ମୋକଦ୍ଦମାର ନାମ ଶୁଣିଲେ ଭୟ କରନ୍ତି ପୁଣି ହିଂସ୍ରକଅତ୍ୟାଗ୍ରସ୍ତ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ମୋକଦ୍ଦମା କରିବା କଷ୍ଟକର । ଅତ୍ୟାଚାର ଦ୍ୱାରାକୁ ବାହାରିବା ନିମିତ୍ତ ସମ୍ବାଦପତ୍ରର ଆଶା ଅନ୍ୟତର ଉପାୟ କରି ସମ୍ପାଦକମହାଶୟ ହେଉଥାଇ କଲେ ସେଥିରୁ ମଧ୍ୟ ବଞ୍ଚିତ ହେବାକୁ ପଡ଼ିବ ।

Digitized by srujanika@gmail.com

ବ୍ୟକ୍ତିଗତ ଆକ୍ରମଣ କରିବା ମୋହର ଉଦ୍ଦେଶ୍ୟ ନୁହେ ଏବଂ ନିଜର ଅନୁଭୂତ କୌଣସି ଘଟଣା ସେନି ଅଳି ଲେଖନୀଧାରଣ କରି ନାହିଁ । ମୁଁ ଅଳି ଯାହା ଉଲ୍ଲେଖ କରୁଅଛି ଏବଂ ବାଗନ୍ତରେ ଯାହା ଜଣାଇବାକୁ ଇଚ୍ଛା ରହିଲ, ତଦ୍ୱାରା ଲୋକମାନଙ୍କପ୍ରତି ପ୍ରକୃତ ଅତ୍ୟାଗ୍ଭର ହେଉଅଛି କି ନାହିଁ ତାହା ପାଠକମାନେ ନିରପେକ୍ଷଭାବରେ ବିଗ୍ଭର କରିବେ ।

ଜଗତ୍ସିଂହପୁର ଇଃ ସବ୍ଡିବିଜନର ଜଣେ ସର୍ଭେଇରସିଅର ବାବୁ ସୂର୍ଯ୍ୟମଣି ମହାନ୍ତିଙ୍କ ଅତ୍ୟଧ୍ୟ ଅତ୍ୟାଗ୍ଭର ଦିନ ଦିନ ବୃଦ୍ଧି ହେଉଅଛି । ସାମାନ୍ୟ କଥାରେ ସୁଦ୍ଧା ସେ ମାଡ଼ ବ୍ୟବହାର କରନ୍ତି । ଯେବେ କେହି ଅନୁସନ୍ଧାନ କରିବାକୁ ଇଚ୍ଛା କରେ, ଅସଂଖ୍ୟ ଲୋକ ମଡ଼ ଖାଇ ଥିବାର ପ୍ରମାଣ ମିଳିବ । ଅନ୍ୟାୟପୂର୍ବକ ଗୋରୁ କାଞ୍ଜିହାଉଦାକୁ ନେବା ଆଉ ଗୋଟିଏ ଅତ୍ୟାଗ୍ଭର । ନାଳବନ୍ଧଠାରୁ ହାତ ୫୦ ତ ଦୂରରେ ଗୋରୁ ଥିଲେ ସୁଦ୍ଧା, ଯେବେ ଗୋସ୍ୱାମି ଉପରେ ତାଙ୍କର ସ୍ୱଭାବ ପ୍ରକାଶ ହୋଇଥାଏ ତେବେ ଗୋରୁ କାଞ୍ଜିହାଉଦାକୁ ନେଇ ଯାଅନ୍ତି । ଏହିପରି ଗତମାସ ତା ୨୦ ରଖରେ ଗୋ ୬୭ ଟା ଗୋରୁ ଓ ବାଛୁରି କାଞ୍ଜିହାଉଦାରେ ଦେଇଥିଲେ । ଏଥି ମଧ୍ୟରେ ଦଶଟିର ବାଛୁରି ସୁଦ୍ଧା ଥିଲେ । କୁଲିମାନେ କଅଁଳା ବାଛୁରିମାନଙ୍କୁ କାନ୍ଧରେ ନେଇଥିଲେ ଗୋଟିଏ ବାଛୁରି ମୃତବତ୍ ହୋଇ ଯାଇଥିବାରୁ କାଞ୍ଜିହାଉଦାମୋହରର ତାହା ଗ୍ରହଣ କରି ନ ଥିଲା । ସେ ହିଂସା କରି ଗୋରୁ କାଞ୍ଜିହାଉଦାକୁ ନଅନ୍ତି ବୋଲି ମୁଁ ଦୁଇଜଣ ପ୍ରଧାନ ଲୋକଙ୍କଠାରୁ ପ୍ରମାଣ ସଂଗ୍ରହ କରିଅଛି ।

୧ ମତଃ ଏ ସ୍ଥାନର ଜଣେ ଜମିଦାର କହନ୍ତି "ସୂର୍ଯ୍ୟମଣି ଅମ୍ଭଙ୍କୁ ଦୁଇଭାର ମାଛ ମାଗିଥିଲେ । ଅମ୍ଭେ ଦୁଇଭାର ପରିବର୍ତ୍ତେ ଏକଭାର ମାଛ ପଠାଇବାରୁ ସେ ରାଗ କରି ଫେରାଇ ଦେଇଥିଲେ ଏବଂ ସେଦିନଠାରୁ ଅସନ୍ତୋଷ ଜନ୍ମିଥିଲା । ତାଙ୍କ ନିକଟରେ ଥିବା ଜଣେ ଲୋକ ନାୟୁଚିତରୂପେ ବେତନ ନ ପାଇ ତାହାର ଆସି ଅମ୍ଭ ନିକଟରେ ଅଛି । ତାକୁ ରଖିବା ନିମିତ୍ତ ସୂର୍ଯ୍ୟମଣି ଅମ୍ଭଙ୍କୁ ନିଷେଧ କରିଥିଲେ । ଅମ୍ଭେ ତାହା ଗ୍ରହଣ ନ କରିବାରୁ ସୂର୍ଯ୍ୟମଣିଙ୍କ ହିଂସା ବୃଦ୍ଧି ହେଲା । ଏହି କାରଣରୁ ସେ ବାରମ୍ବାର ପଡ଼ିଆରୁ ଗୋରୁ କାଞ୍ଜିହାଉଦାକୁ ନେଉଅଛନ୍ତି ଏବଂ ଭବିଷ୍ୟତରେ ଏହିପରି କରିବାର ଅନୁମିତ ହୁଏ ।"

୨ ୟତଃ ଜଣେ ଭଦ୍ର ଲୋକ କହନ୍ତି "ସୂର୍ଯ୍ୟମଣି ଅମ୍ଭ ଉପରେ ଟ ୦ ୫ ଦାବୀ କରିଥିଲେ । ଅମ୍ଭେ ତାଙ୍କର ଦାବୀ ଅଯଥାର୍ଥ ଥିବାର ଜାଣି ତାହା ନ ଦେବାରୁ ସେ ଅମ୍ଭଙ୍କୁ ଧମକାଇ ଥିଲେ 'ଅଠଅଣାକା ବାସ୍ତେ ଅଠରୁପିଆ ଗୈରେଗା ।' ଏହି କାରଣରୁ ବୃଥାରେ ଅମ୍ଭର ଗୋରୁ କାଞ୍ଜିହାଉଦାକୁ ନେଇଗଲେ ।"

ଆପଣଙ୍କ ସମ୍ବାଦଦାତା ଗୃହୀତ ଲବ୍ ଖଲ୍ସିର ଅତ୍ୟାଗ୍ଭରବିଷୟ ସୂର୍ଯ୍ୟମଣିଙ୍କୁ ନ ଜଣାଇ "ଦୀପିକା" ରେ ପ୍ରକାଶ କରି ବିଗ୍ଭରର ନିର୍ମଳ ଚରିତ୍ରରେ କଳଙ୍କ ଲଗାଇବା—ତାଙ୍କ ଗୋରୁ ନେବାର କାରଣ ।

ଦିନେ ଗୋଟିଏ ରହସ୍ୟ ଘଟିଥିଲା ଯେ କୁଲିମାନେ, ଗୋରୁ କାଞ୍ଜିହାଉଦାକୁ ନେଉଁ ବାଟରୁ କେତେକ ଗୋଠା ଗୋରୁ ପଳାଇ ଯିବାରୁ ତାହା ପୂରଣ କରିବା ନିମିତ୍ତ ସଡ଼କ ନିକଟରେ ବନ୍ଧା ହୋଇଥିବା ଗୋରୁ ଫିଟାଇ ନେଇ ଗଲେ ।

ଚଳିତମାସ ତା ୪ ରଖରେ ଜଣେ ଚୌକିଦାରକୁ ଗୋରୁ ଅଡ଼ାଇବା ନିମିତ୍ତ ସୂର୍ଯ୍ୟମଣି ଆଦେଶ ଦେଲେ । ପଡ଼ିଆରୁ ଗୋରୁ ନେବାକୁ ସେ ଅସମ୍ମତ ହେବାରୁ ତାକୁ ସ୍ୱହସ୍ତରେ ପ୍ରହାର କଲେ ଏବଂ ପାଣି-ହାତରେ ଧରାଇ ନେଇ ସକାଳ ୧୦ ଟାଠାରୁ ଅପରାହ୍ଣ ଘ ୫ ଘଡ଼ି ପର୍ଯ୍ୟନ୍ତ ବସାରେ କଏଦ ରଖିଲେ । ହୁକୁମ ନ ମାନିବା ଦୋଷରେ ଚଲାଣ ଦେବେ ବୋଲି ଧମକାଉ ଥିଲେ । ପୁଲିସ ସମ୍ବାଦପାଇଁ ତଦନ୍ତ କରିବାରୁ ଗୁଡ ଦେବେ ।—"ଯତ୍ନେନ୍ ଦେଶେ ଦୃଶ୍ୟୋ ନାସ୍ତି, ଏରଣ୍ଡୋଽପି ଦ୍ରୁମାୟତେ "।

କେତେକଦିନ ହେଲା ଜଣେ ଭଦ୍ରଲୋକଙ୍କ ପ୍ରତି ହିଂସା କରି ତାଙ୍କର ତୃଣଖଣି ଖୋଳି ନେଇ ନାଳବନ୍ଧରେ ପକାଇଲେ । ମାଟି ବା ସ୍ଥାନ ଅଭାବରୁ ଏହା ହୋଇ ନାହିଁ । ଓଭରସିଅର ବାବୁ ଶ୍ରୀମଚନ୍ଦ୍ର ସିଂହ ଏ ବିଷୟ ତଦନ୍ତ କରି କଣ୍ଟ୍ରାକ୍ଟରଙ୍କୁ ଟ ୧୦ ଙ୍କା ଜରିମାନ କରିଅଛନ୍ତି ।

ଜଗତ୍ସିଂହପୁରରେ ୫ ଥର ଡାକ୍ତର ହେବ ବୋଲି ସୂର୍ଯ୍ୟମଣି ଧମକାଉଅଛନ୍ତି ।— " କାଉନ୍ ସାହିରେ କଟାସ ମହାବଳ " ?

ମୋହର ସଫାଇ ଆପଣଙ୍କ କଣ୍ଟାଇବାଯୋଗ୍ୟ ହେଉ ବା ନ ହେଉ ସୂର୍ଯ୍ୟମଣି ପ୍ରକୃତ ଅତ୍ୟାଗ୍ଭର କି ନା ଏ ବିଷୟ ସ୍ଥାନୀୟଭଦ୍ରଲୋକମାନଙ୍କ ଅବିଦିତ ନାହିଁ । ସବ୍ ରେଜଷ୍ଟ୍ରାର ଶ୍ରୀଯୁକ୍ତ ବାବୁ ଦାଶରଥି ଦାସ ଏସ୍ଥଳେ ନ୍ୟାୟପରତା ଏବଂ ଭଦ୍ରତା ବିଷୟରେ ଅଦ୍ୱିତୀୟ । ସେ ସୂର୍ଯ୍ୟମଣିଙ୍କ ଅତ୍ୟାଗ୍ଭର ଉତ୍ତମରୂପେ ଜାଣନ୍ତି ଏବଂ ଥରେ ବିଭାଗୀୟ ଉପରସ୍ଥ କର୍ମଗୃହଙ୍କୁ ଜଣାଇ ଅଛନ୍ତି ।

ଏସ୍ଥାନର କେତେକ ଲୋକ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କ ନିକଟରେ ଆବେଦନ କରିଅଛନ୍ତି । ଭରସା କରୁଁ ସେ ଏ ବିଷୟ ଉତ୍ତମରୂପେ ବିବେଚନା କରିବେ । ଇତି ।

୫।୧୧।୮୬ } ଜଣେ ପ୍ରଷ୍ଟିବକ୍ତା
ଜଗତ୍ସିଂହପୁର }

---

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ମାଧବଚନ୍ଦ୍ର କର ହେଡମାଷ୍ଟର | ସମ୍ବଲପୁର | ଅଗ୍ରିମ | ଟ ୬୫ |
| " କୃଷ୍ଣପ୍ରସାଦ ଦାସ | ନୀଳଗିରି | " | ଟ ୬୫ |
| " ପ୍ରିୟନାଥ ଚଟ୍ଟୋପାଧ୍ୟା | କଟକ | " | ଟ ୬ |
| " ଗୋପବନ୍ଧୁ ପଟ୍ଟନାୟକ | " | " | ଟ ୩ |
| " ଗୋବିନ୍ଦବଲ୍ଲଭ ଦତ୍ତ | ଢାଇପୁର | " | ଟ ୬ |
| " ଉଦୟଗୀଚରଣ ସେନ | ପୂର୍ବ ବଙ୍ଗଳା | | ଟ ୧୦ |
| ରାଜା କଟେ | ସୁକିନ୍ଦା | " | ଟ ୧୫ |
| ବାବୁ ହରେକୃଷ୍ଣ ଦାସ | କଟକ | ଅଗ୍ରିମ | ଟ ୬ |
| " ଜଗବନ୍ଧୁ ଘୋଷ | " | ବକେୟା | ଟ ୨ |
| " ଭଗବାନଚନ୍ଦ୍ର ଦାସ ସବ୍ଇନସ୍ପେକ୍ଟର | | | |
| | | ଅନୁଗୁଳ ଅଗ୍ରିମ | ଟ ୬ |

---

# ବି ଜ୍ଞା ପ ନ ।

---

### NOTICE

Wanted an Accountat and Assistant Accounant, for the office of the Manager on salaries of Rs. 30 and 25 respectively. Candidates must posses a fair knowledge of English and be able to write a good and legible hand. Preference will be given to those, who are well up in accounts. Applications will be received up to the 25th Instant.

Office of the Manager of Dhenkanal } U. C. Sarkar
3-11-86. } Asstt Manager
for Manager.

---

### ADVERTISEMENT.

Wanted a second Master for the Higher Class English school at Bhudrak on Rs. 40 per month. None need apply who has not passed the Univer-

Split by PDF Splitter
Digitized by srujanika@gmail.com

sity F. A. Examination and is not competent to teach Mathematics in the Entrance Class. The selected candidate shall have to execute an agreement that he will stay in the school at least up to the end of the current session. Applications with testimonials will be received by the undersigned up to 20th October 1886.

Bhadrak } J. E. Davidson
30-9-86. } President of the school Committee.

---

ଢେଙ୍କାନାଳ ପବ୍ଲିକ୍ ୱାର୍କ ବିଭାଗର ନିମ୍ନଲିଖିତ କାର୍ଯ୍ୟସମୂହାପୂର କଣ୍ଟ୍ରାକ୍ଟ ଦିଆଯିବ ଯେଉଁମାନେ ସେ ସମସ୍ତ କାର୍ଯ୍ୟ କରିବାକୁ ଇଚ୍ଛୁକ ସେମାନେ ଯେଉଁ ଦରରେ କାର୍ଯ୍ୟ କରି ପାରିବେ ତାହା ଉଲ୍ଲେଖ କରି ଆଗାମୀ ନବେମ୍ବର ମାସ ତା ୧୫ ରିଖ ମଧ୍ୟରେ ଆମ୍ଭ ନିକଟରେ ମୋହରଦିଆ ଲଫାଫାରେ ବନ୍ଦ-କରି ଦରଖାସ୍ତ କରିବେ । ଇତି ।

ସଡ଼କର ମାଟିକର୍ମ; ବନ୍ଧର ମାଟିକର୍ମ; ଚେଦାକର୍ମ; କୋଠାଘରର କର୍ମ; କଣ୍ଟ୍ରାକ୍ଟ-ଗାଡ଼ିନି; ସଡ଼କର ମେଟାଲିଙ୍ଗ; ପଥରଗାଡ଼ିନି; ବଙ୍ଗଳା ଗୁଡ଼ୁଣୀ ।

୨୫-୧୦-୮୬ } ହେମେନ୍ଦ୍ର ବସୁ
ଢେଙ୍କାନାଳ } ଇଞ୍ଜିନିୟର

---

# ମେହରୋଗ ।

ଶ୨୪ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣା ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉଦ୍ଧାର ରୋଗଶକ୍ତିବାଦି ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରି ନୁହେ ।

ଏହି ଔଷଧ ଯଥାରୀତିରେ ଏକସପ୍ତାହ ସେବା କଲେ ନୂତନରୋଗ ଏବଂ ତିନି ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ କରୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ଭସ୍ମରାଶିରେ ପରିଣତ ନ ହେଲେ ଆଉ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅଚିରେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଅପରଚିତ୍ପୋର ନମ୍ବର ଭବନରେ ଯୀ, କେ, ସପ୍ପ କମ୍ପାନୀଙ୍କଠାରେ ଏବଂ କଟକ

ଦରଖାସ୍ତ କଲେ ପ୍ରଶିକ୍ଷାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକସପ୍ତାହକୁ ୨୲ ଟଙ୍କା । ପ୍ୟାକିଙ୍ଗ ଓ ଡାକଖର୍ଚ୍ଚ ପୃଥକ୍ ।

---

# ବାଲିକାଗଜ ।

ନିମ୍ନଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଆର୍ତ୍ତବନ୍ଧୁ କର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୬ | ପଣି | କାଗଜ ଜନାର | ଦ ୧୬ ଟ ୭୦/ |
| ୧୮ | ପଣି | ” | ” ଟ ୨। |
| ୧୨ | ପଣି | ” | ” ଟ ୧୦/ |

ବେପାରୀମାନେ ଅର୍ଥାତ ଯେଉଁମାନେ ଏକାଥରେ ୧ ଏ ମ ବା ଅଧିକ କ୍ରୟ କରିବେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

---

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ତହିଥିବା ବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦନକୋଣା ଓ ବଲିଗ ଓ ରେସମୀଓଟେର ଲୁଗା ଓ ସ୍କୋଏଲ ଓ କଲ-କଟୀ ଇମାଖି ସତରଞ୍ଚ ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଇତିଭିନ୍ନ ଅଉ କେତେକ ଫେନସି ଜିନିଷାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ-ପାରିବେ । ଏହଡ଼ା ଆମ୍ଭେମାନେ ବଲେର ଝାଡ଼ ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖି-ଅଛୁଁ । କେହି ଖରଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଝାଡ଼ମାନ ବିକ୍ରୟ ନେବା ବିନା ଅପଣା ମଜଲିସ ସକାଶେ ଭଡ଼ା ଦରକାର ହେବେ ଏକ ରାତିକୁ ଫି ତଣ ଟ ୦/୬ ହିସାବରେ ଭଡ଼ା ଦେଲେ ପାଇ ପାରିବେ ! ମାତ୍ର ତାହାର ଖଡ ଖଣ୍ଡଳତର ଭାର ତାଙ୍କ ଉପରେ ଥିବ । ଖଣ୍ଡ ହେଲେ ଝାଡ଼ର ପୁରା ମୂଲ୍ୟ ତାଙ୍କୁ ଦେବାକୁ ହେବ ।

### ଫର୍ଦ୍ଦ ଫେହରିସ୍ତ ।

କଳର ରେସନା ଓ ଚଙ୍ଗ ଲେ ସୂତ ଦେଲେ ଚଳେ ।
ଲେଭେଣ୍ଡର
ଫେବୋରିଟ ତେଲ ଶିଶି ଯେଉଁ ଖାଉ ଓ କୋମ ସହିତ ।
ଘାଉ ଜିନିଷ ସାଜ ଓ ଚଢ଼ କଲିନ ଓ ସାଦା
ଦରବା ବେହେସ
ଇତ୍ତର ବିଲାତି ସୁଗନ୍ଧିଯ
” ” ଜୁସ
ଫେନସନ ଉପୋଲ ନେ ବେଲ ଅଏଲ

ଚୁରଟ ଅର୍ଥାତ ନକଳୀ କରିବା କାଗଜ ପେନ୍-ସିଲ ଓ କଲମ ।
ପେନସିଲ କାଟିବା ଯନ୍ତ୍ର ।
କାଚ ତକାଇଲ ପଠ-କାଳ ଓ ଲଫାଫା
ଟେକ୍ସୀ ଲ୍ରାସ ।
ବିଲାତି ଛୁରୀ ।
ଦରସ ସାବୁନ ।
ତାରାଦି ନାନାର ପଟ୍ଟରେ ଲୁଗା ପଇସା ରଖିବା ଥଳି ।
ଅକ୍ଷୋଉ ଟ୍ରେଡ଼—ଅର୍ଥାତ ଗୁଲଣି ଚକ୍ର ।
ଅସଲ ଫ୍ଲୁଟ ।
ଓଏଷ୍ଟର ସୁଇ ଛତା ।
କମ୍ପ ଇଟ ।
ବୋଧେଡାଉନ୍ ।
ପୋରସିଲେନର ବେଷ୍ଟର ମେଜ ଓ ତଳକ ଗୋ-ଭଲେ ସବେ
ଟୁଇଜ କାଚ ଅର୍ଥାତ ଲେଖିବାବେଳେ ଗାର ଓ ଏଣ୍ଟିଲେ ଲଗା ହେବ ।
ଅଲଙ୍କା ଉଲ୍ଲା
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
ପକେଟବୁକ ଯାଂଗରି ପାଞ୍ଚ ସହିତ ଟ ० ।୬
ମୋଜା ଓ ମୋଜାବନ୍ଧ
ଜିଲନ ଧିଅ ଢଳଘଣ୍ଟ
କଲଗା ସାହିଳ ଲଗା
କଞ୍ଚି ଓ ପାଇକର ଶୌଖ ଫିତା

ମାଇଙ୍ଗ କାଳୀ ଲୁଗାରେ ଚିହ୍ନ ଦେଲେ ଧୋଇ ଗଲେ ଲଭଲ ହେବ ନାହିଁ ।
ଏ, ଯୋଷଙ୍କ ସମ୍ଭପୈତ କାମୀଜ ଓ କୁର୍ତ୍ତା ।
ତଳବା ଅପ୍ରେଷ୍ଟ ।
ଏକନ କାରସ୍ ।
ଗୁଆର ପେନ ।
ଅଟମେଟକ ପେନ୍ସିଲ ଅର୍ଥାତ ଏ ପେନସିଲରେ ସେଇଟି କଟିଙ୍ଗ ପେପ ରକୁ ହିକାଇ ଶେଷ ପେନ୍ସିଲ ଲେଖା ହୁ ଧରେ ଦେଇ ତପାଇ ଦେଲେ ଠକ୍ତିର ନକ ଲ ହେବ ।
କପିଙ୍ଗ ପେପର ।
କସ୍ତିନ ଦେଲରେ ଭଡ କାଜ ଶାଠ ।
ଇନଲିଲ କୋପର ଅର୍ଥାତ ଦଠୀର ବଣ୍ଡଲ ବା ଶିକାର ଇଦର ।
ମନିବାଗ ।
ଦେଉ ବୁ ପେନ୍ସିଲ !
ଲନ ଟେନିସ
କାନାରସୀ ସାଢ଼ୀ ଓ ସୋଡ଼ ଓ ଦର
ମରଶୁଦାବାସ ଓ ଗିର-ପାଦ ପାଟଯୋଡ ଓ ଶାଢ଼ୀ ।
ଡ୍ରିଙ୍ଗ କାଚ

ଆର୍ତ୍ତବନ୍ଧୁ କର କମ୍ପାନୀ

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର । ପଇଶ୍-ଟିକ ରୂପେ ଧାର୍ଯ୍ୟ ହୋଇଅଛି ଯଥା—

ପ୍ରଥମଥର ସକାଶେ

| | |
|---|---|
| ଆଠ ଧାଡ଼ି | ଟ ୦୬/ |
| ଅଧ ସ୍ତମ୍ଭ | ଟ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେହେଁ ତାହାର ଦର ଟ ୩ ରୁ ଉଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଏହି ପ୍ରଥମ ଦରର ଅର୍ଦ୍ଧେକ ଓ ଚତୁର୍ଥ ଥରଠାରେ ଚତୁର୍ଥାଂଶ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

---

ଏହି ଉତ୍କଳଦୀପିକା କଟକ ପ୍ରିଣ୍ଟିଂ କମ୍ପାନୀର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

ISTERED NO. 1

393

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୧ ଶ | ସଂ ୪୭ ସଂଖ୍ୟା

ତା ୨୦ ଶେ ମାହେ ନବମ୍ବର ସନ ୧୮୮୭ ମସିହା । ମା । ମାର୍ଗଶିର ଵ ୭ ଇ ସନ ୧୨୯୪ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକାୟା |
|---|---|---|
| ବାର୍ଷିକ | ଟ ୨ ୧ | ଟ ୨॥ |
| ଡାକମାସୁଲ | ଟ ୦ ।୯ | ଟ ।୧ |


ରାଜକୁମାର ଡିଉକ ଅବ କନାଟ ବମ୍ବେଇ-ପ୍ରଦେଶର ସୈନ୍ୟାଧ୍ୟକ୍ଷ ହେବେ ବୋଲି ସରକାରୀକାଗଜରେ ପ୍ରକାଶ ହୋଇଅଛି । ବମ୍ବେଇର ବର୍ତ୍ତମାନ ସେନାପତି ସର ଚାର୍ଲସ ଅର୍ ବଥନଟ ମାନ୍ଦ୍ରାଜର ସେନାପତି ହେବେ । ଶ୍ରୀମତୀ ଭିକ୍ଟୋରିଆଙ୍କର ଜଣେ ପୁତ୍ରକୁ ଭାରତବର୍ଷର ଗୋଟିଏ ଏମନ୍ତ ଉଚ୍ଚପଦରେ ଅଧିଷ୍ଠିତ ହେବାର ଦେଖି ଅମ୍ଭେମାନେ ଗୌରବାନ୍ୱିତ ହେଲୁଁ ।

---

ଅମୃତବଜାରପତ୍ରିକା ଶୁଣିଅଛନ୍ତି ଯେ ଅମୃତସରର ବିଖ୍ୟାତ ସ୍ୱର୍ଣ୍ଣମନ୍ଦିରର ଭାର ଏତେକାଳ ଦେଶୀୟଲୋକଙ୍କ ହାତରେ ଥିଲା ସମ୍ପ୍ରତି ଗବର୍ଣ୍ଣମେଣ୍ଟଙ୍କପକ୍ଷରୁ ସେଠା ଡେପୁଟି-କମିଶ୍ନରଙ୍କଠାରେ ଅର୍ପିତ ହୋଇଅଛି । ଏ-ପ୍ରଦେଶରେ ଶ୍ରୀଜଗନ୍ନାଥମନ୍ଦିରର ଭାର ଗ୍ରହଣ କରିବାର ଉଦ୍ୟମ ଲାଗିଅଛି । ଏପରି କାର୍ଯ୍ୟରେ ଗବର୍ଣ୍ଣମେଣ୍ଟଙ୍କର ଯଶ ହେଲା ପରି ଜଣା ଯାଉ ନାହିଁ ।

---

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ କଲିକତାର ସମ୍ବାଦପତ୍ରମାନଙ୍କରେ ପାଠକଲୁଁ ଯେ ବାବୁ ପ୍ରସନ୍ନକୁମାର ସର୍ବାଧିକାରୀ ପର-ଲୋକ ଗମନ କରିଅଛନ୍ତି । ସର୍ବାଧିକାରୀ ମହାଶୟ ଦୀର୍ଘକାଳ କଲିକତାସଂସ୍କୃତକଲେଜର ପ୍ରିନସିପଲ ପଦ ଭୋଗ କରି ପେନସନ ଗ୍ରହଣ କରିଥିଲେ ସ୍ୱଦେଶୀୟବ ଶିକ୍ଷାପ୍ରତି ତାହାଙ୍କର ବିଶେଷ ମନୋଯୋଗ ଥିଲା ଏବଂ ବହୁ ବ୍ୟୟରେ ଆପଣାଗ୍ରାମରେ ଏକ ବିଦ୍ୟାଳୟ ରଖି ଅନେକ ଛାତ୍ରଙ୍କୁ ମନୁଷ୍ୟ କରି ଦେଇଥିଲେ । ଏହାଙ୍କର ପ୍ରଧାନକୀର୍ତ୍ତି ପାଟୀଗଣିତ ଏବଂ ବୀଜଗଣିତ । ବଙ୍ଗଳାଭାଷାରେ ଏପରି ପୁସ୍ତକମାନ ପୂର୍ବେ ନ ଥିଲା ସୁତରାଂ ଇଂରାଜୀର ଆଦର୍ଶରେ ନୂତନ-ପୁସ୍ତକ ପ୍ରଣୟନ କରିବା କାରଣ ଅନେକ ନୂତନପଦ ଗଢ଼ିବାକୁ ହୋଇଥିଲା ଏବଂ ତହିଁରେ ବଡ଼ ଯୋଗ୍ୟତା ଦେଖାଇଥିଲେ ।

---

ଅମ୍ଭମାନଙ୍କର ଜଣେ ପତ୍ରପ୍ରେରକ ଲେଖି-ଥିଲେ କି ସୁତଳଯନ୍ତ୍ରର ଅଧିକାରୀ ହିନ୍ଦୁ ହୋଇ ନବକଥାନିର ହରିଙ୍କି ସ୍ମରଣ କରି ଉକ୍ତ ଯନ୍ତ୍ରର ନାମକରଣ କପର କଲେ, ସମ୍ଭବତଃ ସେ ହିନ୍ଦୁଧର୍ମ ଛାଡ଼ିଦେଲେ ପଶ୍ଚ । ଏଥିରୁ ସମ୍ପାଦକ ପତ୍ରପ୍ରେରକଙ୍କୁ ମୂର୍ଖ ବୋଲି କହି ବୁଝାଇ ଦେଇଅଛନ୍ତି ଯେ ଧର୍ମ ସହିତ ସମ୍ପାଦକର କୌଣସି ସମ୍ପର୍କ ନାହିଁ । ପ୍ରକୃତରେ ସମ୍ପାଦକଙ୍କର ଧର୍ମର କଥା କିଛି ପଡ଼ି ନ ଥିଲା ତହିଁର ଅଧିକାରୀ ଆପଣା ଇଷ୍ଟଦେବତାଙ୍କୁ ସ୍ମରଣ କରିବାରୁ ସଂଶୟ ହୋଇଅଛି ତହିଁର ଉତ୍ତର କିଛି ନ କହି ଏପରି କହିବାର ପ୍ରୟୋଜନ କି ? ମୂଳକଥା ଏହି କି ସତ୍ୟର ଅପଳାପ କରିବା ସମ୍ପାଦକଙ୍କର ପ୍ରକୃତି ହୋଇ ପଡ଼ିଅଛି ଏବଂ ତାହା କେବେ ତ୍ୟାଗ କରିବେ ଜଣା ଯାଉ ନାହିଁ ।

---

ସମ୍ବାଦବାହିକାରେ ପାଠ କଲୁଁ ଯେ ଗୃଦ୍ଧ-ପୁର ଏଲାକାରେ ମହିଷିପଲ ଘଉ କ୍ଷେତ ନଷ୍ଟ କରୁଥିବାରୁ ସ୍ପୋଟହାଙ୍କ ହାତରେ ପକାଇବା ନିମିତ୍ତ ଏକପଲ ମହିଷି ସେଠା ଲୋକ-ମାନେ ଅଡ଼ାଇ ଆଣିଥିଲେ । ସେଥିରୁ ଗୋଟିଏ ବନ୍ୟା ମହିଷି ଉଗ୍ର ହୋଇ ଜଣେ ବୁଢ଼ୀର ପେଟ ଫୋଡିଦେବାରୁ ତାହାର ଅନ୍ତ୍ରଭୂଜନ ବାହାରିପଡିଲା । ବୁଢ଼ୀ ଦିନେ ମଧ୍ୟ ଡାକ୍ତରଖା-ନାରେ ରହି ମରିଗଲା ଏଠାରେ ନଗରମଧ୍ୟକୁ ମହିଷି ଆଣିବାର ଏକାବେଳକେ ନିଷେଧ ଅଛି । ବାଲେଶ୍ୱରମିଉନିସିପାଲିଟିରେ ସେ-ନିୟମ ଜାରି ନ ଥିବା ଆଶ୍ଚର୍ଯ୍ୟର ବିଷୟ ଅଟଇ । ପୁଣି ଯେଉଁ କାଞ୍ଜିହାଉସ ମୋଫସଲର ଗୋରୁ ମହିଷି ନିମନ୍ତେ ହୋଇଅଛି ତାହାକୁ ନଗରର ଏକ ପ୍ରାନ୍ତରେ ନ ରଖି ବସତିମଧ୍ୟରେ ରଖିବା ଅବିବେଚନାର କାର୍ଯ୍ୟ ଅଟଇ । ଭରସା କରୁଅଛି ଏହି ଦୁର୍ଘଟନାଦ୍ୱାରା ମିଉନିସିପାଲିଟିର ଚେତନା ହେବ ।

---

କେନ୍ଦ୍ରାପଡ଼ାରୁ ଜଣେ ପତ୍ରପ୍ରେରକ ଲେଖି-ଅଛନ୍ତି କି ଗତ ଗଣେଶଚତୁର୍ଥୀ ଏବଂ ଦୀପାବଳୀ ଅମାବାସ୍ୟା ପର୍ବମାନଙ୍କରେ ସେଠା ଇଂରାଜୀ-ସ୍କୁଲ ବନ୍ଦ ନ ହେବାରୁ ପିଲାମାନଙ୍କର ବଡ଼ ଅସୁବିଧା ହୋଇଥିଲା । ବାସ୍ତବରେ ସ୍କୁଲ ବନ୍ଦ ହୋଇ ନ ଥିଲେ ଯେ ପିଲାଙ୍କର ବଡ଼ ଅସୁବିଧା ହୋଇଥିବ ସନ୍ଦେହ ନାହିଁ । ଉତ୍କଳରେ ଗଣେ-

Digitized by srujanika@gmail.com

ଷପୂଜା ବିଶେଷରେ ପାଠୁଆପିଲଙ୍କ ଉପୂଜା ପ୍ରାପ୍ତ ଘରେ ମଧ୍ୟାହ୍ନକାଳରେ ହୁଅଇ ଏହିପରି ଦୀପାବଳୀ ଅମାବାସ୍ୟାଦିନ ନୂଆଦାଣ୍ଡି ପ୍ରାପ୍ତ ସମସ୍ତଙ୍କ ଘରେ ହୁଅଇ । ଯଥାସମୟରେ ଅହାର କରି ପିଲମାନଙ୍କର ସ୍କୁଲ ଯିବା ଘଟନା ହେବାର ନୁହଇ । ଗଣେଶପୂଜାରେ କଚେରି ବନ୍ଦ ହୁଅଇ ନାହିଁ ସତ । ମାତ୍ର ସ୍କୁଲ ବନ୍ଦ ହେବାର ଅନେକ ସ୍ଥଳରେ ଦେଖାଅଛୁ ଏବଂ ତାହା ବିଶେଷରେ ପାଠୁଆପିଲମାନଙ୍କର ପର୍ବ ଅଟଇ ଦୀପାବଳୀ ଅମାବାସ୍ୟାରେ ସମସ୍ତ କଚେରି ଓ ସ୍କୁଲ ବନ୍ଦ ହେବାପ୍ରଥା ଯେ କେନ୍ଦ୍ରାପଡ଼ାରେ ତହିଁର ବିପରୀତ ନିୟମର କୌଣସି କାରଣ ନାହିଁ । ଯେବେ ବାସ୍ତବରେ ବନ୍ଦ ହେଉ ନ ଥିବ ତେବେ କେନ୍ଦ୍ରାପଡ଼ା ସ୍କୁଲକମିଟୀ ଏଥିର ସୁବ୍ୟବସ୍ଥା କରିଦେବେ । ସ୍ଥାନୀୟ ପ୍ରୟୋଜନ-ଦୃଷ୍ଟିରେ ସ୍କୁଲ ବନ୍ଦର ନିୟମ କରିବାର ଉଚିତ ।

---

ବାଖରଗଞ୍ଜ ଜିଲ୍ଲା ଦକ୍ଷିଣ ଶାବାଜପୁର ସବ-ଡିବିଜନର ଡେପୁଟିମାଜିଷ୍ଟ୍ରେଟ ବାବୁ ଜଗବନ୍ଧୁଙ୍କ ସ୍ୱଭାବ ଓ ଚରିତ୍ର ବିରୁଦ୍ଧରେ ଏଥିପୂର୍ବେ କେତେକଥା ଶୁଣା ଯାଇଥିଲା କ୍ରମେ ଅତିଶୟ ହେବାରୁ ସେଠାର କେତେକଜଣ ମୁକ୍ତାରଙ୍କ ଅଫିଡେଭିଟ ମତେ ବଙ୍ଗୀୟ କମିଶନରଙ୍କଦ୍ୱାରା ଗବର୍ଣ୍ଣମେଣ୍ଟ ଅନୁସନ୍ଧାନ କରାଇଲେ ଏବଂ ଉକ୍ତ ବାବୁଙ୍କର ଦୋଷ ଥିବାର ବିଶ୍ୱାସ ହେବାରୁ ସନ ୧୮୫୦ ସାଲର ୩୭ ଆଇନମତେ ବରିଶାଲର ଜଜ ସାହେବଙ୍କଦ୍ୱାରା ପ୍ରକାଶ୍ୟ ଅନୁସନ୍ଧାନର ଆଦେଶ ଦେଲେ । ଏହି ଅନୁସନ୍ଧାନରେ ପ୍ରମାଣ ହେଲା ଯେ ଡେପୁଟିବାବୁ ଗତ ସ ୧୦।୧୨ ଘା ପର୍ଯ୍ୟନ୍ତ କଚେରି କରି ଦଫତର ବହିରେ ସ ୨୫ ଘା ସମୟରେ କଚେରି ଉଠିବାର ଲେଖୁଥିଲେ । ଅନ୍ୟ ମାମଲା ସମ୍ପର୍କରେ କୌଣସି ସ୍ତ୍ରୀ ଅସିଲେ ତାହାଙ୍କୁ ଅସଦଭିପ୍ରାୟରେ ଘରକୁ ନେବାକଥା ଅମୂଳକ ନ ଥିବାର ଜଣାଗଲେ ହେଁ ସ୍ପଷ୍ଟ ପ୍ରମାଣ ହେଲା ନାହିଁ । ଏଥିରେ ଛୋଟଲାଟ ସାହେବ ଡେପୁଟିବାବୁଙ୍କୁ ଏକବର୍ଷ ସସପେଣ୍ଡ କରିଅଛନ୍ତି ଏବଂ ତାହାଙ୍କୁ ଆଜ୍ଞା ଦେଇଅଛନ୍ତି କି ସେ ଆଉ କେବେ ସବଡିଭିଜନର ଭାର ପାଇବେ ନାହିଁ । ଆମ୍ଭେମାନେ ଭରସା କରୁଁ ଡେପୁଟିବାବୁ ଏଥର ଉପଯୁକ୍ତ ଶିକ୍ଷା ଲାଭ କରିବେ ।

---

ଅଫଗାନର ଶିଲଜି—ଜାତୀୟଲୋକମାନେ ଅମୀରଙ୍କ ବିରୁଦ୍ଧରେ ମାତିଉଠିବାର ଶୁଣାଯାଉଅଛି । ଏ ସମ୍ପର୍କରେ ନିଶ୍ଚିତ ସମ୍ବାଦ ଅଦ୍ୟାପି ଜଣା ପଡ଼ୁ ନାହିଁ ଯାହା ଜଣା ଯାଉଅଛି ତହିଁର ମର୍ମ ଏହି କି ସମସ୍ତ ଖିଲେଜାଇପ୍ରଦେଶ ବିଦ୍ରୋହୀ ହୋଇ ଅମୀରଙ୍କପକ୍ଷରୁ ନିଯୁକ୍ତ ହୋଇଥିବା ସେମାନଙ୍କ ଜାତୀୟ ଶାସନକର୍ତ୍ତାମାନଙ୍କୁ ପ୍ରାଣରେ ନାଶ କରୁଅଛନ୍ତି ଅଥବା ତଡ଼ି ଦେଉଅଛନ୍ତି । ବିଦ୍ରୋହର ବର୍ତ୍ତମାନ କାରଣ ଏହି ଯେ ବେଲୁଚସ୍ଥାନର ରେଲବାଟ-ନିର୍ମାଣକାର୍ଯ୍ୟ ନିମିତ୍ତ ଯେଉଁମାନେ ଆସୁଅଛନ୍ତି ସେମାନଙ୍କଠାରୁ ଜଣକେ ପାଞ୍ଚଟଙ୍କା ଲେଖାଏଁ ଟାକ୍ସ ଆଦାୟ କରିବାର ଚେଷ୍ଟା ହୋଇଥିଲା ଏବଂ ଧର୍ମକାର୍ଯ୍ୟରେ ନିଯୁକ୍ତଥିବା ଶ୍ରେଣୀର ଲୋକମାନଙ୍କୁ ପୁରୁଷାନୁକ୍ରମେ ଦତ୍ତ ହୋଇ ଆସୁଥିବା ବୃତ୍ତି କଟା ହୋଇଥିଲା । ବିଦ୍ରୋହୀମାନେ ଏଥିମଧ୍ୟରେ ଅମୀରଙ୍କ ଖଜଣା ନେଇ ଯାଉଥିବା ଏକଦଳ ଦୁରାଣୀସେନାଙ୍କର ସବକାଞ୍ଚ ପୋଷାକ ଓ କେତେକ ଖଜଣା ଲୁଟି ନେଇଅଛନ୍ତି ମାତ୍ର ସେମାନଙ୍କର ନିଜର ଦ୍ରବ୍ୟ କିଛି ନେଇ ନାହାନ୍ତି । ଏହି ଗୋଳମାଳ ହେତୁରୁ କାନ୍ଦାହାର ଏବଂ ଭାରତବର୍ଷମଧ୍ୟରେ ଗମନାଗମନ ଓ ଚିଠିପତ୍ର ସମ୍ପୂର୍ଣ୍ଣରୂପେ ବନ୍ଦ ହୋଇଅଛି । ଏଥିର ସବିଶେଷ ବୃତ୍ତାନ୍ତ ଶୀଘ୍ର ଜଣା ପଡ଼ିବ ମାତ୍ର କେହି କେହି ଅନୁମାନ କରନ୍ତି ଯେ ରୁଷିୟାର ଷଡ଼ଯନ୍ତ୍ର ଏଥିର ମୂଳରେ ଅଛି ।

---

ସମ୍ବାଦବାହିକାରେ ଲେଖାଅଛି କି ଭଦ୍ରକର ଜମିଦାର ମୁନସି ଅବଦୁଲ ଗନି ଏବଂ ଭୋଠାରର ଜମିଦାର ବାବୁ ନିମାଇଚରଣ ସ୍ୱଏ-ବାହାଦୂରଙ୍କ ମଧ୍ୟରେ ଭାରି ବିବାଦ ଲାଗିଅଛି । ବିବାଦର ମୂଳକାରଣ ସହଯୋଗୀ ଏହିପରି ଲେଖିଅଛନ୍ତି କି ଜଣେ ଜମିଦାରଙ୍କ ଏଲାକାର ଗୋଟାଏ ଚେଲ୍ଲୁଣୀ ଘରୁ ବାହାରିଯାଇ ଭଦ୍ରକର ବଜାରରେ ରହିଥିଲା । ତାହାର ଗୋଟିଏ ଝିଅ ଜନ୍ମ ହେଲା । ଝିଅ ବଢ଼ିଲାରୁ ତାହାର ବିବାହ-ନିମିତ୍ତ ଜମିଦାରଙ୍କ ଶରଣାପନ୍ନ ହୁଅନ୍ତେ ଜମିଦାର ଅପଣା ଏଲାକାରେ ବିବାହ କରାଇ ଦେଲେ । ଏଥିରେ ୨୦।୩୦ ଘର ଲୋକ ଏକଘରିଆ ହୋଇ ରହିଲେ । ଅପର ଜମିଦାରଙ୍କ ଏଲାକାର ଲୋକମାନଙ୍କୁ ମିଶାଇବାର ଚେଷ୍ଟା ହେଲା ଏବଂ ତାହା ନ ହେବାରୁ ଦୁଇ-ଜମିଦାରଙ୍କର କଳି ଲାଗିଅଛି । ବାଲେଶ୍ୱରର କଲେକ୍ଟର ସାହେବ ଜମିଦାରଦ୍ୱୟଙ୍କର ଏହି ବିବାଦ ମେଣ୍ଟାଇବା କାରଣ ଭଦ୍ରକକୁ ଯାଇଥିଲେ ମାତ୍ର ଦୁଃଖର ସହିତ ଅବଗତ ହେଲୁଁ ଯେ ସେମାନଙ୍କ ବିବାଦ ଏଥର ନିଷ୍ପତ୍ତି ହୋଇ ପାରିଲା ନାହିଁ । ଦୁଇଜଣ ବିଖ୍ୟାତ ଓ ଜମିଦାରଙ୍କ ମଧ୍ୟରେ ଏପରି ସାମାନ୍ୟ ବିଷୟରେ [illegible] ହେବା ଅତି ଅଶୋଭନୀୟ ଅଟଇ । ଏ ଜମିଦାରମାନେ ସ୍ୱାଧୀନଭାବରେ [illegible] ରହିଲେ ସାଧାରଣ ମଙ୍ଗଳକାର୍ଯ୍ୟମାନ ଅନେକ [illegible] ଦ୍ୱାରା ସାଧିତ ହେବ ।

---

ପ୍ରେସିଡେନ୍ସୀବିଭାଗର କମିଶନରଙ୍କ ବାର୍ଷିକବିଜ୍ଞାପନରେ ଗୋଟିଏ ନୂତନପ୍ରକାର ଧମକାଇ ଟଙ୍କା ନେବା ମୋକଦ୍ଦମାର ବିବରଣ ଲେଖାଅଛି । ଉକ୍ତ ମୋକଦ୍ଦମା ଗତବର୍ଷ ମୁର୍ଶିଦାବାଦଜିଲ୍ଲାରେ ଘଟିଥିଲା । ମୋକଦ୍ଦମାର ବୃତ୍ତାନ୍ତ ଏହିକି ଜଣେ ଶିକ୍ଷିତ ଯୁବା କି ସେ କଲିକତାର ସମ୍ବାଦପତ୍ରମାନଙ୍କୁ ନିୟମିତରୂପେ ପ୍ରବନ୍ଧାଦି ଲେଖି ପଠାଉଥିଲା ଏକଦିନ ଏକ ଜମିଦାରଙ୍କ ନିକଟକୁ ଏହିପରି ଏକପତ୍ର ଲେଖିଲା କି ତୁମ୍ଭ ନାମରେ ପ୍ରଜାପୀଡ଼ନ ଜନହତ୍ୟା ବଳାତ୍କାର ମାଲ ଇତ୍ୟାଦି ଅନେକ ଅପରାଧର ସମ୍ବାଦ ଆମ୍ଭେ କେତେକଜଣ ପତ୍ରପ୍ରେରକଙ୍କଠାରୁ ପାଇଅଛୁଁ ଏବଂ ସେସବୁ କଲିକତାର ସମ୍ବାଦପତ୍ରମାନଙ୍କୁ ଲେଖିପଠାଇବାପାଇଁ ଅନୁରୁଦ୍ଧ ହୋଇଅଛୁଁ । ଏସବୁ ଛପା ହେଲେ ତୁମ୍ଭର ମନ୍ଦ ହେବ । ଯେବେ ଆମ୍ଭେ ଛପା ନ କରୁଁ ତେବେ ଆମ୍ଭେ ପତ୍ରପ୍ରେରକସ୍ୱରୂପ ବାର୍ଷିକ ଯେଉଁ ଟ ୫୦୦୲ ଟଙ୍କା ପାଉଅଛୁଁ ତାହା ହରାଇ ବସିବୁଁ ମାତ୍ର ଯେବେ ତୁମ୍ଭେ ଆମ୍ଭର କ୍ଷତିପୂରଣ କରିବ ତେବେ ଆମ୍ଭେ ଚୁପ୍ ହୋଇ ରହିବୁଁ । ଜମିଦାର ଏ ପତ୍ର ପାଇ ତାହାନାମରେ ଧମକାଇ ଟଙ୍କା ନେବାର ଚେଷ୍ଟା କରିବା ଅପରାଧର ଅଭିଯୋଗ କଲା ଏବଂ ବିଚାରରେ ତାହାପ୍ରତି ଛଅମାସ କାରାବାସ ଦଣ୍ଡ ହେଲା ଏବଂ ଅପିଲରେ ଉକ୍ତ ଦଣ୍ଡ ବାହାଲ ରହିଲା । କମିଶନର ସାହେବ ଏଥିରୁ ଏହି ମନ୍ତବ୍ୟ ପ୍ରକାଶ କରିଅଛନ୍ତି କି ଏ ମୋକଦ୍ଦମା ଠିକ ସମ୍ବାଦପତ୍ରସମ୍ପର୍କୀୟ ନ ହେଲେହେଁ ଦ୍ୱେଷସୂଚକ ସମ୍ବାଦ ପ୍ରକାଶ କରିବାର ସ୍ୱାଧୀନତା ଦିଆ ଯିବାରୁ ଯେଉଁ ମନ୍ଦଫଳ ଫଳୁଅଛି ତହିଁର ଉଦାହରଣସ୍ୱରୂପ ବୋଲିବାକୁ ହେବ । ସମ୍ବାଦପତ୍ରସଙ୍ଗେ ସମ୍ବନ୍ଧ ରଖୁଥିବା ଜଣେ

Digitized by srujanika@gmail.com

ଦେଶୀୟ ଶିକ୍ଷିତଲୋକର ଏପରି ଆଚରଣ ଅତ୍ୟନ୍ତ ଘୃଣିତ ଓ ତାହାର ଅଦ୍ଭୁତ କଠିନ ଦଣ୍ଡ ଦେବାର ଉଚିତ ଥିଲା ଏକଥା ... ମାନେ ଧର୍ମରେ ସ୍ୱୀକାର କରନ୍ତି ମାତ୍ର ବିଦ୍ୱେଷ-ପୂର୍ଣ୍ଣ ଉକ୍ତିରୁ ଘୃଣିତ ନମ୍ରରୁ ସମ୍ବାଦପତ୍ରରୁ ଦେଖିବାକୁ ଯାଉଅଛି ଏବଂ ଏ ସନ୍ଦେହରୁ ହିଁର କାରଣ ... ଦୋଷ ଭୁଲି ପାରିଲେ ନାହିଁ।

---

ଦେଶମେଳକ ସଙ୍ଗମେଳୀ ଯାଉଛି ନାହିଁ ବୋଲି ଗୋଟିଏ ପ୍ରବାଦ ଏଦେଶରେ ବହୁକାଳରୁ ଶୁଣା ଯାଉଅଛି ମାତ୍ର ହିନ୍ଦୁମାନେ ସ୍ୱଭାବତଃ ଶାନ୍ତ ଓ ଅତ୍ୟନ୍ତ ରାଜଭକ୍ତ ଥିବାରୁ କାର୍ଯ୍ୟତଃ ଏଥିର ଉଦାହରଣ ଏଠାରେ କେବେ ଦେଖାଯାଏ ନାହିଁ। କେବଳ ସାମାନ୍ୟଭାବରେ କେବେ୨ ଅପେକ୍ଷାକୃତ ଅସଭ୍ୟ ଗଡ଼ଜାତଙ୍କ ମଧ୍ୟରେ ଲକ୍ଷିତ ହୋଇଥାଏ। ବ୍ରହ୍ମଦେଶର ନଗ ଲୋକମାନେ ଏଠା ଗଡ଼ଜାତିମାନଙ୍କଠାରୁ ଅଧିକ ସଭ୍ୟ ହୋଇନ୍ତୁ ଅବା ନ ହୋଇନ୍ତୁ ବର୍ତ୍ତମାନ ସେମାନେ ଦେଶମେଳର ଯେପରି ଜ୍ୱଳନ୍ତ ଉଦାହରଣ ଦେଖାଉଅଛନ୍ତି ଏମନ୍ତ ସଚରାଚର ଦେଖିବାରେ ଆସଇ ନାହିଁ ସେମାନେ ଆପଣାର ସ୍ୱାଧୀନତା ରକ୍ଷା ନିମିତ୍ତ ଲୋକପ୍ରଜାଙ୍କର ହୋଇ ଏମନ୍ତ ବିକ୍ରମ ସହିତ କାର୍ଯ୍ୟ କରୁଅଛନ୍ତି ଯେ ଇଂରାଜଙ୍କପରି ବଳବାନ୍ ଜାତି ଉଭୟ ହଜାର ସେନା ସହିତ ସେମାନଙ୍କୁ ଅଦ୍ୟାବଧି ଜୟ ପାରୁ ନାହାନ୍ତି ମଗମାନଙ୍କର ଏତାଦୃଶ ସ୍ୱାଧୀନପ୍ରିୟତା କେହି ଜାଣି ନ ଥିଲେ। ସେମାନେ ଆପଣା ଦେଶ ରକ୍ଷା ସକାଶେ ଅସହ୍ୟ କଷ୍ଟ ସହ୍ୟ କରିବା କଥା କେଉଁକ ଆଉ ମୃତ୍ୟୁକୁ ସୁଦ୍ଧା ତୁଚ୍ଛ ମଣି ଅଛନ୍ତି। ଇଂରାଜମାନେ ସେମାନଙ୍କୁ ଡକାଇତ ମଣି ପଲ୨ ଗିରଫ୍ତାର କରି କାରାବାସ ଓ ପ୍ରାଣଦଣ୍ଡ ଦେଉଅଛନ୍ତି। କିନ୍ତୁ ଦେଶବାସୀଙ୍କର ତହିଁରେ ଭ୍ରୂକ୍ଷେପ ନାହିଁ ସେମାନେ ଦ୍ୱିଗୁଣ-ପରାକ୍ରମ ସହକାରରେ ଯୁଦ୍ଧ ଓ ଲୁଟପାଟ କରୁଅଛନ୍ତି ବର୍ତ୍ତମାନ ବ୍ରହ୍ମାରୁ ଯେ ସମସ୍ତ ସମ୍ବାଦ ଆସୁଅଛି ତହିଁରେ ଡକାଏତମାନଙ୍କ ପ୍ରତାପ ଦିନ୨ ବୃଦ୍ଧି ହେବାର ଜଣା ଯାଉଅଛି। ଡକାଇତମାନେ ଅଳ୍ପ ଏଠାରେ ଲୁଟିଲେ ତାଲି ଅନେକ ଇଂରାଜଙ୍କୁ ମାରିପକାଇଲେ ଅମୁକ ଗ୍ରାମ ପୋଡିଦେଲେ କେବଳ ଏହି ସମ୍ବାଦ ଆସୁଅଛି। ଏମାନଙ୍କ ସମ୍ମୁଖରେ ନା ଟିକିନା ନା ପୁଲିସ କାହାର ତିଳ ମାତ୍ର ଲାଭ ନାହିଁ। ଇଂରାଜଙ୍କର ବଳ ଓ ଯଶ ଗୌରବ ଅଧିକ ହେଉଁଦେଁ ଏଠା ଦେଶମେଳ ସେ ସମସ୍ତକୁ ବ୍ୟର୍ଥ କରି ଛିନ୍ନ ଅନୁଭବ କରାଉଅଛି। ଏତେବେଳେ ଶାସନକର୍ତ୍ତାମାନେ ବୁଝିଲେଣି ବ୍ରହ୍ମ ଶାସନକରିବାର ବାଧ୍ୟତା ଭଳି ନ ଯାଇ ଶାସନ କରିବା ନାମରେ ଯେବେ ଦେଶକୁ ନଷ୍ଟ କରନ୍ତି ତେବେ ସେଥିରେ ନ ସେମାନଙ୍କର ଅପରାଧ ହେବ ନାହିଁ। ଆମ୍ଭମାନଙ୍କ ବିବେଚନାରେ ମଗମାନଙ୍କସହିତ ଆଉ ଏପରି ଲଢ଼ିବାର ଉଚିତ ନୁହଇ। ରାଜବଂଶର କୌଣସି ଲୋକକୁ ମନ୍ଦାଲୟର ରାଜସିଂହାସନରେ ବସାଇ ଦେଇ ଇଂରାଜ ସେ ଦେଶ ଛାଡିଆସନ୍ତୁ ତେବେ ତାହା ହେଲେ ଲୋକମାନେ ସ୍ଥିର ହେବେ ଏବଂ ଇଂରାଜଙ୍କର ଧର୍ମ ରକ୍ଷା ହେବ। ନୋହିଲେ କେତେକାଳ ଏଗଣ୍ଡଗୋଳ ରହିବ ଓ କେତେ ରକ୍ତପାତ ହେବ ତହିଁର କଳନା କରିବା କଠିନ।

---

## ଅଭିନବ ମୋକଦ୍ଦମା।

ଏ ନଗରବାସୀ ବାବୁ ପାଳନାଥବନ୍ଦ୍ୟୋପାଧ୍ୟାୟଙ୍କୁ ସମସ୍ତେ ଜାଣନ୍ତି। ସେ ଗତ ଶନିବାର ଏଠା ଜଜସାହେବଙ୍କ ନିକଟରେ ଏହିପରି ଦରଖାସ୍ତ କଲେ କି ତାହାଙ୍କର ଏକ କନ୍ୟାକୁ ତାହାଙ୍କର ଇଚ୍ଛାବିରୁଦ୍ଧ ଓ ବିନା ସମ୍ମତିରେ ତାହାଙ୍କର ପୁତ୍ରମାନେ ଏବଂ ନଗରବାସୀ ଅପର କେତେକ ଭଦ୍ରଲୋକ ଏକଯୋଗ ହୋଇ ଏକବ୍ୟକ୍ତିସଙ୍ଗେ ବିବାହ ଦେବାର ବନ୍ଦୋବସ୍ତ କରୁଅଛନ୍ତି। ଅତଏବ ଉକ୍ତ ବିବାହ ଦେବା କାର୍ଯ୍ୟରୁ ସେମାନଙ୍କୁ ନିବାରଣ କରିବା ଏବଂ କନ୍ୟାକୁ ବିବାହ ଦେବା ପକ୍ଷରେ ତାହାଙ୍କର କର୍ତ୍ତୃତ୍ୱ ସ୍ଥାପନ କରିବା ପ୍ରାର୍ଥନା କରିଅଛନ୍ତି। ସେହିଦିନ ରାତ୍ରି ୧୦।୧୧ ଘଣ୍ଟା ସମୟରେ ପାଳନବାବୁଙ୍କର ଦୁଇପୁତ୍ର କେତେକଜଣ ମନୁଷ୍ୟ ସଙ୍ଗେ ନେଇ କଟକ ଟାଉନ ଲାଇବ୍ରେରି-ନାମକ ପୁସ୍ତକାଳୟ କି ଯେଉଁଠାରେ ପାଳନବାବୁ ଅନେକଦିନ ହେଲା ବାସ କରୁଅଛନ୍ତି ସେଠାରେ ପହଞ୍ଚି ତାହାଙ୍କୁ ଉପରଲିଖିତ ଦରଖାସ୍ତ କଥା ପଚାରିଲେ ଏବଂ ସେ ତାହା ଦେଇଥିବାର କହିବାରୁ କଥା ବଢ଼ି୨ ଗଲା ଏବଂ ଶେଷରେ ଟଣାଟଣି ଧସ୍ତାଧସ୍ତି ଆରମ୍ଭ ହେଲା। ପୁତ୍ରମାନେ ପିତାଙ୍କୁ ଆପଣା ଘରକୁ ନେଇଯିବାକୁ ବସିଲେ ମାତ୍ର ପିତା ସମ୍ମତ ହେଲେ ନାହିଁ। ପୁତ୍ରଙ୍କ ପକ୍ଷରେ ଅଧିକ ଲୋକ ଥିଲେ ସୁତରାଂ ସେମାନେ ବଳପୂର୍ବକ ନେଇଗଲେ। ପାଳନବାବୁ ପାଟିରେ ନିକଟସ୍ଥ କେତେକ ଭଦ୍ରଲୋକଙ୍କୁ ଡାକ ପକାଇଲେ ମାତ୍ର କେହି ତାହାଙ୍କ ସାହାଯ୍ୟ ନିମିତ୍ତ ଆସିଲେ ନାହିଁ। ବାଲୁବଜାର ସଡ଼କରେ ଅନେକ ଲୋକ ଜମା ହେଲେ ମାତ୍ର ବଳଲୋକଙ୍କ ବଳରେ ସେମାନେ କିଛି ନ କରି କେବଳ କୌତୁକ ଦେଖୁଥିଲେ। ପୁତ୍ରମାନେ କୌଣସିରୂପେ ତାହାଙ୍କୁ ଆପଣା ଘରକୁ ନେଇଯାଇ ସାବଧାନ ପୂର୍ବକ ରଖିଲେ। ତିନିଦିନ ଏହିପରି ଚାଲିଗଲା। ନଗରଯାକ ଏହି ଅଭିନବ ବ୍ୟାପାର ରାଷ୍ଟ୍ର ହୋଇ ଗଲା ଓ ନାନା ଲୋକ ନାନାପ୍ରକାର ଚିନ୍ତା କଲେ ଏବଂ ଏଥିର ପରିଣାମ କି ହେବ ଦେଖିବାକୁ ବ୍ୟସ୍ତ ହେଲେ। ଚତୁର୍ଥ ଦିନ ଅର୍ଥାତ୍ ଗତ ବୁଧବାର ସକାଳୁ ଶୁଣା ଗଲା ଯେ ପାଳନବାବୁ ରାତ୍ରିଶେଷପ୍ରହରରେ ପାଇଖାନାର ଝରକାଟି ଭାଙ୍ଗି କେଉଁ ଆଡ଼େ ପଳାୟନ କଲେ ଅନେକ ବେଳ ପର୍ଯ୍ୟନ୍ତ କିଛି ସନ୍ଧାନ ମିଳଲା ନାହିଁ ଓ ଲୋକେ ନାନାପ୍ରକାର ଶଙ୍କା କଲେ। ଶେଷରେ ଜଣାଗଲା ଯେ ବାବୁ ଖ୍ରୀଷ୍ଟିୟାନ-ପଲ୍ଲୀରେ ପୁତ୍ରଙ୍କ ଭୟରେ ଲୁଚି ରହି ଅଭୟରକ୍ଷା ନିମିତ୍ତ ମାଜିଷ୍ଟ୍ରେଟ ସାହେବଙ୍କ ନିକଟକୁ ଆପଣାର ଅବସ୍ଥା ଲେଖି ପଠାଇଲେ। ଆରଦିନ ଅର୍ଥାତ୍ ଗୁରୁବାର ମଧ୍ୟାହ୍ନ ସମୟରେ ପାଳନବାବୁ ଅଦାଲତକଚେରୀରେ ଉପସ୍ଥିତ ହୋଇ ଆପଣା ଦରଖାସ୍ତ ପୋଷକତାରେ ହଲଫନାମା ଦାଖଲ କଲେ ଏବଂ ସେ ତାହା ଗ୍ରହଣ କରି ଆଜ କଚେରୀରେ କନ୍ୟା ସହିତ ଅପର ସମସ୍ତଙ୍କୁ ଉପସ୍ଥିତ ହେବା ନିମିତ୍ତ ଜଜ ସାହେବ ଆଦେଶ ଦେଇଅଛନ୍ତି। କନ୍ୟାର ବିବାହ ଆସନ୍ତା କାଲି ରବିବାର ହେବ ବୋଲି ପାଳନବାବୁ ଶୁଣି ଜଜସାହେବଙ୍କୁ ଜଣାଇବାରୁ ଅନ୍ତରେ ତାରିଖ ଧାର୍ଯ୍ୟ ହୋଇଅଛି କିନ୍ତୁ ଶୁଣା ଯାଉଅଛି ଯେ ଗତ ଗୁରୁବାର ରାତ୍ରରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଅଛି। ମୋକଦ୍ଦମାର ଫଳର କଥା କଣ ହେବ ଦେଖିବାକୁ ଆସିବ।

---

## ସିରଲୋର ଡକାଇତି।

(ପ୍ରାପ୍ତ)

ଆପଣଙ୍କ ଓ ସର୍ବସାଧାରଣଙ୍କ ଅବଗତି-ନିମିତ୍ତ ନିମ୍ନଲିଖିତ ଲୋମହର୍ଷଣ କାଣ୍ଡଟି ଏହି ପତ୍ରଦ୍ୱାରା ଜଣାଇଲୁଁ ଆପଣ ଅନୁଗ୍ରହପୂର୍ବକ

ଆପଣଙ୍କ ଜଗଦ୍ବିଖ୍ୟାତ ପତ୍ରିକାପାର୍ଶ୍ୱରେ ସ୍ଥାନ ଦେଇ ବାଧିତ କରିବାହେବେ ।

ଏଜିଲ୍ଲା ସାଲେପୁର ଥାନାନ୍ତର୍ଗତ କସ୍ବାଜଗନ୍ନାଥପୋଷ୍ଟ ଇଲାକା । ପ୍ର । ବାଲୁବିସି । ମୌ । କାଠୁଆଖଣ୍ଡରେ ପ୍ରାଚୀନକାଳରୁ ବୃଦ୍ଧଲିଙ୍ଗ ନାମକ ଶିବଲିଙ୍ଗ ବିରାଜମାନ ଅଛନ୍ତି କଥିତ ଅଛି ଯେ ଏହାଙ୍କର ପାତାଳଫୁଟ ଲିଙ୍ଗ ଥିବା ବିଷୟ କୌଣସି ଯବନରାଜା ପରୀକ୍ଷା କରିବା-ନିମନ୍ତେ ଚତୁଷ୍ପାର୍ଶ୍ୱରେ ଅତ୍ୟନ୍ତ ଗଭୀର ଗର୍ତ୍ତ ଖୋଳାଇ ଥିଲେ ଏକଶ ହାତରୁ ଊର୍ଦ୍ଧ୍ୱ ଖୋଳାହେଲେ ମଧ୍ୟ ଲିଙ୍ଗ ଆଉ କେତେ ଗଭୀରରୁ ବାହାର ଅଛନ୍ତି ସ୍ଥିର ହୋଇ ପାରିଲା ନାହିଁ । ଏଠାରେ ଅନେକ ସ୍ଥାନରୁ ସମୟେ ଦୂରଦେଶରୁ ସୁଦ୍ଧା ମନୁଷ୍ୟମାନେ ଶୁଭାଗତ ପଡ଼ନ୍ତି ଓ ଯାହାର ଯେପରି ମନସ୍କାମନା ତାହା ପୂର୍ଣ୍ଣହେଲେ ସେ ରୂଠି ଶୁଝିଯାଏ ପୁଣି ଆପଣା-ମାନଙ୍କ ସୁବର୍ଣ୍ଣ ବା ରୌପ୍ୟ ସର୍ପ ଛତା ଚକ୍ର ଇତ୍ୟାଦି ଅଲଙ୍କାର ଓ ଗାଈ ବାଛୁର ଗଗ ଚାଳ ଇତ୍ୟାଦି ଘେନି ଆସି ଠାକୁରଙ୍କ ନିକଟେ ଭୋଗରାଗ ବ୍ରାହ୍ମଣଭୋଜନ ଇତ୍ୟାଦି ସତ୍କର୍ମ-ମାନ କରେ ଏ ବିଷୟରେ ଅନେକ ପ୍ରମାଣ କିମ୍ବଦନ୍ତୀ ଶୁଣାଅଛି ଯେ ତାହା ଲେଖି-ବାର ବାହୁଲ୍ୟ । ସ୍ଥାନଟି ମହାନଦୀକଛାରରେ ଥିବାରୁ ଅତିମନୋହର ହୋଇଅଛି । ଠାକୁ-ରଙ୍କ କିୟଦ୍ଦୂରରେ ଜ ୧ ଣ ସାଧୁ ତାହାଙ୍କ ନାମ ଅପର୍ତ୍ତି ଦାସ ଅଟେ ଏହାଙ୍କୁ ବାବୁସୁଗ୍ର ଆ-ବାବାଜୀ ବୋଲି ଡାକନ୍ତି ଏ ମହାଶୟ ପୂର୍ବେ ବୃନ୍ଦାବନ ଓ ଶ୍ରୀଦ୍ୱାରିକା ଓ ଫତେଗଡ଼ ଇତ୍ୟାଦିରେ ଥିବା ବାବାଜିମାନଙ୍କ ଘର ବୁଲୁ-ଥିଲେ ବର୍ତ୍ତମାନ ଗ୍ରାମ୍ୟଚନ୍ଦ୍ର ଉତ୍କୃଷ୍ଟ ଠାକୁରଙ୍କ ନିକଟେ ଏକଗୋଟି ମଠ କରି ବାସ କରୁଅଛନ୍ତି ମଠଟି ଏପରି ସୁନ୍ଦର ଓ ମନୋ-ରମ ସ୍ଥାନ ହୋଇଅଛି ଯେ ସେଠାରେ ଉପ-ସ୍ଥିତ ହେଲେ ସହଜେ ଆସିବାକୁ ଇଚ୍ଛା ହୁଏ ନାହିଁ ମଠର ଚତୁଃପାର୍ଶ୍ୱ ଦେଖିବାକୁ ପରିଷ୍କାର ପରିଚ୍ଛନ୍ନ ଓ ବାବାଜୀ ଆପଣା ହାତରେ କେ-ତେକ ଫୁଲମଗଛ ଲଗାଇ ତହିଁର ଫଳଭୋଗ କରୁଅଛନ୍ତି କେଉଁଠାରେ ଦେଖ ହା ୫ ତ ଉଚ୍ଚ ଏକ ଆମ୍ରବୃକ୍ଷରେ ପକ୍ୱ ଆମ୍ର ଝୁଲୁଅଛି କେଉଁଠାରେ ଗୋଟିଏ ଉଚ୍ଚ ବୃକ୍ଷରେ ଦାଡ଼ିମ୍ବ ପାଚି ରହିଅଛି କେଉଁଠାରେ ଚମ୍ପା କେଉଁ-ଠାରେ ନାଗେଶ୍ୱର ପୁଷ୍ପମାନ ଅତ୍ୟନ୍ତ ଶୋଭ-ଗନ୍ଧମାନଙ୍କର ପ୍ରଫୁଲ୍ଲ ହୋଇ ସୁଗନ୍ଧରେ

ଦିକ୍ ପୂର୍ଣ୍ଣ କରିଅଛି ଏକ କଥାରେ ବାଗୁହା-ପୁରଥବାବାଜୀଙ୍କ ମଠଗୋଟି ପରମ୍ୟ କୁଞ୍ଜବନ-ତୁଲ୍ୟ ହୋଇଅଛି । ବାବାଜୀ ଏକାକୀ ମଠରେ ଅନ୍ୟ କେହି ନାହିଁ ଅଲ୍ପଦିନ ହେଲା ନିକଟସ୍ଥ ସିରଳେ ଗ୍ରାମରୁ ଏକଗୋଟି ଗୁଡ଼ିଆପିଲାକୁ ଚେଲାକରି ରଖିଅଛନ୍ତି ପିଲାଟିର ଅନେକ ସହୋଦର ଅଳ୍ପବୟସରେ ନଷ୍ଟ ହେବାରୁ ତାହାର ମାଆ ତାକୁ ବାବାଜୀଙ୍କୁ ଚେଲାକରି ଦେଇଅଛି ବାଳକଟିର ବୟସ ୮ ରୁ ୯ ବର୍ଷ ହେବ ବାବାଜୀ ମଧ୍ୟ ସେହି ଚେଲାପିଲାଟିକୁ ଅତି ଯତ୍ନରେ ପ୍ରତିପାଳନ କରୁଅଛନ୍ତି । ତାହାର ଉତ୍ତମ ଲୁଗା ଓ ରୂପାର କେତେକ ଅଲଙ୍କାର ବାବାଜୀ ପ୍ରସ୍ତୁତ କରି ଦେଇଅଛନ୍ତି ବାଳକଟି ମଧ୍ୟ ଆପଣା ମା ଓ ଅନ୍ୟାନ୍ୟ ବନ୍ଧୁ ବାନ୍ଧବଙ୍କୁ ପରିତ୍ୟାଗ କରି ବାବାଜିଙ୍କ ପ୍ରତି ବିଶେଷଭକ୍ତି ପ୍ରକାଶ ଓ ପ୍ରଗାଢ଼ ଅନୁରାଗ ଦେଖାଉ ଅଛି କୌଣସି ସମୟରେ ତାହାର ମାତା ଯଦି ସ୍ନେହରେ ତାକୁ କୋଳରେ କରେ ତେବେ ବାଳକଟି ଉତ୍ତର କରେ ଯେ "ମୋତେ ଯେତେବେଳେ ବାବାଜୀମହାରା-ଜଙ୍କ ଦତ୍ତ କରିଅଛୁ ମୋହପ୍ରତି ଆଉ ମାୟା ମମତା ବଢ଼ାଇବା ଉଚିତ ନୋହେ" । ବାବାଜୀ-ମହାରାଜ ପୃଥକ୍‌ରୂପେ ସ୍ୱହସ୍ତେ ପାକ କରି ଭୋଜନ କରନ୍ତି ମାତ୍ର ଚେଲା ବାଳକଟି ଆପଣା ଆହାରନିମନ୍ତେ ରୋଷାଇ ଇତ୍ୟାଦି କରିବାକୁ କଷ୍ଟ ହେବ ବିବେଚନା କରି ଆଉ ଏକଗୋଟି ରୋଷାପିଲା ରଖି ଅଛନ୍ତି ସେ ସେ ପିଲା ଚେଲାଟିକୁ ସବୁ ବିଷୟରେ ସାହାଯ୍ୟ କରିବ । ବାବାଜିମହାରାଜ ମଠରେ ଥିବା-ସମୟରେ ନିକଟସ୍ଥ ଗ୍ରାମମାନଙ୍କରେ ଭିକ୍ଷା କରନ୍ତି ଓ କେତେବେଳେ ଗୃହ ପାଞ୍ଚଦିନ କୋ ୪ ଶ ୫ କୋଶ ପର୍ଯ୍ୟନ୍ତ ଯାଇ ଭେଗୀ ଦେଖନ୍ତି ଏହି ବ୍ୟବସାୟଦ୍ୱାରା ବାବାଜୀ ମହାରାଜ ଅଳ୍ପ ପଣେ ରୋଜଗାର ମଧ୍ୟ କରନ୍ତି ବାବାଜୀଙ୍କ ମଠରେ କେତେକ ବାସନ ଓ ଲୁଗା ଓ ବନା-ତଭ ଓ ବାଳକଚେଲା ଦେହରେ କେତେକ ଛୋଟ ଅଲଙ୍କାର ଓ ଘରମଧ୍ୟରେ ବହୁ ଜଗଦ ଟଙ୍କା ଇତ୍ୟାଦି ଥିଲା ବାବାଜୀଙ୍କ ମଠ ଠାକୁ-ରଙ୍କ ନିକଟ ନଦୀକଛାରରେ ଥିବାରୁ ଗ୍ରାମ ବା ଅନ୍ୟାନ୍ୟ ବ୍ୟକ୍ତିଙ୍କ ଘରର ବହୁ ଦୂର-ରେ ଅଟେ ନିଶବ୍ଦସମୟରେ ଡାକ ଦେଇ ନ ଡାକିଲେ କେହି ସେସ୍ଥାନରୁ ଶୁଣି ପାରିବ ନାହିଁ । ଅଳ୍ପଦିନ ପ୍ରାୟ ବ ୧୨।୧୦ ଦିନ ହେବ

ବାବାଜିମହାରାଜ ଏକଦିନ ବାହାରକୁ ଭିକ୍ଷା ଯାଇଥିଲେ ଓ ମଠରେ କେବଳ ବାବାଜୀଙ୍କ ଚେଲା ଓ ତାହାର ସଙ୍ଗୀପିଲା ଏହି ଦୁଇଜଣ ଥିଲେ ରାତ୍ର ପ୍ରାଏ ଘ ୧୧ ଘଣ୍ଟା ସମୟରେ ଡକାଇତ ଆସି ବାବାଜୀଙ୍କ ମଠରେ ପ୍ରବେଶ ହେଲେ ଡକାଏତମାନେ ଆପଣା ପରିଚୟ ଗୋପନ ନିମନ୍ତେ ଏଠେଇ କାଳି ଓ ଚୂନ ଇତ୍ୟାଦି ଲଗାଇ ଏବଂ ବିକଟ ବେଶ ଧାରଣ କରିଥିଲେ ଯେ ଯେତେବେଳେ ସେମାନଙ୍କ ପ୍ରତି ସହଜେ ଚିହ୍ନା ପଡ଼ିବ ନାହିଁ ସେତେବେଳେ ପିଲାଯୋଡ଼ିକ ଯେପରି ବାବାଜିଙ୍କ ଅଶୋଭିତ ସମୟରେ ଆହାରାଦିକର ଶୟନ କରନ୍ତି ସେହିପରି ଶୋଇଥିଲେ । ଡକାଇତମାନେ ସେମାନଙ୍କୁ ଉଚ୍ଚସ୍ୱରେ ଡାକ କହିଲେ କି ଆମ୍ଭେମାନେ ବାଙ୍ଗୋଲ ଅଟୁଁ ମଠରୁ ଲୋଟା ଗୋ ୧ ଟା ଦେଲେ ଆମ୍ଭେମାନେ ପାଣିଆଣି ଜଳଖିଆ କରି ଏହି ପିଣ୍ଡାରେ ପଡ଼ି ରହିବୁଁ ଏହ ଶୁଣି ଚେଲା ବାଳକଟି କହିଲା ଯେ ଆମ୍-ମାନଙ୍କର କବାଟ ଫିଟାଇବା ଉଚିତ ନୁହେ କାରଣ ପୂର୍ବରେ ଏଏ କେଉଁଠାରୁ ଆସିଅଛ କବାଟ ଫିଟାଇବାର ନୁହେ ସେମାନଙ୍କ ଡାକ ଶୁଣିବା ନାହିଁ ଉନ୍ଥ ତାହା ସଙ୍ଗ ଦଙ୍ଗା ପିଲାଟି କହିଲା ତ ନା, ନା, ଏପରି କହିବା ଠାଉଁ ବାବାଜି ଯଦି ଶୁଣିବେ ଯେ ବାଟୋଇ ପାଣି-ପିଇବାକୁ ତାକ ମାଗି ପାଇଲେ ନାହି ତେବେ ଆମ୍ଭମାନଙ୍କ ଗାଳି ଦେବେ ତାକ ସେମାନଙ୍କ ଦେବା ଏହା କହି କବାଟ ଫିଟାଇବାମାତ୍ରେ ୪ ଜଣଯାକ ହଡ଼ମଡ଼ ଓ ହୁଲହାଲହୋଇ ଘରଭିତରେ ପଶିଗଲେ ଓ ସେମାନଙ୍କ ମଧ୍ୟରୁ ଜ ୨ ଣ ଜ ୨ ଣ ବାଳକଙ୍କୁ ଜେକଚପି ଧଇଲେ ଓ ଅସ୍ତ୍ରଦେଖାଇ କହିଲେ ଯେ ବାବାଜି କେଉଁଠାରେ କବ ମାଲମାନ ରଖି-ଅଛି ତାହା ଦେଖାଇଦେ ନଚେତ୍ ପ୍ରାଣରେ ମାରିପକାଇବୁଁ ଉନ୍ଥୁଁ ବାଳକମାନେ ପ୍ରାଣଭ-ୟରେ ଯାହା ଜାଣିଥିଲେ କହାଇଦେଲେ ଡକାଇତମାନେ ବଥଟିଲ ଲଗାଇ ବାବାଜିଙ୍କ ମୁଣ୍ଡରେ ଉତ୍ତମରୂପେ ହାତବୁଲାଇ ପିଲାମାନଙ୍କୁ ପକାଇ ଚାଲିଗଲେ । ଯେପରି ଶୁଣାଯାଏ ଡଣ୍ଡିରୁ ବୋଧହୁଏ ୫ ୨୦୦ ଟଙ୍କାର ମାଲଯୁକ୍ତ ନେଇ ଯାଇଅଛି । ଡକାଏତମାନେ ସେହି-ମାଲ ଯେ କେଉଁଆଡ଼େ ଘେନିଗଲେ ତାହାର କିଛି ଠିକ ପାଯାଯାଇ ନାହି ପରଦିନ ପ୍ରାତଃ-କାଳରେ ନିକଟବର୍ତ୍ତୀ ଗ୍ରାମବାସୀ ଏକବ୍ୟକ୍ତିର ଏକଖଣ୍ଡ ଗାଡ଼ୀ ବାବାଜିଙ୍କ ମଠମଧ୍ୟରେ ଦେଖି

Split by PDF Splitter
Digitized by srujanika@gmail.com

Split by PDF Splitter



...ଦେଖାଗଲା । ବାଡ଼ୀର ମାଲିକବ୍ୟକ୍ତିଙ୍କୁ ପଚାରିବାରେ ସେ କହୁଅଛି ଯେ ଘଟଣା ରାତ୍ରିରେ ...ର ଗ୍ରାମରେ ତାଙ୍କୁ ସନ୍ଧ୍ୟାନିମନ୍ତ୍ରଣପାଇଁ ଆମନ୍ତ୍ରଣ ହୋଇଥିଲା ସେ ଯେତେବେଳେ ...ରେ ଯାଉଥିଲା ଦେଖିଲା ଯେ ...ପ୍ରାୟ ୪ ଜଣ ମନୁଷ୍ୟ ତଲ... ଘୋଡାଙ୍କୁ ଧରି ଯାଉଅଛନ୍ତି ...ସେମାନଙ୍କୁ ସାହସକରି କିଛି ପଚାରି ପାରିଲା ନାହିଁ । ତହୁଁ ବାବାଜୀଙ୍କ ମଠନିକଟେ ଯାଇ ଶୁଣିଲା ଯେ ପିଲାମାନେ ଚିତ୍କାର କରୁଅଛନ୍ତି । ତାହାଙ୍କ ନିକଟକୁ ଯାଇ ପଚାରିବାରେ ସେମାନଙ୍କ ଅବସ୍ଥା ପ୍ରକାଶହେଲା ତହୁଁ ସେବ୍ୟକ୍ତି ସେହିଠାରୁ ଉଚ୍ଚସ୍ୱରେ ଡାକ ପକାଇବାରୁ କେହି ଗ୍ରାମବାସୀ ଶୁଣିଲେ ନାହିଁ କାରଣ ପୂର୍ବେ ସେହି ବାବାଜୀ ରଟନା କରିଥିଲେ ଯେ ରାତ୍ରିକୁ ଏଠାରେ ଭୂତ ଡାକୁଅଛି ସେହି ଭୟରେ ଗ୍ରାମବାସିମାନେ ଘରୁ ବାହାରି ଆସିଲେ ନାହିଁ । ଏ ବ୍ୟକ୍ତି ଅନେକ ଡାକଙ୍କପର ହତାଶହୋଇ ଆମନ୍ତ୍ରିତସ୍ଥାନକୁ ଚାଲିଗଲା ସେଠାରେ ଏବିଷୟ କହିବାରୁ ସମସ୍ତ ପାଲଦର୍ଶକମାନଙ୍କୁ ହସ୍ତହେବାକୁ ହୋଇଥିଲା ଓ ସେ କହେ ଯେ ତାହାବାଡ଼ୀ ସେହି ସମୟରେ ସେ ଛାଡ଼ିଯାଇଅଛି । ଏ ବିଷୟ ବ୍ୟାମଧେ ବଶୋଦନଗର ଅଉଟପୋଷ୍ଟରେ ଏତଲା ହେବାରୁ ହେଡ଼କନଷ୍ଟବଲ ସେଠାକୁ ତଦନ୍ତ କରିବାକୁ ଆସିଥିଲେ ଓ ଯେଉଁବ୍ୟକ୍ତିର ବାଡ଼ୀ ମଠରେ ପାଯୁଯାଇଥିଲା ସେହି ବ୍ୟକ୍ତି ପ୍ରତି ସନ୍ଦେହ ହେବାରୁ କେତେକ ବ୍ୟକ୍ତିଙ୍କ ଘରତଲାସ ହେଲା ମାତ୍ର କିଛି ଫଳ ହେଲା ନାହିଁ ।

ଅସ୍ମମାନଙ୍କର ବିନୀତଭାବରେ ପ୍ରାର୍ଥନା ଯେ ପୁଲିସ ଏ ବିଷୟ ଯଥୋଚିତ ଯତ୍ନ ଓ ପରିଶ୍ରମ କରି ଡକାଇତମାନଙ୍କୁ ଗିରଫ୍ତାର କରନ୍ତୁ ନଚେତ୍ ତନ୍ନିକଟବାସୀ ଭଦ୍ରବ୍ୟକ୍ତିମାନଙ୍କ ଧନ ଓ ପ୍ରାଣରକ୍ଷା ହେବା ସୁକଠିନ ।

---

( ଗତ ପ୍ରକାଶିତପତ୍ରରୁ )

ପ୍ରାପ୍ତ ।

୩ ୟ । ଭିଁଅରାଅଡ଼ଙ୍ଗ ।—ସନ୍ତ୍ରଗଡଆଠାରୁ ପ୍ରାୟ ମା ୪ ଇଲ ଦୂର ହେବ । ଏହାର ଦୀର୍ଘ ପ୍ରାୟ ହା ୧୮୦ ତ, ପ୍ରସ୍ଥ ହା ୫୦ ତ, ଗଭୀର ହା ୭୦ ତ । ଏ ଅଡ଼ଙ୍ଗରେ ପ୍ରାୟ ଗୋ ୮୦ ଟା ଖଣି ଅଛି । ଜ ୩୫୦ ଣ ପଥୁରିଆ ପଥର କାଟନ୍ତି । ପ୍ରତ୍ୟେକ ପଥୁରିଆ ଏକବର୍ଷରେ ଟ ୬ ୫ ଅଣା ଖଜଣା ଦଅନ୍ତି । ଏଠାକାର ପଥର ନିତାନ୍ତ ନରମ ନୁହେ । ଈଷତ୍ ଶୁକ୍ଳବର୍ଣ୍ଣ ବାଜଣ ମଧ୍ୟମ ।

୪ ର୍ଥ । କଟେଆଅଡ଼ଙ୍ଗ ।—ସନ୍ତ୍ରଗଡଆଠାରୁ ପ୍ରାୟ ମା ୩½ ଇଲ ଦୂର ହେବ । ଦୀର୍ଘ, ପ୍ରସ୍ଥ ଓ ଗଭୀର ପ୍ରାୟ ହା ୨୫,୩୦ ତ ଲେଖାଏଁ ଏଠାରେ ପ୍ରାୟ ଗୋ ୨୫ ଟା ଖଣିଅଛି ଓ ଜ ୧୨୦ ଣ ପଥୁରିଆ କାର୍ଯ୍ୟ କରନ୍ତି । ଏଠାକାର ପଥର କଠିନ, କୃଷ୍ଣବର୍ଣ୍ଣ, ବାଜଣ ଉତ୍ତମ ଖଜଣା ଟ ୬ ୫ ଅଣା ।

୫ ମ । ବାଁଶବଣିଆଁ ଅଡ଼ଙ୍ଗ ।—ସନ୍ତ୍ରଗଡଆଠାରୁ ମା ୪ ଇଲ ଦୂର ହେବ । ଏହାର ଆକାର ଭେକିଆଅଡ଼ଙ୍ଗପରି ଅଟେ । ଖଜଣା ମଧ୍ୟ ଟ ୬୫ ଅଣା । ପଥର କଠିନ, ଶୁକ୍ଳବର୍ଣ୍ଣ, ବାଜଣ ମଧ୍ୟମ, ଏ ଅଡ଼ଙ୍ଗରେ ଗୋ ୫।୬ ଟା ଖଣିଅଛି । ଜ ୨୫,୩୦ ଣ ପଥୁରିଆ କାର୍ଯ୍ୟ କରନ୍ତି ।

୬ । ତଳବାଗ୍ରୁରୁ ଅଡ଼ଙ୍ଗ ।—ସନ୍ତ୍ରଗଡଆଠାରୁ ପ୍ରାୟ ମା ୪½ ମାଇଲ ଦୂର ହେବ । ଏ ଅଡ଼ଙ୍ଗ ଦୀର୍ଘରେ ହା ୧୫୦ ତ, ପ୍ରସ୍ଥରେ ହା ୬୦ ତ, ଗଭୀର ହା ୧୦୦ ତ ହେବ । ଖଜଣା ଟ ୬ ୫ ଅଣା । ଏହି ପଥର ଅଧିକ କଠିନ ନୁହେ, କୃଷ୍ଣବର୍ଣ୍ଣ, ଚିକ୍କଣ, ବାଜଣ ଉତ୍ତମ । ଏଠାରେ ଗୋ ୧୫।୨୦ ଟା ଖଣିଅଛି । ପ୍ରାୟ ଜ ୭୫ ଣ ପଥୁରିଆ କାର୍ଯ୍ୟ କରନ୍ତି ।

୭ ମ । କଣ୍ଟେଇଣିଆଁ ଅଡ଼ଙ୍ଗ ।—ସନ୍ତ୍ରଗଡଆଠାରୁ ପ୍ରାୟ ମା ୪½ ଇଲ ଦୂର ହେବ । ଏହାର ଦୀର୍ଘ ପ୍ରସ୍ଥ ହା ୧୫୦ ତ ଲେଖାଏଁ, ଗଭୀର ହା ୮୦ ତ ହେବ । ଖଜଣା ଟ ୬ ୫ । ଏହି ପଥର କଠିନ ଶୁକ୍ଳବର୍ଣ୍ଣ, ବାଜଣ ମଧ୍ୟମ । ଏ ଅଡ଼ଙ୍ଗରେ ଗୋ ୨୦।୨୨ ଟା ଖଣି ହୋଇଅଛି ପ୍ରାୟ ଜ ୯୦ ଣ ପଥୁରିଆ କାର୍ଯ୍ୟ କରନ୍ତି ।

୮ ମ । ତାଲସଜିଆ ଅଡ଼ଙ୍ଗ ।—ସନ୍ତ୍ରଗଡଆଠାରୁ ମା ୬ ଇଲଦୂର ହେବ । ଏହାର ଦୀର୍ଘ, ପ୍ରସ୍ଥ ଓ ଗଭୀର ହା ୨୦୦ ତ ଲେଖାଏଁ ହେବ । ଖଜଣା ଟ ୧୦ ୫ । ଏହି ପଥର ଅଧିକ କଠିନ ନୁହେ । କୃଷ୍ଣବର୍ଣ୍ଣ, ଚିକ୍କଣ, ବାଜଣ ଉତ୍ତମ । ଏ ଅଡ଼ଙ୍ଗରେ ଗୋ ୧୫।୨୦ ଟା ଖଣି ହୋଇଅଛି ଜ ୬୦।୭୦ ଣ ପଥୁରିଆ କାର୍ଯ୍ୟ କରନ୍ତି ।

୯ ମ । ଶିମୂଳିଆ ଅଡ଼ଙ୍ଗ ।—ସନ୍ତ୍ରଗଡଆଠାରୁ ସ ତମାଇଲ ଦୂର ହେବ । ଏହି ଅଡ଼ଙ୍ଗ ପାହାଡ଼ର ଗଡ଼ାଣିଆସ୍ଥାନରେ ହୋଇଅଛି । ଏହାର ଦୀର୍ଘ, ପ୍ରସ୍ଥ ହା ୬୦ ତ ଲେଖାଏଁ ହେବ ଗଭୀର ଏକପାଖରେ ହା ୧୦୦ ତ ଅପର ପାଖରେ ହା ୨୫ ତ ହେବ । ଖଜଣା ଟ ୮ ୫ ।

ଏଠାକାର ପଥର ନରମ, କୃଷ୍ଣବର୍ଣ୍ଣ, ଚିକ୍କଣ, ବାଜଣ ମଧ୍ୟମ, ଏ ଅଡ଼ଙ୍ଗରେ ଗୋ ୨୦।୨୨ ଟା ଖଣି ପ୍ରାୟ ଜ ୬୦ ଣ ପଥୁରିଆ କାର୍ଯ୍ୟ କରନ୍ତି ।

୧୦ ମ । ସୁନାକୁଟ (ସ୍ୱର୍ଣ୍ଣଚୂଡ଼) ଅଡ଼ଙ୍ଗ ।—ନୀଳଗିରିଠାରୁ ପ୍ରାୟ ମା ୨ ଇଲ ଦୂର ହେବ । ଏ ଅଡ଼ଙ୍ଗର କାର୍ଯ୍ୟ ବର୍ତ୍ତମାନ ବନ୍ଦଅଛି । ଏଠାକାର ପଥରଦେହରେ ସୁନାପରି ଜିକ ଦେଖାଯାଏ ।

ମଙ୍ଗଳପୁରଠାରୁ ପ୍ରାୟ ମା ୩।୪ ଇଲ ଅନ୍ତରରେ ମଙ୍ଗଳପୁର ଓ କୁଚାଇ ଜମିଦାରମାନଙ୍କର ଜମିଦାରୀରେ ଗୋ ୭।୮ ଟା ଖଣିର ଅଡ଼ଙ୍ଗ ଅଛି । ଏସମସ୍ତ ଅଡ଼ଙ୍ଗରେ ଉତ୍ତମ ବାଜଣ ଓ ପାଲିଶପଥର ମିଳେ, କିନ୍ତୁ ଦୁଃଖର ବିଷୟ ଯେ ଏ ଅଡ଼ଙ୍ଗମାନଙ୍କର କାର୍ଯ୍ୟ ଏକପ୍ରକାର ବନ୍ଦହୋଇ ଯାଇଅଛି, ଜମିଦାରମାନଙ୍କୁ ବର୍ଷରେ ପ୍ରାପ୍ୟ ଟ ୨୦।୨୫ ଙ୍କା ମିଳେନାହିଁ ସନ୍ଦେହ । ଜଳ, ମାଝୀ, ବଜାର ଆଧିକ୍ୟରେ ଏ ଅଡ଼ଙ୍ଗମାନ ପଥୁରିଆମାନଙ୍କ ପକ୍ଷରେ ଅସାଧ୍ୟ ହୋଇଅଛି । ଜମିଦାରମାନେ ଟ ୪୦୦,୫୦୦ ଙ୍କା ବର୍ଷେ ଖର୍ଚ୍ଚ କଲେ ପ୍ରତ୍ୟେକବର୍ଷରେ ହଜାର ୨ ଟଙ୍କା ଖଜଣାରୁ ଆଦାୟ ହୋଇ ପାରିବ । ଜମିଦାରମାନଙ୍କର ଏକତା ଅଭାବରୁ ହୋଇପାରୁ ନାହିଁ । କ୍ରମଶଃ

# ସାପ୍ତାହିକ ସଂବାଦ ।

ଅସ୍ମମାନଙ୍କ ଡିପୁଟିସାହେବ ବାଲେଶ୍ୱରଦୌରା ଶେଷ କରି ଗତଗୁରୁବାର ଏଠାରେ ପହଞ୍ଚିଲେ । କଟକର ଦୌରା ଆଗାମୀ ସୋମବାରଠାରୁ ଆରମ୍ଭ ହେବ ।

ଶ୍ରୀଯୁକ୍ତ କମିଶନର ସାହେବ ଗତ ଶନିବାର ମୟୂରଭଞ୍ଜ ଅଞ୍ଚଳକୁ ଯାତ୍ରା କଲେ ।

ଆମ୍ଭେମାନେ ଶୁଣିଲୁଁ ଯେ ବଙ୍ଗଦେଶର ମାନ୍ୟବର ଛୋଟଲାଟ ସାହେବ ପୁରୀକୁ ଆସୁଅଛନ୍ତି ଏବଂ ଅଳ୍ପ ସେଠାରେ ପହଞ୍ଚିବାର କଥା ଥିଲା । ହଠାତ୍ ଆଗମନର କାରଣ କିଛି ଜଣାଯାଉ ନାହିଁ କେବଳ ଅନୁମାନ ହେଉଅଛି କି ମନ୍ଦିରର ପ୍ରସ୍ତାବିତ ମୋକଦ୍ଦମା ସମ୍ପର୍କରେ କିଛି ତଦନ୍ତ କରିବାର ଆବଶ୍ୟକ ହୋଇଅଛି ।

ଅସୁରେଶ୍ୱର ପ୍ରଗଣାର ପୁରୁହଂସ ଉଦ୍ୟାନ ଗ୍ରାମରେ ଓଲାଉଠା ଉପସ୍ଥିତ ହୋଇଥିବାର ସମ୍ବାଦ ଆସିଅଛି ।

ଅସ୍ମମାନଙ୍କ କଲେକ୍ଟର ସାହେବ ପୀଡ଼ିତ ଥିବାରୁ ଏ ସପ୍ତାହରେ କଚେରୀ ଆସି ପାରି ନାହାନ୍ତି ।

ଘୋର ଅତ୍ୟାଚାର ! ଗତ ଶୁକ୍ରବାର ସନ୍ଧ୍ୟା ଭଙ୍ଗରୁ

Digitized by srujanika@gmail.com

Split by PDF Splitter



ବାବୁ ଲଳିତମୋହନ ଚକ୍ରବର୍ତ୍ତୀ ଆପଣା ଘରକୁ ଯାଉଥିବା ସମୟରେ ଗଙ୍ଗାନଦୀର ଗଳିରେ ଜଣେ ଲୋକ ଲୁଗାରେ ମୁହଁ ଘୋଡାଇ ହଠାତ ତାହାଙ୍କ ମାରପିଟ କରି ପଳାଇ ଗଲେ । ଲଳିତ ବାବୁ ନିଃସହ ଉଲଲୋକ ତାହାଙ୍କର ଶତ୍ରୁ ଥିବା ଅସମ୍ଭବ । ଏହାଙ୍କ କଷ୍ଟଦେଇ କାହାର କି ମନସ ପୂର୍ଣ୍ଣ ହେଲା । ଆମ୍ଭେମାନେ ବୁଝି ପାରୁ ନାହୁଁ । ସାନ୍ତ୍ରୀବୁଙ୍କ ସଙ୍ଗେ ଲୁଚକାଳି ଏପରି ହେଉଛି କି ?

## କଲିକତା ଗେଜେଟ ।

ମିଃ ଏମ ଫେଡରିକ୍ ଅଣ୍ଡରସନ ସାହେବଙ୍କ ପରିବର୍ତ୍ତରେ ମିଃ ଟିଆର ଗଡ୍‌ଫ୍ରେ ଚତୁର୍ଥଶ୍ରେଣୀର ସବ୍ ଡେପୁଟିକଲେକ୍ଟର ପଦରେ ଅଳ୍ପ କାଳନିମନ୍ତେ ନିଯୁକ୍ତ ହୋଇ ବାଲେଶ୍ୱରଡିଭିଜନର ଗୃହକାଳରେ ସ୍ଥିତ ହେଲେ ଓ ସେଠାର ଖଜାନ କର୍ମଗ୍ରହଣପଦରେ ନିଯୁକ୍ତ ହେଲେ ।

ମିଃ କେଜଗୁପ୍ତ ସାହେବ ମେଦିନୀପୁରକୁ ବଦଳି ନ ହୋଇ ଜାଜପୁର ଡିଭିଜନର ସଦର ମହକୁମାରେ ସ୍ଥାପିତ ହେଲେ ।

ଅଫିସିଏଟିଂ ଜଏଣ୍ଟମାଜିଷ୍ଟ୍ରେଟ ଓ ଡେପୁଟିକଲେକ୍ଟର ମିଃ ଟିଇଗଲସ୍ ସାହେବ ଖାଲ୍ଲାଳପ୍ରଗଣାକୁ ସ୍ଥାନାନ୍ତରିତ ହେଲେ । ଉକ୍ତ ସ୍ଥାନର ସବଡିଭିଜନର ଗୃହ ଗ୍ରହଣ କରିବେ ।

ଢାକାଡିଭିଜନର ଅଫିସିଏଟିଂ କମିଶ୍ନର ମିଃ ଡବଲିଉ ଆର୍ ଲାରମିନ ସାହେବ ଉକ୍ତ କାର୍ଯ୍ୟରେ ବାହାଲ ହେଲେ ।

ପୁରୀର ମାଜିଷ୍ଟ୍ରେଟ ଓ କଲେକ୍ଟର ଜ, ଏମ, ଡବ୍ଲ୍ୟୁସାହେବ ଏକ ବର୍ଷର ଫର୍ଲୋ ଛୁଟି ପ୍ରାପ୍ତ ହେଲେ ।

ସ୍କୁଲଇନ୍ସପେକ୍ଟରଙ୍କ ସବ୍ ଇନ୍‌ସ୍‌ପେକ୍ଟର ବାବୁ ଗୋପୀନାଥ ଦାସ ରଙ୍ଗପୁରରୁ ମେଦିନୀପୁରକୁ ବଦଳି ହେଲେ ।

---

ସମ୍ବାଦଦାତା ଲେଖିଅଛନ୍ତି କି ବାଲେଶ୍ୱରନିବାସୀ ଗୋବିନ୍ଦନାଥ ଦାସଙ୍କ ପୁତ୍ର ବାବୁ ଉମାନାଥ ଦାସ ଯେଉଁ ମୁନାରସୈନ୍ୟଦଳରେ କାର୍ଯ୍ୟ କରୁଥିଲେ ବର୍ତ୍ତମାନ ସୁବଳନସେନ୍ୟ ସେ ବ୍ରହ୍ମଦେଶକୁ ଗତ ହୋଇଅଛନ୍ତି । ବର୍ତ୍ତମାନ ମଦାଲପୁନକଟବର୍ତ୍ତୀ ମିଞ୍ଜନ୍ ନାମକ ସ୍ଥାନରେ ବସତି କରୁଅଛନ୍ତି ।

ରଙ୍ଗୁନଠାରୁ ଆସିଥିବା ଗତମାସ ତା ୮ ରିଖର ତାରସମ୍ବାଦରୁ ପ୍ରକାଶ ଯେ ବ୍ରହ୍ମଦେଶ ଅନ୍ତର୍ଗତ ଅଇସର ମେକେଞ୍ଜୀଲ ପୋଥେଟ ଏବଂ ତାଙ୍କର ୫୨ଣ ଖଡ଼ଗା ଦରୋହର ଉତ୍ତେଜନା କରୁଥିବା ଅପରାଧରେ ଯାବଜ୍ଜୀବନ ଦ୍ୱୀପାନ୍ତର କାଳର ଦଣ୍ଡାଜ୍ଞା ପ୍ରାପ୍ତ ହୋଇଅଛନ୍ତି । ଉକ୍ତ ମେକେଞ୍ଜୀରଙ୍କ ନିକଟରୁ ୪ ଜଣ ମାଣ୍ଡାଲେଡ଼ଙ୍କ ସ୍ୱାକ୍ଷରିତ ଗୋଟିଏ ପତ୍ର ବାହାରିଥିଲା ଏବଂ ତହିଁରେ ଲେଖା ଥିଲା ଯେ ବ୍ରହ୍ମଦେଶରେ ସ୍ୱାଧୀନ ଶାସନର ପୁନରୁଦ୍ଧାର ନିମିତ୍ତ ଖାଠିଏହଜାର ସୈନ୍ୟ ଏକତ୍ରୀକୃତ ହେଉଅଛି ଓ ତହିଁ ନିମନ୍ତେ ମେକେଞ୍ଜୀଲ ଯେଉଁ ସାହାଯ୍ୟ ପ୍ରଦାନ କରୁଥିଲେ ତହିଁ ନିମନ୍ତେ ତାହାଙ୍କୁ ଧନ୍ୟବାଦ ଦିଆ ଯାଇଅଛି । ଏ ପତ୍ରର ମର୍ମ ଯଥାର୍ଥ ହେଲେ ବ୍ରହ୍ମଦେଶରେ ଅଧିକେ ଘୋରଯୁଦ୍ଧ ଲଗିବାର ସମ୍ଭବ ।

ସିମଲାଠାରେ ଗତମାସ ତା * ରିଖରେ ରାତି ୨ ୧୧ ଘଣ୍ଟା ମି ୧୦ ଲେଟ କାଳ ଥିବା ସମୟରେ ଭୂମିକମ୍ପ ଅନୁଭୂତ ହୋଇଥିବାର ସମ୍ବାଦ ମିଳଇ ।

ଭାରତବର୍ଷୀୟ ବ୍ରାହ୍ମସମାଜର ପ୍ରଧାନନେତା ବାବୁ କେଶବଚନ୍ଦ୍ର ସେନଙ୍କ ମୃତ୍ୟୁହେବାରୁ ତାଙ୍କ ବ୍ରହ୍ମମନ୍ଦିର ଯେନେ ଗୋଲ କଲହ ଜାତ ହୋଇଥିଲା । ଆମ୍ଭେମାନେ ଶୁଣି ଆନନ୍ଦିତ ହେଲୁଁ ଯେ ତାଙ୍କପୁତ୍ର ବାବୁ କରୁଣାଚନ୍ଦ୍ର ସେନ ତହିଁବାଇଁ ଜଣେ ସଭାଙ୍କୁ ବ୍ରହ୍ମସମାଜର ଟ୍ରଷ୍ଟିସ୍ୱରୂପ ନିଯୁକ୍ତ କରି ସେମାନଙ୍କୁ ଉକ୍ତ ମନ୍ଦିର ଓ ତହିଁ ସଲଗ୍ନଭୂମିର ଉପଯୁକ୍ତ ବନ୍ଦୋବସ୍ତ କଲେ ଲେଖି ଦେଇ ଅଛନ୍ତି । ସୁତରାଂ ମନ୍ଦିର ଯେପରି ବ୍ରହ୍ମସମାଜର ସମ୍ପତ୍ତି ଥିଲା ସେହିପରି ରହିଲା ବଡ଼ ସୁଖର ବିଷୟ ।

କଲେଜରଅଫ ଗଭ୍ୟ, ନିର୍ଦ୍ଧିଚ କରଣ ଯେଉଁ ସୋସାଇଟି ନାମକ ମଣ୍ଡଳୀ ସ୍ଥାପିତ ହୋଇଥିଲା ତହିଁରେ ସଭ୍ୟମାନେ ଡେନମାର୍କର ରାଜପୁତ୍ର ପ୍ରିନ୍ସ ୱାଲଡେମାର୍‌ଙ୍କୁ କଲଗେଉଅ ସିଂହାସନରେ ଅଭିଷିକ୍ତ ହେବାର ସ୍ଥିରକରିଅଛନ୍ତି ।

ହାଇଦରାବାଦର ଶେଷ ମୂର୍ତ୍ତିଶେଲର ସମୁଦାୟ ଟିକଟ ଏ ପର୍ଯ୍ୟନ୍ତ ବିକ୍ରୟ ହୋଇ ନ ଥିବାରୁ ଉକ୍ତ ମୂର୍ତ୍ତିଶେଲ ଅବଧି ହୋଇ ନାହିଁ ଏହିମାସ ତା ୩୦ ତାରିଖରେ କପାଳପରୀକ୍ଷା ହେବାର କଥିତ ହୁଏ । ଏ ମୂର୍ତ୍ତିଶେଲର ଟିକଟ ବିକ୍ରୟରେ ଏତେ ବିଳମ୍ବ ହେବାର କାରଣ କସ ?

କଲଗେରିଆଠାରେ ରୁଷିୟା ଷଡ଼ଯନ୍ତ୍ରକାରୀମାନେ ନାନାପ୍ରକାର ଗୋଳମାଳ ଲଗାଇଥିବାର ସମ୍ବାଦ ମିଳଇ ଏମନ୍ତ କି ସେମାନ ଦମନ କରିବା କାରଣ ସୈନ୍ୟ ସାହାଯ୍ୟର ଆବଶ୍ୟକ ହୋଇଥିଲା ।

ଭାରତବର୍ଷରେ ସୁବର୍ଣ୍ଣର ଆମଦାନୀ ଦିନୀ କମି ପଡ଼ୁଅଛି । ସନ ୧୮୮୪।୮୫ ରେ ଟ୪୭୬୧୯୩୭୫ ଟଙ୍କାର ସୁବର୍ଣ୍ଣ ଆମଦାନୀ ହୋଇଥିବା ସ୍ଥଳେ ସନ ୧୮୮୫।୮୬ ରେ କେବଳ ଟ୨୭୬୨୯୩୪୭ ଟଙ୍କାର ସୁବର୍ଣ୍ଣ ଆମଦାନ ହୋଇଥିଲା । ସୁରୋପରେ ସ୍ୱର୍ଣ୍ଣମୁଦ୍ରା ଅଧିକଭର ପ୍ରଚଳିତ ହେବା ଏଥିର କାରଣ ଅଟଇ ମାତ୍ର ଭାରତବର୍ଷପକ୍ଷରେ ଏ ଲକ୍ଷଣ ଭଲ ନୁହେ ।

ଭାରତବର୍ଷର ଅନ୍ୟ ବନ୍ୟ ସମ୍ବନ୍ଧୀୟ କମିଶ୍ନକାର୍ଯ୍ୟରୁ ଛୁଟି ପ୍ରାପ୍ତ ହେଲେ ହାଇକୋର୍ଟର ଜଜ ମାନ୍ୟବର କାରଂହମ ସାହେବ ଫର୍ଲୋ ନେଇ ବିଲାତକୁ ଯାତ୍ରା କରିବେ ଏବଂ ଆଉ ଫେରି ନ ଆସି ପେନସନ ନେଇ ସ୍ୱଦେଶରେ ରହି ଯିବେ ।

କଥିତ ହୁଏ ହାଇଦରାବାଦର ନିଜାମଙ୍କ ସଙ୍ଗେ ସେଠା ଦେବାନ ସର ସାଲାରଜଙ୍ଗଙ୍କର ବିଧି ଅନବନାଉ ହେବାରୁ ତାହାଙ୍କୁ କାର୍ଯ୍ୟରୁ ଅବସର ଗ୍ରହଣ କରିବା ତାଙ୍କ ନିକଟ ମନୋବାଞ୍ଛ ଅନୁରୋଧ କରିବେ । ଏବଂ ଉକ୍ତକାର୍ଯ୍ୟରେ କୋମ୍ପାନୀର ଜଣେ ସହାୟକ ନିଯୁକ୍ତହେବେ । ସରସାଲାରଜଙ୍ଗ ଏତେ ଉପଯୁକ୍ତ ଥିବା ସ୍ଥଳେ ଏଡେଣୀସ୍ତ ଏପରି ଅନେକ ହେବାର ଦୋଷ କାହାର କିଛି ଜଣା ନ ଗଲା । ଫଳତଃ ତାହାଙ୍କୁ କାର୍ଯ୍ୟରୁ ଅନ୍ତର କରି ଜଣେ ଇଂରାଜ ସିବିଲିଅନ୍‌କୁ ନିଯୁକ୍ତ କଲେ ଫଳ ଯାହା ହେଉ ଦେଶ ଏବଂ ନିଜାମଙ୍କୁ ଏହା ବଡ଼ ଲଜ୍ଜାର କଥା ହେବ ସନ୍ଦେହ ନାହିଁ । କାଳୋଽହି ଦୁରତିକ୍ରମଃ ।

ବିଲାତ ପାର୍ଲିଆମେଣ୍ଟ ଆଗାମୀ ବର୍ଷର ମାସ ତା ୧୯ ରିଖ ପର୍ଯ୍ୟନ୍ତ ବନ୍ଦ ହୋଇଥିବା ବିଲାତ ତାରସମ୍ବାଦରୁ ପ୍ରକାଶ ।

ରଙ୍ଗୁନଠାରୁ ଆସିଥିବା ଗତମାସ ତା ୧୧ ରିଖର ତାରବାର୍ତ୍ତାରୁ ପ୍ରକାଶ ଯେ ଡକାଇତମାନେ ଗତମାସ ତା ୮ ରିଖ ଅର୍ଦ୍ଧରାତ୍ରଠାରେ ଘାଘାନ ନଗରର ଅର୍ଦ୍ଧେକ ପୋଡ଼ି ପକାଇ ଅଛନ୍ତି । ସୈନ୍ୟମାନେ ବାହାରକୁ ଆସିଲାରୁ ଏମାନେ ଅର୍ଦ୍ଧେକକାର୍ଯ୍ୟ ଶେଷକରି ଜଙ୍ଗଲକୁ ପଳାଇଗଲେ ସୁତରାଂ ନଗରର ଅବଶିଷ୍ଟ ଅର୍ଦ୍ଧାଂଶ ସ୍ୱଳ୍ପକରୁ ରକ୍ଷା ପାଇଗଲା । କିନ୍ତୁ ଏ ବ୍ରହ୍ମଦେଶରେ ଘୋର ବୃଷ୍ଟି ହେଉଥିବାରୁ ଯୁଦ୍ଧକାର୍ଯ୍ୟ ସ୍ଥଗିତ ରହିଅଛି । ହେଲେହେଁ ଅଶାନ୍ତିର ସମ୍ବାଦମାନ ଆସିବାରେ କିଛି ଲକ୍ଷିତ ହେଉ ନାହିଁ ।

ମହାରାଣୀ ଦଲିପସିଂହଙ୍କର ଏକପୁତ୍ର ବିଲାତରେ ସୈନିକଦଳରେ ପ୍ରବେଶଲାଭ କରିବା କାରଣ ପରୀକ୍ଷାଗ୍ରହଣ କରୁଅଛନ୍ତି ।

କଲିକତାୟୁନିଭର୍ସିଟିର ଆଗାମୀ ପରୀ... ପାଇଁ ନିମ୍ନଲିଖିତ ଦିନ ସ୍ଥିର ହୋଇଅଛି ।

ଏଣ୍ଟ୍ରେନସ, ଏଫ୍, ଏ, ଓ ବିଏ ପରୀକ୍ଷା ତା ୨୮ ... ମାର୍ଚ୍ଚରେ ଓ ବି, ଏଲ ପରୀକ୍ଷା ତା ୨୧ ରିଖ ... ଆରମ୍ଭ ହେବ ।

ଏଲିଟିଆସ ନାମକ ଗୋଟିଏ ଯୁବକ ବାହୁଡ଼ି... ଶିଷ୍ୟ ଥିଲା । ଯେତେବେଳେ ସେ ପିତାର ସ୍ୱ... କରେ, ତାହାର ପିତା ତାହାକୁ ଉଚ୍ଚସ୍ୱ ଦ... କେନ ନକଟରେ କି ଶିକ୍ଷା ପ୍ରାପ୍ତ ହେଲ । "ମୁଁ... କଲେ"ଯାହା ଶିଖାଇଅଛୁଁ ତାହା ପଶ୍ଚାତ କହିବୁ । ଏକଥାରେ ପିତା କୋଧାନ୍ୱିତ ହୋଇ ବଜ୍ରପ୍ରହାର କଲେ । ଇଲିଟିୟା ଧୀରତା ସହ ପିତାର ପ୍ରହାର ସହ୍ୟକଲେ ଓ ଅସନ୍ତୁଷ୍ଟ ନ ହୋଇ କହିଲେ" ପିତା ମାତାର ଏବମ୍ଭାର କ୍ରୋଧ ଧୀରତା ସହ ସହ୍ୟ କରିବାକୁ ଶିକ୍ଷା ପ୍ରାପ୍ତ ହୋଇଅଛୁଁ" । ସନ୍ତୁଷ୍ଟତା ଦର୍ଶାଇବାକୁ ହେଲେ ଏହିପରି ଦର୍ଶାଇବାର ଉଚିତ ।

## ରଣପୁର ସମ୍ବାଦ ।

ଗତତ ନବେମ୍ବର ମାସ ତା ୮ ରିଖ ସୋମବାର ସନ୍ଧ୍ୟା ଉତ୍ତାର ସ ୭ ଘଡ଼ୀ ସମୟରେ ଏଠି ରଣପୁର ଗଡ଼ଠାରେ ଭୂମିକମ୍ପ ହୋଇଥିଲା । ପ୍ରାୟ ଏକମିନିଟ କାଳ ପର୍ଯ୍ୟନ୍ତ ଏହି କମ୍ପ ସ୍ଥାୟୀ ରହିଲା । ତହୁପରେ ରାତ୍ର ପ୍ରାତଃକାଳ ଏ * ଘଡ଼ୀ ସମୟରୁ ପୂର୍ବଦିଗରୁ ଏକଘୋଟା ତୋପ ଧ୍ୱନିପରି ଶବ୍ଦ ଶୁଣାଗଲା ।

ଗତ ଶୁକ୍ରବାର ଦିନଠାରୁ ଏ ଅଞ୍ଚଳରେ ମେଘାଚ୍ଛନ୍ନ ହୋଇ ସମୟ ସମୟରେ ଜଲବୃଷ୍ଟି ହେଉଅଛି । ମାତ୍ର ଫସଲ ପ୍ରତି କୌଣସି ବିଶେଷ ବାଧା ହୋଇ ନାହିଁ । ଏ ସମୟରେ ଅଧିକ ବୃଷ୍ଟି ହୋଇଲେ ବହୁତ କ୍ଷତି ହେବ ।

---

## ପତ୍ରପ୍ରେରକଙ୍କ ପ୍ରତି ।

କେହି ପାଠ୍ୟଟକ—କଡ଼ାଘାର ମାନେଜର ବାବୁ ମଦନମୋହନ ଚଟ୍ଟୋପାଧ୍ୟାୟଙ୍କ କାର୍ଯ୍ୟକଳାପର ଅନେକ ସୁଖ୍ୟାତି ଲେଖିଅଛନ୍ତି । ଏପରି ସୁଖ୍ୟାତି ଶୁଣିବାର ଅବଶ୍ୟ ସୁଖର ବିଷୟ ଅଟଇ ମାତ୍ର ସାଧାରଣପ୍ରଶଂସାସୂଚକ ପତ୍ର ପ୍ରକାଶ କରିବାକୁ ଏ କ୍ଷୁଦ୍ର ପତ୍ରିକାରେ ସ୍ଥାନ ନାହିଁ । କୌଣସି ସମୟରେ ପ୍ରଂଶସା କାର୍ଯ୍ୟର ଉଲ୍ଲେଖ ଦେଲେ ତାହା ପ୍ରକାଶ କରିବାକୁ ଚେଷ୍ଟା କରିବୁଁ—ଷଃ

---

## ପ୍ରେରିତପତ୍ର ।

ପ୍ରେରିତପତ୍ରର ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକାସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଅତି ଆନନ୍ଦର ବିଷୟ ଏହି ଯେ ଅମ୍ଭମାନଙ୍କ ଯୁବରାଜ ମହାମାନ୍ୟବର ଶ୍ରୀଳ ଶ୍ରୀଯୁକ୍ତ ବାବୁ ରଘୁନାଥଦେବ ମହୋଦୟ ଙ୍କଟବନୀ ଉପଲ-

Digitized by srujanika@gmail.com